

୨୨ରେ ବିହାର ଓ ପଶ୍ଚିମବଙ୍ଗ ଗସ୍ତରେ ଯିବେ |୬

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଅମୀଷାଙ୍କ ମାସକୁ ରୋଜଗାର ୨ କୋଟି |୮

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଦ୍ୱାବିଂଶତମ ବର୍ଷ ସଂଖ୍ୟା-୧୪୧ Vol. 22 No-141 21 AUGUST 2025 THURSDAY, BHUBANESWAR ଗୁରୁବାର, ୨୧ ଅଗଷ୍ଟ ୨୦୨୫ ପୃଷ୍ଠା-୮ ମୂଲ୍ୟ: ୭.୦୦


## ଲୋକସଭାରେ ୩ ଗୁରୁତ୍ୱପୂର୍ଣ୍ଣ ବିଲ୍ ଉପସ୍ଥାପନ କଲେ ଶାହ

# ୩୦ ଦିନ ଜେଲ୍ ଗଲେ ଯିବ ଚୌକି



- ସବୁ ରାଜନେତାଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ
- ସବୁ ରାଜ୍ୟ,କେନ୍ଦ୍ରଶାସିତ ଅଞ୍ଚଳ ପାଇଁ ଲାଗୁ
- ୩୦ ଦିନ ପରେ ୩୧ ଦିନରେ ଦେବେ ଇସ୍ତଫା
- ଇସ୍ତଫା ନ ଦେଲେ ଆପେ ଆପେ ଚାଲିଯିବ ପଦବୀ
- ଲୋକସଭାରେ ବିଲ୍‌ର କପିକୁ ଚିରିଲେ ବିରୋଧୀ

ନୂଆଦିଲ୍ଲୀ,୨୦।୮: ଯଦି କୌଣସି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ କିମ୍ବା ପ୍ରଧାନମନ୍ତ୍ରୀ ଗିରଫ ହେବାପରେ ଲଗାତାର ୩୦ଦିନ ଜେଲରେ ରହିବେ, ତାହାହେଲେ ସେମାନଙ୍କ ପଦବୀ ଆପେ ଆପେ ଚାଲିଯିବ। ଗୁରୁତର ଅପରାଧିକ ଦଫାରେ ଯଦି କୌଣସି ଲୋକ ପ୍ରତିନିଧି ୩୦ଦିନ ଜେଲରେ ରହୁଛନ୍ତି, ତାହାହେଲେ ୩୧ତମ ଦିବସରେ ସେ ପଦ ହରାଇବେ। ଏହା ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ ଲାଗୁ ହେବ। ବୁଧବାର ଲୋକସଭାରେ ଏହାସହ ଜଡ଼ିତ ବିଲ୍‌କୁ ଆଗତ କରିଛନ୍ତି ଗୃହମନ୍ତ୍ରୀ ଅମିତ ଶାହ। ବିରୋଧୀଙ୍କ ପ୍ରବଳ ହଟଗୋଳ ଭିତରେ ସେ ଏହି ବିଲ୍ ଉପସ୍ଥାପନ କରିଛନ୍ତି। କିନ୍ତୁ ବିରୋଧୀ ଏହାକୁ ତୀବ୍ର ବିରୋଧ କରିବା ସହ ଲୋକସଭା ଭିତରେ ବିଲ୍‌ର କପିକୁ ଚିରି ଫିଙ୍ଗି ଦେଇଛନ୍ତି। ଏହାକୁ ସେମାନେ ସମ୍ବିଧାନ ବିରୋଧୀବୋଲି ଉଲ୍ଲେଖ କରିଛନ୍ତି। ସେମାନେ କହିଛନ୍ତି ଯେ ଏହି ବିଲ୍ ଆଇନରେ ପରିଣତ ହେଲେ ଜନପ୍ରତିନିଧିଙ୍କ ଗୁରୁତ୍ୱ ରହିବ ନାହିଁ ଓ ଦେଶ ପୋଲିସ ରାଜ୍ୟରେ ପରିଣତ ହୋଇଯିବ ବୋଲି ସେମାନେ କହିଛନ୍ତି। ବୁଧବାର ଗୃହମନ୍ତ୍ରୀ ଶ୍ରୀ ଶାହ ଲୋକସଭାରେ କେନ୍ଦ୍ରଶାସିତ ଅଞ୍ଚଳ(ସଂଶୋଧନ ବିଲ୍-୨୦୨୫), ସମ୍ବିଧାନ (୧୩୦ତମ ସଂଶୋଧନ ବିଲ-୨୦୨୫) ଓ ଜାମ୍ମୁକାଶ୍ମୀର ପୁନର୍ଗଠନ ବିଲ୍-୨୦୨୫ ଉପସ୍ଥାପନ କରିଛନ୍ତି। ଏହି ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଲ୍‌ଗୁଡ଼ିକର ବିଚାରପାଇଁ ଏହାକୁ ସଂସଦୀୟ କମିଟିକୁ ପଠାଯିବ ବୋଲି ସୂଚନା ଦିଆଯାଇଛି। ତେବେ ସମ୍ବିଧାନର ବ୍ୟବସ୍ଥା ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେଉଥିବା ଜନପ୍ରତିନିଧି ହିଁ ପଦ ହରାଇବାର ପ୍ରାବଧାନ ରହିଛି। ତେଣୁ ଏହା ଏକ ସାମ୍ବିଧାନିକ ସଂଶୋଧନ ବିଲ୍ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ସମ୍ବିଧାନ ସଂଶୋଧନ କରି ଏପରି ପ୍ରାବଧାନକୁ ସରକାର ଯୋଡ଼ିବାକୁ ଚାହୁଁଛନ୍ତି। ଧାରା ୭୫, ୧୬୪ ଓ ୨୩୯-ଏ କୁ ସରକାର ସଂଶୋଧନ କରିବାକୁ ଚାହୁଁଥିବା ଶ୍ରୀ ଶାହ କହିଛନ୍ତି। ତେବେ ବିରୋଧୀ କହିଛନ୍ତି ଯେ ଏହି ସମ୍ବିଧାନ ସଂଶୋଧନ ବିଲ୍ ଜରିଆରେ କେନ୍ଦ୍ର ସରକାର ବିରୋଧୀ ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀମାନଙ୍କୁ ରାଜନୈତିକ ଉଦ୍ଦେଶ୍ୟରେ ଗିରଫ କରି ଅସ୍ଥିରତା ସୃଷ୍ଟି କରିବାର ସୁଯୋଗ ପାଇପାରିବେ। ଇଡି ଓ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସି ମୁଖ୍ୟମନ୍ତ୍ରୀ ଓ ରାଜ୍ୟର ମନ୍ତ୍ରୀମାନଙ୍କୁ ଗିରଫ • ପୃଷ୍ଠା ୫ ଦେଖନ୍ତୁ

## ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

# ସ୍ଥାନ ପାଇବ ଓଡ଼ିଆ ଐତିହ୍ୟ



ଭୁବନେଶ୍ୱର,୨୦।୮(ଭାସ୍କର ନ୍ୟୁଜ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ନୂଆଦିଲ୍ଲୀରେ ନୂତନ ଓଡ଼ିଶା ଭବନ ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନୂଆଦିଲ୍ଲୀର ଚାଣକ୍ୟପୁରୀ ଅଞ୍ଚଳରେ ଏହି ଭବନର ପୁନଃନିର୍ମାଣ କରାଯାଉଛି। ଏହି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦେଶର ରାଜଧାନୀ ନୂଆଦିଲ୍ଲୀରେ ନିର୍ମିତ ହେଉଥିବା ଏହି ନୂଆ ଭବନରେ ଓଡ଼ିଶାର ସମୃଦ୍ଧ ପ୍ରସ୍ତର କାରୁକାର୍ଯ୍ୟ, ସମ୍ବଲପୁରୀ ଇକତ, ଓଡ଼ିଆ ପରମ୍ପରା ଓ ସଂସ୍କୃତିର ଝଲକ ପ୍ରତିଫଳିତ କରିବା ପାଇଁ ସ୍ଥପତିମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ନିର୍ମାଣ ପ୍ରକ୍ରିୟା ଯଥାଶୀଘ୍ର ଆରମ୍ଭ କରିବା ପାଇଁ ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ ସମୁଦାୟ ୪୭୬୧ ବର୍ଗମିଟର ଅଞ୍ଚଳରେ ଏହି ୭ ମହଲା ଭବନ ନିର୍ମାଣ କରାଯିବ। ଏଥିରେ ସମୁଦାୟ ୪୫ଟି ବିଭିନ୍ନ ବର୍ଗର ସୁଟ୍ ଉପଲବ୍ଧ ହେବ। ଏହି ଭବନରେ ଏକ ସମ୍ମିଳନୀ କକ୍ଷର ମଧ୍ୟ ବ୍ୟବସ୍ଥା କରାଯାଇଛି। ସେହିଭଳି ମୁମ୍ବାଇକୁ ଯେହେତୁ ଓଡ଼ିଶାରୁ ଅଧିକ ସଂଖ୍ୟକ କ୍ୟାନସର ରୋଗୀ ଚିକିତ୍ସିତ ହେବାକୁ ଯାଉଛନ୍ତି,ତେଣୁ ମୁମ୍ବାଇ ଓଡ଼ିଶା ଭବନରେ ଅଧିକ କୋଠରୀ ବ୍ୟବସ୍ଥା କରିବାକୁ ଉପରିସ୍ଥ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ଏହାସହିତ ଓଡ଼ିଶାରୁ ଅଯୋଧ୍ୟାକୁ ଅଧିକ ସଂଖ୍ୟକ ଶ୍ରଦ୍ଧାଳୁ ଯାଉଥିବାରୁ ଏବଂ ହାଇଦ୍ରାବାଦ ଓ ସୁରଟରେ ବହୁଳସଂଖ୍ୟକ ଓଡ଼ିଆ ଲୋକ ରହୁଥିବାରୁ ଅଯୋଧ୍ୟା, ହାଇଦ୍ରାବାଦ ଓ ସୁରଟରେ ଓଡ଼ିଶା ଭବନ ନିର୍ମାଣ କରିବା ପାଇଁ • ପୃଷ୍ଠା ୫ ଦେଖନ୍ତୁ

## ସଂକ୍ଷେପରେ...

### ଅଗ୍ନି-୫ର ସଫଳ ଉତ୍କ୍ଷେପଣ

ବାଲେଶ୍ୱର,୨୦।୮(ଭାସ୍କର ନ୍ୟୁଜ): ବୁଧବାର ସନ୍ଧ୍ୟା ୬.୩୦ରେ ଆଇସିବିଏମ୍ କାଟାଗୋରୀର ଦୂରଗାମୀ କ୍ଷେପଣାସ୍ତ୍ର ଅଗ୍ନି-୫ର ସଫଳ ପରୀକ୍ଷଣ ଅବଦୁଲ କଲାମ ଦ୍ୱୀପରୁ କରାଯାଇଛି। ଏହାର ଲକ୍ଷ୍ୟଭେଦ କ୍ଷମତା ୫ହଜାର କିମିରୁ ଅଧିକ। ଏହି କ୍ଷେପଣାସ୍ତ୍ର ପରମାଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି। ଏହି କ୍ଷେପଣାସ୍ତ୍ର ଶତ୍ରୁପକ୍ଷକୁ ବେଶ୍ ମାତ୍ ଦେବ ବୋଲି କୁହାଯାଉଛି।

### ଅନ୍‌ଲାଇନ୍ ଗେମିଂ ବିଲ୍ ଲୋକସଭାରେ ପାରିତ

ନୂଆଦିଲ୍ଲୀ,୨୦।୮: ବୁଧବାର ଲୋକସଭାରେ ଅନ୍‌ଲାଇନ ଗେମିଂ ବିଲ୍ ପାରିତ ହୋଇଛି। ଏ ନେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଗତ ୩୧ ମାସରେ ଅନ୍‌ଲାଇନ୍ ଗେମ୍ ୩୨ଜଣଙ୍କ ଜୀବନ ନେଇଛି। ଏହାଛଡ଼ା ଅନ୍‌ଲାଇନ୍ ଗେମ୍ ମାଧ୍ୟମରେ ଆତଙ୍କବାଦୀଙ୍କୁ ପାଣ୍ଠି ଯୋଗାଣ ହେଉଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି।


### ହିମାଚଳ ପ୍ରଦେଶରେ ୨ଟି ଭୂକମ୍ପ ଝଟ୍‌କା

ସିମ୍ଲା,୨୦।୮: ବୁଧବାର ସକାଳେ ହିମାଚଳ ପ୍ରଦେଶର ଚମ୍ବା ଅଞ୍ଚଳରେ ଦୁଇଥର ଭୂକମ୍ପ ଝଟ୍‌କା ଅନୁଭୂତ ହୋଇଛି। ପ୍ରଥମ ଝଟ୍‌କାର ତୀବ୍ରତା ରିକ୍ଟର ସ୍କେଲରେ ୩.୩ ଥିବାବେଳେ ଦ୍ୱିତୀୟ ଝଟ୍‌କା ୪.୦ ରହିଥିଲା। ଲୋକେ ଭୟରେ ଘରୁ ପଦାକୁ ବାହାରି ଆସିଥିଲେ। ତେବେ ଏଥିରେ କ୍ଷୟକ୍ଷତି ନେଇ କୌଣସି ସୂଚନା ଦିଆଯାଇ ନାହିଁ। ସୂଚନାଯୋଗ୍ୟ ଯେ ଏହି ଅଞ୍ଚଳରେ ବାରମ୍ବାର ଭୂକମ୍ପ ଝଟକା ଅନୁଭୂତ ହେଉଥିବାରୁ ଲୋକେ ଭୟଭୀତ ହୋଇ ରହୁଛନ୍ତି।

ସେନ୍‌ସେକ୍ସ: ୮୧,୮୫୭.୮୪
ସର୍ବାଧିକ: ୩୧.୨ ଡିଗ୍ରୀ
ସର୍ବନିମ୍ନ: ୨୭.୪ ଡିଗ୍ରୀ

### ୨୦।୮।୨୦୨୫ ର ମତାମତ

ରାଜ୍ୟରୁ ବାଂଲାଦେଶୀ ଚିହ୍ନଟ କରି ସେମାନଙ୍କୁ ଦେଶାନ୍ତର କରିବା ଠିକ୍ ନୁହେଁ କି ?




### ଆଜିର ପ୍ରସଙ୍ଗ

କ୍ରିମିନାଲ ନେତା ବିଲ୍ କାର୍ଯ୍ୟକାରୀ ହେଲେ ନେତାମାନଙ୍କ ଦୁର୍ନୀତି ମନୋଭାବ ହ୍ରାସ ପାଇବ କି ?

ମତାମତ ଦେବା ପାଇଁ ଲଗ୍‌ଅନ୍ କରନ୍ତୁ
www.odishabhaskar.com

## ସୁସ୍ଥ ହୋଇ ଘରକୁ ଫେରିଲେ ନବୀନ

# 'ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି'



ଭୁବନେଶ୍ୱର,୨୦।୮(ଭାସ୍କର ନ୍ୟୁଜ): ଡିହାଇଡ୍ରେସନ ଯୋଗୁ ଅସୁସ୍ଥ ହୋଇ ଗତ ୧୭ ତାରିଖ ଅପରାହ୍ନରେ ବିରୋଧୀଦଳ ନେତା ନବୀନ ପଟ୍ଟନାୟକ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ। ୨୦ ତାରିଖ ରାତିରେ ସଂପୂର୍ଣ୍ଣ ସୁସ୍ଥ ହେବାପରେ ବିରୋଧୀଦଳ ନେତା ଶ୍ରୀ ପଟ୍ଟନାୟକ ସିଧାସଳଖ ନବୀନ ନିବାସକୁ ଫେରିଛନ୍ତି। ଏହି ଅବସରରେ ସେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ମୁଁ ସଂପୂର୍ଣ୍ଣ ସୁସ୍ଥ ଅଛି। ରାଜ୍ୟବାସୀଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ଶ୍ରୀ ପଟ୍ଟନାୟକଙ୍କ ଅସୁସ୍ଥ ଖବର ପ୍ରଚାରିତ ହେବାପରେ ବିଭିନ୍ନ ମହଲରେ ତାଙ୍କର ଆଶୁ ଆରୋଗ୍ୟ କାମନା କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ନେତା, ମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବହୁ ହେଭିଓ୍ୱେଟ ନେତା ମଧ୍ୟ ତାଙ୍କ ସହ କଥା ହୋଇ ଆଶୁ ଆରୋଗ୍ୟ କାମନା କରିଥିଲେ।

### ନବୀନଙ୍କ ସହ କଥା ହେଲେ ମୋଦୀ

ଭୁବନେଶ୍ୱର,୨୦।୮(ଭାସ୍କର ନ୍ୟୁଜ): ବିଜେଡି ସୁପ୍ରିମୋ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକଙ୍କ ସହ ବୁଧବାର କଥା ହୋଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ସେ ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଶୀଘ୍ର ତାଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ମୋଦୀ ନବୀନଙ୍କୁ ବିଶ୍ରାମ ନେବାକୁ ପରାମର୍ଶ ଦେବା ସହ ଦିଲ୍ଲୀ ଆସିଲେ ଦେଖାହେବ ବୋଲି କହିଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଏବେ ସବୁଆଡ଼େ ଚର୍ଚ୍ଚା ଲାଗି ରହିଛି। ମୁମ୍ବାଇରୁ ଅସ୍ତ୍ରୋପଚାର ସାରି ଫେରିବା ପରେ ସେ ପୁଣିଥରେ ଅସୁସ୍ଥ ହୋଇପଡ଼ିଛନ୍ତି। ଡିହାଇଡ୍ରେସନ କାରଣରୁ ଗତ ୩ ଦିନ ହେବ ସେ ଭୁବନେଶ୍ୱରର ଘରୋଇ ହସ୍ପିଟାଲ ସମ୍ ଅଲଟିମେଟ୍ ମେଡିକେୟାରରେ ଭର୍ତ୍ତି ହୋଇଛନ୍ତି। ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା କେମିତି ଅଛି ଜାଣିବା • ପୃଷ୍ଠା ୫ ଦେଖନ୍ତୁ

# ନାମାଙ୍କନ ଦାଖଲ କଲେ ଏନ୍‌ଡିଏ ଉପରାଷ୍ଟ୍ରପତି ପ୍ରାର୍ଥୀ



ନୂଆଦିଲ୍ଲୀ,୨୦।୮: ଏନଡିଏର ଉପରାଷ୍ଟ୍ରପତି ପ୍ରାର୍ଥୀ ସି.ପି.ରାଧାକ୍ରିଷ୍ଣନ ବୁଧବାର ନାମାଙ୍କନ ଦାଖଲ କରିଛନ୍ତି। ଦଳୀୟ ନେତାଙ୍କ ଉପସ୍ଥିତିରେ ସେ ନାମାଙ୍କନ ଭରିଥିବା ସୂଚନା ମିଳିଛି। ନାମାଙ୍କନ ଦାଖଲ ସମୟରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ, କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ତଥା ଭାଜପାର ରାଷ୍ଟ୍ରୀୟ ସଭାପତି ଜେ.ପି.ନଡ୍ଡା, କେନ୍ଦ୍ର ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ପ୍ରମୁଖ ଉପସ୍ଥିତ ଥିଲେ। ରାଧାକ୍ରିଷ୍ଣନ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନପତ୍ର ଦାଖଲ କରିଥିଲେ। ନାମାଙ୍କନ ପ୍ରକ୍ରିୟାର ଅଂଶ ଭାବରେ ୪ ସେଟ୍ ଦାଖଲ କରାଯାଇଥିଲା। ପ୍ରଥମ ସେଟ୍‌ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରସ୍ତାବକ ରହିଥିବା ସୂଚନା ମିଳିଛି। ପୂର୍ବରୁ ଉପରାଷ୍ଟ୍ରପତି ପ୍ରାର୍ଥୀ ଶ୍ରୀ ରାଧାକ୍ରିଷ୍ଣନ ସଂସଦ ପରିସରରେ ପ୍ରଣାମସ୍ଥଳ ପରିଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ ପ୍ରଥମେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ପ୍ରଣାମ କରିବା ପରେ ନାମାଙ୍କନ ଦାଖଲ କରିବାକୁ ଯାଇଥିଲେ। ଏହି ସମୟରେ ବିଜେପି ସହଯୋଗୀ ଦଳର ସାଂସଦମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ପଟେଲ, ଚିରାଗ ପାଶ୍ୱାନ, ଲଲନ ସିଂ, ଜିତେନରାମ ମାଁଝୀ, ଅର୍ଜୁନରାମ ମେଘୱାଲ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ ବିଜେପି ସଂସଦୀୟ ବୋର୍ଡ ବୈଠକରେ ତାଙ୍କ ନାମରେ ପ୍ରାର୍ଥୀପାଇଁ ସର୍ବସମ୍ମତିକ୍ରମେ ମୋହର ବାଜିଥିଲା। ଅନ୍ୟପକ୍ଷରେ ବିରୋଧୀ ଇଣ୍ଡିମେଣ୍ଟ ପକ୍ଷରୁ ରାଧାକ୍ରିଷ୍ଣନଙ୍କ ବିରୋଧରେ ଜଷ୍ଟିସ ବି.ସୁଦର୍ଶନ ରେଡ୍ଡୀଙ୍କୁ ପ୍ରାର୍ଥୀ କରାଯାଇଛି। ମଙ୍ଗଳବାର ତାଙ୍କ ନାମ ଇଣ୍ଡିମେଣ୍ଟ ପକ୍ଷରୁ ଘୋଷଣା କରାଯାଇଥିଲା। ଆସନ୍ତା ସେପ୍ଟେମ୍ବର ୯ ତାରିଖରେ ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ନିମନ୍ତେ ଦିନ ଧାର୍ଯ୍ୟ ହୋଇଛି। ତେବେ ନାମାଙ୍କନ ଦାଖଲ ପରେ ଶ୍ରୀ ରାଧାକ୍ରିଷ୍ଣନଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁଙ୍କ ସମେତ ବହୁ କେନ୍ଦ୍ରମନ୍ତ୍ରୀ ଓ ବିଜେପିର ଦଳୀୟ ନେତାମାନେ ତାଙ୍କୁ ସ୍ୱାଗତ କରିବା ସହ ଶୁଭେଚ୍ଛା ଜଣାଇଥିଲେ। ଏହି ନିର୍ବାଚନ ବେଶ୍ ରୋଚକମୋଡ଼ ନେବ ବୋଲି ଆଶା କରାଯାଉଛି।

## ସାରା ରାଜ୍ୟରେ ବର୍ଷାର ବିଚିତ୍ର ସ୍ଥିତି

# କେଉଁଠି ଢାଳୁଛି ତ ଆଉ କେଉଁଠି ଶୁଖିଲା

ଭୁବନେଶ୍ୱର,୨୦।୮(ଭାସ୍କର ନ୍ୟୁଜ): ମୌସୁମୀ ଆସିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ଓଡ଼ିଶା ଉପକୂଳ ଛୁଇଁଲା। ଆଶା କରାଯାଉଥିଲା ଚଳିତବର୍ଷ ଭଲ ବର୍ଷା ହେବ ଓ ଚାଷୀ ଚାଷ କାର୍ଯ୍ୟରେ ମନୋନିବେଶ କରିବ। ହେଲେ ଚାଷୀ ଏବେ ନିରାଶା ଭିତରେ ଗତି କରୁଛି। ଆକାଶକୁ ଚାହିଁ ଚାହିଁ ହତାଶ ହେଉଛି। ସାରା ରାଜ୍ୟରେ ବର୍ଷାର ଏକ ବିଚିତ୍ର ସ୍ଥିତି ଦେଖିବାକୁ ମିଳିଛି। କେଉଁଠି ଅଧିକ ପରିମାଣର ବର୍ଷୁଛି ତ ଆଉ କେଉଁଠି ନିଅଣ୍ଟିଆ ବର୍ଷା ଲାଗି ରହିଛି। ଯଦିଓ ଲଘୁଚାପ ଜନିତ ବର୍ଷା ଗତ ଜୁନ୍ ମାସରୁ ସାରା ରାଜ୍ୟରେ ଲାଗି ରହିଛି, ତଥାପି ଚାଷକାର୍ଯ୍ୟ ଅଧିକାଂଶ ସ୍ଥାନରେ ଆରମ୍ଭ ହୋଇପାରି ନାହିଁ। କେତେକ ସ୍ଥାନରେ ବିଲ ପାଟି ଆଁ କରିବା ସହ ତଳି ନଷ୍ଟ ହୋଇଗଲାଣି। ଗତ ଜୁନ୍ ମାସରୁ ସାରା ରାଜ୍ୟରେ ବର୍ଷା ଜାରି ରହିଛି। ପାଣିପାଗ ବିଭାଗର ତଥ୍ୟ ଅନୁଯାୟୀ ଜୁନ୍ ୧ରୁ ଅଗଷ୍ଟ ୨୦ ମଧ୍ୟରେ ଓଡ଼ିଶାର ୭ଟି ଜିଲ୍ଲାରେ ନିଅଣ୍ଟିଆ ବର୍ଷାସ୍ଥିତି ଦେଖିବାକୁ ମିଳିଛି। ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ଗଜପତି, ପୁରୀ, ଖୋର୍ଦ୍ଧା ଓ ଯାଜପୁରରେ ବର୍ଷାର ନିଅଣ୍ଟିଆ ସ୍ଥିତି ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ମୟୂରଭଞ୍ଜ, କୋରାପୁଟ ଓ ମାଲକାନଗିରି ଭଳି ଜିଲ୍ଲାରେ ଅଧିକ ବର୍ଷା ରେକର୍ଡ କରାଯାଇଛି। ଉପରୋକ୍ତ ଜିଲ୍ଲାଗୁଡ଼ିକୁ ବାଦ୍ ଦିଆଗଲେ ଅନ୍ୟ ସବୁ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ତେବେ ଆଶ୍ଚର୍ଯ୍ୟର କଥା • ପୃଷ୍ଠା ୫ ଦେଖନ୍ତୁ

## ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ

# ଅଭିଯୁକ୍ତ ଗିରଫ



ନୂଆଦିଲ୍ଲୀ,୨୦।୮: ବୁଧବାର ସକାଳେ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ରେଖା ଗୁପ୍ତାଙ୍କ ଉପରେ ଆକ୍ରମଣ ହୋଇଛି। ସେ ମୁଖ୍ୟମନ୍ତ୍ରୀଙ୍କ ସିଭିଲ ଲାଇନସ୍ଥିତ ସରକାରୀ ବାସଭବନରେ ଜନଶୁଣାଣି କରୁଥିବା ସମୟରେ ତାଙ୍କୁ ଜଣେ ଯୁବକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ତେବେ ପୋଲିସ ତୁରନ୍ତ ଉକ୍ତ ଅଭିଯୁକ୍ତକୁ ଗିରଫ କରିଛି। ଯୁବକ ଜଣକ ପଥର ଭଳି କୌଣସି ସାମଗ୍ରୀ ନେଇ ଆକ୍ରମଣ କରିବାକୁ ଉଦ୍ୟମ କରିଥିଲେ। ତେବେ ଉକ୍ତ ଯୁବକ ଜଣକ ମୁଖ୍ୟମନ୍ତ୍ରୀ ରେଖାଙ୍କୁ ଚାପୁଡ଼ା ମାରିଥିବା କୁହାଯାଉଛି। ଆକ୍ରମଣ କରିଥିବା ଯୁବକକୁ ମୁଖ୍ୟମନ୍ତ୍ରୀଙ୍କ ସୁରକ୍ଷାବଳ ଏବଂ ଉପସ୍ଥିତ ଲୋକେ ତୁରନ୍ତ ଅଟକ ରଖିଥିଲେ। ଏହାପରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ଏବଂ ଘଟଣାର ତଦନ୍ତ ଆରମ୍ଭ ହୋଇଛି। ଯୁବକ ଜଣକ ବୟସ ୩୫ ବର୍ଷ ଏବଂ ତାଙ୍କ ନାମ ରାଜେଶ ଖିମଜୀ ବୋଲି ଜଣାପଡ଼ିଛି। ସେ ଗୁଜରାଟର ରାଜକୋଟର ଅଧିବାସୀ। ତେବେ ସେ କାହିଁକି ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ କଲା ସେ ନେଇ କିଛି ନିର୍ଦ୍ଦିଷ୍ଟ ଭାବେ ଜଣାପଡ଼ିନାହିଁ। କୁହାଯାଉଛି, ନିଜ ସଂପର୍କୀୟଙ୍କୁ ଜେଲରୁ ମୁକୁଳାଇବା ପାଇଁ ଅଭିଯୁକ୍ତ ଏପରି କରିଛି। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଠିକ୍ ନୁହେଁ ବୋଲି ଜଣାପଡ଼ିଛି। ମୁଖ୍ୟମନ୍ତ୍ରୀଙ୍କୁ ଆକ୍ରମଣ ପଛରେ ଅଭିଯୁକ୍ତର କୁକୁର ପ୍ରେମ ଥିବା କୁହାଯାଉଛି। କୁକୁରଙ୍କୁ କାହିଁକି ଦିଲ୍ଲୀ-ଏମସିଆର ରାସ୍ତାରୁ ହଟାଯିବ ସେ ନେଇ ରାଗରେ ଆକ୍ରମଣ କରିଥିବା ଜଣାପଡ଼ିଛି। ରାଜେଶ ମାନସିକ ବିକାରଗ୍ରସ୍ତ ଥିବାବେଳେ ସେ ଭାରି କୁକୁରପ୍ରେମୀ ବୋଲି ତାଙ୍କ ମାଆ କହିଛନ୍ତି। • ପୃଷ୍ଠା ୫ ଦେଖନ୍ତୁ

# କମିଲା ସୁନା ଦର



ଭୁବନେଶ୍ୱର,୨୦।୮(ଭାସ୍କର ନ୍ୟୁଜ): ଗତ କିଛିଦିନ ହେବ ସୁନା ବଜାରରେ ନିଆଁ ଲାଗିଥିବାବେଳେ ବୁଧବାର ସେଥିରେ ସାମାନ୍ୟ ରୋକ୍ ଲାଗିଛି। ଦରରେ କିଛିଟା ହ୍ରାସ ଘଟିଛି। ମଙ୍ଗଳବାର ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ଦର ୧୦ଗ୍ରାମ ପିଛା ୧,୦୦,୭୫୦ଟଙ୍କା ଥିବାବେଳେ ବୁଧବାର ଏହା ୬୦୦ଟଙ୍କା ହ୍ରାସ ପାଇ ୧,୦୦,୧୫୦ଟଙ୍କା ହୋଇଛି। ସେହିପରି ୨୨ କ୍ୟାରେଟ୍ ସୁନାର ମୂଲ୍ୟ ମଙ୍ଗଳବାର ୯୨,୩୫୦ଟଙ୍କା ଥିବାବେଳେ ବୁଧବାର ଏହା ୫୫୦ଟଙ୍କା ହ୍ରାସ ପାଇ ୯୧,୮୦୦ଟଙ୍କାରେ ପହଞ୍ଚିଛି। ସେହିପରି ମଙ୍ଗଳବାର ୧୮ କ୍ୟାରେଟ୍ ସୁନା ଦର ୭୫,୫୬୦ଟଙ୍କା ଥିବାବେଳେ ବୁଧବାର ଏହା ୪୫୦ଟଙ୍କା କମି ୭୫,୧୧୦ଟଙ୍କା ହୋଇଛି। ସେହିପରି ଭୁବନେଶ୍ୱରରେ ମଙ୍ଗଳବାର ରୁପା କେଜି ପିଛା ୧,୨୬,୦୦୦ ହୋଇଥିବାବେଳେ ବୁଧବାର ଏହା ୧୦୦୦ ଟଙ୍କା କମି ୧,୨୫,୦୦୦ ଟଙ୍କା ହୋଇଛି। ଅନ୍ୟପକ୍ଷରେ ଦିଲ୍ଲୀରେ ୨୪ କ୍ୟାରେଟ୍ ସୁନା ୧୦ଗ୍ରାମ • ପୃଷ୍ଠା ୫ ଦେଖନ୍ତୁ

## ତୀର୍ଯ୍ୟକ

ଅର୍ଚ୍ଚିତ ଅନିର୍ବାଣ



ନବୀନବାବୁଙ୍କ ଦିହ ଖରାପକୁ
ନ ଛାଡ଼ଇ ରାଜନୀତି,
ଯିଏ ଯାହା ପାରେ କହୁଛି, ଲେଖୁଛି
ବଡ଼ ଆଚମ୍ବିତ ସ୍ଥିତି !
ଛାଡ଼ି ଲାଭ ଛାଡ଼ି କ୍ଷତି,
ଚାଟୁକାର ସବୁ ଦେଖାଉ ଅଛନ୍ତି
କାହା ସହ କାହା ପ୍ରୀତି !!

ଓଡିଶା ଭାସ୍କର
ODISHA BHASKAR

# ରାଜ୍ୟ ଖବର





ଖପ୍ରାଖୋଲ(ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ଥାନା ଓଡିଆପାଲି ଗାଁ ରେ ଛେଳି ଚୋରି ଅଭିଯୋଗ ରେ ଖପ୍ରାଖୋଲ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ଗିରଫ ଅଭିଯୁକ୍ତ ଜେଲେ ଆଗଲପୁର ଥାନା ହଳଦିପଦର ଗାଁ ର ହେମନ୍ତ ନାଗ (୩୨) ବୋଲି ପୋଲିସ୍ ସୂଚନା ଦେଇଛି। ସୂଚନା ଅନୁସାରେ ଓଡ଼ିଆପାଲି ଗାଁ ର ଉମେଶ୍ ବାଗ ଙ୍କ ଛେଳି ଗୁହାଳ ରୁ ବିଳମ୍ବିତ ରାତିରେ ତିନୋଟି ଛେଳି ଚୋରି କରି ନେବା ବେଳେ ଅନ୍ୟ ଛେଳି ରଡ଼ି ଛାଡିଥିଲେ। ଛେଳି ର ବୋବାଳି ଶୁଣି ପାଖ ଲୋକ ଚୋରଙ୍କୁ ଘେରି ଯାଇଥିଲେ। ଯାହାଫଳରେ ଛେଳି ଚୋର କୁ କାବୁ କରିଥିଲେ। ପରେ ପୋଲିସ୍ କୁ ଖବର ଦେବା ପରେ ପୋଲିସ ପହଞ୍ଚି ଛେଳି ଚୋର ଆଗଲପୁର ଥାନା ହଳଦିପଦର ଗାଁ ର ହେମନ୍ତ ନାଗ କୁ ଗିରଫ କରିଥିଲେ। ଏନେଇ ଖପ୍ରାଖୋଲ ଥାନା କେସ ନମ୍ବର ୧୮୫/୨୫ ରେ ଏକ ମାମଲା ରୁଜୁ କରି ଅଭିଯୁକ୍ତ କୁ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ନରେନ୍ଦ୍ର ଛତର ସୂଚନା ଦେଇଛନ୍ତି।

## ମୌଳିକ ସୁବିଧା ଦାବିରେ ପଞ୍ଚାୟତବାସୀଙ୍କ ବିକ୍ଷୋଭ



କେନ୍ଦୁଝର(ଭାସ୍କର ନ୍ୟୁଜ): କେନ୍ଦୁଝର ଜିଲ୍ଲା ହାଟଡିହି ବ୍ଲକ ଅନ୍ତର୍ଗତ କେ. ବାଲିପାଳ ଗ୍ରାମ ପଞ୍ଚାୟତର ଆଦିମ ଅଧିବାସୀ ତଥା ଜନଜାତିମାନେ ମୌଳିକ ଆବଶ୍ୟକତା ଦାବିରେ ମଙ୍ଗଳବାର ଦିନ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଏବଂ ଗଣଧାରଣା ପ୍ରଦର୍ଶନ କରିଛନ୍ତି। ଗଣଧାରଣା ଦେବା ପରେ ୧୦ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ମହେନ୍ଦ୍ର ମହାଲିକଙ୍କ ଜରିଆରେ ପ୍ରଦାନ କରିଥିଲେ। ଦାବି ଗୁଡିକ ମଧ୍ୟରେ ଉକ୍ତ ପଞ୍ଚାୟତବାସୀଙ୍କୁ ଜଙ୍ଗଲ ଜମି ଅଧିକାର ଆଇନ-୨୦୦୬ ଅନୁଯାୟୀ ଜମି ପଟ୍ଟା ପ୍ରଦାନ କରାଯିବା ସହିତ ସମସ୍ତ ବିସ୍ଥାପିତ ପରିବାରଙ୍କୁ 'ବସୁନ୍ଧରା' ଯୋଜନାରେ ଜମିପଟ୍ଟା ପ୍ରଦାନ କରାଯିବା ଦାବି ରହିଛି। ସ୍ୱାଧୀନତାର ୭୯ ବର୍ଷ ବିତି ଯାଇଥିଲେ ମଧ୍ୟ ଉକ୍ତ ଗ୍ରାମକୁ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ କରା ଯାଇନଥିବାରୁ ଯୁଦ୍ଧକାଳୀନ ଭିତ୍ତିରେ ଉକ୍ତ ଗ୍ରାମ ପଞ୍ଚାୟତର ସମସ୍ତ ପରିବାରଙ୍କୁ ବିଦ୍ୟୁତ ସଂଯୋଗ କରାଯିବା ପ୍ରମୁଖ ଦାବି ରହିଛି। ସେମାନେ ତାଙ୍କ ଗ୍ରାମରୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରୁଥିବାରୁ ଉକ୍ତ ପଞ୍ଚାୟତର ପାଲବଣି ଗ୍ରାମରେ ଏକ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ପ୍ରତିଷ୍ଠା ମଧ୍ୟ ଦାବି କରାଯାଇଛି। ଆଜି ପର୍ଯ୍ୟନ୍ତ ଉକ୍ତ ଗ୍ରାମରେ ବିଦ୍ୟୁତ ସେବା ଏବଂ ମୋବାଇଲ ନେଟୱର୍କ ଭଳି ଗୁରୁତ୍ୱପୂର୍ଣ୍ଣ ସେବାରୁ ବଞ୍ଚିତ ହୋଇଛନ୍ତି ଏବଂ ସେଥିପାଇଁ ସେଠାରେ ଏକ ମୋବାଇଲ ନେଟୱର୍କ ମଧ୍ୟ ସ୍ଥାପନ କରିବା ନିମନ୍ତେ ଦାବିପତ୍ରରେ ଦର୍ଶାଯାଇଛି। ଅନ୍ୟ ଦାବିଗୁଡିକ ମଧ୍ୟରେ ଅନୁନ୍ନତ 'ହାଟଡିହି'କୁ 'ଆକାଂକ୍ଷୀ ବ୍ଲକ' ଯୋଜନାରେ ସାମିଲ କରାଯିବା ସହିତ କେନ୍ଦୁଝର ଜିଲ୍ଲାକୁ 'ଆକାଂକ୍ଷୀ ଜିଲ୍ଲା' ମାନ୍ୟତା ପ୍ରଦାନ ଆଦି ଦାବିମାନ ଅନ୍ତର୍ଭୁକ୍ତ। ଉକ୍ତ ଗ୍ରାମରେ ଏକ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରାଯିବା ନିମନ୍ତେ ମଧ୍ୟ ଦାବି ରହିଛି। ମୟୂରଭଞ୍ଜ ଜିଲାର ଅଗ୍ରଣୀ ସାମାଜିକ ସଂଗଠନ 'ଭରତ ବିକାଶ ମଞ୍ଚ,ମୟୂରଭଞ୍ଜ' ଏବଂ କେ. ବାଲିପାଳ ଗ୍ରାମ ପଞ୍ଚାୟତବାସୀଙ୍କ ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିବା ଏହି ଗଣଧାରଣାରେ ବିକାଶ ମଞ୍ଚ ସଭାପତି ଗାମାଏ ରାମିଲ ସିଂ ଗୋଇପାଇ, ସାଧାରଣ ସମ୍ପାଦକ କୁସୁନ୍ ଗିଲୁଆ, ଯୁଗ୍ମ ସମ୍ପାଦକ ଜାମାଦାର ବାଲମୁଚୁ, ନବୀନ ମୁଣ୍ଡାରୀ, ବୁଦ୍ଧିରାମ ପୂର୍ତ୍ତି, ରାମାୟେ ପୂର୍ତ୍ତି, ଜିରୁଙ୍ଗ ବଦରା, କୁରେ ପୂର୍ତ୍ତି, ସୁନାରାମ ପୂର୍ତ୍ତି, ରାମଚନ୍ଦ୍ର ଟୁଡ୍ଡୁ, ମୁକ୍ତାରାଣୀ ସୋରେନ, ଲକ୍ଷ୍ମୀ ମାଝୀ ପ୍ରମୁଖ ନେତୃତ୍ୱ ନେଇଥିଲେ। ତେବେ ସମସ୍ତ ଦାବି ୩ ସପ୍ତାହ ମଧ୍ୟରେ ନ ପୂରଣ ହୋଇ ପାରିଲେ ଏହି ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ନେଇ ସେପ୍ଟେମ୍ବର ତୃତୀୟ ସପ୍ତାହରେ ବିଧାନସଭା ଘେରାଉ କରାଯିବ ବୋଲି ବିକାଶ ମଞ୍ଚ ସଭାପତି ଶ୍ରୀ ଗୋଇପାଇ ପ୍ରକାଶ କରିଛନ୍ତି।

## ଏନ୍‌ଏସି ଘୋଷଣା ଦାବିରେ ଆନ୍ଦୋଳନକୁ ଓହ୍ଲାଇଲେ ଅଞ୍ଚଳବାସୀ



କରଞ୍ଜିଆ (ଭାସ୍କର ନ୍ୟୁଜ୍): ମୟୂରଭଞ୍ଜ ଜିଲ୍ଲା ଯଶିପୁର ପଞ୍ଚାୟତ ଓ ଯାମଦାସାହି ପଞ୍ଚାୟତକୁ ନେଇ ନୋଟିଫାଏଡ୍ ଏରିଆ କାଉନସିଲ ଏନ୍‌ଏସିକୁ ରୂପାନ୍ତରିତ କରିବା ଅପରିହାର୍ଯ୍ୟ ହୋଇପଡିଛି।ଏ ସମ୍ପର୍କରେ ଜନସାଧାରଣ ପ୍ରଶାସନକୁ ଅବଗତ କରିବା ସହ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଯଶିପୁର ବିଧାୟକ ତଥା ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ମଧ୍ୟ ଲିଖିତ ଅନୁରୋଧ କରିଥିଲେ। ଯାମଦାସାହି ପଞ୍ଚାୟତ ସରପଞ୍ଚ ଜିତେନ୍ଦ୍ର ନାଏକ ଯଶିପୁର ଏନ୍‌ଏସି ହେଉ ବୋଲି ପଞ୍ଚାୟତ ରେ ପ୍ରସ୍ତାବ ପାରିତ କରି ଯଶିପୁର ବ୍ଲକ ବିଡ଼ିଓ ଙ୍କୁ ଜଣାଇଦେଇଥିଲେ। ହେଲେ ଯଶିପୁର ପଞ୍ଚାୟତ ସରପଞ୍ଚ ପ୍ରଦୀପ ମାଟିଆ କେତେକ କୁଚକ୍ରୀ ଗୋଷ୍ଠୀଙ୍କ କଥାରେ ପଡି ନିଜ ସ୍ୱାସ୍ଥ୍ୟ ହାସଲ ପାଇଁ ତାଙ୍କ ଯଶିପୁର ପଞ୍ଚାୟତ ରେ ପ୍ରସ୍ତାବ ଆଗତ ହୋଇପାରି ନଥିଲା। ଏଥିପାଇଁ ଯଶିପୁର ଜନସାଧାରଣରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଏହି କାରଣରୁ ନିକଟରେ ସରକାର ଘୋଷଣା କରିଥିବା ଏନ୍ ଏ ସି ତାଲିକାରୁ ଯଶିପୁର ବାଦ ପଡିଥିଲା। ଫଳ ସ୍ୱରୂପ ଯଶିପୁରବାସୀ ମନରେ ନୈରାଶ୍ୟଭାବ ସୃଷ୍ଟି ହୋଇଥିଲା ଯାହାକି ଆନ୍ଦୋଳନର ରୂପ ନେଇଥିଲା। ଜୁନ୍ ୧୮ ତାରିଖ ୧୨ ଘଣ୍ଟିଆ ଯଶିପୁର ବନ୍ଦ ପାଇଁ ଯଶିପୁର ବିକାଶ ମଞ୍ଚ ଡ଼ାକରା ଦେଇଥିଲା, ଏଥିପାଇଁ ପୋଲିସ ଓ ପ୍ରଶାସନ ତତ୍ପର ହୋଇଉଠିଥିଲା। ଯଶିପୁର ତହସିଲଦାର ତଥା ଯଶିପୁର ବ୍ଲକ ର ଭାରପ୍ରାପ୍ତ ବିଡ଼ିଓ ମୋହିନୀ କୁମାର ନାଏକ, ଯଶିପୁର ଥାନା ଆଇଆଇସି ସଞ୍ଜୁକ୍ତା ମାହାଲିକ ସ୍ଥାନୀୟ ଜନସାଧାରଣ ଓ ଯଶିପୁର ସରପଞ୍ଚଙ୍କୁ ଡକାଇ ପରିସ୍ଥିତି ସମ୍ପର୍କରେ ଅବଗତ କରିଥିଲେ। ତତ୍ପରେ ତତ୍କାଳୀନ ଯଶିପୁର ପଞ୍ଚାୟତ ଅଫିସ୍ ରେ ଏନ୍‌ଏ ସି ପ୍ରସ୍ତାବ ସମ୍ପର୍କିତ ସ୍ୱତନ୍ତ୍ର ବୈଠକ ଡକା ଯାଇଥିଲା। ବୈଠକରେ ସରପଞ୍ଚ ଏବଂ ୱାର୍ଡ଼ମେମ୍ବରଗଣ ଯଶିପୁର ପଞ୍ଚାୟତ କୁ ଏନ୍ ଏ ସି ରେ ଅନ୍ତର୍ଭୁକ୍ତ କରିବା ପାଇଁ ସର୍ବସମ୍ମତିକ୍ରମେ ସିଦ୍ଧାନ୍ତ ଗ୍ରହଣ କଲେ। ଏହାର ଦସ୍ତଖତ ସମ୍ବଳିତ ପତ୍ର କୁ ଯଶିପୁର ପଞ୍ଚାୟତ ପିଇଓଙ୍କ ମାଧ୍ୟମରେ ଯଶିପୁର ବ୍ଲକ ବିଡ଼ିଓଙ୍କୁ ପ୍ରଦାନ କରାଯାଇଛି। ସୋମବାର ସକାଳ ୬ଘଟିକା ସମୟରେ ବନ୍ଦ ପାଳନ ଆରମ୍ଭ ହେବାମାତ୍ରେ ୩୦ ମିନିଟ୍ ମଧ୍ୟରେ ଯଶିପୁର ବିଡ଼ିଓ ମୋହିନୀ କୁମାର ନାଏକ କରଞ୍ଜିଆ ଏସଡିପିଓ ନବକୃଷ୍ଣ ନାଏକ, ଯଶିପୁର ଥାନା ଆଇଆଇସି ସଞ୍ଜୁକ୍ତା ମାହାଲିକ ସଦଳବଳେ ଯଶିପୁର ମୁଖ୍ୟ ବଜାର ରେ ପହଞ୍ଚି ଯଶିପୁର ପଞ୍ଚାୟତ ରେ ପାରିତ ରିଜଲୁସନ୍ କପି ଆନ୍ଦୋଳନକାରୀଙ୍କୁ ଜଣାଇଦେଲେ। ଫଳରେ ଯଶିପୁର ଜନସାଧାରଣ ବନ୍ଦ ପାଳନ ରୁ ଓହରିଯାଇଥିଲେ। ତେବେ ବିଶ୍ୱସ୍ତ ସୂତ୍ରରୁ ଜଣାଯାଏ ନିୟମ ମୁତାବକ ରେଜଲୁସନ ଖାତାରେ ଯଶିପୁର ପଞ୍ଚାୟତ ର ଜନସାଧାରଣ ଦସ୍ତଖତ ଥିଲେ ଯାଇ ଏନ୍‌ଏସି ପାଇଁ ସରକାରୀ ଗ୍ରହଣୀୟ ହୋଇପାରିବ। ହେଲେ ଯଶିପୁର ପ୍ରଶାସନ ଏବେ ସେ ଦିଗରେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି। ତେଣୁ ପୁଣି ଯଶିପୁରବାସୀ ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗଙ୍କ ପାଇଁ ଦ୍ରୁତଗାମୀ ଟ୍ରେନ ରହଣୀ ନେଇ ଦାବିପତ୍ର

ବ୍ୟାସନଗର(ଭାସ୍କର ନ୍ୟୁଜ୍): ଯାଜପୁରର୍ କେନ୍ଦୁଝର ରୋଡ ରେଳ ଷ୍ଟେସନ ଯାହାକି ୧୮୯୬ମସିହାରୁ ଯାଜପୁର, କେନ୍ଦୁଝର, ଢେଙ୍କାନାଳର କିଛି ଅଂଚଳ ଓ ଭଦ୍ରକ ଜିଲ୍ଲାର କେତେକ ସଂଲଗ୍ନ ଅଂଚଳକୁ ରେଳ ସେବା ଦେଇଆସିଥିଲା ତାହା ଏବେ କଳିଙ୍ଗନଗର ଶିଳ୍ପାଞ୍ଚଳ (ଏସିଆ ମହାଦେଶ ର ଇସ୍ପାତ ରାଜଧାନୀ )ର ମୁଖଶାଳା। ଏହି ଷ୍ଟେସନରେ ୨୦୨୦ ମସିହାରୁ ନିର୍ମାଣ କରାଯାଇଥିବା ପୂର୍ବପଟ ଫୁଟ ଓଭର ବ୍ରିଜ ଶତକଡା ନବେ (୯୦) ରେଳ ଯାତ୍ରୀଙ୍କ ଗମନା ଗମନର ମାଧ୍ୟମ। ଅତି ବରିଷ୍ଠ, ବରିଷ୍ଠ, ଦିବ୍ୟାଙ୍ଗ ଓ ରୋଗୀ ମାନଙ୍କ ନିମନ୍ତେ ଲିଫ୍ଟ ଅଥବା ବୈଦ୍ୟୁତିକ ସିଡ଼ି ର ବ୍ୟବସ୍ଥା କରାଯାଇନଥିବାରୁ ବହୁଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଏହାର ନିରାକରଣ ନିମନ୍ତେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଯାଜପୁର ରୋଡର ସଦସ୍ୟ ମାନେ, ଓଡ଼ିଶାର ସମ୍ମାନୀୟ ମୁଖ୍ୟମନ୍ତ୍ରୀ, ରେଳମନ୍ତ୍ରୀ, ସାଂସଦ ଯାଜପୁର, ବିଧାୟକ କୋରେଇ ଏବଂ ଜେନେରାଲ ମ୍ୟାନେଜର ପୂର୍ବତଟ ରେଳପଥ ଙ୍କୁ ଦାବିପତ୍ର Speed post &e-mail ମାଧ୍ୟମରେ ପ୍ରେରଣ କରାଯାଇଛି। ବିଡମ୍ବନା ଏହିକି ଏଠାରେ ବହୁ ଟ୍ରେନ୍ ର ରହଣୀ ନାହିଁ ୦୮୪୫୫୫୦୮୪୫୬-- କେନ୍ଦୁଝର ଖୋର୍ଦ୍ଧା ରୋଡ (ସକାଳ ଏବଂ ସନ୍ଧ୍ୟା )ପାସେଞ୍ଜର ଏଠାକୁ ସମ୍ପ୍ରସାରଣ ନକରିବା, ସହର ମଧ୍ୟରେ ସିମେଣ୍ଟ ଗୁଡ୍ ସେଡ ପ୍ରଦୂଷିତ କରିବା,ଷ୍ଟେସନ ର ଦକ୍ଷିଣ ପାର୍ଶ୍ୱ ର କୌଣସି ଉନ୍ନତିକରଣ ନହେବା ଇତ୍ୟାଦି ନେତୃତ୍ୱର ଅଣଦେଖା ଓ ରେଳ କର୍ତୃପକ୍ଷଙ୍କ ଅବହେଳା ଯୋଗୁ ହେଉଥିବା ପ୍ରକାଶ କରାଯାଇଛି। ଯଦି ଉଚିତ ପଦକ୍ଷେପ ନିଆନଯାଏ ତେବେ ପ୍ରଧାନମନ୍ତ୍ରୀ ଙ୍କୁ କିଛି ଦିନପରେ ଅବଗତ କରିବାକୁ ଆଲୋଚନା ମାଧ୍ୟମରେ କୁହାଯାଇଛି।

## ଏନ୍‌ଏସି ଦାବିରେ ୨୬ରେ ଆନ୍ଦୋଳନ ଡାକରା

କୁଜଙ୍ଗ(ଭାସ୍କର ନ୍ୟୁଜ୍): ରାଜ୍ୟର ୭ ଜିଲ୍ଲାରେ ନୂଆ ୧୨ଟି ବିଜ୍ଞପିତ ଅଂଚଳ (ଏନ୍‌ଏସି)ଗଠନ କରିବାକୁ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ପୂର୍ବ ସରକାରଙ୍କ ଦ୍ୱାରା ଘୋଷଣା ହୋଇଥିବା ଜଗତସିଂହପୁର ଜିଲ୍ଲା କୁଜଙ୍ଗରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏନେଇ କୁଜଙ୍ଗ ସଚେତନ ନାଗରିକ ମଞ୍ଚ ପକ୍ଷରୁ ବରିଷ୍ଠ ନାଗରିକ ବାବୁରାମ ଚୌଧୁରୀଙ୍କ ଅଧକ୍ଷତାରେ ଆଜାଦ ହିନ୍ଦ କ୍ଲବ ଠାରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୬ ତାରିଖ ମଙ୍ଗଳବାର କୁଜଙ୍ଗ ତହସିଲ ଘେରାଉ କରାଯିବ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ତହସିଲଦାରଙ୍କ ମାଧ୍ୟମରେ ନାଗରିକ ମଞ୍ଚ ପ୍ରଦାନ କରିବ ବୋଲି ମଞ୍ଚ ଆବାହକ ରଘୁ ସାହୁ ଘୋଷଣା କରିଛନ୍ତି। ଉକ୍ତ ଦିନରେ ଏକ ବିଶାଳ ଶୋଭାଯାତ୍ରା କୁଜଙ୍ଗ ବଜାର ପରିକ୍ରମା କରି ତହସିଲଦାରଙ୍କ କାର୍ଯ୍ୟାଳୟକୁ ଆସିବ ବୋଲି ସଭାରେ ନିଷ୍ପତ୍ତି ହୋଇଛି। ଗଣମାଧ୍ୟମକୁ ପ୍ରତିକ୍ରିୟା



ଦେଇ କବି ପିତାମ୍ବର ତରାଇ ଓ ଚିନ୍ମୟୀ ସାହାଣୀ କହିଥିଲେ ଯେ, ଶିଳ୍ପ ସମୃଦ୍ଧ ଆନ୍ତର୍ଜାତିୟ ପାରାଦୀପ ବନ୍ଦର କୁଜଙ୍ଗ ତହସିଲ ମାଟିରେ ଗଢି ଉଠିଛି। କୁଜଙ୍ଗରେ ବିଚାର ବିଭାଗୀୟ ଅତିରିକ୍ତ ଜିଲ୍ଲା ଅଦାଲତ ସହିତ ବହୁ ସରକାରୀ କାର୍ଯ୍ୟାଳୟ ରହିଛି ଓ ସମସ୍ତ ଭିତ୍ତିଭୂମି ଥିବାରୁ ଏନ୍‌ଏସି ପାଇଁ ବାରମ୍ବାର ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇ ଆସୁଥିଲା। ତେବେ ପୂର୍ବ ସରକାର ୨୦୨୪ ମସିହାରେ ପ୍ରଥମ ପର୍ଯ୍ୟାୟରେ ୩୪ଟି ଏନ୍‌ଏସି ଘୋଷଣା କରି କୁଜଙ୍ଗକୁ ବାଦ ଦେବାରୁ ଆନ୍ଦୋଳନ ମଥା ଟେକିଥିଲା। ଧାରଣା ଓ କୁଜଙ୍ଗ ବନ୍ଦ ହୋଇ ଆନ୍ଦୋଳନ ତୀବ୍ର ହେବାରୁ ଏପରି ଅସ୍ୱାଭାବିକ ସ୍ଥିତିରେ ତତକାଳୀନ ସରକାରଙ୍କ ଏକ ପ୍ରତିନିଧି ଦଳ କୁଜଙ୍ଗ ଆସି ସ୍ଥିତି ପରଖି ଥିଲେ। ତହସିଲଦାର ଓ ବିଡ଼ିଓଙ୍କ ଅଂଚଳ ଆର୍ଥିକ ସ୍ଥିତି ରିପୋର୍ଟ ଯାଞ୍ଚ କରି ଆନ୍ଦୋଳନକାରିଙ୍କ ସହ ଆଲୋଚନା କରି ଫେରିବାର ସପ୍ତାହକ ମଧ୍ୟରେ ପୁନଃ ୨୨ଟି ଏନ୍‌ଏସି ଗଠନ କରି ସେଥିମଧ୍ୟରେ କୁଜଙ୍ଗକୁ ସ୍ଥାନ ଦେଇଥିଲେ। ପୂର୍ବ ସରକାରଙ୍କ ନିଷ୍ପତିକୁ କୁଜଙ୍ଗବାସି ସ୍ୱାଗତ ଜଣେଇ ବାଣ ଫୁଟେଇ ମିଠା ବାଣ୍ଟି ଖୁସି ମନେଇ ଥିଲେ। ଗତ ୧୬ ତାରିଖରେ ନୂଆ ସରକାର ଅଚାନକ ୧୨ ଏନ୍‌ଏସି ଘୋଷଣା କରିଛନ୍ତି ଓ କୁଜଙ୍ଗ ବାଦ ପଡିଥିବାରୁ ଅଂଚଳରେ ଅସନ୍ତୋଷ ନିଆଁ ଲାଗିଛି। ୨୬ ତାରିଖ ଆନ୍ଦୋଳନ ଅବଧି ମଧ୍ୟରେ ନଗର ଉନ୍ନୟନ ମନ୍ତ୍ରୀ ,ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ଓ ସାଂସଦଙ୍କୁ ମଧ୍ୟ ଅବଗତ କରାଯିବାକୁ ନିଷ୍ପତି ହୋଇଛି। ଅନ୍ୟ ମାନଙ୍କ ମଧ୍ୟରେ ମନିନ୍ଦ୍ର ଗୁରୁ , ମନୋଜ ପାତ୍ର,ପ୍ରିୟମ୍ବଦା ପାଣି, କୈଳାଶ ଷଡଙ୍ଗୀ , ସୁବାସ ମହାପାତ୍ର, ଦୁଷ୍ମନ୍ତ ମାଝୀ ,ହୃଷିକେଶ ନାଥ,ରଂଜିତ ପଣ୍ଡା, ରବୀନ୍ଦ୍ର ନାଥ ,ବିଜୟ ଖଟେଇ, ଓକିଲ ସଂଘ ନେତା ରଂଜିତ ବିଶ୍ୱାଳ, ବିବେକାନନ୍ଦ ଦାସ, ରାମଦାସ ମହାନ୍ତି ଓ ରଶ୍ମିରଂଜନ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ତେବେ ନୂଆ ସରକାର ଆସିବା ପରେ କୁଜଙ୍ଗକୁ ଅବହେଳା ଘଟଣା ଏବେ ଜୋର ଚର୍ଚ୍ଚା ପାଲଟିଛି ଓ ଆଗାମୀ ଦିନରେ ଆନ୍ଦୋଳନ ଅସ୍ୱାଭାବିକ ସ୍ଥିତି ସୃଷ୍ଟି କରିବ ବୋଲି ଜଣା ପଡିଛି। ଦାବି ପୂରଣ ନ ହେଲେ ପ୍ରଶାସନକୁ ଅଚଳ କରିବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିବା ଜଣାପଡିଛି।

## ମହାବୀର ପୀଠରେ ମହନ୍ତ ରାଜୁ ବାବାଙ୍କ ଜନ୍ମୋତ୍ସବ ପାଳିତ

ଏରସମା (ଭାସ୍କର ନ୍ୟୁଜ୍): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ୍ ଅନ୍ତର୍ଗତ ନୂଆଗାଁ ପଞ୍ଚାୟତର ନୂଆଗାଁ ସ୍ଥିତ ପ୍ରସିଦ୍ଧ ମହାବୀର ପୀଠର ମୁଖ୍ୟ ପରିଚାଳକ, ରାମକୃଷ୍ଣ ଦାସ ମହାରାଜ (ରଜୁବାବା) ଙ୍କ ୬୭ତମ ଜନ୍ମ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ମହାବୀର ମନ୍ଦିର ପରିସରରେ ଆୟୋଜିତ ଉତ୍ସବରେ ବିଭିନ୍ନ ସ୍ଥାନରୁ ଏବଂ ପାଖ ଆଖ ଅଞ୍ଚଳର ଶହ



ଶହ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସକାଳେ ମହାବୀର ହନୁମାନଙ୍କ ପୂଜାର୍ଚ୍ଚନା ପରେ, ଭଜନ କୀର୍ତ୍ତନ ସହିତ ଶ୍ରଦ୍ଧାଳୁମାନେ ବାବାଙ୍କୁ, ନୂତନ ବସ୍ତ୍ର ଓ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଜନ୍ମଦିନ ଅବସରରେ ବାବା ସମସ୍ତଙ୍କୁ ବାପା ମାଙ୍କ ସେବା କରିବାକୁ ପରାମର୍ଶ ଦେବା ସହ ସମାଜର ଭଲ କାମକର ଭଲ ମଣିଷ ହୁଅ ହନୁମାନ ଚାଳିଶା ସବୁଦିନେ ପାଠ କର ସମସ୍ତଙ୍କର ଦୁଃଖ ଦୂର ହେବା ସହ ମଙ୍ଗଳ ହେବ ଏହି କଥା ସମସ୍ତ ଭକ୍ତମାନଙ୍କୁ ବୁଝାଇଥିଲେ। ସାରାଦିନ ପ୍ରସାଦ ସେବନ ବ୍ୟବସ୍ଥା ସହିତ, ଶ୍ରୀରାମ ଚରିତ ମାନସ, ହନୁମାନ ଚାଳିଶା ପାଠ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ମନ୍ଦିର ପରିସରରେ ବ୍ୟାପକ ବୃକ୍ଷରୋପଣ କରାଯାଇଥିଲା। ଉତ୍ସବକୁ ରାଜେନ୍ଦ୍ର ଦାସ, ଗଜେନ୍ଦ୍ର ମହାପାତ୍ର,କରୁଣାକର ଦାସ, ବିକ୍ରମ ରାଉଳ, ପ୍ରଭାତ ସାହାଣୀ, ପ୍ରକାଶ କୁମାର ଦାଶ,ଲିପୁନି ଖଟୁଆଙ୍କ ସମେତ ଭକ୍ତମାନଙ୍କ ସହଯୋଗରେ ଶାନ୍ତି ଶୃଙ୍ଖଳା ଭାବରେ ମହାସମାରୋହରେ ଜନ୍ମଦିନ ପାଳନ କରାଯାଇଥିଲା।ଏହି ପରିପ୍ରେକ୍ଷୀରେ ମହାବୀର ପୀଠ ପରିସରରେ ବୃକ୍ଷ ରୋପଣ କରାଯାଇଥିଲା।

## ଚଣ୍ଡିଖୋଲ-ଡୁବୁରୀ ଜାତୀୟରାଜପଥ ସମ୍ପ୍ରସାରଣରେ ବିଳମ୍ବ

ଚଣ୍ଡିଖୋଲ(ଭାସ୍କର ନ୍ୟୁଜ୍): ଚଣ୍ଡିଖୋଲ- ଡୁବୁରୀ ୫୩ ନଂ ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ନେଇ ଅନିଶ୍ଚିତତା ଦେଖାଦେଇଛି। ଦୀର୍ଘବର୍ଷ ଧରି ଏହାର ସମ୍ପ୍ରସାରଣ ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁର ନିର୍ମାଣ କାର୍ଯ୍ୟ ଶେଷ ହୋଇପାରୁନାହିଁ। ଜିଲ୍ଲାର ଜୀବନରେଖା କୁହାଯାଉଥିବା ତଥା ଓଡ଼ିଶାର ଏକ ପ୍ରମୁଖ ଏବଂ ଗୁରୁତ୍ୱପୂର୍ଣ୍ଣ ରାଜପଥ ଭାବେ ୫୩ନଂ ଜାତୀୟ ରାଜପଥ ପରିଚିତ। ରାଜ୍ୟ ଏବଂ ଦେଶର ଅର୍ଥନୀତିକୁ ସୁଦୃଢ଼ କରିବାରେ ଏହି ରାଜପଥର ମୁଖ୍ୟ ଭୂମିକା ରହିଛି। ଏହି ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଅଧାପନ୍ତରିଆ ହୋଇପଡ଼ିଥିବାରୁ ଦୈନିକ ଦୁର୍ଘଟଣା ଘଟୁଛି। ବହୁ ସମୟରେ ଦୁର୍ଘଟଣାର ଶିକାର ଯାତ୍ରୀଙ୍କ ଜୀବନ ଯାଉଥିବାର ନଜିର ରହିଛି। ରାଜପଥର ସମ୍ପ୍ରସାରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରି ସମ୍ପୂର୍ଣ୍ଣ କରିବା ପାଇଁ ବାରମ୍ବାର ଅଭିଯୋଗ ଓ ଆନ୍ଦୋଳନ କରଯାଉଛି। ଏଥିସହ କେନ୍ଦ୍ରମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତିଙ୍କ ନିକଟରେ ମଧ୍ୟ ଏହାର କାର୍ଯ୍ୟ ଶେଷ କରିବା ପାଇଁ ଦାବି କରାଯାଇଛି। ତଥାପି ଏହାର ସ୍ଥିତିରେ ପରିବର୍ତ୍ତନ ହେଉ ନାହିଁ କି ଦୁର୍ଘଟଣାରେ ରୋକ୍ ଲାଗୁନାହିଁ। ସମ୍ପ୍ରସାରଣ କାର୍ଯ୍ୟ ଜାରି ରହିଥିବାରୁ ରାଜପଥ ମଝିରେ କରାଯାଇଥିବା ଡାଇଭର୍ସନ ଗୁଡ଼ିକ ମରଣଯନ୍ତା ପାଲଟିଛି। ଏକ ତଥ୍ୟ ମୁତାବକ ଗତ ୧୦ବର୍ଷ ମଧ୍ୟରେ ୩୬୯ ଦୁର୍ଘଟଣା ଘଟି ୧୬୯ ଜଣର ୫୩ନଂ ଜାତୀୟ ରାଜପଥରେ ମୃତ୍ୟୁ ଘଟିଛି। ଏତେ ପରେ ବି ଜାତୀୟ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କର ଚେତା ପଶୁନାହିଁ। ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ଦ୍ରୁତଗତିରେ ଶେଷ କରିବା ସହ ନିର୍ମାଣ ସମୟରେ ସ୍ଥାନୀୟ ଅଞ୍ଚଳରେ ଯେଉଁ ପ୍ରଦୂଷଣ ହେଉଛି ସେଥିପ୍ରତି ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣ ଲୋକେ ବାରମ୍ବାର ଦାବି କରୁଛନ୍ତି। ରାସ୍ତା ନିର୍ମାଣ ସମୟରେ ଲୋକଙ୍କ ପାଇଁ ଅନ୍ୟ ରାସ୍ତାର ସଠିକ୍ ବ୍ୟବସ୍ଥା କରାଯାଉ ନଥିବାରୁ ଚାଳକ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ରାଜପଥ ନିର୍ମାଣ କାର୍ଯ୍ୟ ୮୨ ପ୍ରତିଶତ ଶେଷ ହୋଇଥିବା ନେଇ କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ ମଧ୍ୟ ୨୦୨୪ ନଭେମ୍ବର ୩୦ ତାରିଖରେ ସଂସଦରେ ରିପୋର୍ଟ ପ୍ରଦାନ କରିଥିଲେ। ଯଦି ନଭେମ୍ବର ମାସ ସୁଧା ୮୨ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିଲା ଆଉ ମାତ୍ର ୧୮ ପ୍ରତିଶତ କାର୍ଯ୍ୟ ଅଦ୍ୟାବଧି କାହିଁକି ଶେଷ ହୋଇପାରିନାହିଁ ବୋଲି ସାଧାରଣ ଲୋକେ ପ୍ରଶ୍ନ କରିଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଭାଗୀୟ ମନ୍ତ୍ରୀଙ୍କୁ ଭୁଲ ତଥ୍ୟ ପ୍ରଦାନ ଯୋଗୁ ସେହିଦିନ ମଧ୍ୟ ବିଭିନ୍ନ ଜନସାଧାରଣ ପ୍ରତିବାଦ କରିଥିଲେ। ସେହି ଆନ୍ଦୋଳନ ପରେ ରାସ୍ତା କାର୍ଯ୍ୟର ଦୈନିକ ଅଗ୍ରଗତି ସମୀକ୍ଷା କରିବା ପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। ପ୍ରକୃତରେ ସେହି ଟିମ୍ କେବେ ସମୀକ୍ଷା କରୁଛି। ସମ୍ପ୍ରସାରଣ କାର୍ଯ୍ୟ ବର୍ତ୍ତମାନ ସୁଧା କେତେ ପ୍ରତିଶତ ଅଗ୍ରଗତି ହୋଇଛି ତାହାର ତଦାରଖ ହୋଇପାରୁନାହିଁ। ବର୍ତ୍ତମାନର ରାସ୍ତା କାମର ସ୍ଥିତିକୁ ଅନୁଧ୍ୟାନ କଲେ ଗତ ୮ ମାସ ମଧ୍ୟରେ ରାସ୍ତା କାମର ୧୦ ପ୍ରତିଶତ ମଧ୍ୟ ସରିନାହିଁ। ଅନେକ ସ୍ଥାନରେ ଫ୍ଲାଏଓଭରର କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। ଯଦି ଏହିପରି ଗତିରେ ରାସ୍ତା କାମ ଆଗେଇ ଚାଲେ ତେବେ ଆଗାମୀ ୫ବର୍ଷ ମଧ୍ୟରେ ରାସ୍ତା କାମ ସରିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ମଧ୍ୟ ୨୦୨୪ ନଭେମ୍ବର ୩୦ ତାରିଖରେ ସଂସଦରେ ରିପୋର୍ଟ ପ୍ରଦାନ କରିଥିଲେ। ଯଦି ନଭେମ୍ବର ମାସ ସୁଧା ୮୨ ପ୍ରତିଶତ କାର୍ଯ୍ୟ ଶେଷ ହୋଇଥିଲା ଆଉ ମାତ୍ର ୧୮ ପ୍ରତିଶତ କାର୍ଯ୍ୟ ଅଦ୍ୟାବଧି କାହିଁକି ଶେଷ ହୋଇପାରିନାହିଁ ବୋଲି ସାଧାରଣଲୋକେ ପ୍ରଶ୍ନ କରିଛନ୍ତି। ଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଭାଗୀୟ ମନ୍ତ୍ରୀଙ୍କୁ ଭୁଲ ତଥ୍ୟ ପ୍ରଦାନ ଯୋଗୁ ସେହିଦିନ ମଧ୍ୟ ବିଭିନ୍ନ ଜନସାଧାରଣ ପ୍ରତିବାଦ କରିଥିଲେ। ସେହି ଆନ୍ଦୋଳନ ପରେ ରାସ୍ତା କାର୍ଯ୍ୟର ଦୈନିକ ଅଗ୍ରଗତି ସମୀକ୍ଷା କରିବା ପାଇଁ ଏକ କମିଟି ମଧ୍ୟ ଗଠନ କରାଯାଇଥିଲା। ପ୍ରକୃତରେ ସେହି ଟିମ୍ କେବେ ସମୀକ୍ଷା କରୁଛି। ସମ୍ପ୍ରସାରଣ କାର୍ଯ୍ୟ ବର୍ତ୍ତମାନ ସୁଧା କେତେ ପ୍ରତିଶତ ଅଗ୍ରଗତି ହୋଇଛି ତାହାର ତଦାରଖ ହୋଇପାରୁନାହିଁ। ବର୍ତ୍ତମାନର ରାସ୍ତା କାମର ସ୍ଥିତିକୁ ଅନୁଧ୍ୟାନ କଲେ ଗତ ୮ ମାସ ମଧ୍ୟରେ ରାସ୍ତା କାମର ୧୦ ପ୍ରତିଶତ ମଧ୍ୟ ସରିନାହିଁ। ଅନେକ ସ୍ଥାନରେ ଫ୍ଲାଏଓଭରର କାର୍ଯ୍ୟ ଆଦୌ ଆରମ୍ଭ ହୋଇନାହିଁ। ଯଦି ଏହିପରି କଚ୍ଛପ ଗତିରେ ରାସ୍ତା କାମ ଆଗେଇ ଚାଲେ ତେବେ ଆଗାମୀ ୫ବର୍ଷ ମଧ୍ୟରେ ରାସ୍ତା କାମ ସରିବ ନାହିଁ ବୋଲି ଆଶଙ୍କା ପ୍ରକାଶ ପାଇଛି। ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ୨୦୨୪ ଡିସେମ୍ବର ୯ ତାରିଖରେ ସଚେତନ ନାଗରିକ ମଞ୍ଚ ଆହ୍ୱାନ କ୍ରମେ ବ୍ରାହ୍ମଣୀ ସେତୁ ନିକଟରେ ଏକ ଆନ୍ଦୋଳନ କରାଯାଇଥିଲା। ଏଥିରେ ଧର୍ମଶାଳା, ସୁକିନ୍ଦା, ବଡ଼ଚଣା ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଜନ ପ୍ରତିନିଧି, କଲେଜ ଛାତ୍ରଛାତ୍ରୀ, ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଲୋକଙ୍କ ପରିବାର ସଦସ୍ୟ ଏବଂ ବହୁ ସଂଗଠନ ସାମିଲ ହୋଇଥିଲେ। ପ୍ରାୟ ୮ ଘଣ୍ଟାର ଧରି ରାସ୍ତା ଅବରୋଧ ପରେଜାତୀୟ ରାଜପଥ କର୍ତ୍ତୃପକ୍ଷ ବିଚାର ବିମର୍ଶ କରି ସମୟ ନେଇ ରାସ୍ତା କାମକୁ ଫେବ୍ରୁଆରୀ ୨୦୨୫ ଏବଂ ଦ୍ୱିତୀୟ ବ୍ରାହ୍ମଣୀ ସେତୁ କାର୍ଯ୍ୟକୁ ଜୁନ ମାସ ସୁଦ୍ଧା ଶେଷ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ଇତି ମଧ୍ୟରେ ବହୁ ଦିନ ଅତିକ୍ରମ କରି ସାରିଲାଣି। ମାତ୍ର ପ୍ରତିଶ୍ରୁତି ମୁତାବକ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଆଗାମୀ ଦିନରେ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଯଦି କାମକୁ ଯଥା ସମ୍ଭବ ତ୍ୱରାନ୍ୱିତ ନକରତି ତେବେ ଏ ଅଞ୍ଚଳର ଜନସାଧାରଣ ଚୁପ୍ ବସିବେ ନାହିଁ ବୋଲି କଡ଼ା ଚେତାବନୀ ଦେଇଛନ୍ତି।

## ସମାଜସେବୀ ଶିଶିରଙ୍କୁ ଡକ୍ଟର ବି. ଆର. ଆମ୍ବେଦକର ଅନ୍ତର୍ଜାତୀୟ ସମ୍ମାନ ପ୍ରଦାନ




ଏରସମା(ଭାସ୍କର ନ୍ୟୁଜ୍): ଜୀବନବ୍ୟାପୀ ସମାଜସେବା ଓ ଏକ ସୁସ୍ଥ ସମାଜ ଗଠନ ପାଇଁ ନିରନ୍ତର ପ୍ରୟାସ ଜାରି ରଖିଥିବା ଯୋଗୁଁ ଜଗତସିଂହପୁର ଜିଲ୍ଲାର ଏରସମା ବ୍ଲକ ଅନ୍ତର୍ଗତ ନାରଦିଆ ପଞ୍ଚାୟତର ଅଗ୍ରଣୀ ସମାଜସେବୀ ଓ ରାଜନେତା ଶିଶିର କୁମାର ବିଶ୍ୱାଳଙ୍କୁ ୱାର୍ଲଡ ଚାରିଟେବଲ ୱେଲଫେୟାର ଫାଉଣ୍ଡେସନ, ନୂଆଦିଲ୍ଲୀ ତରଫରୁ ମର୍ଯ୍ୟାଦାଜନକ ଡକ୍ଟର ବି.ଆର. ଆମ୍ବେଦକର ଆନ୍ତର୍ଜାତୀୟ ସମ୍ମାନ ପ୍ରଦାନ କରାଯାଇଛି। ଉପରୋକ୍ତ ପଞ୍ଜିକୃତ ସର୍ବ ଭାରତୀୟ ଅନୁଷ୍ଠାନ ଆନୁକୂଲ୍ୟରେ ରାଉରକେଲା, ଉଦିତ ନଗର ସ୍ଥିତ, ସ୍ମାର୍ଟ ସିଟି ଲାଇବ୍ରେରୀ କାର୍ଯ୍ୟାଳୟରେ ଏକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ସଂସ୍ଥାର ଓଡିଶା ସଂଯୋଜକ ଅମର ବାଗ ଉତ୍ସବରେ ସଭାପତିତ୍ୱ କରିଥିଲେ। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରଘୁନାଥ ପାଲ୍ଲୀର ମାନ୍ୟବର ବିଧାୟକ ଦୁର୍ଗା ଚରଣ ତନ୍ତୀ, ଶିକ୍ଷାବିତ୍ ଆଶିଷ ପଟ୍ଟନାୟକ, ବବିତା ମିଶ୍ର, ପଣ୍ଡିତ ପ୍ରଶାନ୍ତ କୁମାର ଶତପଥୀ, ଡ. କିଶନ ଲାଲ ପ୍ରମୁଖ ଯୋଗଦେଇଥିଲେ। ଏଠାରେ ଉଲ୍ଲେଖଯୋଗ୍ୟ, ଶ୍ରୀ ବିଶ୍ୱାଳ ଦୀର୍ଘ ତିରିଶ ବର୍ଷରୁ ଅଧିକ ସମୟ, ସମାଜସେବାରେ ଅତିବାହିତ କରି ଏକ ବିରଳ ରେକର୍ଡ ସୃଷ୍ଟି କରି ପାରିଛନ୍ତି। ଚଳିତ ମାସ ୩ ତାରିଖରେ ଉତ୍କୃଷ୍ଟ ସମାଜସେବା ପାଇଁ ବ୍ୟାସ ଫାଉଣ୍ଡେସନ ତରଫରୁ 'ବ୍ୟାସ ସେବା' ସମ୍ମାନ ପ୍ରଦାନ କରାଯାଇଥିଲା।ଏହିଭଳି ମର୍ଯ୍ୟାଦା ଜନକ ସମ୍ମାନ ପ୍ରାପ୍ତି ଯୋଗୁଁ ଶ୍ରୀ ବିଶ୍ୱାଳଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି।

## କର୍କଟପୀଡିତ ଆଲୋକଙ୍କୁ ଆର୍ଥିକ ସହାୟତା



କୁଜଙ୍ଗ(ଭାସ୍କର ନ୍ୟୁଜ୍):ପାଟଳୀପଙ୍କ ଗ୍ରାମର କର୍କଟ ରୋଗରେ ପୀଡିତ ଆଲୋକ କୁମାର ବେହେରାଙ୍କୁ ସହାୟତାର ହାତ ବଢାଇଛନ୍ତି କୁଜଙ୍ଗ ଅଞ୍ଚଳର ଓଡ଼ିଶାର ପ୍ରମୁଖ ଦାତବ୍ୟ ଟ୍ରଷ୍ଟ ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସ।ସୂଚନା ଯୋଗ୍ୟ କି, ଆଲୋକ ଜଣେ ଗରିବ ଶ୍ରେଣୀର ବ୍ୟକ୍ତି ଅଟନ୍ତି। ଗତ କିଛି ମାସ ହେବ ସେ କର୍କଟ ରୋଗରେ ପୀଡିତ ହୋଇ ବର୍ତ୍ତମାନ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଆଲୋକ ଘରର ଏକ ମାତ୍ର ରୋଜଗାର କ୍ଷମ ବ୍ୟକ୍ତି ଥିଲେ। ବର୍ତ୍ତମାନ ରୋଗଗ୍ରସ୍ତ ହେବା ପରେ କାମ କରିବାକୁ ଯାଇପାରୁନାହାନ୍ତି। ତେଣୁ ଦୁଇ ଓଳି ଦୁଇ ମୁଠା ଖାଇବାକୁ ନାହିଁ। ଅର୍ଥାଭାବରୁ ଚିକିତ୍ସାରେ ଅର୍ଥ ସାଜିଛି ବାଧକ। ବିଭିନ୍ନ ଗଣମାଧ୍ୟମରୁ ଏହି ଦୁଃଖଦ ଖବର ପାଇ ମା ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ସଭାପତି ତଥା ସମାଜସେବୀ ଇଂ ଶଙ୍ଖେଶ୍ୱର ପ୍ରସାଦ ମହାନ୍ତିଙ୍କ ପରାମର୍ଶ କ୍ରମେ ବରିଷ୍ଠ ସଦସ୍ୟ ନନ୍ଦନନ୍ଦନ ଜୟସିଂ, ସୁଧାକର ମହାନ୍ତି, ବିଶ୍ୱନାଥ ସ୍ୱାଇଁ ଓ ହରେକୃଷ୍ଣ ବେହେରା ପ୍ରମୁଖ ଆଲୋକଙ୍କ ବାସଭବନରେ ପହଞ୍ଚି ତାଙ୍କୁ ଦଶ ହଜାର (୧୦,୦୦୦/- ) ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ। ମା' ତାରିଣୀ ହେଲପିଙ୍ଗ ହ୍ୟାଣ୍ଡସର ଏଭଳି ବଦାନ୍ୟତା ପାଇଁ ଅଲୋକଙ୍କ ପରିବାର କୃତଜ୍ଞତା ଜଣାଇଥିବା ବେଳେ ଅନୁଷ୍ଠାନର ଏହି କାର୍ଯ୍ୟକୁ ସ୍ଥାନୀୟ ଅଞ୍ଚଳରେ ଭୁୟୀୟସୀ ପ୍ରଶଂସା କରାଯାଇଛି।

## ଦ୍ୱି-ଦିବସୀୟ ଅନ୍ତର୍ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

କେନ୍ଦୁଝର(ଭାସ୍କର ନ୍ୟୁଜ୍): ଧରଣୀଧର ବିଶ୍ୱବିଦ୍ୟାଳୟ ରସାୟନ ବିଭାଗ ଆନୁକୁଲ୍ୟରେ "ଶକ୍ତି ଓ ପରିବେଶ " ବିଷୟବସ୍ତୁକୁ ଆଧାର କରି ଏକ ଦ୍ୱିଦିବସୀୟ ଅନ୍ତର୍ଜାତୀୟ ଆଲୋଚନା ଚକ୍ର ର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିଲେ ଡ଼କ୍ଟର ଏସ ସି ଖୋଟୋଇ ଓ ଉତ୍ସବ ର ସଭାପତିତ୍ୱ କରିଥିଲେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ଼କ୍ଟର ପ୍ରଭୁ ପ୍ରସାଦ ଦାସ।ଆଜି ଉଦଯାପନୀ ଉତ୍ସବ ରେ ବିଦେଶରୁ ଯୋଗଦାନ କରିଥିବା ବିଷୟ ବିଶେଷଜ୍ଞ ମାନେ ହେଉଛନ୍ତି ପ୍ରଫେସର ଲରେନ୍ସ



ବର୍କେଲି ନ୍ୟୁୟର୍କ ବିଶ୍ୱବିଦ୍ୟାଳୟ, ଓ ଡ଼କ୍ଟର ସଜିତ୍ ମାଝୀ ଆବୁଧାବି ସାଉଦି ଆରବ। ବିଭିନ୍ନ ପ୍ରତିଷ୍ଠିତ ଅନୁଷ୍ଠାନ ରୁ ଯୋଗ ଦେଇଥିବା ବ୍ୟକ୍ତି ମାନେ ହେଉଛନ୍ତି ଡ଼କ୍ଟର ଲୁବୁନା ଶେଖ୍ ଟାଟା ଷ୍ଟିଲ ଜାମସେଦପୁର, ଡ଼କ୍ଟର ଉମାଶଙ୍କର ଓଝା ଆଇ ଆଇ ଟି ଭୁବନେଶ୍ୱର , ମିନମେଣ୍ଟ କନ୍ସଲଟାନସି ର ପରିଚାଳନା ନିର୍ଦ୍ଦେଶକ ଏସ ସି ଖୋଟୋଇ। ଶକ୍ତି ର ସୁରକ୍ଷା ଓ ପରିବେଶ ପ୍ରଦୂଷଣ କୁ ରକ୍ଷା କରିବା ପାଇଁ ସମସ୍ତ ବିଶେଷଜ୍ଞ ମାନେ ମତବ୍ୟକ୍ତ କରିଥିଲେ। ଆଲୋଚନାଚକ୍ର ର ସାରାଂଶ ସଂଯୋଜକ ଯୋଶବନ୍ତ ନାରାୟଣ ସିଂ ବାବୁ ଉପସ୍ଥାପନା କରିଥିବା ବେଳେ ଡ଼କ୍ଟର ଅନୁପମା ଦାସ ଆଲୋଚନା ଚକ୍ର ର ଉପାଦେୟତା ଦର୍ଶାଇ ଥିଲେ ଓ ଡ଼କ୍ଟର ଚନ୍ଦ୍ର ଶେଖର ମହାନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଆଜି ସମୁଦାୟ ତିନୋଟି ଅଧିବେଶନ ଅନୁଷ୍ଠିତ ହୋଇଥିଲା ଓ ସମସ୍ତ ଅଧିବେଶନ ର ସଭାପତିତ୍ୱ ଡ଼କ୍ଟର ଶ୍ରୀଧର ସନ୍ୟାସୀ ଖୁବ୍ କୁଶଳତା ର ସହିତ ସମ୍ପାଦନ କରିଥିଲେ। ହାଇବ୍ରିଡ ମୋଡ ( ଅନଲାଇନ୍ ଓ ଅଫଲାଇନ )ରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଓ ଏଥିରେ ଦୁଇଶହ ରୁ ଅଧିକ ଛାତ୍ର ଛାତ୍ରୀ ଓ ତିରିଶ ରୁ ଅଧିକ ଗବେଷକ ସହିତ ବିଭିନ୍ନ ମହାବିଦ୍ୟାଳୟ ରୁ ଅଧ୍ୟାପକ ଓ ଅଧ୍ୟାପିକା ଏଥିରେ ଯୋଗ ଦାନ କରିଥିଲେ। କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଡ଼କ୍ଟର ପ୍ରକାଶ ପଲ୍, ଡ଼କ୍ଟର ଡି ଗ୍ରହଚାର୍ଯ୍ୟ,ଶ୍ରୀମତୀ ରୋନିତା ନାୟକ ତଥା ବିଭାଗ ର ସମସ୍ତ ଅଧ୍ୟାପକ ଓ କର୍ମଚାରୀ ଗଣ।




କଟକ(ଭାସ୍କର ନ୍ୟୁଜ୍): ରାଜ୍ୟସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ୍ରମେ ଖ୍ରୀଷ୍ଟକଲେଜରେ ବାଣିଜ୍ୟ ବିଭାଗ, ଆଇକ୍ୟୁଏସି ଓ ଟାଇମ୍ ପ୍ରାଇଭେଟ୍ ଲିମିଟେଡ୍‌ର ମିଳିତ ସହଯୋଗରେ 'ଇନୋଭେସନ ଓ ଷ୍ଟାର୍ଟଅପ୍' ବିଷୟରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧକ୍ଷା ମଧୁମିତା ପାତ୍ର ଏହି କର୍ମଶାଳାକୁ ଉଦ୍‌ଘାଟନ କରି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅତିଥି ପରିଚୟ ପ୍ରଦାନ କରିଥିଲେ ଆଇକ୍ୟୁଏସିର ସଂଯୋଜକ ପ୍ରାଧ୍ୟାପକ ଶୋଭନ ପଣ୍ଡା। ବାଣିଜ୍ୟ ବିଭାଗର ମୁଖ୍ୟ ଅଧ୍ୟାପକ ସୁବ୍ରତ ବଳ ଏହି କର୍ମଶାଳାର ଆଭିମୁଖ୍ୟ ସଂପର୍କରେ ସୂଚନା ପ୍ରଦାନ କରିଥିଲେ। ବିଶିଷ୍ଟ ଉଦ୍ୟୋଗୀ ମାନସ ଦତ୍ତ ମୁଖ୍ୟବକ୍ତା ଭାବରେ କହିଲେ ଯେ, ବିଦ୍ୟାର୍ଥୀମାନେ କର୍ମ ନିଯୁକ୍ତି ପଛରେ ନ ଗୋଡାଇ ନିଜେ କିପରି ସ୍ୱତନ୍ତ୍ର ଭାବରେ ନୂତନ ବ୍ୟବସାୟର ସତ୍ତ୍ୱାଧିକାରୀ ହୋଇପାରିବେ ସେ ସଂପର୍କରେ ଆଲୋକପାତ କରିଥିଲେ। ଆଇକ୍ୟୁଏସିର ସହ ସଂଯୋଜକ ଡଃ ଦିଲ୍ଲୀପ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ।

### ମହାତ୍ମା ଗାନ୍ଧୀଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉତ୍ସବ

# କୁଷ୍ଠାଶ୍ରମ କେନ୍ଦ୍ର ନୁହେଁ ମାନବିକ ମର୍ଯ୍ୟାଦାର ପବିତ୍ର ସ୍ଥାନ: ରାଜ୍ୟପାଳ



କଟକ(ଭାସ୍କର ନ୍ୟୁଜ୍): ମହାତ୍ମା ଗାନ୍ଧୀଙ୍କ କୁଷ୍ଠାଶ୍ରମ ଆଗମନର ଶତବାର୍ଷିକୀ ପାଳନ ଉପଲକ୍ଷେ କୁଷ୍ଠାଶ୍ରମରେ ଆୟୋଜିତ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ଡକ୍ଟର ହରି ବାବୁ କମ୍ଭମପାଟି କହିଛନ୍ତି ଶହେ ବର୍ଷ ପୂର୍ବେ ୧୯୨୫ ମସିହାରେ, ଗାନ୍ଧୀଜୀ ଓଡ଼ିଶା ରାଜ୍ୟକୁ ତାଙ୍କର ଦ୍ୱିତୀୟ ଗସ୍ତ ସମୟରେ ଏହି ସ୍ଥାନକୁ ଚାଲି ଆସିଥିଲେ। ସେହି ଯାତ୍ରା କେବଳ ଏକ ଶାରୀରିକ ଯାତ୍ରା ନଥିଲା; ଏହା ଏକ ନୈତିକ ତୀର୍ଥଯାତ୍ରା ଥିଲା। ଯେତେବେଳେ କଳଙ୍କ, ଭୟ ଏବଂ ଭେଦଭାବ ସମାଜର ପ୍ରତିକ୍ରିୟାକୁ ପରିଭାଷିତ କରୁଥିଲା, ଗାନ୍ଧୀଜୀ କରୁଣା, ସାହସ ଏବଂ ଯତ୍ନର ସହିତ ପ୍ରତିକ୍ରିୟା ଦେଇଥିଲେ। ସେ କଲୋନୀରେ ରୋଗୀମାନଙ୍କୁ ଅଲଗା କରିବାର ଅଭ୍ୟାସକୁ ବିରୋଧ କରିଥିଲେ, ବିଶ୍ୱାସ କରୁଥିଲେ ଯେ ପୃଥକୀକରଣ କେବଳ ଦୁଃଖକୁ ଆହୁରି ଗଭୀର କରିଥାଏ ଏବଂ କୁଷ୍ଠରୋଗରେ ପୀଡିତ ଲୋକଙ୍କୁ ବାଦ ଦିଆଯିବା ଉଚିତ୍ ନୁହେଁ, ବରଂ ସମାଜ ଗଠନରେ ଏକୀକୃତ କରିବା ଉଚିତ୍। ସେ କହିଥିଲେ ଯେ ଗାନ୍ଧିଜୀଙ୍କ ଉପସ୍ଥିତିର ସରଳତା ଏବଂ ତାଙ୍କ ଆତ୍ମାର ମହାନତା ମାଧ୍ୟମରେ, ସେ ଭୟ ଏବଂ ବାଦର ପ୍ରତିବନ୍ଧକଗୁଡ଼ିକୁ ଭାଙ୍ଗି ଦେଇଥିଲେ ଏବଂ ବାସିନ୍ଦାମାନଙ୍କୁ କରୁଣା ଏବଂ ସମ୍ମାନ ସହିତ ଆଲିଙ୍ଗନ କରିଥିଲେ। ଗାନ୍ଧୀଜୀଙ୍କ ଦୃଷ୍ଟିକୋଣ ଆଜି ଆମ ପାଇଁ ଗଭୀର ଭାବରେ ପ୍ରାସଙ୍ଗିକ। କୁଷ୍ଠ ରୋଗ ହେଉ, HIV/ AIDS ହେଉ କିମ୍ବା କଳଙ୍କ ବହନ କରୁଥିବା ଯେକୌଣସି ଅବସ୍ଥା ହେଉ, ତାଙ୍କର ବାର୍ତ୍ତା ସ୍ପଷ୍ଟ, ଏକ ସମାଜର ପ୍ରକୃତ ପ୍ରଗତି ଏହା ସୁବିଧାପ୍ରାପ୍ତ ଲୋକଙ୍କ ସହିତ କିପରି ବ୍ୟବହାର କରେ ତାହା ଦ୍ୱାରା ନୁହେଁ, ବରଂ ଏହା କିପରି ସବୁଠାରୁ ଦୁର୍ବଳଙ୍କ ପ୍ରତି ଯତ୍ନ ନିଏ ତାହା ଦ୍ୱାରା ମାପ କରାଯାଏ। କୁଷ୍ଠାଶ୍ରମ କେବଳ ଚିକିତ୍ସାର ଏକ କେନ୍ଦ୍ର ନୁହେଁ; ଏହା ଆରୋଗ୍ୟ, ଆଶା ଏବଂ ମାନବିକ ମର୍ଯ୍ୟାଦାର ଏକ ପବିତ୍ର ସ୍ଥାନ। ଗାନ୍ଧୀ ଆମକୁ ମନେ ପକାଇ ଦେଇଛନ୍ତି ଯେ ପ୍ରକୃତ ପ୍ରଗତି କେବଳ ଭୌତିକ କିମ୍ବା ବୈଜ୍ଞାନିକ ସଫଳତା ଦ୍ୱାରା ମପାଯାଏ ନାହିଁ, ବରଂ ସତ୍ୟ, ଅହିଂସା, ସରଳତା ଏବଂ କରୁଣାରେ ବଞ୍ଚିବାର ଆମର କ୍ଷମତା ଦ୍ୱାରା ମପାଯାଏ। ଏହି ଅବସରରେ ରାଜ୍ୟପାଳ କୁଷ୍ଠାଶ୍ରମ ପରିସରରେ ମହାତ୍ମା କୁଷ୍ଠ ସେବା ସ୍ମୃତି ବନର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ କହିଛନ୍ତି କୁଷ୍ଠ ରୋଗୀ ମାନଙ୍କର ଆଧୁନିକ ଚିକିତ୍ସା କରିବା ସହ ଅଙ୍ଗ ହରାଇଥିବା ବ୍ୟକ୍ତିମାନଙ୍କୁ କୃତ୍ରିମ ଅଙ୍ଗ ପ୍ରଦାନ କରାଯିବା ସହ ସେମାଙ୍କର ପୁନଃ ଥଇଥାନର ସମସ୍ତ ବ୍ୟବସ୍ଥା ପ୍ରତି ସରକାର ଯତ୍ନବାନ ଅଛନ୍ତି ବୋଲି କହିଥିଲେ। କଟକ ସାଂସଦ ଭର୍ତ୍ତୃହରି ମହତାବ କାର୍ଯ୍ୟକ୍ରମରେ ଯୋଗ ଦେଇ କହିଲେ ଯେ ସ୍ୱାଧୀନତା ସମସ୍ତଙ୍କ ପାଇଁ। ଦଳିତ, ପ୍ରପୀଡ଼ିତ, ନିଷ୍ପେସିତଙ୍କ ପାଇଁ ମଧ୍ୟ ସମାନ ସ୍ୱାଧୀନତା ଯୋଗାଇ ଦେବା ଥିଲା ମହାତ୍ମା ଗାନ୍ଧୀଙ୍କ ସ୍ୱପ୍ନ। ଏହି ସ୍ୱପ୍ନ ସାକାର କରିବା ଦିଗରେ ଆମେ ସମସ୍ତେ ଯତ୍ନବାନ ହେବା ଆବଶ୍ୟକ। କଟକ ମହାନଗର ନିଗମ ମେୟର୍ ସୁବାସ ଚନ୍ଦ୍ର ସିଂହ, ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ସଦର, ବିଧାୟକ ଇଂ ପ୍ରକାଶ ଚନ୍ଦ୍ର ସେଠୀ, କଟକ ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ, କଟକ ମହାନଗର ନିଗମ ଆୟୁକ୍ତ, ସୁଶ୍ରୀ କିରନଦୀପ କୌର ସହୋତା ପ୍ରମୁଖ କାର୍ଯ୍ୟକ୍ରୀମରେ ଯୋଗ ଦେଇଥିଲେ। ଶେଷରେ ନୟନ କିଶୋର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ରିଙ୍ଗ ରୋଡ୍ ପାଇଁ ମୋଦିଙ୍କୁ ଧନ୍ୟବାଦ ଦେଲେ ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜ୍ୟକୁ ରିଙ୍ଗ ରୋଡ୍ ପାଇଁ ଅନୁମୋଦନ ମିଳିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ରାଜ୍ୟ ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ମଧ୍ୟ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ବୁଧବାର ଦିନ ରାଜ୍ୟ ଅତିଥି ଭବନରେ ଏହି ଧନ୍ୟବାଦ ଜ୍ଞାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଏହି ଧନ୍ୟବାଦ ଜ୍ଞାପନ କାର୍ଯ୍ୟକ୍ରମରେ ବିଜେପିର ବରିଷ୍ଠ ବିଧାୟକ, ମନ୍ତ୍ରୀ ତଥା କାର୍ଯ୍ୟକର୍ତ୍ତା ମାନେ ସାମିଲ ହୋଇଥିଲେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି, ଓଡ଼ିଶା ପ୍ରତି ପ୍ରଧାନମନ୍ତ୍ରୀଙ୍କ ଭଲପାଇବା ରହିଛି । କ୍ୟାପିଟାଲ ରିଜନ୍ ରିଙ୍ଗ ରୋଡ ପାଇଁ ନୀତିନ ଗଡକରୀଙ୍କ ପାଖରେ ଆମେ ଦାବି କରିଥିଲୁ । ଗତକାଲି କ୍ୟାବିନେଟରେ ଏହାକୁ ସେ ମଞ୍ଜୁରୀ ଦେଇଛନ୍ତି । ପ୍ରାୟ ୮ ହଜାର ୩୫୨ କୋଟି ଟଙ୍କା ବ୍ୟୟ ବରାଦ ହୋଇଥିବା ଏହି ରିଙ୍ଗ ରୋଡ ଓଡ଼ିଶାର ୧୧୧ କିଲୋମିଟର ରାସ୍ତାକୁ କଭର କରିବ । ଯାହାକି ଖୋର୍ଦ୍ଧା ରାମେଶ୍ୱର ଠାରୁ ଆରମ୍ଭ ହୋଇ କଟକ ଟାଙ୍ଗୀ ପର୍ଯ୍ୟନ୍ତ ଯିବ। ଏହାଫଳରେ ରାଜ୍ୟରେ ଅର୍ଥନୈତିକ ବିକାଶ ହେବା ସହ ଯୋଗାଯୋଗ କ୍ଷେତ୍ରରେ ବୃଦ୍ଧି ହେବ। ଏବେ ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ଚୌଦ୍ୱାର ଓ ବାଙ୍କୀକୁ କ୍ୟାପିଟାଲ ରିଜିୟନ କୁହାଯିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ । ଆଗକୁ ଗୋଠପାଟଣା ଠାରେ ନୂଆ ସିଟି ପାଇଁ ଏହି ରିଙ୍ଗ ରୋଡ ସହାୟକ ହେବ। ଏହି ରିଙ୍ଗ ରୋଡ୍ ଫଳରେ ରାଜ୍ୟରେ ଆଇଟି, ଟେକ୍ସଟାଇଲ ଭଳି ଉଦ୍ୟୋଗର ବୃଦ୍ଧି କ୍ଷେତ୍ରରେ ଏହା ସହାୟକ ହେବ। ପୂର୍ବରୁ ପୋସ୍କୋ ଓଡ଼ିଶାରୁ ଫେରିଯାଇଥିଲେ ଆଉ ଏବେ ପୁଣି ଓଡ଼ିଶାକୁ ଫେରିଛି। ଭାରତ ବର୍ଷରେ ଓଡ଼ିଶା ଉଦ୍ୟୋଗ ପାଇଁ ଉପଯୁକ୍ତ ସ୍ଥାନ ବୋଲି ଏଥିରୁ ଜଣାଯାଇଛି । ଏବେ ସଂପୂର୍ଣ୍ଣ ଓଡ଼ିଶାରେ ଶିଳ୍ପ ବୃଦ୍ଧି ହେବ । ଓଡ଼ିଶା ଏକ ସମ୍ଭାବନାର ରାଜ୍ୟ ଭାବେ ସାରା ଦେଶରେ ପରିଗଣିତ ହେବ । ଏହାସହ ଜେଏସ୍‌ଡବ୍ଲ୍ୟୁ କେନ୍ଦୁଝରରେ ଉଦ୍ୟୋଗ ପାଇଁ ଖର୍ଚ୍ଚ ହେବ ୫୦ ହଜାର କୋଟି ଟଙ୍କା । ଏଥିପାଇଁ ମୋଦି ମଧ୍ୟ ଜେଏସ୍‌ଡବ୍ଲ୍ୟୁକୁ ବଧେଇ ଦେଇଛନ୍ତି । ଆଗକୁ ଆହୁରି ଶିଳ୍ପ ଆସିବ ସହ ସମୃଦ୍ଧ ହେବ ଓଡିଶା । ଭିଜନ ୨୦୩୬ ପାଇଁ ଆଉ ଏକ ପଦ ଆଗକୁ ବଢ଼ିଛି ଓଡ଼ିଶା । ଶ୍ରେଷ୍ଠ ୫ ରାଜ୍ୟରେ ଗଣତି ହେବ ଓଡିଶା। ପ୍ରତି ପ୍ରୋଜେକ୍ଟକୁ ମୋଦି ମଞ୍ଜୁର କରିଛନ୍ତି । ଏହା ରାଜ୍ୟର ବିକାଶକୁ ବହୁଗୁଣିତ କରିବ ବୋଲି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ।

# ସିକଲ୍ ସେଲ୍ ଏବଂ ଥାଲାସେମିଆ ପରିଚାଳନା ବୈଠକ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସିକଲ୍ ସେଲ୍ ଏବଂ ଥାଲାସିମିଆ ପରିଚାଳନା ବୈଠକ କମିଶନର ତଥା ଶାସନ ସଚିବ ଅସ୍ୱତୀ ଏସ.ଙ୍କ ଅଧକ୍ଷତାରେ ଅନୁଷ୍ଠିତ ହେଇଛି । ବୈଠକରେ ରାଜ୍ୟରେ ସିକଲ୍ ସେଲ୍ ଓ ଥାଲାସିମିଆର ବର୍ତମାନ ସ୍ଥିତି, ପ୍ରାରମ୍ଭିକ ସନ୍ଧାନ, ପ୍ରତିରୋଧୀମୂଳକ ବ୍ୟବସ୍ଥା, ଚିକିତ୍ସା ସୁବିଧା ଓ ରୋଗୀ ସେବା ସମ୍ପର୍କରେ ସମୀକ୍ଷା କରାଯାଇଛି । ଏହି ବୈଠକରେ ସ୍କ୍ରିନିଂ ପ୍ରୋଗ୍ରାମ୍, ଜିନେଟିକ କାଉନସିଲିଙ୍ଗ, ନିଦାନ ସୁବିଧା ବାବଦରେ ଆଲୋଚନା କରାଯାଇଛି। ଏନ୍‌ଏଚ୍‌ଏମ୍ ମିଶନ୍ ଡିରେକ୍ଟର୍ ଡ଼. ବୃନ୍ଦା ଡି. ପିପିଟି ପ୍ରେଜେଣ୍ଟେସନ ମାଧ୍ୟମରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ଓଡ଼ିଶାର ୨୧ଟି ଜିଲ୍ଲା, ଯଥା- ଅନୁଗୁଳ, ବଲାଙ୍ଗିର, ବାଲେଶ୍ୱର, ବରଗଡ଼, ବୌଦ୍ଧ, ଦେବଗଡ଼, ଗଜପତି, ଗଞ୍ଜାମ, ଝାରସୁଗୁଡ଼ା, କଳାହାଣ୍ଡି, କନ୍ଧମାଳ, କେନ୍ଦୁଝର, କୋରାପୁଟ, ମାଲକାନଗିରି, ମୟୂରଭଞ୍ଜ, ନବରଙ୍ଗପୁର, ନୂଆପଡା, ରାୟଗଡା, ସମ୍ବଲପୁର, ସୁବର୍ଣ୍ଣପୁର ଓ ସୁନ୍ଦରଗଡ଼କୁ ଜାତୀୟ ସିକେଲ ସେଲ ଆନିମିଆ ନିରାକରଣ ମିଶନ୍ ଅନ୍ତର୍ଗତ କରାଯାଇଛି । ଏହି ଜିଲ୍ଲାଗୁଡ଼ିକରେ ବିଭିନ୍ନ ମାଧ୍ୟମରେ ସିକେଲ ସେଲ ପରୀକ୍ଷା ସୁବିଧା ଯୋଗାଇଦିଆଯାଉଛି । ବିଦ୍ୟାଳୟ ଓ ଆଙ୍ଗନବାଡ଼ି କେନ୍ଦ୍ର ସ୍ତରରେ ଜନ୍ମରୁ ୧୮ ବର୍ଷ ଅବଧିର ଶିଶୁମାନଙ୍କୁ ଆରବିଏସକେ ଟିମ୍ ଦ୍ୱାରା ସ୍କ୍ରିନିଂ ଏବଂ ଗର୍ଭବତୀ ମହିଳାମାନଙ୍କୁ ଆନ୍ଟିନେଟାଲ୍ କେୟାର ସମୟରେ ସ୍କ୍ରିନିଂ କରାଯାଉଛି। ଆଦିବାସୀ ଅଞ୍ଚଳରେ, ମୋବାଇଲ୍ ହେଲ୍ଥ ୟୁନିଟ୍ ମାଧ୍ୟମରେ ପରୀକ୍ଷା ସୁବିଧା ଯୋଗାଇଦିଆଯାଉଛି। ସହର ଅଞ୍ଚଳରେ, ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର ଏବଂ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ତରରେ ପରୀକ୍ଷା ସୁବିଧା କରାଯାଇଛି। ସଭାରେ ସ୍ୱତନ୍ତ୍ର ସଚିବ ଡା. ବିଜୟ ମହାପାତ୍ର, ସ୍ୱତନ୍ତ୍ର ସଚିବ ଶ୍ରୀମତୀ ସ୍ମିତା ବିଶ୍ୱାଳ, ଡା. ଜିତେନ୍ଦ୍ର ବେବର୍ତା, ନିର୍ଦ୍ଦେଶକ ଡା. ବିଶ୍ୱମୋହନ ମିଶ୍ର, ଯୁଗ୍ମ ସଚିବ ଶ୍ରୀକାନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ ।

# ବାଦ୍ ପଡ଼ିଥିବା ୪୪ ଅଞ୍ଚଳକୁ ତୁରନ୍ତ ଏନଏସି ମାନ୍ୟତା ଦିଅ: ବିଜେଡି




ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବିଜେଡି ସରକାର ରାଜ୍ୟରେ ୫୬ଟି ନୂଆ ଏନଏସି ଘୋଷଣା କରିଥିଲେ, ଯାହା ମଧ୍ୟରୁ କେବଳ ୧୨ଟି ଅଞ୍ଚଳକୁ ଏନଏସି ମାନ୍ୟତା ଦେବା ପାଇଁ ରାଜ୍ୟ ସରକାର ନେଇଥିବା ନିଷ୍ପତ୍ତିକୁ ବିଜୁ ଜନତା ଦଳ କଡ଼ା ସମାଲୋଚନା କରିଛି । ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବିଧାୟକ ତଥା ବରିଷ୍ଠ ସାଧାରଣ ସମ୍ପାଦକ ଦିବ୍ୟ ଶଙ୍କର ମିଶ୍ର ଓ ବିଧାୟକ ତଥା କଳାହାଣ୍ଡି ଜିଲ୍ଲା ସଭାପତି ପ୍ରଦୀପ ଦିଶାରୀ ରାଜ୍ୟ ସରକାରଙ୍କ ଏହି ନିଷ୍ପତ୍ତି ବିରୋଧରେ ବର୍ଷିଛନ୍ତି । ଦିବ୍ୟ ଶଙ୍କର ମିଶ୍ର କହିଥିଲେ, ସରକାର ଏକ ନିରନ୍ତର ପ୍ରକ୍ରିୟା । ପୂର୍ବ ବିଜେଡି ସରକାରଙ୍କ ଦ୍ୱାରା ନିଆଯାଇଥିବା ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବାକୁ ବର୍ତ୍ତମାନର ବିଜେପି ସରକାର ରାଜନୈତିକ ଦୃଷ୍ଟିକୋଣରୁ ପଛଘୁଞ୍ଚା ଦେବା ଦୁର୍ଭାଗ୍ୟଜନକ । ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ବିଜେଡି ସରକାର ୫୬ଟି ଏନଏସି ଘୋଷଣା କରିଥିଲେ । କିନ୍ତୁ ବର୍ତ୍ତମାନର ବିଜେପି ସରକାର ମାତ୍ର ୧୨ଟି ଅଞ୍ଚଳକୁ ସ୍ୱୀକୃତି ଦେବା, ରାଜ୍ୟର ବିକାଶକୁ ପଛକୁ ନେବା ସଦୃଶ୍ୟ । ରାଜ୍ୟ ସରକାର ତୁରନ୍ତ ବାକି ରହିଯାଇଥିବା ୪୪ଟି ଅଞ୍ଚଳକୁ ଏନଏସି ଘୋଷଣା କରନ୍ତୁ । ପ୍ରଦୀପ ଦିଶାରୀ କହିଥିଲେ, କଳାହାଣ୍ଡି ଜିଲ୍ଲାରେ ମଦନପୁର ରାମପୁର, ନର୍ଲା, ଜୟପାଟଣା ଓ ନୂଆପଡା ଜିଲ୍ଲାର ସିନାପାଲିକୁ ଏନଏସି କରାଯିବ ବୋଲି ବିଜେଡି ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିଲା । କିନ୍ତୁ ବର୍ତ୍ତମାନର ବିଜେପି ସରକାରଙ୍କ ଦ୍ୱାରା ଘୋଷିତ ହୋଇଥିବା ୧୨ଟି ଏନଏସି ମଧ୍ୟରେ କଳାହାଣ୍ଡି ଓ ନୂଆପଡା ଜିଲ୍ଲାର ଗୋଟିଏ ବି ପୂର୍ବ ଘୋଷିତ ଅଞ୍ଚଳ ଏନଏସି ମାନ୍ୟତା ପାଇନାହିଁ, ଯାହା ଏହି ଦୁଇ ଜିଲ୍ଲାବାସୀଙ୍କୁ ନିରାଶ କରିଛି । ରାଜ୍ୟ ସରକାରଙ୍କୁ ଆମେ ଚେତାବନୀ ଦେଉଛୁ ଯେ, ସରକାର ତୁରନ୍ତ ନିଷ୍ପତ୍ତିର ପୁନଃର୍ବିଚାର କରି ପୂର୍ବ ଘୋଷିତ ସ୍ଥାନ ଗୁଡିକୁ ଏନଏସିର ମାନ୍ୟତା ଦିଅନ୍ତୁ, ନଚେତ ବିଜେଡି ଏହା ବିରୋଧରେ ରାଜରାସ୍ତାକୁ ଓହ୍ଲାଇବ ।

## ରାଜଧାନୀରେ ମାତିଲେ ଲୁଟେରା

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ରାଜଧାନୀରେ ମାତିଲେ ଲୁଟେରା। ପୁଣି ହେଲା ଭୁବନେଶ୍ୱରରେ ସିରିଜ୍ ଲୁଟ୍। ଧଉଳି ଥାନା ଅଞ୍ଚଳରେ ଏକାଧିକ ଘରେ ବୁଲାଇଲେ କଳାକନା। ଉପର ମହଲାରେ ଥିବା ଲୋକଙ୍କୁ ବାହାରୁ ତାଲା ପକାଇ ଲୁଟିଲେ ଲୁଟେରା । ଘରର ସମସ୍ତ ତାଲା ଓ ଗୋଦରେଜ୍ ଭାଙ୍ଗି ବ୍ୟବସାୟୀଙ୍କ ଘରୁ ୧୦ଲକ୍ଷ ଟଙ୍କାର ସୁନା ଗହଣା ଲୁଟ୍ ହୋଇଛି । ପୁଅର ଆଡମିସନ୍ କରିବା ପାଇଁ ପରିବାର ସହ ବୁର୍ଲା ଯାଇଥିଲେ ଘର ମାଲିକ ଶୁଭ୍ରାଂଶୁ ନାୟକ। ସିସିଟିଭିରେ ମୁଖାପିନ୍ଧା ଲୁଟେରା ଶାବଳ ଧରି ବୁଲୁଥିବାର ଦୃଶ୍ୟ କଏଦ୍ ହୋଇଛି । ସିସିଟିଭି ଯାଞ୍ଚ ସହ ଲୁଟେରାଙ୍କୁ ଧରିବାକୁ ଧଉଳି ପୋଲିସ ମାରାଥନ୍ ଚଢାଉ କରିଛି।

# ୨୩ରେ ମେଗା ରକ୍ତଦାନ ଶିବିର



କଟକ(ଭାସ୍କର ନ୍ୟୁଜ୍): ସ୍ୱେଚ୍ଛାସେବୀ ସଗଠନ ମୋକିମ ଫାଉଣ୍ଡେସନ ପକ୍ଷରୁ ଆସନ୍ତା ୨୩ ତାରିଖ ଶନିବାର ଦିନ 'ଅମୃତଧାରା' ମେଗା ରକ୍ତଦାନ ଶିବିର ଆୟୋଜନ କରାଯାଉଅଛି । ଫାଉଣ୍ଡେସନ ପକ୍ଷରୁ କଟକର ୩ ଗୋଟି ସ୍ଥାନରେ ଯଥା ସେଲ୍ଟର ଛକ ସ୍ଥିତ ବାରବାଟୀ-କଟକ ବିଧାୟିକାଙ୍କ ଆବାସିକ କାର୍ଯ୍ୟାଳୟ, ମାଣିକଘୋଷ ବଜାରସ୍ଥିତ ମାରୱାଡି କ୍ଲବ ଓ ସିଡିଏ ସେକ୍ଟର-୯ର ଡକ୍ଟର ଟମ୍ପେ ରୋଡରେ ଥିବା ଏସଏନ ଟାଏକୋଣ୍ଡ ଏକାଡେମୀରେ ସକାଳ ୯ରୁ ସନ୍ଧ୍ୟା ୫ ଘଟିକା ପର୍ଯ୍ୟନ୍ତ ରକ୍ତଦାନ ଶିବିର ଆୟୋଜନ ହେବ। ଶିବିରରୁ ମୋଟ ୭୦୦ରୁ ୭୫୦ ୟୁନିଟ ପର୍ଯ୍ୟନ୍ତ ରକ୍ତ ସଂଗ୍ରହର ଲକ୍ଷ୍ୟ ରଖାଯାଇଛି। ସେହିପରି ଆସନ୍ତା ନଭେମ୍ବର ମାସରେ ମୋକିମ ଫାଉଣ୍ଡେସନ ପକ୍ଷରୁ ଗଣ ବିବାହ ପାଇଁ ଜୋରଦାର ପ୍ରସ୍ତୁତି ଚାଲିଛି। ଯେଉଁ ପରିବାରର ଝିଅମାନେ ଅର୍ଥାଭାବରୁ ବିବାହରୁ ବଂଚିତ ହୋଇଯାଉଛନ୍ତି ସେଇ ଝିଅମାନଙ୍କୁ ଏକାଠି କରି ଗଣ ବିବାହ କରାଯିବ। ବିବାହରେ ହେବାକୁ ଥିବା ଖର୍ଚ୍ଚ ସହ ବନ୍ଧୁ ବାନ୍ଧବଙ୍କୁ ଭୋଜି, କନ୍ୟା ଓ ବରଙ୍କୁ ବସ୍ତ୍ର ଏବଂ ଝିଅକୁ ଆବଶ୍ୟକୀୟ ଆସବାବପତ୍ର ପ୍ରଦାନ କରାଯିବ। ବିବାହରେ ସାମିଲ ହେବା ପାଇଁ ପ୍ରଥମେ ନାମ ପଞ୍ଜିକରଣ କରିବାକୁ ପଡିବ। ଫାଉଣ୍ଡେସନ ଟିମ୍ ଏହାର ଯାଞ୍ଚ କରି ସାରିଲା ପରେ ଯୋଗ୍ୟ ପାର୍ଥିଙ୍କୁ ଏଥିରେ ସାମିଲ କରାଯାଇ ଗଣବିବାହ ଅନୁଷ୍ଠିତ ହେବ।

## ମେଟ୍ରୋ ପାଇଁ ଗଠନ କମିଟି ବିଭିନ୍ନ ସ୍ଥାନକୁ ଯାଇ ସର୍ଭେ କରିବ: ମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କେନ୍ଦ୍ର ସରକାରଙ୍କ ସହଯୋଗ ଏବଂ ପରାମର୍ଶରେ ହେବ ମେଟ୍ରୋ । ଏନେଇ କେନ୍ଦ୍ର ସରକାରଙ୍କୁ ଅବଗତ କରାଯାଇଛି । ଏକ କମିଟି କରାଯାଇଛି ସେ କମିଟି ବିଭିନ୍ନ ସ୍ଥାନକୁ ଯାଇ ସର୍ଭେ କରିବ । ରିପୋର୍ଟ ଦେବା ପରେ କେନ୍ଦ୍ରର ସାହାଯ୍ୟ ଲୋଡାଯିବ। କେମିତି ଫିଜିବୁଲ ହେବ ମେଟ୍ରୋ ସେ ନେଇ ରିପୋର୍ଟ ଦେବ କମିଟି। ରିପୋର୍ଟ ଅନୁସାରେ କେନ୍ଦ୍ର କେତେ ଆର୍ଥିକ ସହାୟତା ଦେବ ରାଜ୍ୟ କେତେ ଖର୍ଚ୍ଚ କରିବ ନିଷ୍ପତ୍ତି ନିଆଯିବ । କମିଟି ରିପୋର୍ଟ ଦେବା ପରେ ମୁଖ୍ୟମନ୍ତ୍ରୀ ମଧ୍ୟ ଏନେଇ କେନ୍ଦ୍ର ସରକାରଙ୍କ ସହ ଅଧିକ ଆଲୋଚନା କରିବେ ବୋଲି ମନ୍ତ୍ରୀ କହିଛନ୍ତି ।

## ଆମ ବସ୍ ସାଇଡ୍ ମାରିବାରୁ ବସ୍ କାଚ ଭାଙ୍ଗିଲେ ଚାଳକ


ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): କାର୍‌କୁ ଆମ ବସ୍ ସାଇଡ୍ ମାରିବାରୁ ତୁମୁଳକାଣ୍ଡ। ଚନ୍ଦ୍ରଶେଖରପୁର ପେଟ୍ରୋଲ ପମ୍ପ ଆଗରେ ହାଇଡ୍ରାମା। ଆମ ବସ୍ ସାଇଡ୍ ମାରିବାରୁ କାର୍ ଚାଳକ ଭାଙ୍ଗିଲେ ବସ୍ କାଚ। ରାସ୍ତା ମଝିରେ ଅଟକିଛି ଆମ ବସ୍। ନାଲକୋ ଡମଣା ରାସ୍ତା ଜାମ୍। ଘଟଣା ସ୍ଥଳରେ ଦୁଇଟି ପିଶିଆର୍ ଟିମ ପହଞ୍ଚି ଖୋଳ ତାଡ଼ ଜାରି ରଖିଛି। ସେପଟେ ଘଟଣା ଘଟାଇ କାର ଚାଳକ ଫେରାର ହୋଇଯାଇଛି ।

# କଂଗ୍ରେସ ପକ୍ଷରୁ ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଭାରତ ରତ୍ନ ସ୍ୱର୍ଗତ ରାଜୀବ ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ କଂଗ୍ରେସ ଭବନ ଭୁବନେଶ୍ୱର ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ କଂଗ୍ରେସ ନେତୃବୃନ୍ଦ ଭୁବନେଶ୍ୱର ରାଜୀବଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ କଂଗ୍ରେସ ଭବନ ପରିସରରେ ଥିବା ରାଜୀବ ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପିସିସି ପକ୍ଷରୁ ମାଲ୍ୟାର୍ପଣ କରାଯାଇଥିଲା। ଆଜିର ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦରାମଚନ୍ଦ୍ର କାଡାମ, ପ୍ରସାଦ ହରିଚନ୍ଦନ, ନଗେନ୍ଦ୍ର ପ୍ରଧାନ, ଅନନ୍ତ ପ୍ରସାଦ ସେଠୀ, ଶିବାନନ୍ଦ ରାୟ, ଶରତ ରାଉତ, ସୁରେଶ କୁମାର ରାଉତରାୟ, ସମୀର କୁମାର ରାଉତରାୟ, ଶୁଭେନ୍ଦୁ ମହାନ୍ତି ପ୍ରମୁଖ ବହୁ କଂଗ୍ରେସ ନେତୃବୃନ୍ଦ ଓ କର୍ମୀ ଉପସ୍ଥିତ ଥିଲେ।

# ନୂତନ ସହର ରୂପରେଖ ନେଇ ଆଲୋଚନା



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ସିଙ୍ଗାପୁର ସ୍ଥିତ ଅନ୍ତର୍ଜାତୀୟ ପରାମର୍ଶଦାତା ସଂସ୍ଥା ସୁରବନ ଜୁରଙ୍ଗର ଦକ୍ଷିଣ ଏସିଆର ମୁଖ୍ୟ କାର୍ଯ୍ୟନିର୍ବାହୀ ଅବିନାଶ ମିଶ୍ରା ଏବଂ ଆଞ୍ଚଳିକ ନିର୍ଦ୍ଦେଶକ ଅଭିଷେକ ମାଲହୋତ୍ରା ବୁଧବାର ଗୃହ ନିର୍ମାଣ ଏବଂ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀଙ୍କୁ ସାକ୍ଷାତ କରି ଆଲୋଚନା କରିଛନ୍ତି । ଏହି ଆଲୋଚନାରେ ଭୁବନେଶ୍ୱରରେ ପ୍ରସ୍ତାବିତ ନୂତନ ସହର ପ୍ରକଳ୍ପ ଉପରେ ବିଶେଷ ଗୁରୁତ୍ୱ ଦେଇ ସହରାଞ୍ଚଳ ଭିତିଭୂମି ଏବଂ ପରିଚାଳିତ ସେବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଓଡ଼ିଶା ସରକାର ପ୍ରସ୍ତାବିତ ନୂତନ ସହର ପାଇଁ ପ୍ରାୟ ୩୩୮.୪୩୬ ହେକ୍ଟର ଜମି ଚିହ୍ନଟ କରିଛନ୍ତି। ଏହାକୁ ସହରାଞ୍ଚଳ ଚ୍ୟାଲେଞ୍ଜ ପାଣ୍ଠି ଅଧୀନରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରାଯିବ। ଏ ସମ୍ପର୍କରେ ସିଙ୍ଗାପୁର ରାଷ୍ଟ୍ରପତିଙ୍କ ଭୁବନେଶ୍ୱର ଗସ୍ତ ସମୟରେ ବିଡିଏ ଏବଂ ଜେଏଲଏଲ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଉଷା ପାଢୀ କହିଛନ୍ତି, ଭୁବନେଶ୍ୱର ନୂତନ ସହର ପ୍ରକଳ୍ପ ଓଡ଼ିଶା ପାଇଁ ଏକ ବିଶ୍ୱସ୍ତରୀୟ ସହରାଞ୍ଚଳ କେନ୍ଦ୍ର ଗଠନ ଏକ ଯୁଗାନ୍ତକାରୀ ପଦକ୍ଷେପ, ଯାହା ଭବିଷ୍ୟତ ପୀଢ଼ି ପାଇଁ ଅନ୍ତର୍ଭୁକ୍ତି, ସ୍ଥାୟୀତ୍ୱ ଏବଂ ସ୍ଥିରତାକୁ ପ୍ରତିଫଳିତ କରେ।

## ମେଟ୍ରୋ ପାଇଁ କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ରାଜ୍ୟ ସରକାର

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଭୁବନେଶ୍ୱର ମେଟ୍ରୋ ପାଇଁ ଫିଟୁଛି ବାଟ । କେନ୍ଦ୍ର ସରକାରଙ୍କୁ ପ୍ରସ୍ତାବ ଦେଲେ ରାଜ୍ୟ ସରକାର । କେନ୍ଦ୍ର ଗୃହ ଏବଂ ନଗର ବ୍ୟାପାର ମନ୍ତ୍ରୀ ମନ୍ତ୍ରଣାଳୟର ରାଜ୍ୟ ମନ୍ତ୍ରୀ ତୋଖାନ ସାହୁ ରାଜ୍ୟସଭାରେ ଉତ୍ତର ରଖି କହିଛନ୍ତି କି ମେଟ୍ରୋ ରେଳ ପ୍ରକଳ୍ପଗୁଡ଼ିକ ବ୍ୟୟସାପେକ୍ଷ। ତେଣୁ ଏହି ପ୍ରକଳ୍ପଗୁଡ଼ିକର ଦୀର୍ଘକାଳୀନ କାର୍ଯ୍ୟକ୍ଷମତା ଏବଂ ସ୍ଥାୟୀତ୍ୱ ସୁନିଶ୍ଚିତ କରିବା ପାଇଁ ମେଟ୍ରୋ ନୀତି ୨୦୧୭ ର ବ୍ୟବସ୍ଥା ଅନୁଯାୟୀ ଯୋଜନା କରାଯାଇଛି। ଓଡ଼ିଶା ସରକାର ପୂର୍ବରୁ ଭାରତ ସରକାରଙ୍କ ସୂଚନା ଏବଂ ଆର୍ଥିକ ସହାୟତା ବିନା ଭୁବନେଶ୍ୱର ମେଟ୍ରୋ ରେଳ ପ୍ରକଳ୍ପ ସହିତ ଆଗକୁ ବଢ଼ିଥିଲେ। ଓଡ଼ିଶା ସରକାର ସୂଚନା ଦେଇଛନ୍ତି ଯେ ଫିଜିବୁଲିଟ ରିପୋର୍ଟ ଅନୁଯାୟୀ ଭୁବନେଶ୍ୱରୁ ମେଟ୍ରୋ ପ୍ରକଳ୍ପର ମୂଳ ସମ୍ଭାବ୍ୟତା ଫଳାଫଳ ଅନୁଯାୟୀ, ୨୦୨୮, ୨୦୩୧, ୨୦୪୧, ୨୦୫୧ ଏବଂ ୨୦୫୪ ବର୍ଷ ପାଇଁ ଦୈନିକ ଯାତ୍ରୀ ସଂଖ୍ୟା ଯଥାକ୍ରମେ ୬୭,୩୬୭, ୭୨,୨୧୪, ୯୮,୮୩୫, ୧,୪୨,୭୪୦ ଏବଂ ୧,୬୦,୫୬୪ ହେବ।


## ପର୍ବପର୍ବାଣୀ ଓ ଉତ୍ସବ ଆୟୋଜକଙ୍କ ପାଇଁ ବିଦ୍ୟୁତ୍ ସୁରକ୍ଷା ସମ୍ବନ୍ଧୀୟ ପରାମର୍ଶ


- ଅନାଧିକୃତ ବିଦ୍ୟୁତ୍ ସଂଯୋଗରୁ ଦୂରେଇ ରୁହନ୍ତୁ ଏବଂ ଉପଯୁକ୍ତ ଦେୟ ପଇଠ କରି ଡିସ୍କମ୍ ରୁ ବିଦ୍ୟୁତ୍ ସଂଯୋଗ ନିଅନ୍ତୁ।
- ଅସ୍ଥାୟୀ ପୂଜା ପେଣ୍ଡାଲ୍ ନିର୍ମାଣ କରିବା ଏବଂ ଭସାଣି ଉତ୍ସବ କରିବା ପୂର୍ବରୁ ସ୍ଥାନୀୟ ବିଦ୍ୟୁତ୍ ବିତରଣ କାର୍ଯ୍ୟାଳୟକୁ ସୂଚନା ଦିଅନ୍ତୁ ଏବଂ ଆବଶ୍ୟକ ଅନୁମତି ନିଅନ୍ତୁ।
- ବୈଦ୍ୟୁତିକ କାର୍ଯ୍ୟ ତାଲିମପ୍ରାପ୍ତ ଇଲେକ୍ଟ୍ରିସିଆନ୍ ଙ୍କ ଦ୍ୱାରା କରାନ୍ତୁ ଏବଂ କାମ କରିବା ସମୟରେ ବ୍ୟକ୍ତିଗତ ସୁରକ୍ଷା ଉପକରଣର ବ୍ୟବହାର ସୁନିଶ୍ଚିତ କରାନ୍ତୁ।
- ବିଦ୍ୟୁତ୍ ଲାଇନ୍ ତଳେ କିମ୍ବା ନିକଟରେ ପୂଜା ମଣ୍ଡପ ନିର୍ମାଣ ଏବଂ ସାଜସଜ୍ଜା କରନ୍ତୁ ନାହିଁ।
- ବିଦ୍ୟୁତ୍ ଖୁଣ୍ଟ, ସବଷ୍ଟେସନ୍ କିମ୍ବା ଷ୍ଟେ ତାରକୁ ସାଜସଜ୍ଜାରେ କାର୍ଯ୍ୟରେ ବ୍ୟବହାର କରନ୍ତୁ ନାହିଁ।
- ବିଦ୍ୟୁତ୍ ଆଘାତରୁ ସୁରକ୍ଷା ନିମନ୍ତେ ଆର.ସି.ସି.ବି ବ୍ୟବହାର କରନ୍ତୁ।
- ଉପଯୁକ୍ତ ରେଟିଙ୍ଗ୍ ର ଆଇ.ଏସ.ଆଇ ମାନକଯୁକ୍ତ ଉପକରଣ ଯଥା ତାର, କେବୁଲ, ସର୍କିଟ୍ ବ୍ରେକର ଏବଂ ଅନ୍ୟାନ୍ୟ ଉପକରଣ ବ୍ୟବହାର କରନ୍ତୁ।
- ଉତ୍ସବ ପାଳନ ସମୟରେ ଓଭରଲୋଡିଂ ଏବଂ ସମ୍ଭାବ୍ୟ ବ୍ଲାକଆଉଟ୍ ରୋକିବା ପାଇଁ ବୈଦ୍ୟୁତିକ ଲୋଡ୍‌କୁ ସଠିକ୍ ଭାବରେ ପରିଚାଳନା କରନ୍ତୁ।
- ଅସ୍ଥାୟୀ ଡିଜି ସେଟ୍ ବ୍ୟବହାର କରୁଥିଲେ ସଠିକ୍ ଆର୍ଥିଙ୍ଗ୍ ଏବଂ ଚେଞ୍ଜଓଭର ସୁଇଚ୍ ବ୍ୟବହାର କରନ୍ତୁ।
- ଖୋଲା ସ୍ଥାନରେ ବ୍ୟବହୃତ ବୈଦ୍ୟୁତିକ ଉପକରଣ ଗୁଡିକୁ ପାଣି ଓ ବର୍ଷାରୁ ସୁରକ୍ଷା ନିମନ୍ତେ, ଉପଯୁକ୍ତ ଆଇ.ପି (ଆଇ.ପି ୬୫/ଆଇ.ପି ୬୬/ଆଇ.ପି ୫୫) ମାନକଯୁକ୍ତ ଥିବା ଉପକରଣ ବ୍ୟବହାର କରନ୍ତୁ।
- ସୁନିଶ୍ଚିତ କରନ୍ତୁ ଯେ ସମସ୍ତ ବୈଦ୍ୟୁତିକ ସ୍ଥାପନା ସଠିକ୍ ଭାବେ ଆର୍ଥିଙ୍ଗ୍ ହୋଇଛି କି ନାହିଁ।
- ସୁନିଶ୍ଚିତ କରନ୍ତୁ ଯେ ବୈଦ୍ୟୁତିକ ଅଗ୍ନିକାଣ୍ଡର ମୁକାବିଲା ପାଇଁ ଉପଯୁକ୍ତ ଅଗ୍ନି ନିର୍ବାପକ ବ୍ୟବସ୍ଥା ସ୍ଥାପିତ ହୋଇଛି।
- ନିଶ୍ଚିତ କରନ୍ତୁ ଯେ ସମସ୍ତ ଉତ୍ସବ ପାଳନ ସ୍ଥାନ ଗୁଡିକୁ ବୈଦ୍ୟୁତିକ ସୁରକ୍ଷା ପାଇଁ ନଜରରେ ରଖାଯାଇଛି ଏବଂ ଯଦି କୌଣସି ସ୍ଥାନରେ ବୈଦ୍ୟୁତିକ ଇନଷ୍ଟାଲେସନ୍ ଅସୁରକ୍ଷିତ ଥାଏ, ତୁରନ୍ତ ଡିସ୍କମ୍ ଅଧିକାରୀଙ୍କୁ ଜଣାନ୍ତୁ।
- ବୈଦ୍ୟୁତିକ ସୁରକ୍ଷା ପରାମର୍ଶଗୁଡିକୁ ଅନୁସରଣ କରନ୍ତୁ ଏବଂ ଡିସ୍କମ୍ କର୍ମଚାରୀଙ୍କ ସହ ଉପଯୁକ୍ତ ସମନ୍ୱୟ ରକ୍ଷା କରି ଉତ୍ସବ ପାଇଁ ସୁରକ୍ଷିତ ବୈଦ୍ୟୁତିକ ସେଟ୍‌ଅପ୍ କରନ୍ତୁ।
- ପୂଜା ସ୍ଥଳୀରେ ୧୦୦ ରୁ ଅଧିକ ଜନସମାଗମର ସମ୍ଭାବନାଥିଲେ ଏହାର ବୈଦ୍ୟୁତିକ ଉପକରଣର ସୁରକ୍ଷା ବିଦ୍ୟୁତ୍ ନିରୀକ୍ଷକଙ୍କ ଦ୍ୱାରା ଯାଞ୍ଚ କରାନ୍ତୁ।



ବିଦ୍ୟୁତ ସୁରକ୍ଷା ଆପଣାନ୍ତୁ ଜୀବନ ସୁରକ୍ଷିତ ରଖନ୍ତୁ।

ଶକ୍ତି ବିଭାଗ, ଓଡ଼ିଶା ସରକାର
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍) ତଥା ପ୍ରମୁଖ ବିଦ୍ୟୁତ୍ ନିରୀକ୍ଷକ

DSPL - 215
OIPR 04066/13/0029/2526



"ଅନ୍ୟକୁ ସୁଖ ଦେବାରେ ହିଁ ବାସ୍ତବିକ ସୁଖ ମିଳିଥାଏ। ଅନ୍ୟର ସୁଖ ଲୁଟିବାରେ ନୁହେଁ।"
-ମୁନ୍‌ସୀ ପ୍ରେମଚନ୍ଦ



"କିଏ ତୁମର ବନ୍ଧୁ, କିଏ ତୁମର ଶତ୍ରୁ ଏହା ନଭାବି କର୍ତ୍ତବ୍ୟ କରିଚାଲ, ବନ୍ଧୁ ଆପେ ମିଳିଯିବେ।"
-ଡକ୍ଟର ରାଧାକ୍ରିଷ୍ଣନ୍



## ଭାରତ-ଚୀନ୍ ସମ୍ପର୍କରେ ଉନ୍ନତି

# ଦ୍ୱିପାକ୍ଷିକ ଆଲୋଚନାରୁ ସୁଫଳ

ଜାମ୍ମୁ-କାଶ୍ମୀରର ପର୍ଯ୍ୟଟନସ୍ଥଳୀ ପହେଲଗାମ୍‌ରେ ଆତଙ୍କୀ ଆକ୍ରମଣ ଏବଂ ପରେ ପରେ ଭାରତର ପାଲଟା ସାମରିକ କାର୍ଯ୍ୟାନୁଷ୍ଠାନ 'ଅପରେସନ୍ ସିନ୍ଦୂର' ଯୋଗୁଁ ପଡ଼ୋଶୀ ପାକିସ୍ତାନ ସହିତ ତିକ୍ତତା ଦ୍ୱିଗୁଣିତ ହୋଇଥିବା ବେଳେ ଉତ୍ତର ସୀମାର ଅନ୍ୟତମ ଶତ୍ରୁ ରାଷ୍ଟ୍ର ଚୀନ୍ ସହ ଭାରତର ସମ୍ପର୍କରେ ଯଥେଷ୍ଟ ଉନ୍ନତି ଘଟିଥିବାର ଲକ୍ଷ୍ୟ କରାଯାଉଛି। ଗତ କିଛିଦିନ ହେଲା ଉଭୟ ଭାରତ ଓ ଚୀନ୍ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କୋପଦୃଷ୍ଟିରେ ରହିବା ସଙ୍ଗେ ସଙ୍ଗେ ଶୁଳ୍କ (ଟାରିଫ୍) ଯୁଦ୍ଧର ସମ୍ମୁଖୀନ ହୋଇଛନ୍ତି। ଭାରତର ସାମଗ୍ରୀ ଆମଦାନି ଉପରେ ଟ୍ରମ୍ପ୍ ୫୦ ପ୍ରତିଶତ ଶୁଳ୍କ ଲାଗୁ କରିବା ବିଷୟ ଘୋଷଣା କରିଛନ୍ତି। ଏହି ପୃଷ୍ଠଭୂମିରେ ଭାରତ ଓ ଚୀନ୍ ପୂର୍ବ ଶତ୍ରୁତାକୁ ଭୁଲିଯାଇ ଏବେ ପରସ୍ପର ନିକଟତର ହେବା ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେ ହେଉଛି। ଦୁଇଦିନ ପୂର୍ବେ ଭାରତ ଗସ୍ତରେ ଆସିଥିବା ଚୀନ୍ ବୈଦେଶିକ ମନ୍ତ୍ରୀ ୱାଙ୍ଗ୍ ୟିଙ୍କ ଭାରତୀୟ ନେତାମାନଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ଦୁଇଦେଶ ମଧ୍ୟରେ ରହିଥିବା ତିକ୍ତତାରେ ଯଥେଷ୍ଟ ସୁଧାର ଆସିବ ବୋଲି ଆଶା କରାଯାଉଛି। ଚୀନ୍ ବୈଦେଶିକ ମନ୍ତ୍ରୀ ନୂଆଦିଲ୍ଲୀରେ ପହଞ୍ଚିବା ପରେ ପ୍ରଥମେ ଜାତୀୟ ସୁରକ୍ଷା ପରାମର୍ଶଦାତା ଅଜିତ୍ ଡୋଭାଲ୍‌ଙ୍କ ସହ କଥାବାର୍ତ୍ତା କରିଥିଲେ। ବାର୍ତ୍ତାଳାପ ବେଳେ ଡୋଭାଲ୍ ଦୁଇଦେଶର ସମ୍ପର୍କରେ ଅଗ୍ରଗତି ଘଟିଛି ବୋଲି ସୂଚନା ଦେବା ସଙ୍ଗେ ସଙ୍ଗେ ଗତ ୯ମାସ ମଧ୍ୟରେ ଦୁଇଦେଶର ସୀମାରେ କୌଣସି ଉତ୍ତେଜନା ପ୍ରକାଶ ପାଇନଥିବା ପ୍ରକାଶ କରିଥିଲେ। ନିୟନ୍ତ୍ରଣ ରେଖାରେ ଏବେ ଶାନ୍ତି ଓ ସଦ୍‌ଭାବ ବଜାୟ ରହିଛି। ଦୁଇଦେଶ ଭିତରେ ଦ୍ୱିପାକ୍ଷିକ ଆଲୋଚନା ଏବେ ସନ୍ତୋଷଜନକ ଫଳ ପ୍ରଦାନ କରିବାରେ ଲାଗିଛି ବୋଲି ଡୋଭାଲ୍ କହିଥିଲେ। ଅନ୍ୟପକ୍ଷରେ ଚୀନ୍ ବୈଦେଶିକ ମନ୍ତ୍ରୀ କହିଥିଲେ ଯେ, ସୀମାରେ ଏବେ ଯେଉଁ ସ୍ଥିରତା ଦେଖାଯାଉଛି, ତାକୁ ଚୀନ୍ ଅଧିକ ଦୃଢ଼ ଓ ସ୍ଥାୟୀ କରିବାକୁ ଚାହେଁ। ଦୁଇଦେଶ ପାରସ୍ପରିକ ବିଶ୍ୱାସ ବୃଦ୍ଧି କରିବା ଦିଗରେ ଯତ୍ନଶୀଳ ହୋଇ ସକାରାତ୍ମକ ଦୃଷ୍ଟିଭଙ୍ଗୀ ପୋଷଣ କରିବା ଆବଶ୍ୟକ ଏବଂ ବିନିମୟ ଓ ସହଭାଗୀତା ମାଧ୍ୟମରେ ସାମୂହିକ ସ୍ୱାର୍ଥକୁ ବ୍ୟାପକ କରିବାକୁ ପଡ଼ିବ। ଆମ ଜାତୀୟ ସୁରକ୍ଷା ପରାମର୍ଶଦାତାଙ୍କୁ ଭେଟିବା ପରେ ୱାଙ୍ଗ୍ ୟି ମଙ୍ଗଳବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନିଜେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ଭାରତ-ଚୀନ୍ ଦ୍ୱିପାକ୍ଷିକ ସମ୍ପର୍କରେ ଦ୍ରୁତ ଉନ୍ନତି ଘଟିଛି ଓ ଦୁଇଦେଶ ପରସ୍ପରର ସ୍ୱାର୍ଥ ଏବଂ ସମ୍ବେଦନଶୀଳତାକୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି। ଗତବର୍ଷ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କୁ ସାକ୍ଷାତ କରିବା ପରଠାରୁ ଦୁଇଦେଶର ସମ୍ପର୍କରେ ଉନ୍ନତି ଆସିବାରେ ଲାଗିଛି। ଚଳିତ ମାସ ଶେଷ ବେଳକୁ ଚୀନ୍‌ର ତିଆନ୍‌ଜିନ୍‌ରେ ଅନୁଷ୍ଠିତ ହେବାକୁ ଯାଉଥିବା ଏସ୍‌ସିଓ ବୈଠକରେ ଯୋଗଦେବାକୁ ରାଷ୍ଟ୍ରପତି ଜିନ୍‌ପିଙ୍ଗ୍ ପ୍ରଧାନମନ୍ତ୍ରୀ ମୋଦିଙ୍କୁ ନିମନ୍ତ୍ରଣ ଜଣାଇଛନ୍ତି। ଏହି ବୈଠକ ଭାରତ-ଚୀନ୍ ସମ୍ପର୍କକୁ ଆହୁରି ମଜବୁତ କରିବ ବୋଲି ମୋଦି ଆଶାବ୍ୟକ୍ତ କରିଛନ୍ତି। ଭାରତ-ଚୀନ୍ ସମ୍ପର୍କରେ ଉନ୍ନତି ଆସିପାରିଲେ ଏହା ଆଞ୍ଚଳିକ ତଥା ବିଶ୍ୱସ୍ତରରେ ଶାନ୍ତି ଓ ବିକାଶ କ୍ଷେତ୍ରରେ ଖୁବ୍ ସହାୟକ ହେବ। ଭାରତ ଓ ଚୀନ୍ ମଧ୍ୟରେ ତିକ୍ତତା ବୃଦ୍ଧିର ମୁଖ୍ୟ କାରଣ ଥିଲା ଦୁଇଦେଶ ଭିତରେ ଚାଲିଥିବା ସୀମା ବିବାଦ। ଏହାର ସ୍ଥାୟୀ ସମାଧାନ ଉପରେ ମଧ୍ୟ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଚୀନ୍ ବୈଦେଶିକ ମନ୍ତ୍ରୀଙ୍କ ଏହି ଗସ୍ତର ଫଳସ୍ୱରୂପ ଭାରତକୁ ସାମଗ୍ରୀ ରପ୍ତାନି ଉପରେ ଲଗାଯାଇଥିବା କଟକଣାକୁ ଚୀନ୍ ପ୍ରତ୍ୟାହାର କରିନେଇଛି। ଫଳରେ ଆଗକୁ ସାର ଓ ରେୟାର୍ ଆର୍ଥ ଭଳି ସାମଗ୍ରୀ ଭାରତକୁ ଅବାଧରେ ଆମଦାନି କରାଯାଇପାରିବ। ଆମେରିକା ରାଷ୍ଟ୍ରପତି ରୂପେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ପାଳି ଶାସନରେ ବିଭିନ୍ନ ଦେଶ ପ୍ରତି ତାଙ୍କର ବିଦ୍ୱେଷମୂଳକ ପଦକ୍ଷେପ ଯୋଗୁଁ ରୁଷ୍, ଚୀନ୍ ଓ ଭାରତକୁ ନେଇ ଏକ ସମାନ୍ତରାଳ ଶକ୍ତି କେନ୍ଦ୍ର ଯେ ମୁଣ୍ଡ ଟେକିବାକୁ ଯାଉଛି ଏଥିରେ ସନ୍ଦେହର ଅବକାଶ ନାହିଁ।

# ଲାଲକିଲ୍ଲାରୁ ବିକଶିତ ଭାରତର ରୋଡ଼୍‌ମ୍ୟାପ



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଏଥର ଭାରତର ୭୯ତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଶବାସୀଙ୍କ ଉଦ୍ଦେଶ୍ୟରେ ଦେଇଥିବା ସମ୍ବୋଧନର ଅନେକ ଅର୍ଥ ରହିଛି। ଏପରିକି ପୂର୍ବ ବର୍ଷ ମାନଙ୍କରେ ଦେଇଥିବା ସମ୍ବୋଧନ ଅପେକ୍ଷା ଏହା ଭିନ୍ନ ଥିଲା। ପ୍ରଥମତଃ ପ୍ରଧାନମନ୍ତ୍ରୀ ଏଥର ୧୦୩ମିନିଟ୍‌ର ଏକ ଲମ୍ବା ଭାଷଣ ଦେଇଥିଲେ। ତାଙ୍କ ଭାଷଣରେ ଉଦ୍‌ବୋଧନ ଏବଂ ପ୍ରଖରତା ଥିଲା। ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ପଷ୍ଟତା ଥିଲା। ଘୋଷଣାରେ ସୂଚନା ନଥିଲେ ମଧ୍ୟ ଏକ ସ୍ପଷ୍ଟ ଦୂରଦର୍ଶୀତା, ଠୋସ୍ ଚେତାବନୀ ଏବଂ ବ୍ୟବହାରିକ ରୋଡ଼୍‌ମ୍ୟାପର ଝଲକ ଥିଲା। ପ୍ରଧାନମନ୍ତ୍ରୀ ମୋଦୀ ତାଙ୍କ ଭାଷଣରେ ୧୦ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇଥିଲେ। ତାଙ୍କ ଭାଷଣରେ ଆତ୍ମନିର୍ଭରତା, ସୁରକ୍ଷା ଏବଂ ଏକତାର କଥା ଥିଲା। ୨୦୪୭ର ବ୍ଲୁ ପ୍ରିଣ୍ଟ କଥା କହିବା ସହ ଆସନ୍ତା ୨୨ବର୍ଷ ମଧ୍ୟରେ ଭାରତର ଅର୍ଥବ୍ୟବସ୍ଥା ୧୦ଟ୍ରିଲିୟନ ଡ଼ଲାରରେ ପହଞ୍ଚିବ ବୋଲି କହିଲେ। ପାକିସ୍ତାନକୁ ମଧ୍ୟ ଲାଲକିଲ୍ଲାରୁ ସ୍ପଷ୍ଟ ଚେତାବନୀ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଏହି ଭାଷଣ ପୂର୍ବର ଭାଷଣ ଠାରୁ ଭିନ୍ନ ବୋଲି କହିବାର ଅର୍ଥ ହେଉଛି ପୂର୍ବରୁ ପ୍ରଧାନମନ୍ତ୍ରୀ ଅଗଷ୍ଟ ୧୫ରେ ଯେଉଁ ଭାଷଣ ଦେଉଥିଲେ ବା ଯେଉଁ ଯୋଜନା କଥା କହୁଥିଲେ ସେଇ ଯୋଜନାକୁ ୫ରୁ ୧୦ବର୍ଷ ମଧ୍ୟରେ କାର୍ଯ୍ୟକାରୀ କରିବା କଥା କହୁଥିଲେ। କିନ୍ତୁ ଏଥର ତାଙ୍କ ଯୋଜନା କାର୍ଯ୍ୟକାରୀ କରିବାର ଅବଧି ଆସନ୍ତା ଦୀପାବଳୀ ଥିଲା। ପ୍ରଧାନମନ୍ତ୍ରୀ କହିଥିଲେ ଯେ ଦେଶବାସୀଙ୍କୁ ଆଗାମୀ ଦୀପାବଳୀରେ ଡ଼ବଲ ଖୁସି ମିଳିବ। ଯୁବବର୍ଗଙ୍କ ପାଇଁ ବିକଶିତ ଭାରତର ନୂଆ ରୋଜଗାର ସୃଜନ ମଧ୍ୟ ତୁରନ୍ତ ଲାଗୁ କରାଯିବ ବୋଲି କହିଥିଲେ। ଏକଥା ସତ୍ୟ ଯେ ପ୍ରଧାନମନ୍ତ୍ରୀଙ୍କ ଭାଷଣ ଶୈଳୀ ମନମୋହକ, ଆକର୍ଷକ ଏବଂ ଏଥର ଭାଷଣରେ ସେ 'ଦେଶ' ଶବ୍ଦକୁ ୨୦୫ଥର ବ୍ୟବହାର କରିଥିଲେ, ଆତ୍ମନିର୍ଭର ଶବ୍ଦକୁ ୨୨ଥର ଏବଂ କୃଷକ ଶବ୍ଦକୁ ୨୭ଥର ଉଚ୍ଚାରଣ କରିଥିଲେ। ରାଷ୍ଟ୍ରବାଦ ଏବଂ ସ୍ୱାବଲମ୍ବନ ତାଙ୍କ ଭାଷଣର ଦୁଇଟି ସ୍ଥାୟୀ ମୂଲ୍ୟ ଥିଲା।

ପ୍ରଧାନମନ୍ତ୍ରୀ ମୋଦୀ ଅପରେସନ ସିନ୍ଦୁର ପରେ ଦେଶବାସୀଙ୍କୁ ସମ୍ବୋଧନ କଲାବେଳେ ଯେପରି ଭାବରେ ପ୍ରତିରକ୍ଷା ଏବଂ ରାଷ୍ଟ୍ରୀୟ ସୁରକ୍ଷାର ପ୍ରସଙ୍ଗ ଉଠାଇଥିଲେ ତାହା ତାଙ୍କ ଭାଷଣର ସବୁଠାରୁ ଅଧିକ ଭାବନାତ୍ମକ ଏବଂ ଶକ୍ତିଶାଳୀ ଅଂଶ ଥିଲା। ମୋଦୀ ଭାରତର ଆଗାମୀ ପିଢ଼ୀଙ୍କ ସୁରକ୍ଷା ପାଇଁ ସ୍ୱଦେଶୀ ସୁରକ୍ଷା ପ୍ରଣାଳୀ 'ସୁଦର୍ଶନ ଚକ୍ର ମିଶନ'ର ଘୋଷଣା କରିଥିଲେ। ଏହାକୁ ଇସ୍ରାଏଲର 'ଆଇରନ ଡ଼ୋମ'ର ଭାରତୀୟ ସଂସ୍କରଣ ବୋଲି କୁହାଯାଉଛି। ଏତଦ୍ ବ୍ୟତୀତ ପ୍ରଧାନମନ୍ତ୍ରୀ ଅପରେସନ ସିନ୍ଦୁରର ଉଲ୍ଲେଖ କରି ସୈନିକଙ୍କ ଧୈର୍ଯ୍ୟକୁ ସଲାମ କରିଥିଲେ ଏବଂ ପାକିସ୍ତାନକୁ କଡ଼ା ସନ୍ଦେଶ ଦେଇ ଆତଙ୍କବାଦ ଏବଂ ହିଂସାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି କହିଥିଲେ। ସିନ୍ଧୁ ଜଳ ବୁଝାମଣା ପ୍ରସଙ୍ଗରେ ସେ କରିଥିଲେ ଯେ 'ରକ୍ତ ଏବଂ ପାଣି ଏକ ସଙ୍ଗରେ କହିପାରିବନାହିଁ'। ପ୍ରଧାନମନ୍ତ୍ରୀ ଆଭ୍ୟନ୍ତରୀଣ ସୁରକ୍ଷାକୁ ମଧ୍ୟ ଜୋର ଦେଇଥିଲେ। ତାଙ୍କ ଭାଷଣରେ 'ହାଇ ପାୱାର ଡ଼େମୋଗ୍ରାଫି ମିଶନ୍'ର ଘୋଷଣା କରିଥିଲେ। ଏହା ଅବୈଧ ପ୍ରବାସୀଙ୍କ ଉପରେ ନିୟନ୍ତ୍ରଣ ଏବଂ ସଂଶାଧନକୁ ଭାରତୀୟଙ୍କ ପାଇଁ ସଂରକ୍ଷିତ କରିପାରିବ। ତାଙ୍କର ଏହି ବୟାନ ପୂର୍ବୋଦୟ ରାଜ୍ୟ ଏବଂ ପଶ୍ଚିମବଙ୍ଗଳାର ଅବୈଧ ଅନୁପ୍ରବେଶକାରୀଙ୍କ ଉଦ୍ଦେଶ୍ୟରେ ଥିଲା। ଅନୁପ୍ରବେଶକାରୀ ଯୋଗୁଁ ସୀମାବର୍ତ୍ତୀ ରାଜ୍ୟରେ ଜନସଂଖ୍ୟା ଅସନ୍ତୁଳନକୁ ନେଇ ମୋଦୀ ଚିନ୍ତା ପ୍ରକଟ କରିବା ସହ ବିହାରର ଭୋଟର ତାଲିକା ସଂଶୋଧନ ମଧ୍ୟ ତାଙ୍କ ଭାଷଣରେ ସ୍ଥାନ ପାଇଥିଲା।

ଭାଷଣ ପ୍ରସଙ୍ଗରେ ପ୍ରଧାନମନ୍ତ୍ରୀ ସମ୍ବିଧାନର ଗୁରୁତ୍ୱ କଥା କହିବା ସହ ଐତିହାସିକ ବ୍ୟକ୍ତିତ୍ୱମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ତାଙ୍କ ଭାଷଣରେ ଗାନ୍ଧୀ, ନେହେରୁ, ଭଗତ ସିଂହ, ଚନ୍ଦ୍ରଶେଖର ଆଜାଦ ଏବଂ ନେତାଜୀଙ୍କୁ ସ୍ଥାନ ମିଳିଥିଲା। କିନ୍ତୁ ଶ୍ୟାମପ୍ରସାଦ ମୁଖାର୍ଜୀଙ୍କ ବ୍ୟାପକ ଚର୍ଚ୍ଚା କରିବା ସହ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ବାବଦରେ ସାରଗର୍ଭକ ଭାଷଣ ଦେଇଥିଲେ। ପ୍ରଧାନମନ୍ତ୍ରୀ ତାଙ୍କ ଭାଷଣରେ କହିଥିଲେ ଯେ ଆମ ମହାପୁରୁଷମାନଙ୍କର ଯୋଗଦାନ କେବଳ ଦେଶର ସ୍ୱାଧୀନତା ପାଇଁ ଗୁରୁତ୍ୱପୂର୍ଣ୍ଣ ନଥିଲା ବରଂ ରାଷ୍ଟ୍ରୀୟ ଏକତା ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଥିଲା। ତାଙ୍କ ଭାଷଣରେ ଅନେକ ଭାବନାତ୍ମକ ପ୍ରସଙ୍ଗ ଥିଲା ଓ ଭାରତର ଭାଷାଜନିତ ବିବିଧତା ଏବଂ ସାଂସ୍କୃତିକ ସ୍ଥଳର ପ୍ରସଙ୍ଗ ମଧ୍ୟ ଥିଲା। ବିଦ୍ୟୁତ୍, ଶକ୍ତି ଏବଂ ମହାକାଶ କ୍ଷେତ୍ରରେ ସ୍ୱଦେଶୀ ପ୍ରୟାସ କଥା ଉଲ୍ଲେଖ ତାଙ୍କ ଭାରତକୁ ବିଶ୍ୱ ମାନଚିତ୍ରରେ ଟେକ୍‌ନିକ୍ ଏବଂ ବୈଜ୍ଞାନିକ କ୍ଷେତ୍ରରେ ଏକ ଅଗ୍ରଣୀ ଦେଶ ଭାବେ ସ୍ଥାପିତ କରିବା ପାଇଁ ସେ ଯୁବବର୍ଗଙ୍କୁ ଆହ୍ୱାନ କରିଥିଲେ। ବିଶ୍ୱସ୍ତରରେ ଭାରତର ଉପଲବ୍ଧିକୁ ରେଖାଙ୍କିତ କରି ଭାରତ ନିଜର ସ୍ୱାର୍ଥରକ୍ଷା କରିବା ସହ ବିଶ୍ୱର ହିତ ସାଧନ କରିବ ବୋଲି କହିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ସ୍ପଷ୍ଟ କରିଦେଇଥିଲେ ଯେ ଭାରତ ବିଶ୍ୱସ୍ତରରେ ନେତୃତ୍ୱର ଦାୟିତ୍ୱ ନେବା ପାଇଁ ମଧ୍ୟ ପ୍ରସ୍ତୁତ। ପ୍ରଧାନମନ୍ତ୍ରୀଙ୍କ ଭାଷଣରେ ସ୍ୱାବଲମ୍ବନ ପାଇଁ ଅଧିକ ପୁଞ୍ଜିନିବେଶ, ଜିଏସ୍‌ଟି ବ୍ୟବସ୍ଥାକୁ ସୁଧାରିବା ଦିଗରେ ରାଜ୍ୟମାନଙ୍କର ସହମତି ଏବଂ ରୋଜଗାର ସୃଜନ ପାଇଁ ପର୍ଯ୍ୟାପ୍ତ ସଂଶାଧନ ଯୋଗାଡ଼ କରିବାର କଥା ମଧ୍ୟଥିଲା।

ମୋଟାମୋଟି ଭାବେ ଦେଶରେ ସ୍ୱାଧୀନତା ଦିବସରେ ଲାଲକିଲ୍ଲାରୁ ପ୍ରଧାନମନ୍ତ୍ରୀ ଯେଉଁ ଭାଷଣ ଦେଇଥିଲେ ସେଥିରେ ବିକଶିତ ଭାରତ ପାଇଁ ଏକ ସ୍ପଷ୍ଟ ରୋଡ଼୍‌ମ୍ୟାପ ଥିଲା। ଏହାକୁ ଆଗାମୀ ଦିନରେ କେତେକ ରାଜ୍ୟରେ ହେବାକୁଥିବା ନିର୍ବାଚନ ପାଇଁ ଏକ ଆକର୍ଷକ ଦସ୍ତାବିଦ୍ ଥିଲା ବୋଲି ଅନେକ କହିପାରନ୍ତି ଓ ଯୁକ୍ତି ଦର୍ଶାଇ ପାରନ୍ତି। କିନ୍ତୁ ପ୍ରଧାନମନ୍ତ୍ରୀ ଯେପରି ଭାବେ ତାଙ୍କ ଭାଷଣରେ ମଧ୍ୟମବର୍ଗ ଏବଂ ଯୁବବର୍ଗଙ୍କ ପ୍ରସଙ୍ଗକୁ ରୋଖାଙ୍କିତ କରିଥିଲେ, ରାଷ୍ଟ୍ରୀୟ ସୁରକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ ତାକୁ ଦେଖିଲେ କୁହାଯାଇପାରେ ଯେ ତାଙ୍କ ଭାଷଣ ଭାବନାତ୍ମକ ରାଷ୍ଟ୍ରବାଦ ଏବଂ ଭାରତର ଭବିଷ୍ୟତର ଏକ ମିଶ୍ରଣ ଥିଲା।

# ଯୁବ ନେତୃତ୍ୱ ଶାନ୍ତି, ମୈତ୍ରୀ ଓ ଏକତାର ପ୍ରତୀକ



କିଶୋର ଚନ୍ଦ୍ର ବେହେରା
ନନ୍ଦପୁର, କୋରାପୁଟ
ମୋ: ୯୪୩୭୯୫୫୫୬୮

ଦେଶର ସମସ୍ତ ଧର୍ମ ମଧ୍ୟରେ ଶାନ୍ତି, ଜାତୀୟ ଏକୀକରଣ ଏବଂ ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟକୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଏହା ଉତ୍ସର୍ଗୀକୃତ। ସଦ୍‌ଭାବନା ଦିବସରେ ବିଭିନ୍ନ ରାଜ୍ୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ପ୍ରତିଯୋଗିତା ଆୟୋଜିତ ହୋଇଥାଏ। ଲୋକମାନେ ଦେଶରେ ଶାନ୍ତି ଏବଂ ସୌହାର୍ଦ୍ଦ୍ୟ ସ୍ଥାପନ ଦିଗରେ କାର୍ଯ୍ୟ କରିବାର ପ୍ରତିଶ୍ରୁତି ନେଇଥାନ୍ତି। ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ, ଜାତୀୟ ଏକୀକରଣ ଏବଂ ଶାନ୍ତି ପ୍ରତିଷ୍ଠା ପୂର୍ବତନ ପ୍ରଧାନମନ୍ତ୍ରୀ ପାଇଁ ରାଜୀବ ଗାନ୍ଧୀଙ୍କ ଭୂମିକା ଅତୁଳନୀୟ। ଜାତୀୟ ଏକତା ସୃଷ୍ଟି କରିବା ସଦ୍‌ଭାବନା ଦିବସର ମୂଳ ଲକ୍ଷ୍ୟ। ଆଧୁନିକ ଚିନ୍ତାଧାରା ଓ ନିର୍ଣ୍ଣାୟକ ମାନସିକତାର ଅଧିକାରୀ ହୋଇ ସୁଦ୍ଧା ସେ କଦାପି ଏହା ପ୍ରଦର୍ଶନ କରୁନଥିଲେ। ବିଶ୍ୱର ସର୍ବାଧୁନିକ ପ୍ରଯୁକ୍ତି ମଧ୍ୟରେ ଅବସ୍ଥାନ କରି ସୁଦ୍ଧା ସେ ଥିଲେ ସ୍ଥିରଚିତ୍ତ ଏବଂ ସେ ଯାହା ବାରମ୍ବାର କହୁଥିଲେ, ତାଙ୍କର ଅନ୍ୟତମ ମୁଖ୍ୟ ଉଦ୍ଦେଶ୍ୟ ଥିଲା, ଭାରତର ଐକ୍ୟ ଏବଂ ସାର୍ବଭୌମତ୍ୱକୁ ସୁରକ୍ଷିତ ରଖିବା ନିମନ୍ତେ ସଦାସର୍ବଦା ପ୍ରଚେଷ୍ଟା ଜାରି ରଖିଥିଲେ। ପ୍ରତିବର୍ଷ ଅଗଷ୍ଟ ୨୦ ତାରିଖରେ ଦେଶବ୍ୟାପୀ ପାଳନ କରାଯାଉଛି ସଦ୍‌ଭାବନା ଦିବସ। ରାଜୀବ ଗାନ୍ଧୀଙ୍କ ଜନ୍ମ ଦିବସକୁ ୨୦୦୮ ମସିହା ଠାରୁ ସଦ୍‌ଭାବନା ଦିବସ ଭାବେ ପାଳନ କରାଯିବା ଲାଗି ନିଷ୍ପତ୍ତି ନିଆଯାଇ ଏହି ଦିବସକୁ ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏପରିକି ସମସ୍ତ ରାଜନୈତିକ ଦଳ ମଧ୍ୟରେ ଶାସକ କିମ୍ବା ବିରୋଧୀ ଊର୍ଦ୍ଧ୍ୱରେ ରହି ପାଳନ କରୁଛନ୍ତି। ଶିକ୍ଷା କ୍ଷେତ୍ରରେ ସମଗ୍ର ଭାରତରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡ଼ିକର ସଂସ୍କାର ଏବଂ ଉନ୍ନତି ପାଇଁ ଲକ୍ଷ୍ୟ ନେଇ ୧୯୮୬ ମସିହାରେ ଶିକ୍ଷା ଉପରେ ଏକ ଜାତୀୟ ନୀତି ଆରମ୍ଭ କରିଥିଲେ। ସେହିବର୍ଷ ସେ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ମାଗଣା ବିଦ୍ୟାଳୟ ଶିକ୍ଷା ପ୍ରଦାନ କରି ସମାଜର ଗ୍ରାମାଞ୍ଚଳର ଉନ୍ନତି ପାଇଁ ଏକ କେନ୍ଦ୍ରୀୟ ସରକାରୀ ବିଦ୍ୟାଳୟ ଜବାହର ନବୋଦୟ ବିଦ୍ୟାଳୟ ବ୍ୟବସ୍ଥା ପ୍ରତିଷ୍ଠା କରିଥିଲେ। ଯାହାକି ଗ୍ରାମାଞ୍ଚଳରେ ଶିକ୍ଷାର ଅଗ୍ରଗତି ହେବା ସହ ଗରିବ ମେଧାବୀ ଛାତ୍ରଛାତ୍ରୀ ଜାତୀୟ ସ୍ତରରେ ନିଜର ଦକ୍ଷତା ପ୍ରତିପାଦନ କରିବାରେ ସଫଳତା ପାଇପାରିଲେ। ନିଜ ଶାସନ କାଳରେ ଅନେକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଥିଲେ ଯାହା ଦେଶରେ ସୂଚନା ପ୍ରଯୁକ୍ତିର ବିସ୍ତାର କରିଥିଲା।

ରାଜନୀତିରେ ଯୋଗ ଦେବା ପୂର୍ବରୁ ସେ ଜଣେ ଉଚ୍ଚଶିକ୍ଷିତ ଓ ପେଶାଦାର ପାଇଲଟ୍ ଥିଲେ। ୧୯୮୪ ମସିହା ଅକ୍ଟୋବର ମାସରେ ଇନ୍ଦିରା ଗାନ୍ଧୀଙ୍କୁ ହତ୍ୟା କରାଯିବା ପରେ ସାରା ଦେଶରେ ଏକପ୍ରକାର ଶୋକର ଛାୟା ଖେଳିଯାଇଥିଲା। ଲୋକମାନେ ଏପରି ସ୍ଥିତିରୁ ବାହାରିବ ପାଇଁ ଚେଷ୍ଟା କରୁଥିଲେ ଏବଂ ସେ ସମୟରେ ଲୋକସଭା ନିର୍ବାଚନରେ ଫଳାଫଳ କଂଗ୍ରେସ ପକ୍ଷରେ ଆସିଥିଲା। ଦେଶବାସୀ ରାଜୀବଙ୍କୁ ଇନ୍ଦିରା ଗାନ୍ଧୀଙ୍କ ଉତ୍ତରାଧିକାରୀ ତଥା ପ୍ରଧାନମନ୍ତ୍ରୀ ଭାବେ ବାଛିଥିଲେ। ରାଜୀବ ଗାନ୍ଧୀ ପ୍ରଧାନମନ୍ତ୍ରୀ ହେବାରେ ୫ ବର୍ଷରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ହାତକୁ ନେଇଥିଲେ। ରାଜୀବ ଗାନ୍ଧୀ ତାଙ୍କ ଶାସନ ସମୟରେ ବିଭିନ୍ନ ପଦକ୍ଷେପ ନେଇଥିଲେ, ଯାହା ଯୁବକମାନଙ୍କୁ ଦେଶ ଗଢିବାରେ ପ୍ରତ୍ୟକ୍ଷ ଭାବେ ଅଂଶୀଦାର କରିଥିଲା। ରାଜୀବ ଗାନ୍ଧୀ ଦେଶରେ ସୂଚନା କ୍ରାନ୍ତି ଜନକ ଭାବେ ପରିଚିତ ଓ ଦେଶର ଇତିହାସରେ ସବୁଠାରୁ କନିଷ୍ଠ ପ୍ରଧାନମନ୍ତ୍ରୀ ଥିଲେ। ଦେଶର ୭୦ କୋଟି ଭାରତୀୟଙ୍କ ନେତା ଭାବେ ଶାସନ ଆରମ୍ଭ କରିଥିବା ରାଜୀବ ଗାନ୍ଧୀଙ୍କ ଶାସନ କାଳ ବହୁଦୃଷ୍ଟିରୁ ଉଲ୍ଲେଖନୀୟ ହେବା ସ୍ୱାଭାବିକ। ସବୁଠାରୁ ଅଧିକ ବିସ୍ମୟକର ବିଷୟଟି ଥିଲା ଏହି ଯେ ଶ୍ରୀ ଗାନ୍ଧୀ ବିଳମ୍ବରେ ଓ ଅନିଚ୍ଛା ସତ୍ତ୍ୱେ ରାଜନୀତିରେ ପାଦ ଥାପିଥିଲେ ଯଦିଓ ଏକଥା ଅନସ୍ୱୀକାର୍ଯ୍ୟ ଯେ ଏକ ବିଶିଷ୍ଟ ରାଜନୈତିକ ପରିବାର ଭାବେ ଦୀର୍ଘ ଚାରିପିଢ଼ି ଧରି ଏହା ରାଷ୍ଟ୍ରସେବାରେ ନିଜକୁ ସମର୍ପିତ କରିଥିଲା ଏବଂ ଏହା ପୁଣି ବ୍ୟାପ୍ତ ଥିଲା ସ୍ୱାଧୀନତା ପୂର୍ବବର୍ତ୍ତି ଠାରୁ ସ୍ୱାଧୀନୋତ୍ତର କାଳ ପର୍ଯ୍ୟନ୍ତ। କ୍ରୀଡା କ୍ଷେତ୍ରରେ ୧୯୮୨ ମସିହାରେ ଭାରତ ଯେତେବେଳେ ଏସୀୟ କ୍ରୀଡାର ଆୟୋଜନ କଲା, ବହୁ ବର୍ଷ ପୂର୍ବରୁ ଭାରତ ଅନେକ ଷ୍ଟାଡିୟମ ଓ ଅନ୍ୟାନ୍ୟ ଭିତ୍ତିଭୂମିର ବିକାଶ ଘଟାଇବ ବୋଲି ଯେଉଁ ପ୍ରତିଶ୍ରୁତି ପ୍ରଦାନ କରିଥିଲା ତାହା ପୂରଣ କରିଥିଲେ। ସବୁ କାର୍ଯ୍ୟ ଯେପରି ନିର୍ଦ୍ଧାରିତ ସମୟରେ ସମ୍ପୂର୍ଣ୍ଣ ହୁଏ ସେ ଦାୟିତ୍ୱ ରାଜୀବଙ୍କ କାନ୍ଧରେ ନ୍ୟସ୍ତ କରାଯାଇଥିଲା। ଏସୀୟ କ୍ରୀଡା ଯେପରି କୌଣସି ପ୍ରକାର ଦୋଷତ୍ରୁଟିର ସମ୍ମୁଖୀନ ନହୋଇ ସୁରୁଖୁରୁରେ ସମ୍ପନ୍ନ ହୁଏ ସେ ଭାର ତାଙ୍କୁ ଦିଆଯାଇଥିଲା। ରାଜୀବ ଗାନ୍ଧୀ ଏହି ଚ୍ୟାଲେଞ୍ଜକୁ ସୁଚାରୁ ରୂପେ କରି ଦେଖାଇଥିଲେ। ଏହା ହିଁ ସର୍ବପ୍ରଥମ ତାଙ୍କ କର୍ଯ୍ୟଦକ୍ଷତା ପ୍ରତି ଥିବା ନିଷ୍ଠା ଓ ସମନ୍ୱୟର ପରାକାଷ୍ଠା ପ୍ରତିପାଦନ କରିଥିଲେ। ଏଥିସହ କଂଗ୍ରେସ ଦଳର ସାଧାରଣ ସମ୍ପାଦକ ଭାବେ ସମାନ ନିଷ୍ଠାର ସହ ସେ ଦଳୀୟ ସଂଗଠନକୁ ସନ୍ତୁଳିତ ଓ ଶୃଙ୍ଖଳିତ କରିବାରେ ଲାଗି ପଡିଲେ। ତାଙ୍କର ଏହି ଗୁଣ ପରବର୍ତ୍ତି କାଳରେ ଜଟିଳ ଓ ଘଡିସନ୍ଧି ମୁହୂର୍ତ୍ତରେ କାର୍ଯ୍ୟରେ ଆସିଥିଲା।

ରାଜୀବ ଗାନ୍ଧୀ, ଭାଷଣରେ ସବୁବେଳେ ଏକ ବିଂଶ ଶତାବ୍ଦୀର ପ୍ରଗତିର କଥା ଉଠାଇଥିଲେ। ସେ ବିଶ୍ୱାସ କରୁଥିଲେ ଦେଶର ପରିବର୍ତ୍ତନ ଓ ପ୍ରଗତି ପାଇଁ ଆଧୁନିକ ଜ୍ଞାନକୌଶଳ ବହୁତ ଜରୁରି। ସୂଚନା ଓ ପ୍ରଯୁକ୍ତି ବିଦ୍ୟା ଉପରେ ବିଶେଷ ଧ୍ୟାନ ଦେବା ପାଇଁ ଚେଷ୍ଟା ଆରମ୍ଭ କରିଥିଲେ। ଆଗାମୀ ଦଶକରେ ହେବାକୁ ଥିବା ଜ୍ଞାନକୌଶଳ କ୍ରାନ୍ତିର ବୀଜ ରୋପଣ କରିଥିଲେ ରାଜୀବ ଗାନ୍ଧୀ। ତାମିଲନାଡୁର ଶ୍ରୀପେରୁମ୍ବୁଦୁରରେ ଆତ୍ମଘାତୀ ବିସ୍ଫୋରଣରେ ରାଜୀବ ଗାନ୍ଧୀଙ୍କ ମୃତ୍ୟୁପରେ, ଦେଶ ପ୍ରତି ତାଙ୍କର ଅବଦାନକୁ ସବୁବେଳ ପାଇଁ ମନେ ରଖିବା ନିମନ୍ତେ ଶ୍ରଦ୍ଧାଞ୍ଜଳି ସ୍ୱରୂପ ଅଲ ଇଣ୍ଡିଆ କଂଗ୍ରେସ କମିଟି ୧୯୯୨ରେ ରାଜୀବ ଗାନ୍ଧୀ ଜାତୀୟ ସଦ୍‌ଭାବନା ପୁରସ୍କାର ପ୍ରତିଷ୍ଠା କରିଥିଲା। ସମାଜରେ ଶାନ୍ତି ପ୍ରତିଷ୍ଠା ପାଇଁ ଆଦର୍ଶ କାର୍ଯ୍ୟ କରିଥିବା ଲୋକଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଥାଏ। ସମାଜସେବାରେ ଓ ରାଷ୍ଟ୍ର ବିକାଶରେ ବ୍ୟକ୍ତି ବିଶେଷ ହୁଅନ୍ତୁ କିମ୍ବା ଅନୁଷ୍ଠାନ ଉଚ୍ଚକୋଟୀର କାର୍ଯ୍ୟ କରି ରାଷ୍ଟ୍ରର ପ୍ରଗତିରେ ଯେଉଁମାନେ ସହଭାଗିତା ହୋଇଥାନ୍ତି ସେହିପରି ବ୍ୟକ୍ତି କିମ୍ବା ଅନୁଷ୍ଠାନକୁ ସଦ୍‌ଭାବନା ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥାଏ। ରାଜୀବ ଗାନ୍ଧୀଙ୍କ ଭଳି ଅପୂର୍ବ ଧୈର୍ଯ୍ୟ, ସମ୍ମାନବୋଧ ଓ କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କରି ଜାତୀୟ ଦାୟିତ୍ୱବୋଧ ନିଜ କାନ୍ଧକୁ ନେଇ ବିକାଶ କ୍ଷେତ୍ରରେ ଆଗେଇ ଯିବା ପାଇଁ ଯୁବ ଗୋଷ୍ଠୀଙ୍କୁ ଆହ୍ୱାନ କରାଯାଉଛି।

# ବିଶ୍ୱ ବରିଷ୍ଠ ନାଗରିକ ଦିବସ

ବୀରେଶ୍ୱର ମହାନ୍ତି
ସଂପାଦକ, ବରିଷ୍ଠ ନାଗରିକ ମଞ୍ଚ
ନାକାଗେଟ୍, ଘାଟିକିଆ, ଭୁବନେଶ୍ୱର
ମୋ: ୯୯୩୮୬୧୫୬୭୧

ପ୍ରତିବର୍ଷ ଅଗଷ୍ଟ ମାସର ୨୧ତାରଖକୁ ଭାରତ ସମେତ ସମଗ୍ର ପୃଥିବୀରେ ବରିଷ୍ଠ ନାଗରିକ ଦିବସ ଭାବରେ ପାଳନ କରାଯାଏ। ଆମ ଦେଶରେ ୬୦ବର୍ଷରୁ ଅଧିକ ବୟସର ଲୋକମାନଙ୍କୁ ବରିଷ୍ଠ ନାଗରିକ ବୋଲି ଅଭିହିତ କରାଯାଉଥିବାବେଳେ ୮୦ରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନଙ୍କୁ ସର୍ବବରିଷ୍ଠ ନାଗରିକ ବା Super Senior Citizen ବୋଲି କୁହାଯାଏ। ତେବେ ସବୁଦେଶରେ ବରିଷ୍ଠ ନାଗରିକମାନଙ୍କର ବୟସ ସୀମା ସମାନ ନଥାଏ। ଆମେରିକାରେ ବରିଷ୍ଠ ନାଗରିକମାନଙ୍କର ବୟସ ସୀମା ୬୨ ଥିବାବେଳେ କେତକ ଦେଶରେ ଏହା ୬୫ବର୍ଷ ପର୍ଯ୍ୟନ୍ତ ବୃଦ୍ଧି ହୋଇଛି। ବରିଷ୍ଠ ନାଗରିକମାନଙ୍କର ଅଭିଜ୍ଞତା ତଥା ଦେଶ ଗଠନରେ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସ୍ୱୀକୃତି ଦେବା ଉଦ୍ଦେଶ୍ୟରେ ବରିଷ୍ଠ ନାଗରିକ ଦିବସ ଅତି ଉତ୍ସାହ ସହ ସମଗ୍ର ପୃଥିବୀରେ ପାଳନ କରାଯାଉଛି। ସମଷ୍ଟିଗତ ଭବିଷ୍ୟତ ପାଇଁ ବୟସ୍କଙ୍କ ସ୍ୱରର ସଶକ୍ତିକରଣ ହେଉଛି ଏ ବର୍ଷ ବରିଷ୍ଠ ନାଗରିକ ଦିବସ ପାଳନର ମୁଖ୍ୟ ଗାଥା। ବରିଷ୍ଠ ନାଗରିକ ଦିବସ ପାଳନ ପ୍ରଥାକୁ ସର୍ବପ୍ରଥମେ ଆମେରିକାର ପୂର୍ବତନ ତଥା ୪୦ତମ ରାଷ୍ଟ୍ରପତି ରୋନାଲ୍ଡ ରିଗାନ୍ ଆରମ୍ଭ କରିଥିଲେ। ସେ ନିଜେ ଜଣେ ବରିଷ୍ଠ ନାଗରିକ ହୋଇଥିବାରୁ ବୟସ୍କ ଲୋକମାନେ ଭୋଗୁଥିବା ଅସୁବିଧା ବାବଦରେ ବେଶ୍ ସଚେତନ ଥିଲେ। ପ୍ରଥମ ବିଶ୍ୱଯୁଦ୍ଧ ଏବଂ ଦ୍ୱିତୀୟ ବିଶ୍ୱଯୁଦ୍ଧର ଅବସାନ ପରେ ଯୁଦ୍ଧରେ ଆହତ ହୋଇ କ୍ଷତିଗ୍ରସ୍ତ ହୋଇଥିବା ଅନେକ ବରିଷ୍ଠ ନାଗରିକମାନଙ୍କର ଦୁର୍ଦ୍ଦଶାକୁ ଲକ୍ଷ୍ୟ କରି ସେମାନଙ୍କର ସୁଖ ସୁବିଧା ପାଇଁ ଏହି ଦିବସ ପାଳନ କରାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ୧୯୮୮ ମସିହା ଅଗଷ୍ଟ ୧୯ତାରିଖରେ ଏକ ସରକାରୀ ବିଜ୍ଞାପନ ଜରିଆରେ ଅଗଷ୍ଟ ୨୧ତାରିଖରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯିବା ପାଇଁ ସେ ଏକ ଘୋଷଣାନାମା ଜାରି କରିଥିଲେ। ତା' ପରଠୁ ଆମେରିକା ସହ ସମଗ୍ର ବିଶ୍ୱରେ ପ୍ରତିବର୍ଷ ଅଗଷ୍ଟ ୨୧ତାରିଖରେ ବରିଷ୍ଠ ନାଗରିକ ଦିବସ ପାଳନ କରାଯାଉଛି। ଏହା ବ୍ୟତୀତ ଜାତିସଂଘ ତରଫରୁ ଅକ୍ଟୋବର ୧ତାରିଖକୁ ମଧ୍ୟ ଆର୍ନ୍ତଜାତିକ ବୟସ୍କ ଦିବସ ଭାବରେ ପାଳନ କରାଯାଏ। ସଂପ୍ରତି ପୃଥିବୀରେ ବୟସ୍କ ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଜାପାନରେ ବର୍ତ୍ତମାନ ୬୫ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତିମାନଙ୍କର ସଂଖ୍ୟା ତାଙ୍କର ସମୁଦାୟ ଜନସଂଖ୍ୟାର ୨୯.୯% ବୋଲି ଆକଳନ କରାଯାଇଛି। ୨୦୬୦ ମସିହା ବେଳକୁ ଏହି ସଂଖ୍ୟା ମୋଟ ଜନସଂଖ୍ୟାର ୩୮% ହେବ ବୋଲି ଅନୁମାନ କରାଯାଉଛି। ସେହିପରି ଭାରତରେ ମଧ୍ୟ ବରିଷ୍ଠ ନାଗରିକମାନଙ୍କର ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଇଚାଲିଛି। ୧୯୬୧ ମସିହାରେ ବୟସ୍କ ନାଗରିକମାନଙ୍କର ସଂଖ୍ୟା ସମଗ୍ର ଜନସଂଖ୍ୟାର ୫.୬% ଥିବାବେଳେ ୨୦୨୧ ମସିହାରେ ଏହା ୧୦.୧% କୁ ବୃଦ୍ଧି ପାଇଛି ଏବଂ ୨୦୩୧ ମସିହା ବେଳକୁ ଏହି ସଂଖ୍ୟା ବୃଦ୍ଧି ପାଇ ୧୩% ଅର୍ଥାତ୍ ୧୪ କୋଟି ୩୬ ଲକ୍ଷ ହେବ ବୋଲି ଅନୁମାନ କରାଯାଉଛି। ଆକଳନରୁ ଜଣାଯାଏ ସମ୍ପ୍ରତି ପ୍ରତି ଛଅ ଜଣରେ ଜଣେ ହେଉଛନ୍ତି ବରିଷ୍ଠ ନାଗରିକ। ବରିଷ୍ଠ ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଉଥିବାରୁ ସେମାନଙ୍କୁ ସମାଜରେ ଉପଯୁକ୍ତ ଗୁରୁତ୍ୱ ଦେବା, ଭଲମନ୍ଦ ତର୍ଜମାକରି ସେମାନଙ୍କର ସୁଖ ସୁବିଧା ନିମନ୍ତେ ନୀତି ନିୟମ ପ୍ରଣୟନ କରିବା ଅତ୍ୟନ୍ତ ଆବଶ୍ୟକ ହୋଇପଡିଛି। ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ବିଷୟ ହେଉ କିମ୍ବା ଆୟକର, ରେଳ-ବିମାନ ଯାତ୍ରାରେ ରିହାତି ବିଷୟ ହେଉ, ସବୁଥିରେ ବରିଷ୍ଠ ନାଗରିକମାନଙ୍କର ସୁବିଧା ପ୍ରତି ଦୃଷ୍ଟି ଦେବା ପାଇଁ ସରକାରଙ୍କର ନିକଟରେ ଦାବି ହୋଇଆସୁଛି। ନିକଟ ଅତୀତରେ ଏକ କେନ୍ଦ୍ରସ୍ତରୀୟ ଆଲୋଚନାଚକ୍ରରେ ବରିଷ୍ଠ ଲୋକମାନଙ୍କର ଅଭିଜ୍ଞତା ଏବଂ ପାରଦର୍ଶୀତାକୁ ଭିତ୍ତିକରି ସେମାନଙ୍କୁ ଜାତୀୟ ସମ୍ପତ୍ତି ଭାବରେ ବିବେଚନା କରିବା ପାଇଁ ପ୍ରସ୍ତାବ ଦିଆଯାଇଛି। ଜାତୀୟ ସମ୍ପତ୍ତିକୁ ରକ୍ଷଣାବକ୍ଷଣ କରିବା ପରି ବରିଷ୍ଠ ନାଗରିକମାନଙ୍କର ରକ୍ଷଣାବେକ୍ଷଣ ବାବଦରେ ସଚେତନ ହେବା ପାଇଁ ସରକାରଙ୍କୁ ଆହ୍ୱାନ କରାଯାଇଛି। ବରିଷ୍ଠ ନାଗରିକ ଦିବସ ପାଳନ ଅବସରରେ ବରିଷ୍ଠ ନାଗରିକମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ ବାବଦରେ ମଧ୍ୟ କିଛି ବିଷୟକୁ ଅଲୋଚନାର ପରିସରଭୁକ୍ତ କରାଯାଇପାରେ। ମନୁଷ୍ୟ ଜୀବନ ଅମୂଲ୍ୟ। ଏଣୁ ଜଣେ ବରିଷ୍ଠ ନାଗରିକ ନିଜକୁ ସୁସ୍ଥ ରଖିବାପାଇଁ ଉଦ୍ୟମ ଜାରି ରଖିବା ସହ ଜୀବନର ପ୍ରତ୍ୟେକଟି ମୁହୂର୍ତ୍ତକୁ କାର୍ଯ୍ୟରେ ବିନିଯୋଗ କରିବା ପାଇଁ ଚେଷ୍ଟିତ ହେବା ଆବଶ୍ୟକ। ନିଜର ଅଭିଜ୍ଞତା ଏବଂ ରୁଚିକୁ ପାଥେୟ କରି ସାମାଜିକ କଲ୍ୟାଣ ତଥା ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ ମଧ୍ୟ ହାତକୁ ନିଆଯାଇପାରେ। କୌଣସି କାରଣରୁ ମନ ବିଷାଦଗ୍ରସ୍ତ ହେଲେ ପରିବାର ସଦସ୍ୟ ତଥା ସାଙ୍ଗସାଥିଙ୍କ ସହାୟତାରେ ସେ ଅବସ୍ଥାର ନିରାକରଣ ପାଇଁ ଉଦ୍ୟମ କରିବା ସର୍ବାଦୌ ବାଞ୍ଛନୀୟ। ବରିଷ୍ଠ ନାଗରିକ ମାନଙ୍କୁ ବୟସ୍କ କହିବା ପରିବର୍ତ୍ତେ ଅଭିଜ୍ଞ ବୋଲି ସମ୍ବୋଧନ କରିବାରେ ପ୍ରାସଙ୍ଗିକତା ରହିଛି। ବରିଷ୍ଠ ଲୋକମାନଙ୍କର ସ୍ୱାସ୍ଥ୍ୟ ଅବନତି ଜନିତ ସମସ୍ୟା ତଥା ସମାଜରେ ତାଙ୍କୁ ହେଉଥିବା ଅସଦ୍ ବ୍ୟବହାରକୁ ରୋକିବା ଦିଗରେ ବିହିତ ପଦକ୍ଷେପ ନିଆଯାଇପାରିଲେ ବରିଷ୍ଠ ନାଗରିକମାନଙ୍କର ହିତ ସାଧନ ହୋଇପାରିବ। ଏ କଥା ସମସ୍ତଙ୍କୁ ମନେ ରଖିବାକୁ ହେବ ଯେ ବରିଷ୍ଠ ନାଗରିକମାନଙ୍କର ସୁଖ ସୁବିଧା ପ୍ରତି ଦୃଷ୍ଟିଦେବା ଏକ ସାମାଜିକ କର୍ତ୍ତବ୍ୟ ଅଟେ। ଏହାକୁ ଖୋଲାମନରେ ଗ୍ରହଣ କରିପାରିଲେ ସମାଜର ହିତ ସାଧନ ଅବଶ୍ୟମ୍ଭାବୀ।

# ସ୍ୱାଧୀନତାର ଅର୍ଥ ଏବେ ବିସ୍ତାରିତ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

ନିରନ୍ତର ଗତିଶୀଳତା ହିଁ ସଂସାରର ନିୟମ। ଇତିହାସ ସାକ୍ଷୀ ଋଷିମାନଙ୍କ ସାଧନା ହେଉ କିମ୍ବା ବୈଜ୍ଞାନିକମାନଙ୍କ ଆବିଷ୍କାର, ସମାଜ ସଂସ୍କାରକଙ୍କ ଲଢ଼େଇ ହେଉ କିମ୍ବା ଜାତିଗୁଡ଼ିକର ନବଜାଗରଣ ପରିବର୍ତ୍ତନ ପ୍ରତ୍ୟେକ ପ୍ରଗତିର ମୂଳରେ ରହିଛି। କୁହାଯାଇଛି ଯେଉଁ ବ୍ୟକ୍ତି ନିଜ ଭିତରେ ପରିବର୍ତ୍ତନ ଆଣନ୍ତି କେବଳ ସେ ହିଁ ନିଜ ଅସ୍ତିତ୍ୱକୁ ରକ୍ଷା କରିପାରିବେ। ଏହା କେବଳ ଏକ ନିୟମ ନୁହେଁ ବରଂ ଜୀବନର ଏକ ସଂସ୍କୃତିପୂର୍ଣ୍ଣ ଦର୍ଶନ ଯାହା ସମୟ, ସମାଜ ସହିତ ଯୋଗାଯୋଗ କରିବା ସମୟରେ ନିରନ୍ତର ବିକଶିତ ହେବାକୁ ପ୍ରେରଣା ଦିଏ। ପଶୁଙ୍କଠାରୁ ମଣିଷ ପର୍ଯ୍ୟନ୍ତ, ଭାଷାଠାରୁ ସଂସ୍କୃତି ପର୍ଯ୍ୟନ୍ତ ସବୁକିଛି ସମୟ ସହିତ ନିଜକୁ ପୁନଃନିର୍ମାଣ କରିଛନ୍ତି। ଚାର୍ଲ୍ସ ଡାରୱିନଙ୍କ 'ସର୍ଭାଇଭାଲ୍ ଅଫ୍ ଦ ଫିଟେଷ୍ଟ' ତତ୍ତ୍ୱ ଏହି ସତ୍ୟକୁ ନିଶ୍ଚିତ କରେ ଯେ ଯେଉଁମାନେ ନିଜକୁ ପରିବର୍ତ୍ତନ କରିପାରନ୍ତି ନାହିଁ ସେମାନେ ବିଲୁପ୍ତ ହୋଇଯାଆନ୍ତି। ଜଣେ ବ୍ୟକ୍ତିର ଜୀବନରେ ପରିବର୍ତ୍ତନ ହେଉଛି ଆତ୍ମବିକାଶ ଏବଂ ଆତ୍ମଉନ୍ନତି ଆଡ଼କୁ ପ୍ରଥମ ପଦକ୍ଷେପ। ଯେତେବେଳେ ଜଣେ ଛାତ୍ର ଅସୁବିଧା ସତ୍ତ୍ୱେ ନିଜର ଅଧ୍ୟୟନ ରଣନୀତି ପରିବର୍ତ୍ତନ କରନ୍ତି, ଜଣେ ଚାଷୀ ନୂତନ କୌଶଳ ଗ୍ରହଣ କରନ୍ତି, କିମ୍ବା ଜଣେ କର୍ମଚାରୀ ନୂତନ କୌଶଳ ଶିଖନ୍ତି ତା'ପରେ ହିଁ ସଫଳତାର ସ୍ୱାଦ ଚାଖନ୍ତି। ଶତାବ୍ଦୀ ଧରି ସମାଜ ତା'ର ପରମ୍ପରା, ବିଶ୍ୱାସ ଏବଂ ଜୀବନଶୈଳୀକୁ ପରିବର୍ତ୍ତନ କରିଆସୁଛି। ଯେଉଁ ସମାଜ ସମୟ ଅନୁସାରେ ନିଜର ଦୃଷ୍ଟିକୋଣ ଏବଂ ଗଠନ ପରିବର୍ତ୍ତନ କରନ୍ତି ନାହିଁ ସେମାନେ ସ୍ଥିର ହୋଇଯାଆନ୍ତି।

ପରିବର୍ତ୍ତନ ପ୍ରକୃତିର ନିୟମ କିନ୍ତୁ ପ୍ରତ୍ୟେକ ପରିବର୍ତ୍ତନ ପ୍ରଗତି ନୁହେଁ। ପ୍ରତ୍ୟେକ ପିଢ଼ି ସମୟ ଅନୁସାରେ ପରିବର୍ତ୍ତନ ଆଣେ। ଯଦି ଏହି ପରିବର୍ତ୍ତନ ମୂଲ୍ୟବୋଧର ଭିତ୍ତିଭୂମି ଉପରେ ଆଧାରିତ ତେବେ ଏହାକୁ ନିରନ୍ତର ପ୍ରଗତି କୁହାଯିବ କିନ୍ତୁ ଯେତେବେଳେ ପରିବର୍ତ୍ତନର ଏହି ପ୍ରବାହ ମୂଲ୍ୟହୀନ ଏବଂ ଦିଗହୀନ ହୋଇଯାଏ ସେତେବେଳେ ଏହା କେବଳ ଏକ ଅବ୍ୟବସ୍ଥିତ ବିଦ୍ରୋହର ରୂପ ନେଇଥାଏ। ଆଜିର ଯୁବପିଢ଼ି ମଧ୍ୟରେ ତୀବ୍ରତା କେବଳ ସ୍ୱାଧୀନତାର ଉତ୍ସବ ନୁହେଁ ବରଂ ଏକ ଗଭୀର ପ୍ରଶ୍ନ ଯେ ଏହି ଅତିକ୍ରମଣ ପ୍ରକୃତ ମୁକ୍ତି ନା କେବଳ ପାଶ୍ଚାତ୍ୟ ପ୍ରେରିତ ଭ୍ରମ ? ସଂସ୍କୃତି କେବଳ ରୀତିନୀତି ଏବଂ ପରମ୍ପରାର ଏକ ସଂଗ୍ରହ ନୁହେଁ ବରଂ ଏହା ଏକ ଜୀବନ ଦୃଷ୍ଟିକୋଣ ଯାହା ସମାଜକୁ ସ୍ଥିରତା ପ୍ରଦାନ କରେ। ଯେତେବେଳେ ଯୁବପିଢ଼ି ଏହାକୁ ବନ୍ଧନର ପ୍ରତୀକ ବୋଲି ବିଚାର କରିବାକୁ ଆରମ୍ଭ କରନ୍ତି ସେତେବେଳେ ସେମାନେ ଏହି ସତ୍ୟକୁ ଭୁଲିଯାଆନ୍ତି ଯେ ଏହି ତଥାକଥିତ ବନ୍ଧନ ହେଉଛି ସାମାଜିକ ସମନ୍ୱୟ ଏବଂ ଅସ୍ତିତ୍ୱ ଗଠନର ସ୍ତମ୍ଭ। ପାଶ୍ଚାତ୍ୟ ସମାଜରେ ବ୍ୟକ୍ତିଗତ ସ୍ୱାଧୀନତାକୁ ପ୍ରାୟତଃ ସାମାଜିକ, ପାରିବାରିକ ଏବଂ ସାଂସ୍କୃତିକ ଦାୟିତ୍ୱରୁ ମୁକ୍ତି ବୋଲି ବୁଝାଯାଏ। ଭାରତୀୟ ଦୃଷ୍ଟିକୋଣରେ ସ୍ୱାଧୀନତାର ଅର୍ଥ ଆତ୍ମନିୟନ୍ତ୍ରଣ କର୍ତ୍ତବ୍ୟ ପ୍ରତି ସମର୍ପଣ ଏବଂ ମର୍ଯ୍ୟାଦାରେ ନିହିତ। ଗୋଟିଏ ସମୟ ଥିଲା ଯେତେବେଳେ ଘରର ବଡ଼ମାନେ ନିଶ ମୋଡି କହୁଥିଲେ ଯୌଥ ପରିବାରରେ ସମସ୍ୟା ଅଛି କିନ୍ତୁ ଏଠାରେ ସମାଧାନ ମଧ୍ୟ ମିଳେ। ଆଜି ବି ସମାନ ସମସ୍ୟା କେବଳ ସମାଧାନ ଅବସର ଗୃହରେ ରହିଛି। ମାତୃଦେବୋ ଭବ, ପିତୃଦେବୋ ଭବ ଭଳି ଉକ୍ତି ମୋବାଇଲରେ ଥିବା ପୁରୁଣା ଚିତ୍ର ହୋଇଯାଇଛି। ଯାହାକୁ ଦେଖି ଲୋକମାନେ ହସି କୁହନ୍ତି ଯେ ଏସବୁ ଆଉ କାମ କରେ ନାହିଁ। ଯୌଥ ପରିବାରର ମୂଳ ଯେଉଁଥିରେ ପରିବାର ରୂପକ ବଟବୃକ୍ଷ ନିଶ୍ୱାସ ନେଉଥିଲା ଏବେ କୁଣ୍ଡର ଚାରା ହୋଇ ରହିଯାଇଛି। ଏଗୁଡ଼ିକ ସାଜସଜ୍ଜା କିନ୍ତୁ ଛାଇ ଦିଏ ନାହିଁ।

ସ୍ୱାଧୀନତାର ପ୍ରକୃତ ରୂପ ଶୃଙ୍ଖଳା ପରିତ୍ୟାଗ ନୁହେଁ ଆତ୍ମ ବିକାଶ ସହିତ ଜଡିତ। ଯଦି ଆଧୁନିକତାର ନାମରେ ଜଣେ ବ୍ୟକ୍ତି ନୈତିକ ମୂଲ୍ୟବୋଧ ଏବଂ ସାମାଜିକ ଦାୟିତ୍ୱରୁ ଦୂରେଇ ଯାଏ ତେବେ ସେ ନିଜକୁ କିମ୍ବା ସମାଜକୁ ଉନ୍ନତ କରିପାରିବ ନାହିଁ। ସଂସ୍କାର ଏବେ ଇଚ୍ଛାଧୀନ ଏବଂ ସଂସ୍କୃତି ଏକ ପାଠ୍ୟପୁସ୍ତକ ଯାହାକୁ ପରୀକ୍ଷାର ଗୋଟିଏ ଦିନ ପୂର୍ବରୁ ପଢ଼ାଯାଏ ଏବଂ ତାପରେ ଗୋଟିଏ ବର୍ଷ ପାଇଁ ଭୁଲିଯାଏ। ଆଧୁନିକତା ଭାରତୀୟ ମାନସିକତାକୁ ଏପରି ଏକ ସନ୍ଧିରେ ପହଞ୍ଚାଇ ଦେଇଛି ଯେଉଁଠାରେ ଶାଳୀନତା ଏକ ପୁରୁଣା ପାଦଚଲା ରାସ୍ତା ପରି ଏବଂ ସ୍ୱାଧୀନତା ଏକ ଦ୍ରୁତଗାମୀ ରାଜପଥ ପରି ମନେହୁଏ। ନୂତନ ପିଢ଼ି ସ୍ୱାଧୀନତା ଚାହେଁ କିନ୍ତୁ କେଉଁଠାରୁ ମୁକ୍ତ ହେବ ତାହା ନିଷ୍ପତ୍ତି ନେଇପାରୁନାହିଁ। ସମାଜରୁ ନା ନିଜ ଦାୟିତ୍ୱରୁ ? ସ୍ୱାଧୀନତାର ଅର୍ଥ ଏବେ ଏତେ ବିସ୍ତାରିତ ହୋଇଛି ଯେ ଶୃଙ୍ଖଳା ଏଥିରେ ବୁଡ଼ି ରହିବା ଆରମ୍ଭ କରିଛି। ବିବାହ ଯାହା ପୂର୍ବରୁ ଏକ ପବିତ୍ର ବନ୍ଧନ ଥିଲା ଏବେ ଏହାକୁ କେବଳ ସୁବିଧାର ଚୁକ୍ତି ଭାବରେ ଦେଖାଯାଉଛି। ଏପରି ସମ୍ପର୍କର ଧାରା ବୃଦ୍ଧି ପାଉଛି ଯେଉଁଥିରେ ବିବାହକୁ ବ୍ୟକ୍ତିଗତ ସ୍ୱାଧୀନତା ଉପରେ ନିୟନ୍ତ୍ରଣ ଭାବି ପ୍ରତ୍ୟାଖ୍ୟାନ କରାଯାଏ। ଏହା ପ୍ରକୃତରେ ସ୍ୱାଧୀନତା ନା ଦାୟିତ୍ୱରୁ ଖସିଯିବାର ଏକ ସୁସଜ୍ଜିତ ଉପାୟ ତାହା ବିଚାର କରିବା ଉଚିତ୍। ଯେତେବେଳେ ବିବାହରେ ସମର୍ପଣ ଏବଂ ସହାବସ୍ଥାନର ଭାବନା ଦୁର୍ବଳ ହୋଇଯାଏ ସେତେବେଳେ ସମାଜର ସନ୍ତୁଳନ ମଧ୍ୟ ଦୋହଲିବାକୁ ଲାଗେ। ଗୋଟିଏ ସମୟ ଥିଲା ଯେତେବେଳେ ଲୋକମାନେ କଠିନ ପରିଶ୍ରମ କରି ରୋଜଗାର କରୁଥିଲେ ଏବଂ ସନ୍ତୁଷ୍ଟ ଭାବରେ ବଞ୍ଚୁଥିଲେ। ଏବେ ଖୁସି ମହଙ୍ଗା ଏବଂ ସାଜସଜ୍ଜା ହେବାରେ ଲାଗିଛି। ଜଗତୀକରଣ ସମାଜକୁ ଏକ ବହୁରାଷ୍ଟ୍ରୀୟ ଉପଭୋକ୍ତାବାଦୀ ମଞ୍ଚରେ ପରିଣତ କରିଛି ଯେଉଁଠାରେ ପାରମ୍ପରିକ ମୂଲ୍ୟବୋଧ ଉପରେ ବଡ଼ ରିହାତି ଅଛି ଏବଂ ପାଶ୍ଚାତ୍ୟ ଚିନ୍ତାଧାରା ମହଙ୍ଗା ଥାକ ଉପରେ ସଜାଯାଇଛି ଯେଉଁଠାରେ ନୂତନ ପିଢ଼ି ଚାକଚକ୍ୟ ଆଧାରରେ କିଣାବିକା କରୁଛନ୍ତି। ଏବେ ସମୟ, ଚିନ୍ତାଧାରା ଏବଂ ଭାବନା ବ୍ୟବସାୟ ହେଉଛି। ପାଶ୍ଚାତ୍ୟ ସମାଜରେ ସ୍ୱାଧୀନତାକୁ ସର୍ବୋଚ୍ଚ ବିବେଚନା କରାଯାଏ ଯାହା ଭାରତୀୟ ସମାଜର ସାମୂହିକ ଚେତନା ଏବଂ ବ୍ୟବସ୍ଥା ସହିତ ଆଦୌ ମେଳ ଖାଏ ନାହିଁ। ଭାରତୀୟ ସମାଜରେ କର୍ତ୍ତବ୍ୟକୁ ସ୍ୱାଧୀନତାର ସ୍ତମ୍ଭ ଭାବରେ ବିବେଚନା କରାଯାଇଛି। ସ୍ୱାମୀ ବିବେକାନନ୍ଦଙ୍କ ଏହି ବକ୍ତବ୍ୟ ଅତ୍ୟନ୍ତ ପ୍ରାସଙ୍ଗିକ ମନେହୁଏ 'ସଂସ୍କୃତି ଯେକୌଣସି ଜାତିର ଆତ୍ମା ଏବଂ ଯଦି ଆତ୍ମା ମରିଯାଏ ତେବେ ଶରୀରର କୌଣସି ମୂଲ୍ୟ ନାହିଁ।' ସ୍ୱାମୀ ବିବେକାନନ୍ଦ ସମାଜର ପାରମ୍ପରିକ ପ୍ରଥାକୁ ମଧ୍ୟ ଚ୍ୟାଲେଞ୍ଜ କରିଥିଲେ କିନ୍ତୁ ସେ ଭାରତୀୟତାର ମୌଳିକ ଉପାଦାନରୁ ମୁହଁ ଫେରାଇ ନଥିଲେ। ସେ ମାନବତାର ପୁନରୁଦ୍ଧାରର ପ୍ରତୀକ ହୋଇଥିଲେ। ଆଜି ଯେତେବେଳେ ଯୁବପିଢ଼ି ସ୍ୱାଧୀନତା ନାମରେ ପରମ୍ପରାକୁ ନଷ୍ଟ କରୁଛନ୍ତି ସେତେବେଳେ ଆତ୍ମନିରୀକ୍ଷଣ କରିବା ଉଚିତ୍ ଯେ ସେମାନେ ମୁକ୍ତ ହେଉଛନ୍ତି ନା କେବଳ ଏକ ନୂତନ ହୀନତାର ଜାଲରେ ଫସି ଯାଉଛନ୍ତି ! ଏହି ବିଦ୍ରୋହ ଆତ୍ମନିରୀକ୍ଷଣରୁ ଜନ୍ମ ନେଇଛି ନା ଏହା କେବଳ ପାଶ୍ଚାତ୍ୟ ପ୍ରଭାବର ଅନ୍ଧ ଅନୁକରଣ ? ପରିବର୍ତ୍ତନ କେବଳ ସେତେବେଳେ ଅର୍ଥପୂର୍ଣ୍ଣ ଯେତେବେଳେ ଏହା ଆତ୍ମବିକାଶ ଏବଂ ସାମାଜିକ ଉନ୍ନତି ପାଇଁ ପଥ ପ୍ରଶସ୍ତ କରେ। ପ୍ରଶ୍ନ ଏହା ନୁହେଁ ପରିବର୍ତ୍ତନ ଉଚିତ୍ କି ନୁହେଁ ବରଂ ଉଦ୍ଦେଶ୍ୟ କ'ଣ ବିନାଶ ନା ପୁନଃନିର୍ମାଣ ?



ଜଗତସିଂହପୁର, (ଭାସ୍କର ନ୍ୟୁଜ): ଜଗତସିଂହପୁର ବାଲେଶ୍ୱର ଥାନା ଅଞ୍ଚଳର ପୋଲିସ ଏସଆଇ ଚାକିରୀ ପାଇଥିବା ଅମିତି ପାଢ଼ୀ ନାମକ ଜଣେ ଯୁବକ ଫେସବୁକରୁ ପ୍ରେମ କରି ଜଗତସିଂହପୁର ଥାନା ଅଞ୍ଚଳର ଜଣେ ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ଉଠାଇ ନେଇ ବିବାହ କରିଥିଲେ। ବିବାହ ପରେ ନାବାଳିକା ୧୦ମ ଶ୍ରେଣୀ ଛାତ୍ରୀଙ୍କୁ ତାଙ୍କ ପରିବାର ସହିତ ସମ୍ପୃକ୍ତ ପୋଲିସ ଏସଆଇ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇ ଚାଲିଥିଲେ। ଶେଷରେ ଉକ୍ତ ନାବାଳିକାକୁ ଗାଡ଼ିରେ ବସାଇ ଆସି ବାପ ଘରେ ଛାଡ଼ି ଦେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ୪ ମାସ ତଳେ ଜଗତସିଂହପୁର ଥାନାରେ ଏତଲା ଦେଇଥିଲେ ମଧ୍ୟ ଥାନା କର୍ତ୍ତୃପକ୍ଷ କୌଣସି ଗୁରୁତ୍ୱ ଦେଇନଥିଲେ। ଶେଷରେ କୋର୍ଟ ହସ୍ତକ୍ଷେପ ପରେ ଜଗତସିଂହପୁର ଥାନାରେ ୨୯୦/୨୫ନଂ କେସ ରୁଜୁ ହେବା ସହିତ ପୁରୀ ଏସପିଙ୍କୁ ଘଟଣା ସମ୍ପର୍କରେ ଅବଗତ କରାଯାଇଥିଲା। ପୁରୀ ଏସପି ସମ୍ପୃକ୍ତ ଏସଆଇଙ୍କୁ ନିଲମ୍ବିତ କରିବା ପରେ ସେ କେଉଁ ଆଡେ ଫେରାର ହୋଇଯାଇଥିଲେ। ଜଗତସିଂହପୁର ଏସପିଙ୍କ ତତ୍ତ୍ୱାବଧାନରେ ଏକ ଚାରିଜଣିଆ ସ୍ପେଶାଲ ସ୍କ୍ୱାର୍ଡ ସମ୍ପୃକ୍ତ ଏସଆଇଙ୍କୁ ଖୋଜାଖୋଜି ଚଳାଇଥିଲେ ଓ ଗତକାଲି ପୋଲିସ ସଫଳ ହୋଇଛି। ଫେରାର ଏସଆଇଙ୍କୁ ଆଜି ଜଗତସିଂହପୁରରେ ହାଜର କରାଯିବା ପରେ ତାଙ୍କୁ ଡାକ୍ତରୀ ମାଇନା କରାଯାଇ କୋର୍ଟ ଚାଲାଣ କରାଯିବା ବିଷୟ ଏସପି ଭବାନୀ ଶଙ୍କର ଉଦଗାତା ସୂଚନା ଦେଇଛନ୍ତି।



## ଇତିହାସ ବିଭାଗର ସ୍ୱାଗତ ଉତ୍ସବ କାର୍ଯ୍ୟକ୍ରମ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ମହାବିଦ୍ୟାଳୟ ଇତିହାସ ବିଭାଗ ପକ୍ଷରୁ ନୂତନ ଛାତ୍ରଛାତ୍ରୀମାନଙ୍କ ପାଇଁ ବୁଧବାର ଦିନ ଏକ ସ୍ୱାଗତ ପର୍ବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ସସ୍ମିତା ଶତପଥୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ତମ ଚରିତ୍ର ଗଠନ, ମୂଲ୍ୟବୋଧ ତଥା କର୍ତ୍ତବ୍ୟ ପରାୟଣ ଉପରେ ଗୁରୁତ୍ୱ ଦେବାପାଇଁ କହିଥିଲେ। ବିଭାଗୀୟ ମୁଖ୍ୟ ଲେଫ୍ଟନାଣ୍ଟ କମାଣ୍ଡର ଅକ୍ଷୟ ଚନ୍ଦ୍ର ମିଶ୍ର ସଭାକାର୍ଯ୍ୟକୁ ପରିଚାଳନା କରିଥିଲେ। ବିଭାଗର ଅଧ୍ୟାପକ ସନ୍ତୋଷ କୁମାର ମିଶ୍ର, ପ୍ରତୀକ କୁମାର ପଣ୍ଡା, ଅଧ୍ୟାପିକା ସଂଘମିତ୍ରା ପ୍ରଧାନ ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନପ୍ରକାରର ପ୍ରତିଯୋଗିତା ତଥା ସଙ୍ଗୀତ କାର୍ଯ୍ୟକ୍ରମ କରାଯାଇଥିଲା।

## ମାଗଣା ଚକ୍ଷୁ ଚିକିତ୍ସା ଶିବିର



**ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍):** ଚୌଦ୍ୱାର ମହାବିଦ୍ୟାଳୟ ପରିସରରେ ଏକ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ରୋଭର ରେଞ୍ଜର ୟୁନିଟ୍ ପକ୍ଷରୁ ଏହି ଶିବିର ଆୟୋଜନ କରାଯାଇଥିବା ବେଳେ ୟୁନିଟ୍‌ର ସଭାପତି ଆରଣ୍ୟକ ରାଉତରାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କଲେଜର ଶତାଧିକ ଛାତ୍ରଛାତ୍ରୀ ମାନେ ନିଜ ନିଜର ଚକ୍ଷୁ ପରୀକ୍ଷା କରାଇଥିଲେ। କଲେଜର ୫ଟି ହଲରେ ଡକ୍ଟର ଅଗ୍ରୱାଲ ଆଇ କ୍ଲିନିକ୍‌ର ଡାକ୍ତରୀ ଟିମ୍‌ଙ୍କ ଦ୍ୱାରା ଶିବିର ପରିଚାଳନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟକ୍ଷା ରଶ୍ମୀ ରାଉତରାୟଙ୍କ ସହ ସମସ୍ତ ଅଧ୍ୟାପକ ଅଧ୍ୟାପିକା ଏବଂ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ଅବକାରୀ ବିଭାଗର ମିଳିତ ଚଢ଼ାଉ

# ୪ ହଜାର ଲିଟର ଦେଶୀ ମଦ ଜବତ



ଭୁବନ/କାଳିଆପାଣି, (ଭାସ୍କର ନ୍ୟୁଜ): ଯାଜପୁର ଓ ଢେଙ୍କାନାଳ ଜିଲ୍ଲାର ଉପାନ୍ତ ଅଞ୍ଚଳର ରଗଡ଼ା ଡ୍ୟାମ ନିକଟରୁ ବୁଧବାର ବିପୁଳ ପରିମାଣର ଦେଶୀ ମହୁଲି ମଦ ଏବଂ ପୋଚ ଜବଦ ହୋଇଛି। ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଏକ୍‌ଜ୍ୟୁକୁଟିଭ ମାଜିଷ୍ଟ୍ରେଟ କମଳା ମଲ୍ଲିକ ଏବଂ କାମାକ୍ଷାନଗର ରେଞ୍ଜ ଡେପୁଟି ସୁପରିଟେଣ୍ଡେଣ୍ଟ ଶାଶ୍ୱନ କୁମାର ଭୋଳଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ଜିଲ୍ଲାର ୪ଗୋଟି ଥାନା ଅଧିନରେ ଥିବା ଅବକାରୀ ବିଭାଗ ଯଥା କାମାକ୍ଷାନଗର, ଭୁବନ, ପରଜଙ୍ଗ ଏବଂ ତୁମୁସିଙ୍ଗା ସେକ୍ସନର ଅଧିକାରୀ, ଶତାଧିକ ଅବକାରୀ ବିଭାଗର ସଶସ୍ତ୍ର କନଷ୍ଟେବଳ ଏବଂ ମହିଳା ପୋଲିସ ଏଥିରେ ସାମିଲ ଥିଲେ। ଅବକାରୀ ବିଭାଗର ଅଚାନକ ଚଢ଼ାଉ ସମୟରେ ରଗଡା ଡ୍ୟାମ ବନ୍ଧ ତଳେ ସ୍ଥାନୀୟ ଅଞ୍ଚଳର ମଦ ରାନ୍ଧୁଥିବା ଲୋକମାନେ ଦୌଡ଼ି ପଳାଇଥିଲେ। ପୋଲିସ ଉକ୍ତ ସ୍ଥାନକୁ ପହଞ୍ଚିବା ପୂର୍ବରୁ ମଦ ରାନ୍ଧୁଥିବା ଲୋକମାନେ ସେଠାରୁ ଖସି ପଳାଇବାକୁ ସାକ୍ଷମ ହୋଇଥିଲେ। ସେହି ସ୍ଥାନରୁ ୪୦୦୦ ଲିଟର ମହୁଲି ମଦ, ୩୦୦୦ ଲିଟର ମହୁଲି ପୋଚ, ୬୦ ଟି ସିଲଭର ଡ଼େକଚି, ୧୦୦ ଗୋଛା ଜାଳେଣି କାଠ ସେଠାରୁ ଜବଦ ହୋଇଥିଲା। ଗତ ୨୦୨୩ ମସିହାରେ ଅଭିଯୋଗ ପାଇ କଙ୍କଡ଼ାହାଡ଼ ଥାନା ଅଧିକାରୀ ଉକ୍ତ ସ୍ଥାନକୁ ଚଢ଼ାଉ ପାଇଁ ଆସି ମଦ ରାନ୍ଧୁଥିବା ଲୋକ ମାନଙ୍କ ଆକ୍ରମଣର ଶିକାର ହୋଇ ଅଟକ ଥିଲେ। ଚଳିତ ଥର ଏଠାରେ ଏକ ବଡ଼ ଧରଣର ଧରପଗଡ଼ ହୋଇଛି। ଯାହା ସମଗ୍ର ଢେଙ୍କାନାଳ ଜିଲ୍ଲା ଓ କାଳିଆପାଣି ଖଣି ଅଞ୍ଚଳରେ ଚାଞ୍ଚଲ୍ୟ ଖେଳିଯାଇଛି। ଦୀର୍ଘ ବର୍ଷ ହେବ ଉକ୍ତ ରଗଦା ଡ୍ୟାମ ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଗାଁ ଗୁଡିକର ଲୋକମାନେ ନିର୍ଦ୍ୱନ୍ଦରେ ମହୁଲି ମଦ ରାନ୍ଧି ନିକଟରେ ଥିବା କାଳିଆପାଣି ଖଣି ଅଞ୍ଚଳର ବିଭିନ୍ନ ବସ୍ତି, କଳିଙ୍ଗନଗର, ଟମକା, ଭୁବନ, କଙ୍କଡ଼ାହାଡ଼ ଏବଂ ସୁକିନ୍ଦା ଆଦି ଅଞ୍ଚଳକୁ ଚୋରା ଚାଲାଣ ଅବକାରୀ ବିଭାଗ ଗୋଚରରେ କରାଯାଉ ଥିଲା। ଆଜିର ଚଢ଼ାଉରେ ଅବକାରୀ ବିଭାଗର ଇନ୍ସପେକ୍ଟର ପ୍ରକାଶ କୁମାର ସାହୁ, ସବ ଇନ୍ସପେକ୍ଟର ସୌରଭ କୁମାର ମିଶ୍ର, ଓ ଆଇ ସି ଦୀପଦ୍ୟୁତନ ବିଶ୍ୱାଳ, ବାସନ୍ତୀ ବାକଲି, ପ୍ରକାଶ କୁମାର ନାୟକ, ବୁଲୁ ପାତ୍ର, ଏଏସଆଇ ସନାତନ ବେହେରା, ପ୍ରକାଶ କୁମାର ରାଉତ, ବିଜନ କୁମାର ସାହୁଙ୍କ ସମେତ ଦୁଇଜଣ ହାବିଲଦାର, ୫ ଜଣ ସିପାହିଙ୍କ ସମେତ ଶତାଧିକ କନେଷ୍ଟବଳ ଏଥିରେ ସାମିଲ ଥିଲେ।

## ଅମଲା କାର୍ଯ୍ୟବନ୍ଦ ଆନ୍ଦୋଳନ ୧୦ ଦିନ ବିତିଲା

ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ଦଶ ଦଫା ଦାବି ନେଇ ରାଜସ୍ୱ ଅମଲା ସଂଘର ନିଷ୍ପତ୍ତି କ୍ରମେ ରଘୁନାଥପୁର ବ୍ଲକ, ତହସିଲ ଓ ଆଇସିଡିଏସ୍‌ରେ କାର୍ଯ୍ୟରତ ରାଜସ୍ୱ କର୍ମଚାରୀମାନେ ଛୁଟିରେ ରହିବା ୧୦ ଦିନ ବିତିଲା। ଫଳରେ ତହସିଲରେ ବହୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବନ୍ଦ ହୋଇଯିବା ସହ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣଜନତା ସେବା ପାଇବାରୁ ବଞ୍ଚିତ ହୋଇଛନ୍ତି। ଅଫିସ କାର୍ଯ୍ୟ ଏକ ପ୍ରକାର ଠପ ହୋଇଯାଇଛି। ଏପରିକି ଲୋକେ ଜାତିଗତ ପ୍ରମାଣପତ୍ର ପାଇବା ପାଇଁ ଅପେକ୍ଷା କରିବାକୁ ପଡିଛି। ସେହିପରି ବ୍ଲକରେ ଅର୍ଥନୈତିକ କାରବାର, ଉନ୍ନୟନ ମୂଳକ କାର୍ଯ୍ୟ ଓ ନଥିପତ୍ର କାର୍ଯ୍ୟ ସମ୍ପୂର୍ଣ୍ଣ ଭାବେ ବନ୍ଦ ପଡିଛି। କାର୍ଯ୍ୟକରି ଠିକାଦାରମାନେ ସେମାନଙ୍କ ବିଲ ପାଇପାରୁ ନାହାନ୍ତି। ଆଇସିଡିଏସ ଅଫିସରେ ମଧ୍ୟ ଅନୁରୂପ ଅବ୍ୟବସ୍ଥା ଲାଗି ରହିଛି। ଲୋକେ ନାହିଁନଥିବା ଅସୁବିଧାରେ ସମ୍ମୁଖିନ ହେଉଛନ୍ତି। ଉପଯୁକ୍ତ ସମୟରେ ସେବା ପାଇନପାରି ଲୋକଙ୍କ ମନରେ ଅସନ୍ତୋଷ ସୃଷ୍ଟି ହେଉଛି। ଏଥିପାଇଁ ସରକାରଙ୍କ ବିଧି ବ୍ୟବସ୍ଥାକୁ ଦାୟୀ କରିଛନ୍ତି ସାଧାରଣ ଜନତା। ତେବେ ବ୍ଲକ ଓ ତହସିଲରେ କିଛି କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିବା ଏବଂ ଯଥାସମ୍ଭବ ଲୋକଙ୍କୁ ସେବା ଯୋଗାଇ ଦିଆଯାଉଥିବା ସମ୍ପର୍କରେ ବିଡିଓ ବିରଞ୍ଚି ନାରାୟଣ ବେହେରା ଓ ତହସିଲଦାର ରାଜଲକ୍ଷ୍ମୀ ନାୟକ ପ୍ରକାଶ କରିଛନ୍ତି।

## ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ମାରାଥନ୍ ଶୁଭ ଉଦ୍‌ଘାଟନ ଓ ଭିତିପ୍ରସ୍ତର ସ୍ଥାପନ



ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ରାଜ୍ୟରେ ବିଜେପି ସରକାରର ବିକାଶ ଚାଲିଥିବା ବେଳେ ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ବିକାଶର ଧାରା ଜାରି ରହିଛି। ବିଧାୟକ ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ୭ଟି ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ଓ ଗୋଟିଏ ଶୀତଳ ଭଣ୍ଡାରର ଭିତି ପ୍ରସ୍ତର ସ୍ଥାପନ ହୋଇଯାଇଛି। ଏହି ବ୍ଲକ୍ ଅନ୍ତର୍ଗତ ଏକମକୋଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, କୋପିନ୍ଦା ପାଟେଳି ସରକାରୀ ପ୍ରାଥମିକ ବିଦ୍ୟାଳୟ, ସଲଙ୍ଗ ସରକାରୀ ପ୍ରାଥମିକ ବିଦ୍ୟାଳୟ, କୋହ୍ଲଣା ସରକାରୀ ପ୍ରାଥମିକ ବିଦ୍ୟାଳୟ, ନହନ୍ତରା ସରକାରୀ ପ୍ରାଥମିକ ବିଦ୍ୟାଳୟ, କୁରୁକୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟ ଓ ବୁଧେଇ ସରକାରୀ ପ୍ରାଥମିକ ବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହ ନିର୍ମାଣ ପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ ୧୧ ଲକ୍ଷ ୮୨ ହଜାର ଲେଖାଏଁ ଟଙ୍କା ପ୍ରାୟ ୭୦ ଲକ୍ଷ ୯୨ ହଜାର ଟଙ୍କା ବ୍ୟୟ ବରାଦ କରାଯାଇଛି। ଉକ୍ତ କାର୍ଯ୍ୟ ଯଥାଶୀଘ୍ର ସାରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ବିଜେପି ନେତା ଶ୍ୟାମ ସୁନ୍ଦର ନାୟକ, ସାଂସଦଙ୍କ ବ୍ଲକ୍ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା, ଏନ୍‌ଏସି ପ୍ରତିନିଧି ମୀନଳତା ମହାନ୍ତି, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ, ବ୍ଲକ୍ କନିଷ୍ଠ ଯନ୍ତ୍ରୀ ସ୍ମିତିପ୍ରଜ୍ଞା ପଣ୍ଡା, ବ୍ଲକ୍ ଶିକ୍ଷାଧିକାରୀ କୈଳାସ ଚନ୍ଦ୍ର ପାଢ଼ୀ, ଅତିରିକ୍ତ ଶିକ୍ଷାଧିକାରୀ ସୁଦର୍ଶନ ଭୋଇ, ଭୋଗଶାଳଦା ସରପଞ୍ଚ ସଚିଦାନନ୍ଦ ରାଉତରାୟ, ସମିତି ସଭ୍ୟା ବେବିନା ଜେନା, ପଞ୍ଚାୟତ ବିଜେପି ସଭାପତି ଧନଞ୍ଜୟ ମହାପାତ୍ର, ବରିଷ୍ଠ ନେତା ବିଜୟ କୁମାର ପଣ୍ଡା, ଯତିନ୍ଦ୍ର ସ୍ୱାଇଁ, ସନ୍ତୋଷ ପରିଡ଼ା, ଦିଲ୍ଲୀପ କୁମାର ପରିଡ଼ାଙ୍କ ସମେତ ବିଭିନ୍ନ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର କାର୍ଯ୍ୟକର୍ତ୍ତା, ଦଳୀୟ କର୍ମୀ ଉପସ୍ଥିତ ଥିଲେ। ସେହିପରି ନିମାପଡ଼ାସ୍ଥିତ ବିଷ୍ଣୁପୁର ଉଦ୍ୟାନ ବିଭାଗ କାର୍ଯ୍ୟାଳୟ ସମ୍ମୁଖରେ ୯ କୋଟି ୧୨ ଲକ୍ଷ ଟଙ୍କା ବ୍ୟୟରେ ବରାଳ ଶୀତଳ ଭଣ୍ଡାରର ଶିଳାନ୍ୟାସ ହୋଇଯାଇଛି। ନିମାପଡ଼ା ଉଦ୍ୟାନ ବିଭାଗର ଅଧିକାରୀ ଶୁଭଶ୍ରୀ କରଙ୍କ ସଂଯୋଜନାରେ ଆୟୋଜିତ ଶିଳାନ୍ୟାସ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟିକା ତଥା ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ସମ୍ମାନୀତ ଅତିଥି ଭାବେ ବିଭାଗୀୟ ଡ଼େପୁଟି ଡ଼ାଇରେକ୍ଟର ପୁରୀ (ସାକ୍ଷୀଗୋପାଳ) ମଞ୍ଜୁଳା ତ୍ରିପାଠୀ, ଶୀତଳ ଭଣ୍ଡାର ପ୍ରୋପାଇଟର ସୋନାଲି ବରାଳ, ବିଷ୍ଣୁ ବରାଳ, ବିଡ଼ିଓ ଡ଼ଃ ଅଭିଜିତ ଷଡ଼ଙ୍ଗୀ ପ୍ରମୁଖ ଯୋଗ ଦେଇଥିଲେ। ଉକ୍ତ ଶୀତଳ ଭଣ୍ଡାରଟି ୬ ମାସ ମଧ୍ୟରେ କାର୍ଯ୍ୟ ସାରିବାକୁ ମର୍ଡ଼ନ ରେଫ୍ରିଜେଟର ଓ ଇଞ୍ଜିନିୟରିଙ୍ଗ ସଂସ୍ଥାର ପରିଚାଳକ ଆମେନ ସିଂକୁ କହିଛନ୍ତି। ଉକ୍ତ ଶୀତଳ ଭଣ୍ଡାରଟି କାର୍ଯ୍ୟକାରୀ ହେଲେ ଅଂଚଳର ହଜାର ହଜାର ଚାଷୀ ଉପକୃତ ହୋଇପାରିବେ। ସେହିପରି ନିମାପଡ଼ା ବଳଙ୍ଗା ମହାବିଦ୍ୟାଳୟ ପରିସରରେ ଅତିରିକ୍ତ ଶ୍ରେଣୀ ଗୃହ ସହ ସରକାରୀ ଧନ୍ଦା ମୂଳକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ନୂତନ ଶ୍ରେଣୀ ଗୃହ ବୁଧବାର ଦିନ ପୂର୍ବାହ୍ନରେ ରାଜ୍ୟ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଭାତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଥମେ ୨୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ସରକାରୀ ଧନ୍ଦା ମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିବା ପରେ ୧ କୋଟି ଟଙ୍କା ବ୍ୟୟରେ ମହାବିଦ୍ୟାଳୟର ଅତିରିକ୍ତ ଶ୍ରେଣୀ ଗୃହକୁ ଉଦ୍‌ଘାଟନ କରିଥିଲେ। ପରେ କଲେଜର ଓଡ଼ିଆ ଭାଷା ସାହିତ୍ୟର ମୁଖ୍ୟ ମିଥୁନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଆଲୋଚନା ଚକ୍ରରେ ଉପ-ମୁଖ୍ୟମନ୍ତ୍ରୀ ପରିଡ଼ା ଯୋଗ ଦେଇ ବର୍ତ୍ତମାନ ରାଜ୍ୟରେ ଯୌନ ନିର୍ଯ୍ୟାତନା ବଢ଼ୁଥିବା ବେଳେ ତାକୁ କିଭଳି ପ୍ରତିରୋଧ କରାଯାଇ ପାରିବ ଓ ବିଶେଷ କରି କିଶୋରୀମାନେ କିଭଳି ଏହି ନିର୍ଯ୍ୟାତନାକୁ ଡ଼ିର ନଯାଇ ସାହାସର ସହିତ ପ୍ରତିରୋଧ କରିପାରିବେ ସେ ନେଇ ଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ। ପରେ ସାଇଁଶ ପଞ୍ଚାୟତ ଗସ୍ତ କରି ପଞ୍ଚାୟତର ଭଗବତୀପୁର ଠାରେ ମା’ ଭଗବତୀଙ୍କୁ ଦର୍ଶନ କରି ସେଠାରୁ ଏକ ଶୋଭାଯାତ୍ରାରେ ପଞ୍ଚାୟତ କାର୍ଯ୍ୟାଳୟରେ ପହଞ୍ଚି ପଞ୍ଚାୟତ ପରିସରରେ ପଞ୍ଚାୟତରାଜ ଓ ପାନୀୟ ଜଳ ବିଭାଗ ଦ୍ୱାରା ପଂଚଦଶ ଅର୍ଥ କମିଶନ ଯୋଜନାରେ ୧୦ ଲକ୍ଷ ଟଙ୍କା ବ୍ୟୟରେ ପଞ୍ଚାୟତ ସୁବିଧା କେନ୍ଦ୍ର ଓ ମହିଳା ଓ ଶିଶୁ ବିକାଶ ଯୋଜନାରେ ୩୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପଞ୍ଚାୟତ ସ୍ତରୀୟ ମହିଳା ମହାସଂଘ ଗୃହ ନିର୍ମାଣ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିମାପଡ଼ା ବିଡ଼ିଓ ଅଭିଜିତ ଷଡ଼ଙ୍ଗୀ, ବଳଙ୍ଗା ବିଜେପି ମଣ୍ଡଳ ସଭାପତି ତଥା ସାଇଁଶ ପଞ୍ଚାୟତ ସରପଞ୍ଚ ଦେବାଶିଷ ଆଚାର୍ଯ୍ୟ, ବଳଙ୍ଗା ସରପଞ୍ଚ ଅଞ୍ଜଳୀ ପ୍ରଧାନ, ସମାଜସେବୀ ସୁକାନ୍ତ ବରାଳ, ସମିତି ସଭ୍ୟା ସନ୍ଧ୍ୟାରାଣୀ ରଥ ପ୍ରମୁଖ ଉପସ୍ଥିତ ଥିଲା ବେଳେ ଶାନ୍ତି ଶୃଙ୍ଖଳା ଦୃଷ୍ଟିରୁ ପୋଲିସ ପ୍ରଶାସନ ପକ୍ଷରୁ ଅତିରିକ୍ତ ଏସ୍‌ପି ସଚିନ୍ ପଟେଲ, ପିପିଲି ଡ଼ିଏସ୍‌ପି ଦେବାଶିଷ ମିଶ୍ର ଓ ବଳଙ୍ଗା ଥାନାଧିକାରୀ ଦିବ୍ୟ ରଞ୍ଜନ ପଣ୍ଡାଙ୍କ ସହ ପୋଲିସ ଫୋର୍ସ ନିୟୋଜିତ ଥିଲେ।

## ବ୍ଲାକ୍ ଆଉଟରୁ ବେଞ୍ଚମାର୍କ ପର୍ଯ୍ୟନ୍ତ ଓଡ଼ିଶା ବିଦ୍ୟୁତ ବଣ୍ଟନରେ ପରିବର୍ତ୍ତନ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ବିଦ୍ୟୁତ ବଣ୍ଟନରେ ଘରୋଇ କ୍ଷେତ୍ରର ଅଂଶଗ୍ରହଣ - ସେବାର ଦକ୍ଷତା, ନିର୍ଭରଯୋଗ୍ୟତା ଏବଂ ବିଦ୍ୟୁତ ବଣ୍ଟନ ସଂସ୍ଥାଗୁଡ଼ିକର ଆର୍ଥିକ ଅବସ୍ଥାକୁ ସଫଳ ଭାବେ ଉନ୍ନତ କରିବାରେ ସକ୍ଷମ। ଏହି ପରିବର୍ତ୍ତନର ସବୁଠାରୁ ଆକର୍ଷଣୀୟ ଉଦାହରଣ ହେଉଛି ଓଡ଼ିଶା ମଡେଲ, ଯାହା ସାମ୍ପ୍ରତିକ ବର୍ଷଗୁଡ଼ିକରେ ସଂସ୍କାର ପାଇଁ ଏକ ବେଞ୍ଚମାର୍କ ଭାବେ ଉଭା ହୋଇଛି। କେବଳ ପରିଚାଳନାର ସ୍କେଲ ହିଁ ଓଡ଼ିଶାର ପରିବର୍ତ୍ତନକୁ ଏକ ଉଲ୍ଲେଖନୀୟ ସଫଳତା ଦେଇଛି। ରାଜ୍ୟର ବିଦ୍ୟୁତ ବଣ୍ଟନ ନେଟୱାର୍କ ଚାରୋଟି ଡିସକମ ଜରିଆରେ ୯୭.୪ ଲକ୍ଷରୁ ଅଧିକ ଗ୍ରାହକଙ୍କୁ ସେବା ଯୋଗାଇଥାଏ ଏବଂ ୧,୫୫,୭୦୭ ବର୍ଗ କିଲୋମିଟର ଭୌଗୋଳିକ ଅଞ୍ଚଳକୁ ଅନ୍ତର୍ଭୁକ୍ତ କରିଥାଏ। ଏହା ଭାରତର ମୋଟ ଭୌଗୋଳିକ ଅଞ୍ଚଳର ପ୍ରାୟ ୪.୭୪%। ଅଧିକାଂଶ ବିଦ୍ୟୁତ ବଣ୍ଟନରେ ଘରୋଇ ଅଂଶଗ୍ରହଣ ସହରାଞ୍ଚଳରେ କେନ୍ଦ୍ରୀଭୂତ ରହିଥିବା ବେଳେ, ଓଡ଼ିଶା ଏହାର ଗ୍ରାମାଞ୍ଚଳକୁ ସଂସ୍କାରର ବିସ୍ତାର କରିବାକୁ ବାଛିଚି। ଏକ ପ୍ରମାଣିତ ଟ୍ରାକ ରେକର୍ଡ ଏବଂ ଚ୍ୟାଲେଞ୍ଜି ଭୌଗୋଳିକ ଅଞ୍ଚଳରେ ସେବା ଯୋଗାଇବାର କ୍ଷମତା ଥିବା ଅଂଶୀଦାରଙ୍କୁ ଆଣିବାର ନିଷ୍ପତ୍ତି ଫଳପ୍ରଦ ହୋଇଛି। ଆଜି ସମଗ୍ର ରାଜ୍ୟ ଉଭୟ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଉନ୍ନତ ନିର୍ଭରଯୋଗ୍ୟତା, ଦକ୍ଷତା ଏବଂ ସେବା ଯୋଗୁଁ ଉପକୃତ ହେଉଛି। ଏହା ଓଡ଼ିଶାର ପ୍ରଥମ ପ୍ରୟାସ ନଥିଲା। ପୂର୍ବରୁ କ୍ଷେତ୍ରଟିକୁ ଘରୋଇକରଣ କରିବାର ପ୍ରୟାସ ଆଶାନୁଯାୟୀ ଫଳ ଦେଇ ନଥିଲା। କିନ୍ତୁ ଓଡ଼ିଶା ସଂସ୍କାର ରାସ୍ତାରେ ଅଟଳ ରହିଲା, ଅଭିଜ୍ଞତାରୁ ଶିଖିଲା ଏବଂ ଉତ୍ତରଦାୟିତ୍ୱ, କାର୍ଯ୍ୟଦକ୍ଷତା ଏବଂ ଦୀର୍ଘକାଳୀନ ପ୍ରତିବଦ୍ଧତାକୁ ଗୁରୁତ୍ୱ ଦେଉଥିବା ଏକ ପଥ ବାଛିଲା। ଫଳସ୍ୱରୂପ, ଏକ ଅଂଶୀଦାରୀ ମଡେଲ ସୃଷ୍ଟି ହୋଇଛି, ଯାହା ଦକ୍ଷତା ଏବଂ ସମାନତା ଉଭୟ ପ୍ରଦାନ କରିଛି। ୨୦୨୦ରେ, ରାଜ୍ୟର ବିଦ୍ୟୁତ ବଣ୍ଟନ କ୍ଷେତ୍ରକୁ ପୁନର୍ଜୀବିତ କରିବା ପାଇଁ ଏକ ପ୍ରମୁଖ ସାର୍ବଜନୀନ-ଘରୋଇ ଅଂଶୀଦାରୀ ଆରମ୍ଭ ହୋଇଥିଲା। ମୁମ୍ବାଇ ଓ ଦିଲ୍ଲୀରେ ସଫଳ ଡିସକମ ପରିଚାଳନା ପାଇଁ ପରିଚିତ ଟାଟା ପାୱାରକୁ ଏହି ଦାୟିତ୍ୱ ଦିଆଯାଇଥିଲା। ସେ ସମୟରେ ରାଜ୍ୟର ବିଦ୍ୟୁତ ବିତରଣ କ୍ଷେତ୍ର ସଂଘର୍ଷ ଦେଇ ଗତି କରୁଥିଲା। ଚାରୋଟି ସରକାରୀ ଡିସକମ ସେସୁ, ନେସ୍କୋ, ୱେସ୍କୋ ଏବଂ ସାଉଥକୋ ଉଚ୍ଚ ଏଟି ଆଣ୍ଡ ସି କ୍ଷତି, ପୁରୁଣା ଭିତ୍ତିଭୂମି, ବାଧା ପ୍ରାପ୍ତ ବିଦ୍ୟୁତ ସରବରାହ ଏବଂ ଗ୍ରାହକଙ୍କ ଅସନ୍ତୋଷ ଭିତରେ ଗତି କରୁଥିଲା। ପୂର୍ବରୁ ଘରୋଇକରଣର ପ୍ରୟାସ ବିଫଳ ହୋଇଥିଲା, ଏବଂ ଶକ୍ତିକ୍ଷେତ୍ରର ଜରୁରୀ ସଂସ୍କାରର ଆବଶ୍ୟକତା ଥିଲା। ୨୦୨୦ ଓ ୨୦୨୧ ମଧ୍ୟରେ, ଅଂଶୀଦାରୀ ଜରିଆରେ ଚାରୋଟି ନୂଆ ସଂସ୍ଥା ଗଠନ ହୋଇଥିଲା: ମଧ୍ୟ ଓଡ଼ିଶା ପାଇଁ ଟିପିସିଓଡିଏଲ୍, ଦକ୍ଷିଣ ଓଡ଼ିଶା ପାଇଁ ଟିପିଏସ୍‌ଓଡିଏଲ୍, ପଶ୍ଚିମ ଓଡ଼ିଶା ପାଇଁ ଟିପିଡବ୍ଲୁଡିଏଲ, ଏବଂ ଉତ୍ତର ଓଡ଼ିଶା ପାଇଁ ଟିପିଏନ୍‌ଓଡିଏଲ୍। ସ୍ମାର୍ଟ ଗ୍ରିଡ ପ୍ରଯୁକ୍ତିବିଦ୍ୟା ପ୍ରବର୍ତ୍ତନ କରାଯାଇଥିଲା ଏବଂ ରାଜ୍ୟବ୍ୟାପୀ ଗ୍ରାହକ ସେବା କେନ୍ଦ୍ର ସ୍ଥାପନ ମାଧ୍ୟମରେ ଗ୍ରାହକ ସେବାକୁ ଉନ୍ନତ କରାଯାଇ ଥିଲା। ୨୦୨୫ ଆର୍ଥିକ ବର୍ଷ ସୁଦ୍ଧା, ଓଡ଼ିଶାର ଡିସକମଗୁଡ଼ିକ ଅଧିଗ୍ରହଣ ପରେ ଏଟି ଆଣ୍ଡ ସି କ୍ଷତିକୁ ପ୍ରାୟ ୧୩% ହ୍ରାସ କରିଛନ୍ତି। ୨୦୨୪ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ ମନ୍ତ୍ରାଳୟଙ୍କଠାରୁ ଏହା ଏ+ ରେଟିଂ ମଧ୍ୟ ପାଇଛି, ଯାହା ଏହାକୁ ଦେଶର ଶୀର୍ଷ ପ୍ରଦର୍ଶନକାରୀ ଉପଯୋଗିତା ସଂସ୍ଥା ମଧ୍ୟରେ ସ୍ଥାନିତ କରିଛି। ପରିଚାଳନା ମେଟ୍ରିକ ଛଡ଼ା, ଏହି ପରିବର୍ତ୍ତନର ଗୁରୁତ୍ୱପୂର୍ଣ୍ଣ ସାମାଜିକ ପ୍ରଭାବ ରହିଛି। ଗ୍ରାମାଞ୍ଚଳ, ଆଦିବାସୀ, ଉପାନ୍ତ ଓ ଦୁର୍ଗମ ଅଞ୍ଚଳରେ ସେବାର ନିର୍ଭରଯୋଗ୍ୟତା ଉନ୍ନତ ହୋଇଛି। ଗ୍ରାହକମାନେ ଏବେ ଡିଜିଟାଲ ବିଲିଂ ଏବଂ ଅଭିଯୋଗ ନିରାକରଣ ପ୍ଲାଟଫର୍ମରୁ ଉପକୃତ ହେଉଛନ୍ତି। ସ୍ଥାନୀୟ ଯୁବକମାନେ ଆଞ୍ଚଳିକ ତାଲିମ କେନ୍ଦ୍ର ମାଧ୍ୟମରେ ଦକ୍ଷତା ବିକାଶ ଏବଂ ନିଯୁକ୍ତି ସୁଯୋଗ ପାଇଛନ୍ତି। ଶକ୍ତି କ୍ଷେତ୍ରରେ ଓଡ଼ିଶାର ବିଦ୍ୟୁତ ପରିଚାଳନା ସାରା ଦେଶରେ ଏକ ମଡେଲ ଭାବରେ ଉଭା ହୋଇଛି। ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ (ଓଇଆରସି) ଏବଂ ଓଡ଼ିଶା ସରକାରଙ୍କ ପରାମର୍ଶ ଓ ସହାୟତା ଏହି ଯାତ୍ରା ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା। ଯାହାଦ୍ୱାରା ଡିସକମଗୁଡ଼ିକ ସହରାଞ୍ଚଳ ସହିତ ଦୁର୍ଗମ ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳକୁ ରୂପାନ୍ତର କରିବାର ବିଶାଳ କାର୍ଯ୍ୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଜାରି ରଖିଛନ୍ତି।

## ମାଗଣା ସ୍ୱାସ୍ଥ୍ୟ ସେବା ଶିବିର

ବୌଦ୍ଧ, (ଭାସ୍କର ନ୍ୟୁଜ୍): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ସଂକୁଳଇ ପଂଚାୟତ ଠାରେ କେନ୍ଦୁପତ୍ର ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗର ଆନୁକୂଲ୍ୟରେ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ଡ଼. ସିଦ୍ଧାର୍ଥ ସାହୁଙ୍କ ତତ୍ତ୍ୱାବଧାନରେ ଅଡ଼େନିଗଡ ସମସ୍ତ ୧୬୨ଜଣ ତୋଳାଳୀ, ବନ୍ଧାଳୀ ଓ ସାମୟିକ କର୍ମଚାରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଅଛି। ଔଷଧ ବଣ୍ଟନ ମଧ୍ୟ କରାଯାଇଅଛି। ସଂକୁଳଇ, ନୂଆପଡା, ହରିହରପୁର, କମ୍ପୁନାଥପୁର, ବରଝୁଲି, ଶଙ୍କରଡ଼ା ଓ ବିଶିପାଲି ଫଡିର ତୋଳାଳୀ ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ କେନ୍ଦୁପତ୍ର ବନ ଖଣ୍ଡ ଅଧିକାରୀ ସୁଦର୍ଶନ ବାଦୀ, ହରଭଙ୍ଗା କେନ୍ଦୁପତ୍ର ବନାଞ୍ଚଳ ଅଧିକାରୀ ରାଜେଶ କୁମାର ସାହୁ ଓ ସ୍ଥାନୀୟ ସରପଞ୍ଚ ମଧ୍ୟ ଉପସ୍ଥିତ ରହିଥିଲେ। ଏହି କାର୍ଯ୍ୟକ୍ରମରେ ଫରେଷ୍ଟର ପ୍ରହଲ୍ଲାଦ ପ୍ରଧାନ, ସୁବାସିନୀ ମହାକୁଳ, ବନରକ୍ଷୀ ପିଙ୍କି ପ୍ରଧାନ, ସୁରଥ ପ୍ରଧାନ, ଘାସିରାମ ପ୍ରଧାନ, ରାଜୁକିଶୋର ପ୍ରଧାନ, ରମେଶ ପ୍ରଧାନ ସହଯୋଗ କରିଥିଲେ।

## ବିଜେପିର ନିର୍ବାଚନୀ ମଣ୍ଡଳୀସ୍ତରୀୟ ବୈଠକରେ ଉପ-ମୁଖ୍ୟମନ୍ତ୍ରୀ




ନିମାପଡ଼ା, (ଭାସ୍କର ନ୍ୟୁଜ୍): ନିମାପଡ଼ା ନିର୍ବାଚନ ମଣ୍ଡଳୀରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ାଙ୍କ ପ୍ରତି ଜନ ସମର୍ଥନ ବଢୁଥିବା ବେଳେ ଏହାକୁ ବିରୋଧୀ ସହଜରେ ହଜମ କରିପାରୁ ନାହାନ୍ତି। ଅନେକ ସମୟରେ ବିରୋଧୀ ଉପ-ମୁଖ୍ୟମନ୍ତ୍ରୀ ଗାୟବ ବୋଲି ମନ୍ତବ୍ୟ ଦେଉଥିଲେ ମଧ୍ୟ ସେଥିପ୍ରତି ଉପ-ମୁଖ୍ୟମନ୍ତ୍ରୀ ନଜର ନ ଦେଇ ବିକାଶ ମୂଳକ କାର୍ଯ୍ୟରେ ଲାଗି ପଡ଼ିଛନ୍ତି। ବୁଧବାର ଅପରାହ୍ନରେ ନିମାପଡ଼ା ସହୀଦ ଭବନ ପରିସରରେ ନିର୍ବାଚନ ମଣ୍ଡଳୀ ସ୍ତରୀୟ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା, ଜିଲ୍ଲା ପରିଷଦ ସଭ୍ୟ ପ୍ରମୋଦ ରାୟ, ସାଂସଦ ପ୍ରତିନିଧି ମୀନଳତା ମହାନ୍ତି, ପୂର୍ଣ୍ଣଚନ୍ଦ୍ର ଓଝା, ବରିଷ୍ଠ ସଂଗଠକ ଯତିନ୍ଦ୍ର ସ୍ୱାଇଁ, କାଉନସିଲର ତଥା ନଗର ସଭାପତି ନିରଞ୍ଜନ ନାୟକ, ଆର୍ତ୍ତବନ୍ଧୁ ମହାନ୍ତିଙ୍କ ସମେତ ହଜାର ହଜାର କର୍ମୀ ଯୋଗ ଦେଇଥିଲେ। ବିଭିନ୍ନ ପଞ୍ଚାୟତରେ ୱାର୍ଡ଼ ସ୍ତରରୁ ସଂଗଠନକୁ ଦୃଢ଼ କରିବା ପାଇଁ ଉପ-ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା କର୍ମୀମାନଙ୍କୁ ଗୁରୁ ମନ୍ତ୍ର ଦେଇଛନ୍ତି। ବିଭିନ୍ନ ୱାର୍ଡ଼ରୁ ସଂଗଠନକୁ ମଜବୁତ କରିବା ସହ ପଞ୍ଚାୟତ ମାନଙ୍କରେ ଥିବା ବିଭିନ୍ନ ସମସ୍ୟା ସମ୍ପର୍କରେ ଗୁରୁତ୍ୱ ଦେବା ସହ ଉପ-ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଗୁଡ଼ିକ ଜଣାଇବା ପାଇଁ କହିଥିଲେ। ଆଗାମୀ ଦିନରେ ବିଜେପି ସରକାର ବିକାଶ ମୂଳକ ଚିନ୍ତାଧାରା ନେଇ ବିକାଶ କରି ଚାଲୁଛି ଯେପରି ଲୋକମାନଙ୍କର କୌଣସି ସମସ୍ୟା ରହେ ନାହିଁ। ପ୍ରଧାନମନ୍ତ୍ରୀ ଦେଇଥିବା ବାର୍ତ୍ତାକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ମୂଳ ଲକ୍ଷ୍ୟ ବୋଲି କହିଥିଲେ। ବିରୋଧୀ ସମାଲୋଚନା କରିବେ ଆମେ ମଧ ବିରୋଧୀ ଭୂମିକାରେ ଥିବା ବେଳେ ସମାଲୋଚନା କରୁଥିଲୁ। ସେଥିପ୍ରତି କୌଣସି ଗୁରୁତ୍ୱ ଦେବା ଆବଶ୍ୟକ ନାହିଁ ବୋଲି ଉପ-ମୁଖ୍ୟମନ୍ତ୍ରୀ କହିଛନ୍ତି। ଗତ କିଛିଦିନ ତଳେ କେତେକ ବିରୋଧୀ ଗୋଷ୍ଠୀ ଉପ-ମୁଖ୍ୟମନ୍ତ୍ରୀ ଉଭାନ୍ ବୋଲି କୁତ୍ସା ରଚନା କରିଥିଲେ। ତଥାପି ବିରୋଧୀଙ୍କ ପ୍ରତି ଆମ୍ଭ ସରକାରର ସମ୍ମାନ ରହିଛି ବୋଲି ଶ୍ରୀମତି ପ୍ରଭାତି ପରିଡ଼ା କହିଛନ୍ତି। ଏହି ନିର୍ବାଚନ ମଣ୍ଡଳୀ ସ୍ତରୀୟ ବୈଠକରେ ସରପଞ୍ଚ, ସମିତି ସଭ୍ୟ, ୱାର୍ଡ଼ ସଭ୍ୟ, କାଉନସିଲର, ମଣ୍ଡଳ ସଭାପତି, ପଞ୍ଚାୟତର ନେତୃତ୍ୱ ପ୍ରମୁଖ ଯୋଗ ଦେଇଥିଲେ।

## ବିଦ୍ୟୁତ ଆଘାତରେ ଚାଷୀ ମୃତ

କାକଟପୁର, (ଭାସ୍କର ନ୍ୟୁଜ୍): କାକଟପୁର ବ୍ଲକ ଅନ୍ତର୍ଗତ ବାଙ୍ଗୁରିଗାଁ ଗ୍ରାମ ପଞ୍ଚାୟତ ଛୋଟିପଡ଼ା ଗ୍ରାମର ରମେଶ ମଲ୍ଲ (୪୮)ଙ୍କର ବିଦ୍ୟୁତ ଆଘାତରେ ମୃତ୍ୟୁ ହୋଇଯାଇଛି। ବର୍ଷା ଅଭାବରୁ ନିଜ ଚାଷ ଜମିରେ ପାଣି ମଡ଼ାଇବା ସମୟରେ ବିଦ୍ୟୁତ ସଂସ୍ପର୍ଶ ରେ ଆସି ତାଙ୍କର ମୃତ୍ୟୁ ହୋଇଛି। ସଠିକ ପରିମାଣରେ ବର୍ଷା ନହେବା ଫଳରେ ଚାଷୀମାନେ ନିରୁପାୟ ହୋଇ ଘର ଠାରୁ ବହୁତ ଦୂରରେ ଜମି ଥିବାରୁ ବିପଦ ସଂକୁଳ ଅବସ୍ଥାରେ ତାର ଟାଣି ମଟର ଯୋଗେ ପାଣି ମଡ଼ାଇବା ଦ୍ୱାରା ବିଦ୍ୟୁତ ସଂସ୍ପର୍ଶରେ ଆସି ତାଙ୍କର ମୃତ୍ୟୁ ହୋଇଥିବା ପ୍ରତେକ୍ଷ ଦର୍ଶୀ ସୂଚନା ଦେଇଛନ୍ତି। ପାଣି ଅଭାବରୁ ପମ୍ପ ଦ୍ୱାରା ପାଣି ଦେବାକୁ ଯାଇ ନିକଟରେ ବହୁ ଚାଷୀ ଙ୍କର ଜୀବନ ଅକାଳରେ ଚାଲି ଯାଉଥିବାର ଦେଖାଯାଉ ଅଛି। ରମେଶ ତାଙ୍କ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ହୋଇଥିବାରୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହେଉଛି। ଜନ ସଚେତନତାର ଆବଶ୍ୟକ ରହିଥିବାରୁ ସରକାର ତଥା ପ୍ରଶାସନ ସଜାଗ ରହିଲେ ବହୁ ଗରିବ ଚାଷୀଙ୍କର ଜୀବନ ରକ୍ଷା ପାଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଆଜବେଷ୍ଟ ଭାଙ୍ଗି ଲକ୍ଷାଧିକ ଟଙ୍କାର ସାମଗ୍ରୀ ଲୁଟ୍




ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ୍): ନିଶ୍ଚିନ୍ତକୋଇଲି ଥାନା ଠାରୁ ମାତ୍ର ୫୦ମିଟର ଦୂରରେ ଥିବା ଏକ ଦୋକାନର ଆଜବେଷ୍ଟ ଭାଙ୍ଗି ଲୁଟେରାମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଲୁଟିନେବା ଘଟଣାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋର ଧରିଛି। ନିଶ୍ଚିନ୍ତକୋଇଲି ବ୍ଲକ ଜିଙ୍ଗ୍ପିପୁର ଗ୍ରାମପଞ୍ଚାୟତ ମହାଜନପୁର ଗ୍ରାମର ପ୍ରଦ୍ୟୁମ୍ନ ବେହେରା କଟକ-ଚାନ୍ଦବାଲି ରାସ୍ତାର ନିଶ୍ଚିନ୍ତକୋଇଲି ଥାନା ଠାରୁ ମାତ୍ର ୫୦ମିଟର ଦୂରରେ ଏକ ଚା, ପାନ ଓ ଷ୍ଟେସନାରୀ ଦୋକାନ କରି ନିଜର ପରିବାର ପ୍ରତିପୋଷଣ କରିଆସୁଥିଲେ। ଗତକାଲି ରାତ୍ର ୧୧ଟାରେ ବେହେରା ନିଜ ଦୋକାନ ବନ୍ଦ କରି ଘରକୁ ଯାଇଥିଲେ। ବୁଧବାର ସକାଳେ ଆସି ଦୋକାନ ଖୋଲିଲା ବେଳକୁ ଦୋକାନର ଆଜବେଷ୍ଟ ଭଙ୍ଗାଯାଇଥିବାର ଦେଖିବାକୁ ପାଇଥିଲେ। ଦୁବୃତ୍ତମାନେ ତାଙ୍କ ଦୋକାନରେ ଥିବା ନଗଦ ୨୦ହଜାର ଟଙ୍କା ,୫୦ହଜାର ଟଙ୍କାର ମୂଲ୍ୟବାନ ଚକଲେଟ, ୫ହଜାର ଟଙ୍କା ମୂଲ୍ୟର ଆଇସକ୍ରିମ, ୧୬ ହଜାର ଟଙ୍କା ମୂଲ୍ୟର ସିଗାରେଟ, ୨ହଜାର ଟଙ୍କା ମୂଲ୍ୟର ଗୁଟକା, ୧୫ ହଜାର ଟଙ୍କା ମୂଲ୍ୟର ଥଣ୍ଡାକେନ, ୨ହଜାର ଟଙ୍କା ମୂଲ୍ୟର ବିସ୍କୁଟ, ୫ହଜାର ଟଙ୍କା ମୂଲ୍ୟର ସାବୁନ ଓ ସର୍ଫ ଏବଂ ୫ହଜାର ଟଙ୍କା ମୂଲ୍ୟର ଦେହଲଗା ପାଉଡର ଲୁଟି ନେଇଥିବାର ବେହେରା ନିଶ୍ଚିନ୍ତକୋଇଲି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ସିସିଟିଭି ଫୁଟେଜରେ ଲୁଟେରାଙ୍କ ଫଟୋ କଏଦ ହୋଇଥିବାର ଜଣାଯାଇଛି। ନିଶ୍ଚିନ୍ତକୋଇଲି ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ତେବେ ଥାନା ଠାରୁ ମାତ୍ର ୫୦ମିଟର ଦୂରରେ ଏଭଳି ବଡ ଧରଣର ଚୋରି ହେବା ଘଟଣାକୁ ନେଇ ବ୍ୟବସାୟୀମାନେ ଆତଙ୍କିତ ହୋଇପଡିଛନ୍ତି।

## ବେଆଇନ୍ ପ୍ଲେ-ସ୍କୁଲକୁ ନିୟନ୍ତ୍ରଣ ନିମନ୍ତେ ଶିକ୍ଷା ସଚିବଙ୍କୁ ଅଭିଯୋଗ ପତ୍ର

ଭୁବନେଶ୍ୱର, (ଭାସ୍କର ନ୍ୟୁଜ୍): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଛତୁ ଫୁଟିଲା ପରି ଖୋଲାଯାଇଥିବା ପ୍ଲେ’ସ୍କୁଲଗୁଡ଼ିକରେ କିଭଳି ଶିକ୍ଷା ଓ ତାଲିମ୍ ଦିଆଯାଉଛି, ସେଗୁଡ଼ିକର ତଦାରଖ ହେଉନି କି ଯାଞ୍ଚ କରାଯାଉ ନାହିଁ। ନ୍ୟାସନାଲ ପ୍ୟାରେଣ୍ଟ୍ ଫେଡେରେସନ୍ ସଭାପତି ଭୁମୋହନ ବେବର୍ତ୍ତା ପଟ୍ଟନାୟକ ଏ ସଂକ୍ରାନ୍ତରେ ବୁଧବାରେ ଏକ ପ୍ରେସ୍ ବିବୃତିରେ ଜଣାଇ ସରକାରଙ୍କ ସ୍ୱୀକୃତି ବିନା ଚାଲୁଥିବା ବେଆଇନ୍ ପ୍ଲେ ସ୍କୁଲ୍ ଗୁଡ଼ିକୁ ସରକାରଙ୍କ ନୀୟମ ଅନୁଯାୟୀ ପଞ୍ଜୀକୃତ କରି ସ୍ୱୀକୃତି ପ୍ରଦାନ କରିବାକୁ ଶିକ୍ଷା ସଚିବଙ୍କୁ ଅଭିଯୋଗ ପତ୍ର ଦାଖଲ କରିଛନ୍ତି। ଯଦି ତୁରନ୍ତ ଏହା ଉପରେ ଉପଯୁକ୍ତ ପଦକ୍ଷେପ ନ ନିଆଯାଏ ତା ହେଲେ ଆଇନଗତ ପଦକ୍ଷେପ ନିଆଯିବ। ମିଳିଥିବା ତଥ୍ୟ ଅନୁଯାୟୀ, ପ୍ରତିବର୍ଷ ଖାଲି ଭୁବନେଶ୍ୱରରେ ପ୍ରାୟ ୧୫ ହଜାର ଛାତ୍ରଛାତ୍ରୀ ଘରୋଇ ପ୍ଲେ’ ସ୍କୁଲରେ ନାମ ଲେଖାଉଛନ୍ତି। ନାମଲେଖା ବାବଦରେ ମୋଟା ଅଙ୍କର ଅର୍ଥ ନିଆଯାଉଛି, କିନ୍ତୁ ସରକାରଙ୍କ ଦ୍ୱାରା ଧାର୍ଯ୍ୟ ନୀୟମ ପାଳନ କରାଯାଉ ନାହିଁ ଯାହାର ଭରପୁର ଫାଇଦା ନେଉଛନ୍ତି ସ୍କୁଲ ମାଲିକ। ସବୁଠାରୁ ବଡ଼ କଥା ହେଉଛି ଯେ ଭୁବନେଶ୍ୱରରେ କେତେ ଘରୋଇ ପ୍ଲେ-ସ୍କୁଲ ରହିଛି ତାହାର ତଥ୍ୟ କାହା ପାଖରେ ନାହିଁ। ଘରୋଇ ପ୍ଲେ-ସ୍କୁଲ ଉପରେ ଲଗାମ ଲଗାଇବା ପାଇଁ ୨୦୧୭-୧୮ ଶିକ୍ଷାବର୍ଷରେ ରାଜ୍ୟ ସରକାର ଅଣ୍ଟା ଭିଡ଼ିଥିଲେ। ବିଶେଷଜ୍ଞ କମିଟି କରି ଗାଇଡ୍‌ଲାଇନ୍ ପାଇଁ ଡ୍ରାଫ୍ଟ ମଧ୍ୟ ପ୍ରସ୍ତୁତ କରିଥିଲେ, ୨୦୧୮ ଜାନୁଆରି ମାସରେ ଏଭଳି ଡ୍ରାଫ୍ଟ ପ୍ରସ୍ତୁତ କରିଥିଲା ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ କଲ୍ୟାଣ ବିଭାଗ। କିନ୍ତୁ ତାହା ଆଜି ପର୍ଯ୍ୟନ୍ତ ଲାଗୁ ହୋଇପାରି ନାହିଁ। ବିଭାଗୀୟ ମନ୍ତ୍ରୀ ଓ ସଚିବ ବାରମ୍ବାର କହୁଛନ୍ତି ଖୁବ୍‌ଶୀଘ୍ର ଗାଇଡ୍‌ଲାଇନ୍ ଜାରି ହେବ। କେନ୍ଦ୍ର ସରକାରଙ୍କ ଜାତୀୟ ଶିକ୍ଷାନୀତି ୨୦୨୦ ପ୍ରଚଳନ ପରେ ପ୍ଲେ-ସ୍କୁଲଗୁଡ଼ିକର ପରିଚାଳନା କିଭଳି ହେବ ସେନେଇ ୨୦୧୭ରୁ କେନ୍ଦ୍ର ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ହେଲେ ତାହାକୁ ଏବେ କୋମାରେ ରଖିଛନ୍ତି ରାଜ୍ୟ ସରକାର। ନ୍ୟାସନାଲ ପ୍ୟାରେଣ୍ଟ ଫେଡେରେସନ୍ ତରଫରୁ ଏକ ପ୍ରତିନିଧି ମଣ୍ଡଳୀ ବୁଧବାର ଶିକ୍ଷା ସଚିବଙ୍କ ଅଭିଯୋଗ ପ୍ରକୋଷ୍ଠରେ ଯୁଗ୍ମ ଶାସନ ସଚିବଙ୍କୁ ଅଭିଯୋଗ ପତ୍ର ଦାଖଲ କରି ତୁରନ୍ତ ଗାଇଡଲାଇନ୍ ଜାରି କରିବାକୁ ଦାବି କରିଛନ୍ତି। ପ୍ରତିନିଧି ମଣ୍ଡଳୀରେ ଫେଡେ-ରେସନ୍‌ର ଉପଦେଷ୍ଟା ନାଗାର୍ଜୁନ ସେଠୀ ଉପସଭାପତି ସ୍ୱପ୍ନେନ୍ଦୁ ସାମନ୍ତରାୟ, ନିର୍ମଳ ରାଉତ, ସାଧାରଣ ସମ୍ପାଦକ ରମେଶ ଭାରତୀ, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ବନ୍ଧୁମିଳନ ଓ ଚାରାରୋପଣ କାର୍ଯ୍ୟକ୍ରମ



ପାରାଦୀପ, (ଭାସ୍କର ନ୍ୟୁଜ୍): ପାରାଦୀପ ଉପକଣ୍ଠ ଭୁତମୁଣ୍ଡାଇ ବଜାର ନିକଟସ୍ଥ ବାନ୍ଧକୁଦ ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା ବ୍ରହ୍ମାଣୀଙ୍କ ପୀଠରେ ବନ୍ଧୁମିଳନ ଓ ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଭ୍ୟ ତଥା ବିଶିଷ୍ଟ ସ୍ତମ୍ଭକାର ଅକ୍ଷୟ କୁମାର ରାଉତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମା’ଙ୍କ ପୀଠରେ ଚାରା ରୋପଣ କରି ଠାକୁରାଣୀଙ୍କ ପୀଠକୁ ସବୁଜମୟ କରିବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ କବି ଡ଼ଃ. କିଶୋର କୁମାର ଜେନା, ବରିଷ୍ଠ ସାମ୍ବାଦିକ ଚିତ୍ତରଞ୍ଜନ ସ୍ୱାଇଁ, ଡା. ରବୀନ୍ଦ୍ର କୁମାର ସ୍ୱାଇଁ, ସମାଜସେବୀ ପ୍ରମୋଦ କୁମାର ଜେନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆୟୋଜକ ମାନଙ୍କ ପ୍ରଚେଷ୍ଟାକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମକୁ ରାଧାଶ୍ୟାମ ସୁତାର, ଅଶୋକ କୁମାର ସେଠୀ ପରିଚାଳନା କରିଥିବା ବେଳେ ଠାକୁରାଣୀଙ୍କ ସେବକ ପାପୁନି ମିଶ୍ରଙ୍କୁ ମୁଖ୍ୟ ଅତିଥି ରାଉତ ସମ୍ବର୍ଦ୍ଧିତ କରିଥିଲେ।




ନବରଙ୍ଗପୁର, (ଭାସ୍କର ନ୍ୟୁଜ୍): ସ୍ଥାନୀୟ ଜିଲ୍ଲାପରିଷଦ ସମ୍ମିଳନୀ ଗୃହରେ ନିଯୋଜନ ନିର୍ଦ୍ଦେଶକ ତଥା ଓ ଏସ ଡି ଏଇଓ, ଜିଲ୍ଲା ପାଇଁ ନିଯୁକ୍ତ ନୋଡାଲ ଅଧିକାରୀ ରଶ୍ମିତା ପଣ୍ଡାଙ୍କ ଅଧ୍ୟକ୍ଷତାରେଏକ ସମୀକ୍ଷା ବୈଠକ ଅନୁଷ୍ଠିତହୋଇଯାଇଛି। ଏଥିରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ବିଶ୍ୱଜିତ ବର୍ମନ, ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ବିଜୟ ନାରାୟଣ ଦରଗାନ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଆଦିତ୍ୟ ସେନ, ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ଜିଲ୍ଲା ନୋଡାଲ ଅଧିକାରୀ ଶ୍ରୀମତୀ ପଣ୍ଡା ବିଭିନ୍ନ ବିଭାଗୀୟ ଯୋଜନାର ସମୀକ୍ଷା କରିଥିଲେ। ସମୀକ୍ଷାରେ ନବରଙ୍ଗପୁର ମହାବିଦ୍ୟାଳୟ ଓ ମଡେଲ ଡିଗ୍ରୀ କଲେଜର କଟ୍ଟପକ୍ଷଙ୍କ ଛାତ୍ରଛାତ୍ରୀଙ୍କ ପାଇଁ ଜୀବିକା ପରାମର୍ଶ ଓ ନିଯୁକ୍ତି ଅବସ୍ଥିତି ସମ୍ପର୍କରେ ପଚାରି ବୁଝିଥିଲେ। ସ୍ୱାସ୍ଥ୍ୟ ବିଭାଗର ଆୟୁଷ୍ମାନ ଭାରତ ଏବଂ ବୟୋ ବନ୍ଦନା କାର୍ଡ ବିତରଣ, ଗ୍ରାମୀଣ ପାନୀୟ ଜଳ ଯୋଗାଣ ବିଭାଗର ମେଗା ପାନୀୟ ଜଳ ଯୋଜନାରେ ଗାଁ ଅନ୍ତର୍ଭୁକ୍ତି, ପ୍ରତ୍ୟେକ ଘରକୁ ପିଇବା ପାଣି ଏବଂ ହର ଘର ଜଳ, ଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କ ପାଠ ସହ ଜୀବିକା ପରାମର୍ଶ, ମେଟ୍ରିକ୍ ପାସ୍ ହାର, ପିଏମଶ୍ରୀ ବିଦ୍ୟାଳୟ, ଗୋଦାବରୀଶ ମିଶ୍ର ଆଦର୍ଶ ବିଦ୍ୟାଳୟ, ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ନୂତନ ଭାବେ ଗଣ୍ଡି ଓ ଉଚରା ଭାଷାରେ ପ୍ରାଥମିକ ସ୍ତରରେ ଶିକ୍ଷା ପ୍ରଣାଳୀ ପ୍ରକଳ୍ପକୁ ଭିଡିଓ ମାଧ୍ୟମରେ ପ୍ରଦର୍ଶନ ଉପରେ ପଚାରି ବୁଝିଥିଲେ। ଜିଲ୍ଲା ଶିଳ୍ପ କେନ୍ଦ୍ର ମାଧ୍ୟମରେ ନବରଙ୍ଗପୁର ଜିଲ୍ଲାର ଭାମିନି ଠାରେ ଥିବା ମକା ପ୍ରସେସିଂ ୟୁନିଟ କାର୍ଯ୍ୟକ୍ରମ ନେଇ ପଚାରି ବୁଝିଥିଲେ।

## ଘରବାରୀ ପଟ୍ଟା ପାଇଁ ଆରମ୍ଭ ହେଲା ଚିହ୍ନଟିକରଣ ପ୍ରକ୍ରିୟା



ଆସିକା, (ଭାସ୍କର ନ୍ୟୁଜ୍) : ସ୍ୱାଧୀନତା ପରଠୁ ହେଉନଥିଲା ପଟ୍ଟା। କେବଳ ଦଖଲରେ ଅଛନ୍ତି ଆସିକା ସହରର ବାସିନ୍ଦା। ଏନ ଏ ସି ର ଅଧିକାଂଶ ଘର ସରକାରୀ ଖାତାରେ ଗ୍ରାମ କଣ୍ଟକ ହିସାବରେ ରହିଛି। ଏହି ସମସ୍ୟାର ସମାଧାନ କରି ତୁରନ୍ତ ପଟ୍ଟା ପ୍ରଦାନ କରିବା ପାଇଁ ବିଧାୟକ ସରୋଜ କୁମାର ପାଢ଼ୀଙ୍କ ଉଦ୍ୟମକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଉଛି। ସ୍ଥାନୀୟ ଉପଜିଲ୍ଲାପାଳଙ୍କ ଉପସ୍ଥିତିରେ ତହସିଲଦାରଙ୍କ ସହଯୋଗ କ୍ରମେ ଆଜି ଆରମ୍ଭ ହୋଇଛି ପଟ୍ଟା ପ୍ରଦାନ ପାଇଁ ଚିହ୍ନଟ କରଣ ପ୍ରକ୍ରିୟା। ଘରକୁ ଘର ବୁଲି ଦଖଲରେ ଥିବା ବ୍ୟକ୍ତି ବିଶେଷଙ୍କୁ ଚିହ୍ନଟ କରିବା ଏବଂ ପରିମାଣ ମାପିବା କାର୍ଯ୍ୟରେ ଲାଗିପଡିଛନ୍ତି ସ୍ଥାନୀୟ ରାଜସ୍ୱ ନିରୀକ୍ଷକ। ସମସ୍ତ ପ୍ରକ୍ରିୟାକୁ ଖୁବଶୀଘ୍ର ସାରିବା ପାଇଁ ଏଧିକ ରାଜସ୍ୱ ନିରୀକ୍ଷକ ଓ ସହକର୍ମୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଅବସର ପ୍ରାପ୍ତ ଆର ଆଇ ଓ ଅମିନ ମାନଙ୍କ ସହଯୋଗରେ ଏହି କାର୍ଯ୍ୟ ସାରିବା ପାଇଁ ପ୍ରତିଶୃତି ଦେଇଛନ୍ତି ଉପଜିଲ୍ଲାପାଳ। ଆସିକା ବାସିନ୍ଦାଙ୍କ ଦୀର୍ଘ ଦିନର ସମସ୍ୟାକୁ ସମାଧାନ କରିବା ଦିଗରେ ବିଜେପି ସରକାର ଆସିଲେ ଆସିକାବାସୀ ରାଜସ୍ୱ ମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଆସିକା ବିଧାୟକ ସରୋଜ ପାଢ଼ୀ। ସରକାର ଏଭଳି ଏକ ଦୃଷ୍ଟାନ୍ତ ମୂଳକ ପଦକ୍ଷେପ ନେବାକୁ ଯାଉଥିବାରୁ ଆସିକା ଅଞ୍ଚଳର ଜନସାଧାରଣ ଖୁସିବ୍ୟକ୍ତ କରିଛନ୍ତି। ଏନ ଏ ସି ର ପାଞ୍ଚ ଖଣ୍ଡ ଗାଁ ଏହି ଗ୍ରାମ କଣ୍ଟକ ଦଖଲରେ ବର୍ଷ ବର୍ଷ ଧରି ରହି ଆସୁଛନ୍ତି। ସ୍ଥାୟୀ ପଟ୍ଟା ନଥିବାରୁ ବିଭିନ୍ନ ସମୟରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି କହିଛନ୍ତି ସ୍ଥାନୀୟ ବାସିନ୍ଦା। ପୂର୍ବ ସରକାରରେ ଏହି ସମସ୍ୟାକୁ ନେଇ ବାରମ୍ବାର ଦାବୀ ଉପସ୍ଥାପନ କରାଯାଇଥିଲେ ମଧ୍ୟ ସମାଧାନ ହୋଇପାରିନଥିଲା। ବର୍ତ୍ତମାନ ଏହି ସମସ୍ୟାର ସମାଧାନ ହେବା ସହିତ ଘରବାରୀ ପଟ୍ଟା ମିଳିବାକୁ ଯାଉଥିବାରୁ ଆସିକା ସହରରେ ଖୁସିର ଲହରୀ ଖେଳି ଯାଇଛି। ଖୁବଶୀଘ୍ର ସମସ୍ତ ଗ୍ରାମ କଣ୍ଟକ ଦଖଲରେ ଥିବା ଅଂଚଳକୁ ଚିହ୍ନଟ କରାଯାଇ ପଟ୍ଟା ବଣ୍ଟନ କରାଯିବ ବୋଲି କହିଛନ୍ତି ତହସିଲଦାର ସଂଗୀତା ସେଣ।

## ରାସ୍ତାରେ ପାଣି, ବାଟୋଇ ହନ୍ତସନ୍ତ

ପରଜଙ୍ଗ, (ଭାସ୍କର ନ୍ୟୁଜ୍) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ସରାଙ୍ଗ ପଞ୍ଚାୟତ ସୁବର୍ଣ୍ଣପୁର ପାଟଣାସାହି ଛକ ପୂର୍ତ୍ତବିଭାଗ ରାସ୍ତା ଉପରେ ପାଣି ଜମିରହିବା ଯୋଗୁଁ, ଯାତାୟାତ କରୁଥିବା ବାଟୋଇ ଏବଂ ସ୍ଥାନୀୟ ବାସିନ୍ଦା ବହୁ ଅସୁବିଧାରେ ପଡୁଥିବା ଜଣାପଡିଛି। ଏହି ରାସ୍ତାଟି ପଣ୍ଡୁଆ, ସାନ୍ଦା, ଭାଲୁମୁଣ୍ଡା ଦିଗରୁ ସରାଙ୍ଗ ଛକ ୫୩ନଂ ଜାତୀୟ ରାଜପଥ ସହିତ ସଂଯୋଗ ରହିଛି। ଏପରିକି ପରଜଙ୍ଗ ଠାରୁ କଳ୍ପତା ଦେଇ ତାଳଚେର ଅଭିମୁଖେ ଯିବା ଆସିବା କରିବା ପାଇଁ ସ୍ୱଳ୍ପ ରାସ୍ତାର ବ୍ୟବଧାନ ହୋଇଥିବାରୁ ଶତାଧିକ ବାଇକ, ଛୋଟ ଗାଡି, ସ୍କୁଲ କଲେଜ ପିଲା ଏବଂ ଅନେକ ପଞ୍ଚାୟତର ଲୋକ ଏହି ରାସ୍ତାରେ ଯାତାୟାତ କରୁଛନ୍ତି। ଦୀର୍ଘ ଦିନରୁ ଏହି ପୂର୍ତ୍ତ ବିଭାଗ ରାସ୍ତାଟି ମରାମତି ନହୋଇଥିବାରୁ ମାତ୍ରାଧିକ ଗାଡି ଯିବାଦ୍ୱାରା ବଡ ବଡ଼ ଖାଲ ଖମା ହୋଇଛି, ଯାହାକି ଅସରାଏ ବର୍ଷା ହେଲେ ପାଣି ଜମିରହେ। ପାଣି ଜମି ରହିବାରୁ ସ୍ଥାନୀୟ ଲୋକଙ୍କ ସମେତ ବାଟୋଇ ମାନେ ହନ୍ତସନ୍ତ ହେଉଛନ୍ତି। ଆଉମଧ୍ୟ ବଡ ଗାଡି ଯିବା ଦ୍ୱାରା ରାସ୍ତା ପାର୍ଶ୍ୱରେ ଥିବା ଘର ମାନଙ୍କ ଉପରକୁ ଓ ଯାତ୍ରୀଙ୍କ ଉପରକୁ ପାଣି ଛିଟିକା ମାରିବା ହେତୁ ଯାତ୍ରୀଙ୍କ ପିନ୍ଧାବସ୍ତ୍ର ନଷ୍ଟ ହେଉଅଛି। ଏ ସମ୍ବନ୍ଧେ ତୁରନ୍ତ ବିଭାଗୀୟ ଦୃଷ୍ଟି ଦେଇ ରାସ୍ତାଟିକୁ ମରାମତି କରିବାକୁ ସ୍ଥାନୀୟ ବାସିନ୍ଦାଙ୍କ ସମେତ ସର୍ବସାଧାରଣ ଦାବି ରଖୁଛନ୍ତି।



## କାନାମୋ ପର୍ବତ ଶିଖରରେ ଉଡ଼ିଲା ୭୯ ଫୁଟ୍‌ର ଜାତୀୟ ପତାକା



ବ୍ରଜରାଜନଗର, (ଭାସ୍କର ନ୍ୟୁଜ୍) : ମାଉଣ୍ଟ କାନାମୋ ଟ୍ରେକିଂ ଅଭିଯାନ ୨୦୨୫ରେ ଏକ ପର୍ବତାରୋହୀ ଦଳ ଗତ ୧୧ ତାରିଖରେ ମନାଲିରୁ ବାହାରି ୧୫ ଅଗଷ୍ଟରେ ହିମାଚଳ ପ୍ରଦେଶର ସ୍ପିତ ଉପତ୍ୟକାର ୧୯,୫୬୫ ଫୁଟ ଉଚ୍ଚତାରେ ଥିବା କାନାମୋ ପର୍ବତ ଶିଖରରେ ୭୯ ଫୁଟ୍‌ର ଜାତୀୟ ପତାକା ଉଡ଼ାଇଥିଲେ। ଏହି କାର୍ଯ୍ୟକ୍ରମ ଜାତୀୟ ସାହସିକ କ୍ଲବ୍ ଚଣ୍ଡିଗଡ଼ ପକ୍ଷରୁ ଆୟୋଜିତ ହୋଇଥିଲା ଏହି ଅଭିଯାନରେ ଦେଶର ୭ ଜଣ ପର୍ବତାରୋହୀ ଭାଗ ନେଇଥିଲେ। ବ୍ରଜରାଜନଗର ପର୍ବତାରୋହି ଅଜିତ କୁମାର ପାଢ଼ୀ ଏଥିରେ ସାମିଲ ହୋଇ ଥିଲେ। ଅଜିତ ବର୍ତ୍ତମାନ ମହାନଦୀ କୋଲ କମ୍ପାନି ପରିଚାଳିତ ଇବ୍ ଭ୍ୟାଲି ଜିଏମ୍ ୟୁନିଟର ସିଭିଲ କାର୍ଯ୍ୟାଳୟର ଅଧୀକ୍ଷକ ଭାବେ କାର୍ଯ୍ୟରତ ଅଛନ୍ତି। ସେମାନେ ସଫଳତାର ସହିତ ଚଣ୍ଡିଗଡ଼ ଫେରି ଆସିଛନ୍ତି। କାନାମୋ ପର୍ବତ ଶିଖରରେ ଅମ୍ଳଜାନର ମାତ୍ର କମ ଅନୁଭବ କରିବାରୁ ସେମାନଙ୍କୁ କୃତ୍ରିମ ଅମ୍ଳଜାନ ନେବାକୁ ପଡିଥିଲା ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି।

## ଟ୍ରେନ ଲାଇନରୁ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର

କୋରାପୁଟ, (ଭାସ୍କର ନ୍ୟୁଜ) କୋରାପୁଟ ଷ୍ଟେସନ ନିକଟ ସୁକୁ ଟ୍ରେନ ଲାଇନରୁ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହକୁ ରେଲୱେ ପୋଲିସ ଜବତ କରିଛି । ବ୍ୟକ୍ତିଙ୍କ ପରିଚୟ ମିଳିପାରିନାହିଁ। ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ଡାକ୍ତରଖାନାରେ ବ୍ୟବଚ୍ଛେଦ ପାଇଁ ପଠାଯାଇଛି । ସନ୍ଧ୍ୟା ସମୟରେ ଏକ ଟ୍ରେନ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଧକ୍କା ଦେବାରୁ କୋଲବା ନଦୀ ଉପରେ ଥିବା ରେଲୱେ ବ୍ରିଜ ଉପରେ ପଡିଥିବାବେଳେ ରେଲୱେ ପୋଲିସ ଘଟଣାସ୍ଥଳରେ ପହଂଚି ମୃତଦେହ ଜବତ କରିଥିଲା । ମୃତଦେହ ଶବାଗାରରେ ରଖାଯାଇଥିବା ସୂଚନା ମିଳିଛି। ବ୍ୟକ୍ତିଙ୍କ ବୟସ ୫୫ବର୍ଷ ଅନୁମାନ କରାଯାଉଥିବା ବେଳେ ସେ କଳା ରଙ୍ଗର ପ୍ୟାଣ୍ଟ ଓ ସୁଇଟର ପିନ୍ଧିଥିଲେ। ରେଲୱେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଏଏସଆଇ ଅମର ସେଠୀ ତଦନ୍ତ କରୁଛନ୍ତି।

## ବୃଦ୍ଧ ଦମ୍ପତିଙ୍କୁ ଆବାସ ଘର ପାଇଁ ଦାବି

କାଳିମେଳା, (ଭାସ୍କର ନ୍ୟୁଜ୍) : ମାଲକାନଗିରି ଜିଲ୍ଲା କାଳିମେଳା ଅଞ୍ଚଳର ସୁଚିତ୍ରା ମଣ୍ଡଳ ବାରମ୍ବାର ପଞ୍ଚାୟତକୁ ଯାଇ ଅନ୍ତୋଦୟ ଯୋଜନାରେ ଘର ପାଇବା ପାଇଁ ଆବେଦନ କରିଥିଲେ। ଦୁର୍ଗମ ଭେଜାଙ୍ଗିୱାଡ଼ା ଗ୍ରାମପଞ୍ଚାୟତର ଏମପିଭି-୩୯ ଗାଁର ବିରେନ ମଣ୍ଡଳ (ମାନସିକ ଭିନ୍ନକ୍ଷମ) ଏବଂ ତାଙ୍କ ସ୍ତ୍ରୀ ସୁଚିତ୍ରା ମଣ୍ଡଳଙ୍କୁ ଆବାସ ଯୋଜନାରେ ଘର ଖଣ୍ଡିଏ ମିଳିପାରିନାହିଁ। ଏଯାବତ ବୃଦ୍ଧ ଦମ୍ପତିଙ୍କୁ ଘର ଖଣ୍ଡିଏ ମିଳିପାରିନାହିଁ। ଯାହାକୁ ନେଇ ସେ ନିରାଶ ହୋଇପଡ଼ିଛନ୍ତି। ସରକାରୀ ଯୋଜନାରେ ୩୫ କିଲୋ ଚାଉଳ ଓ ଉଭୟଙ୍କୁ ମାସକୁ ୧ ହଜାର ଲେଖାଏଁ ଭତ୍ତା ମିଳୁଛି। ତହିଁରେ ସେମାନେ ଚଳୁଛନ୍ତି। ତାଙ୍କର ପୁଅ ଝିଅ ମଧ୍ୟ କେହି ନାହାନ୍ତି। ବିପଦ ସଂକୁଳ ଅବସ୍ଥାରେ ବର୍ଷାରେ ଭିଜି ଯାଇଥିବା କାନ୍ଥ ଘର ଉପରେ ପ୍ଲାଷ୍ଟିକ ଜରି ପକାଇ ଦୟନୀୟ ଅବସ୍ଥା ରହୁଛନ୍ତି। କେତେବେଳେ କାନ୍ଥ ଭୁଶୁଡ଼ି ଅଘଟଣ ଘଟିପାରେ। ତେଣୁ ଏହି ଅସହାୟ ବୃଦ୍ଧ ଦମ୍ପତିଙ୍କୁ ଆବାସ ଘର ଖଣ୍ଡିଏ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।



## ପୂର୍ତ୍ତ ବିଭାଗ ଡାକବଙ୍ଗଳା ବିଧାୟକଙ୍କ ଦ୍ୱାରା ଉଦ୍‌ଘାଟିତ

ଆସିକା, (ଭାସ୍କର ନ୍ୟୁଜ୍) : ଆସିକା ବିଧାୟକ ସରୋଜ ପାଢ଼ୀଙ୍କ କର କମଳରେ ଆସିକା ବ୍ଲକ ଖଣ୍ଡଦେଉଳି ଗ୍ରାମରେ ପୂର୍ତ୍ତ ବିଭାଗ ପକ୍ଷରୁ ଡାକ ବଙ୍ଗଳା ଉଦ୍‌ଘାଟନ। ଖଣ୍ଡଦୋଳି ପଞ୍ଚାୟତ ଅନ୍ତର୍ଗତ ସ୍ଥାନୀୟ କେନ୍ଦ୍ରୀୟ ପଣ୍ୟ ଗାର ନିକଟରେ ନିର୍ମିତ ଏହି ଡାକ ବଙ୍ଗଳାରେ କନଫରେନ୍ସ ହାଲ ସାଙ୍ଗକୁ ସମସ୍ତ ପ୍ରକାର ଭିତ୍ତିଭୂମି ରହିଥିବା ପରିଲକ୍ଷିତ ହୋଇଛି।ଉକ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ଉଦଘାଟନ କରିବା ସାଙ୍ଗକୁ ସ୍ଥାନୀୟ ଜନସାଧାରଣଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ ବିଧାୟକ ସରୋଜ ପାଢ଼ୀ। ପରେ ପରେ ଡାକ ବଙ୍ଗଳା ଚାରିପାଖରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା। ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା ବିଜୟ କୁମାର ସ୍ୱାଇଁ, ଶିବରାମ ନାୟକ, ନିରଞ୍ଜନ ମହାନ୍ତି, ସନ୍ଦୀପ ପାଢ଼ୀ, ଶିବରାମ ଗୌଡ଼, ପ୍ରସନ୍ନ ସ୍ୱାଇଁ,କାଳିଆ ଗୌଡ଼, ବୋଲସର ସରପଞ୍ଚ ସଞ୍ଜୟ ସ୍ୱାଇଁ, ସତ୍ୟବାନ ସାହୁ, ନରେନ୍ଦ୍ର ସାହୁ, ସୁନାପଲି ସରପଞ୍ଚ ପ୍ରତିନିଧି ରାଜେଶ ଦାଶ, ଶିଆଳିଆ ସରପଞ୍ଚ ବବିନା ରାଉତ,ବାବନପୁର ସମିତି ସଭ୍ୟ ସନ୍ତୋଷ ଜେନା, ସମୀର ବେହେରା, ଭିକି ପାତ୍ର ସମେତ ପୂର୍ତ୍ତ ବିଭାଗୀୟ କର୍ମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଦେଢ଼ବର୍ଷ ହେବ ଗ୍ରାମରେ ନାହାଁନ୍ତି ଅଶାକର୍ମୀ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ମୁକୁନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ମୁକୁନ୍ଦପୁର ଗ୍ରାମରେ ଗତ ଦେଢ଼ବର୍ଷ ହେବ ଆଶାକର୍ମୀ ନାହାଁନ୍ତି । ଫଳରେ ପ୍ରସୂତୀମାନେ ସ୍ୱାସ୍ଥ୍ୟ ସେବା ପାଇବାରେ ବିଭିନ୍ନ ସମସ୍ୟା ଉପୁଜୁଛି । ସୂଚନାରୁ ପ୍ରକାଶ ମୁକୁନ୍ଦପୁର ପଞ୍ଚାୟତର ମୁକୁନ୍ଦପୁର ରାଜସ୍ୱ ଗ୍ରାମ ତିନୋଟି ୱାର୍ଡ଼କୁ ନେଇ ଗଠିତ । ଏହି ତିନିୱାର୍ଡ଼ ବିଶିଷ୍ଟ ଗ୍ରାମରେ ପୂର୍ବରୁ ଜ୍ୟୋତିର୍ମୟୀ ଜେନା ଆଶାକର୍ମୀ ଭାବେ କାର୍ଯ୍ୟ କରି ଆସୁଥିଲେ । ହେଲେ ଦେଢ଼ ବର୍ଷ ହେବ ତାଙ୍କର ଅକାଳ ମୃତ୍ୟୁ ହେବା ପରଠାରୁ ନୂତନ କର୍ମୀ ନିଯୁକ୍ତି ହୋଇନାହିଁ। ପ୍ରସୂତୀମାନଙ୍କ ପାଇଁ ସରକାରଙ୍କ ତରଫରୁ ହେଉଥିବା ବିଭିନ୍ନ ଯୋଜନା ଆଶାକର୍ମୀମାନଙ୍କ ମାଧ୍ୟମରେ ହିଁ ପହଞ୍ଚିଥାଏ। ଏପରିକି ଗର୍ଭଧାରଣ ପରେ ଡାକ୍ତରଙ୍କ ଦ୍ୱାରା ପରୀକ୍ଷା, ନିୟମିତ ବ୍ୟବଧାନରେ ଡାକ୍ତରଙ୍କ ପରାମର୍ଶ, ଔଷଧ ସେବନ, ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେବା ଏବଂ ପ୍ରସୂତୀ ସନ୍ତାନ ଜନ୍ମଯାଏ ସେମାନେ ସେବା ଦେଇଥାନ୍ତି। ତେବେ ଦେଢ଼ବର୍ଷ ହେଲା ପଡ଼ୋଶୀ ଗ୍ରାମର ଆଶାକର୍ମୀଙ୍କୁ ଅତିରିକ୍ତ ଭାବେ ମୁକୁନ୍ଦପୁର ଗ୍ରାମ ଦାୟିତ୍ୱ ଦିଆଯାଇଛି। ଏବେ ମୁକୁନ୍ଦପୁର ଗ୍ରାମର ପ୍ରସୂତୀମାନେ ସ୍ୱାସ୍ଥ୍ୟ ସେବା ଠିକ୍ ଭାବେ ପାଇପାରୁନଥିବା ସହିତ ଏହି ଗ୍ରାମର କେନ୍ଦ୍ର ସରକାରଙ୍କ ଆୟୁଷ୍ମାନ କାର୍ଡ଼ ବଣ୍ଟାଯାଇପାରୁନି । ସରକାର ନୂତନ ଆଶାକର୍ମୀ ନିଯୁକ୍ତି ପାଇଁ ଗ୍ରାମବାସୀମାନେ ଦାବି କରିଛନ୍ତି ।

## ଗନ୍ଧମାର୍ଦ୍ଦନ ସୁରକ୍ଷା ଆକ୍ସନ୍ କମିଟିର ସମାବେଶ

ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ ତେଲେନପାଲି ବଜାର ପ୍ରାଙ୍ଗଣ ଠାରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଏକ୍ସନ କମିଟି ର ବାର୍ଷିକ ସମାବେଶ ଅନୁଷ୍ଠିତ ହୋଇଯାଇଛି ଓ ଆବାହକ ଶଶିକାନ୍ତ ଧରୁଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାବେଶ ରେ ମୁଖ୍ୟ ବକ୍ତା ଭାବରେ ଲିଙ୍ଗରାଜ ଆଜାଦ, ସମ୍ମାନିତ ଅତିଥି ଭାବରେ ଟୀକାଧାର ସାହୁ, କ୍ଷେତ୍ରୀ ଲୁହାର, ଯୁଗ୍ମ ଆବାହକ ସୁବାସ ଧରୁଆ, କାର୍ଯ୍ୟାଳୟ ସମ୍ପାଦକ ଶୁଖିରାମ ଷଣ୍ଢ, କୃଷଧ୍ୱଜ ମାଝୀ, ଟେକେନ୍ଦ୍ର ଜାଲ ଉପସ୍ଥିତ ଥିଲେ ଓ ରାଜକୁମାର ସେଠ ମଞ୍ଚ ପରିଚାଳନା କରିଥିଲେ ଓ ଏହି ଅବସରରେ ସରକାର ଗନ୍ଧମାର୍ଦ୍ଦନ ସ୍ଥାୟୀ ସୁରକ୍ଷା ଆଇନ ପ୍ରାଣୟନ କରନ୍ତୁ ବୋଲି ଦାବି ଉଠିଥିଲା ଓ ସମାବେଶ ରେ ତେଲେନପାଲି ଅନ୍ୟ ମାନଙ୍କ ମାନଙ୍କ ମଧ୍ୟରେ ରଘୁନାଥ ବରିହା, ବିପ୍ର ବିଶି, ପ୍ରକାଶ ସାହୁ, ଟିକେଶର ଧରୁଆ, କ୍ଷମାନିଧି ଭୋଇ ପ୍ରମୁଖ ଯୋଗ ଦେଇଥିଲେ।



## ସ୍ଥାୟୀ ନିଯୁକ୍ତି ଦାବିରେ କଲମ ଛାଡ଼ ଆନ୍ଦୋଳନ



ବାଙ୍କୀ, (ଭାସ୍କର ନ୍ୟୁଜ୍) : ଓଡିଶା ରାଜ୍ୟ ବେସରକାରୀ କଟକ ଜିଲ୍ଲା କର୍ମଚାରୀ ସଂଘ ଆହ୍ୱାନ କ୍ରମେ ଜିଲ୍ଲା ସଂଯୋଜକ କେଶବ ଚନ୍ଦ୍ର ସାହୁଙ୍କ ତତ୍ୱାବଧାନରେ ଅଂଶୁପା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀ ମାନେ କଲମ ଛାଡ଼ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ୨୦୦୮ ରୁ ୨୦୧୮ ପର୍ଯ୍ୟନ୍ତ ନୂତନ ଜି ଆଇ ଏ ପଦବୀ ବାହାର କରିବା ଦାବିରେ ପୂର୍ବରୁ ସରକାରଙ୍କୁ ଅବଗତ କରାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ଦେବା ସହିତ ଭୁବନେଶ୍ୱର ଲୋୟର ପିଏମ୍‌ଜି ସମ୍ମୁଖରେ ଧାରଣା ରେ ବସି ପ୍ରତିବାଦ ଜଣାଇଥିଲେ ମଧ୍ୟ ସରକାର ଏ ଦିଗରେ କର୍ଣ୍ଣପାତ କରିନଥିବା ଧାରଣା କାରୀ ମାନେ କହିଛନ୍ତି। ଅଳ୍ପ ବେତନରେ ମହାବିଦ୍ୟାଳୟରେ ପାଠ ପଢ଼ାଇବା ସହ ଅନ୍ୟାନ୍ୟ କାର୍ଯ୍ୟ ସୁଚାରୁ ରୂପେ କରୁଥିଲେ ମଧ୍ୟ କୌଣସି ଫଳପ୍ରଦ ହୋଇପାରି ନାହିଁ। ଏହାକୁ ଦୃଷ୍ଟି ଆଗରେ ରଖି ସଙ୍ଘ ନିଷ୍ପତି ଅନୁଯାୟୀ ଅସ୍ଥାୟୀ ଅଧ୍ୟାପିକା, ଅଧ୍ୟାପକ ଓ କର୍ମଚାରୀଙ୍କ ମନରେ ଅସୋନ୍ତଷ ପ୍ରକାଶ ପାଇଛି । ସରକାର ଯେ ପର୍ଯ୍ୟନ୍ତ ଦାବି ପୂରଣ ନକରିଛନ୍ତି ସେପର୍ଯ୍ୟନ୍ତ ଅନିର୍ଦ୍ଧିଷ୍ଟ କାଳ ପାଇଁ କଲମ ଛାଡ଼ ଆନ୍ଦୋଳନ ଜାରି ରହିବ ବୋଲି ଶୁଭଶ୍ରୀ ପଟ୍ଟନାୟକ, ସୁପ୍ରଭା ମହାରଣା, ସୁଧୀର କୁମାର ସ୍ୱାଇଁ, ପ୍ରେମାନନ୍ଦ ବାରିକ, ନରେଶ ସ୍ୱାଇଁ, ପଦ୍ମଲୋଚନ ଗୋଛି, ବିଶ୍ୱଜିତ୍ ମନ୍ତ୍ରୀ, ସ୍ନିଗ୍ଧାଞ୍ଜଳି ମହାନ୍ତି, ମହେଶ୍ୱର ସାହୁ ପ୍ରମୁଖ ଚେତାବନୀ ଦେଇଛନ୍ତି।

## କମିଲା ବର୍ଷା, ବଢ଼ିଲା ଦୁର୍ଦ୍ଦଶା

ମାଲକାନଗିରି/କାଳିମେଳା, (ଭାସ୍କର ନ୍ୟୁଜ୍) : ତିନି ଦନ ଧରି ଜିଲ୍ଲାରେ ଚାଲିଥିବା ବର୍ଷା ଗତକାଲି ରାତିରୁ କମିଯାଇଛି। ବର୍ଷା କମିବା ଦ୍ୱାରା ପୋଟେରୁ, କାଙ୍ଗୁରକୋଣ୍ଡା, କାଳିମେଳା କନ୍ୟାଶ୍ରମ ଓ ଏମ ଭି -୯୬ ପୋଲ ଉପରୁ ପାଣି ହ୍ରାସ ପାଇବାରୁ ଯାନବାହନ ଚଳାଚଳ ଓ ଯାତାୟାତ ସ୍ୱାଭାବିକ ହୋଇଛି। ହେଲେ ତଳିଆ ଅଞ୍ଚଳବାସୀଙ୍କ ଦୁର୍ଦ୍ଦଶା ବଢିବାରେ ଲାଗିଛି। ବିଶେଷକରି କାଙ୍ଗୁରକୋଣ୍ଡା, ଏରବନପଲ୍ଲୀ, ଏମପିଭି-୨୨, ଏମପିଭି-୧୦, ଏମଭି-୬୪, ପୁଲିମେଟଲା, ଏମପିଭି-୭, ଏମଭି- ୬୩, ବଦଲି, କୁଟାଗୁଡା, ବଡବଦଲି, ସାନବଦଲି, ପାଡଗାନପଲ୍ଲୀ, ଏମଭି-୫୭, ଗିରକାନ ପଲ୍ଲୀ, ଏମଭି-୫୬, ସଙ୍ଗେଲ, ଏମଭି-୧୧୮ ଗାଁଗୁ ଡିକର ରାସ୍ତାଘାଟ ପାଣି ଓ କାଦୁଅରେ ପଚପଚ ହେଉଛି। ଚାଷ ଜମିଗୁଡିକରେ ପାଣି ଜମିରହି ଧାନ ଗଛ ପଚି ନଷ୍ଟ ହୋଇଯାଇଛି। ଅନେକ ଜମିରେ ବାଲି ଚର ମାଡିଯାଇ ଫସଲ ନଷ୍ଟ ହୋଇଛି। ନଦୀ ନାଳ ତଳୁଆ ଗାଁର ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏବେ ବି କିଛି ଗାଁ ବିଚ୍ଛିନ୍ନ ହୋଇ ରହିଥିବା ଜଣାପଡିଛି । ତହସିଲ କର୍ମଚାରୀମାନେ ଅନେକ ଗାଁକୁ ଯାଇ ନଥିବା ଓ ଠିକ ଭାବେ କ୍ଷୟକ୍ଷତି ବିବରଣୀ ସଂଗ୍ରହ କରି ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ରାଜ୍ୟସ୍ତରୀୟ ଗ୍ରାମୀଣ ଡାକ କର୍ମଚାରୀ ସଂଘର ବାର୍ଷିକ ଅଧିବେଶନ




ଫୁଲନଖରା, (ଭାସ୍କର ନ୍ୟୁଜ୍) : କଟକ ସଦର ଥାନା ଅଧୀନସ୍ଥ ମଠବଜାରରେ ଥିବା ରେଖା ମଣ୍ଡପଠାରେ ରାଜ୍ୟସ୍ତରୀୟ ଭାରତୀୟ ଗ୍ରାମୀଣ ଡାକ କର୍ମଚାରୀ ସଂଘର ଦ୍ୱିବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ଅଧିବେଶନରେ ରାଜ୍ୟ ସଂଘର ବିଶିଷ୍ଟ କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିରେ ଅଷ୍ଟମ ବେତନ କମିଶନ, ଜି.ଡି.ଏସ କମିଟି ତଥା ସଂଘର ସଦସ୍ୟତା ସତ୍ୟାପନ ବାବଦରେ ବିଶେଷ ଭାବରେ ଆଲୋଚନା କରାଯାଇଥିଲା। ଉକ୍ତ ବୈଠକରେ ମୁଖ୍ୟ ଅତିଥି ଭାବରେ ସର୍ବେଶ୍ୱର ମିଶ୍ର (ଏସ୍‌ଏସ୍‌ପିଓଏସ୍), ସମ୍ମାନିତ ଅତିଥି ଭାବରେ ସଚ୍ଚିଦାନନ୍ଦ ପଣ୍ଡା(ପୂର୍ବତନ ଅତିରିକ୍ତ ନିର୍ଦ୍ଦେଶକ, କୃଷି ବିଭାଗ, କିଶୋର କୁମାର କର (ପୂର୍ବତନ ଜେନେରାଲ ସେକ୍ରେଟାରୀ, ଆର୍‌ଏମ୍‌ଏସ), ସଂଘର ଉପଦେଷ୍ଟା ରାଜକିଶୋର ମହାପାତ୍ର ସଭାରେ ସଭାପତିତ୍ୱ କରିଥିବାବେଳେ ଗ୍ରାମୀଣ ଡାକ କର୍ମଚାରୀ ସଂଘ ସମ୍ପାଦକ ସତ୍ୟବ୍ରତ ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୂପେନ କୁମାର ମୁଦୁଲି, ବିଶ୍ୱନାଥ ସାହୁ, ଭୀମସେନ ବିହାରୀ, ସମ୍ଭବ କୁମାର ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ହୋଇ କର୍ମକର୍ତ୍ତାମାନଙ୍କୁ ଉତ୍ସାହିତ କରିଥିଲେ।

## ସୋମଗିରିଠାରେ ଚକ୍ଷୁ ଚିକିତ୍ସା ଶିବିର

କେନ୍ଦୁଝର, (ଭାସ୍କର ନ୍ୟୁଜ୍) : କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ, ଭୂମିକା ଚକ୍ଷୁ ଚିକିତ୍ସାଳୟ, ମନୋଜ ମଞ୍ଜରୀ ଶିଶୁଭବନ ଓ ଟାଟା ଷ୍ଟିଲ ଫାଉଣ୍ଡେସନର ମିଳିତ ସହଯୋଗରେ ଆଦିବାସୀ ସ୍ୱାସ୍ଥ୍ୟକେନ୍ଦ୍ର ସୋମଗିରି ଠାରେ ଚକ୍ଷୁ ଚିକିତ୍ସା ଓ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ମନୋଜ ମଞ୍ଜରୀ ଶିଶୁ ଭବନର ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚକ୍ଷୁ ପରୀକ୍ଷା ଶିବିରକୁ ଉଦଘାଟନ କରିଥିଲେ। କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ସଂପାଦକ ତଥା କେନ୍ଦୁଝର ସିଟିଜେନ ଫୋରମର ବରିଷ୍ଠ ସଦସ୍ୟ ଭକ୍ତବତ୍ସଳ ମହାନ୍ତି ଶିବିର ସଂଯୋଜନା କରିଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟର ଜୋନାଲ ମ୍ୟାନେଜର କର୍ଣ୍ଣାଟ କିଶୋର ଜେନାଙ୍କ ନେତୃତ୍ୱରେ ଭିଜନ ଟେକ୍ନିସିଆନ୍ ଲାଲିମା ଜେନା, ସ୍ୱାସ୍ଥ୍ୟସେବିକା ପ୍ରିୟଙ୍କା ପ୍ରଧାନ, ମଧୁମିତା ବେହେରା, ଆଦିବାସୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପୁରୁଷୋତ୍ତମ ମହାନ୍ତ,ବରିଷ୍ଠ ସ୍ୱାସ୍ଥ୍ୟ ସେବିକା ଜ୍ୟୋତ୍ସ୍ନାରାଣୀ ଚକ୍ରବର୍ତ୍ତୀ, ଫାର୍ମାସିଷ୍ଟ ଅଲିଭା ଚକ୍ରବର୍ତ୍ତୀ,ଏଏନ୍‌ଏମ୍ ଚମ୍ପାବତୀ ମହାନ୍ତ ପ୍ରମୁଖ ରୋଗୀମାନଙ୍କ ସହ ଛାତ୍ରଛାତ୍ରୀମାନଙ୍କର ଚକ୍ଷୁ ପରୀକ୍ଷା କରିଥିଲେ। ସୋମଗିରି ଉଚ୍ଚ ବିଦ୍ୟାଳୟର ଶତାଧିକ ଛାତ୍ରଛାତ୍ରୀ ଏବଂ ବୁଢାଖମଣ, ଶରତପଦା, ହଳଦିଆପଡା, ଦଶଘରିଆ, ନଳପଙ୍ଗା, ପିଚ୍ଛୁଳାବେଡା, ସୋମଗିରି, ନଡାମ ଗ୍ରାମର ୬୫ ଜଣ ଆଦିବାସୀ ଓ ବନବାସୀମାନଙ୍କର ଚକ୍ଷୁ ପରୀକ୍ଷା କରାଯାଇ ପ୍ରାଥମିକ ସେବା ଯୋଗାଇ ଦିଆଯାଇଛି। ସେପ୍ଟେମ୍ବର ମାସର ଶେଷ ଭାଗକୁ ମୋତିଆ ବିନ୍ଦୁ ଚିହ୍ନଟ ଶିବିର କରାଯିବାକୁ ସ୍ଥିର କରାଗଲା। ସମିପ ଦୃଷ୍ଟି ଥିବା ୧୮ ଜଣ ବ୍ୟକ୍ତିଙ୍କୁ କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟ ତରଫରୁ ଚଷମା ବଣ୍ଟନ କରାଯାଇଥିଲା। ଟାଟାଷ୍ଟିଲ ଫାଉଣ୍ଡେସନର ସୁଶାନ୍ତ କୁମାର ପଲେଇ, କେନ୍ଦୁଝର ଡେଭଲପମେଣ୍ଟ ଟ୍ରଷ୍ଟର ଚୈତନ୍ୟ ଜୁଆଙ୍ଗ, ଅଭିମନ୍ୟୁ ଜୁଆଙ୍ଗ, ବସନ୍ତ ନାୟକ, ଟୁକୁନି ବାରିକ ଓ ମନୋଜ ମଞ୍ଜରୀ ଶିଶୁ ଭବନ ଉଚ୍ଚ ବିଦ୍ୟାଳୟ ସୋମଗିରିର ପ୍ରଧାନଶିକ୍ଷକ ଦୀପକ କୁମାର ଦାସ, ସ୍ୱାସ୍ଥ୍ୟକେନ୍ଦ୍ରର ଅଶୋକ କୁମାର ମହାନ୍ତ, ଭୂମିକା ଚକ୍ଷୁ ଚିକିତ୍ସାଳୟ ସଂଗଠକ ଦିଲ୍ଲୀପ ପରିଡା ପ୍ରମୁଖ ଶିବିର ପରିଚାଳନା, ରୋଗୀ ନେବା ଆଣିବାରେ ସହଯୋଗ କରିଥିଲେ।

## ୩ଶହ କେଜି ଗଞ୍ଜେଇ ଜବତ, ୩ ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ) : ନନ୍ଦପୁର ବ୍ଲକ ପାଡୁଆ ପୋଲିସ ପାଟ୍ରୋଲିଂ ସମୟରେ ଏକ କମାଣ୍ଡର ଜିପ୍ ସହ ୩ଶହ କେଜି ଗଞ୍ଜେଇ ଜବତ କରିବାରେ ସଫଳ ହୋଇଛି । ଏଥିସହ ଘଟଣାରେ ସଂପୃକ୍ତ ତିନିଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ପାଡୁଆ ଥାନା ଖୁଡା ଗାଁର ଶ୍ରୀଧର ଖରା(୪୦), ଧନ ହନ୍ତାଳ(୩୮) ଏବଂ ମାଡିପୁଟ ଗାଁର ନୀଳ ଖେମୁଣ୍ଡୁ (୨୫)। ସୀମାନ୍ତ ଆନ୍ଧ୍ର ପ୍ରଦେଶର ପେଦାବାଇଲୁ ଅଚଂଳରୁ ପାଡୁଆ ଅଞ୍ଚଳ ଦେଇ ଆନ୍ଧ୍ରର ଆରକୁ ଆଡକୁ ଏକ କମାଣ୍ଡର ଜିପ୍‌ରେ ଗଞ୍ଜେ ଚାଲାଣ କରାଯାଉଥିବା ନେଇ ପୋଲିସକୁ ଖବର ମିଳିଥିଲା । ଏହାପରେ ଏସଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ପାଡୁଆ ଥାନା ଅଧିକାରୀ ଅଶୋକ ବିଶୋଇଙ୍କ ନେତୃତ୍ୱରେ ଏସଆଇ ସୁରେନ୍ଦ୍ର କୁମାର ସେଠୀ, ଏଏସଆଇ ରାମ ମାଡକାମୀ ଆଇଆରବି ଯବାନ ସହ ବାଇଲିଗୁଡା ଛକ ନିକଟରେ ଜଗି ରହିଥିଲେ। ଏହି ସମୟରେ କାମାଣ୍ଡର ଜିପ୍ ଆସୁଥିବା ଦେଖି ଅଟକାଇଥିଲେ। କିନ୍ତୁ ଦ୍ରୁତଗତିରେ ଗୋଲୁର ଆଡକୁ ଚାଲିଯାଇଥିଲା । ପୋଲିସ ପିଛା କରି ଗୋଲୁର ଗାଁ ପାଖରେ ଅଟକାଇବାରେ ସଫଳ ହୋଇଥିଲା । ଗାଡି ଡ୍ରାଇଭର ସମେତ ତିନିଜଣଙ୍କୁ କାବୁ କରିବା ସହ ଗାଡି ଯାଞ୍ଚ କରିଥିଲେ। ସେଥିରେ ୩ଶହ କେଜି ଗଞ୍ଜେଇ ଥିବା ଜଣାପଡିଥିଲା । ଏହି ଗଞ୍ଜେ ମାଲକାନଗିରି ଜିଲ୍ଲାର ଜାନବାଇ ଅଞ୍ଚଳରୁ ଆନ୍ଧ୍ରର ଆରକୁ ଅଞ୍ଚଳରେ ବିକ୍ରି କରିବା ଯୋଜନା ରହିଥିଲା । ଏନେଇ ପୋଲିସ ଏକ ମାମଲା ରୁଜୁ କରିଥିବା ବେଳେ ଏସଆଇ ଦୀପକ କୁମାର ବାରିକ ତଦନ୍ତ କରୁଛନ୍ତି। ଗିରଫ ୩ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଆଇଆଇସି ଅଶୋକ ବିଶୋଇ ସୂଚନା ଦେଇଛନ୍ତି।

## ଜନ ସୁରକ୍ଷା ଯୋଜନା ଅଧୀନରେ ପଞ୍ଚାୟତସ୍ତରୀୟ ପରିପୂର୍ତ୍ତି ଅଭିଯାନ

କୋଷାଗୁମୁଡା, (ଭାସ୍କର ନ୍ୟୁଜ୍) : ମଙ୍ଗଳବାର ଦିନ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ ନବରଙ୍ଗପୁର ପକ୍ଷରୁ ସାନମସିଗାଁ ଓ ଡାବୁଗାଁ ଏସ୍‌ବିଆଇ ପକ୍ଷରୁ ବୋରିଗାଁ ପଞ୍ଚାୟତ ଠାରେ ଜନ ସୁରକ୍ଷା ଯୋଜନା ଅଧୀନରେ ଗ୍ରାମ ପଞ୍ଚାୟତ ସ୍ତରୀୟ ପରିପୂର୍ତ୍ତି ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆର୍‌ବିଆଇ ନିର୍ଦ୍ଦେଶ ମୁତାବକ ବ୍ୟାଙ୍କ ପକ୍ଷରୁ ଏହି କାର୍ଯ୍ୟକ୍ରମ ପ୍ରତେକ ଜିଲ୍ଲାରେ ପଞ୍ଚାୟତ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଜନ ସାଧାରଣଙ୍କୁ ପ୍ରଧାନମନ୍ତ୍ରୀ ଜନ ଧନ ଯୋଜନାରେ କିପରି ଖାତା ଖୋଲିବା, ନିଷ୍କ୍ରିୟ ହୋଇଥିବା ଖାତା ର ପୁନଃ ପ୍ରମାଣୀକରଣ, ଆର୍ଥିକ ଯୋଜନା କିପରି ପ୍ରସ୍ତୁତି କରିବା ସହ ସଞ୍ଚୟ ଓ ନିବେଶ କିପରି କରିବେ। କେନ୍ଦ୍ର ସରକାରଙ୍କ ସାମାଜିକ ସୁରକ୍ଷା ବୀମା ଯୋଜନା ଯାହାକି ପ୍ରଧାନମନ୍ତ୍ରୀ ଜୀବନ ଜ୍ୟୋତି ବୀମା ଯୋଜନା ବାର୍ଷିକ ୪୩୬ ଟଙ୍କାରେ ୨ ଲକ୍ଷ୍ୟ ଟଙ୍କା ଆର୍ଥିକ ରାଶି ବୟସ ସୀମା ୧୮ ରୁ ୫୦ ବର୍ଷ, ପ୍ରଧାନମନ୍ତ୍ରୀ ସୁରକ୍ଷା ବୀମା ଯୋଜନା ଦୁର୍ଘଟଣା ଜନିତ ବୀମା ରାଶି ବାର୍ଷିକ ୨୦ ଟଙ୍କାରେ ୨ ଲକ୍ଷ୍ୟ ପର୍ଯ୍ୟନ୍ତ ଆର୍ଥିକ ସହାୟତା ରାଶି ବୟସ ସୀମା ୧୮ରୁ ୭୦ ବର୍ଷ, ଅଟଳ ପେନସନ ଯୋଜନା, ସୁକନ୍ୟା ସମୃଦ୍ଧି ଯୋଜନାରେ କିପରି ସମସ୍ତେ ଅନ୍ତର୍ଭୁକ୍ତ ହୋଇ ପରିବା। ସାଇବର ସିକୁରିଟି, ଡିଜିଟାଲ ବ୍ୟାଙ୍କିଙ୍ଗ,ବିଭିନ୍ନ ପ୍ରକାର ଠୋକେଇ, ଋଣ ସମ୍ବନ୍ଧରେ, ଏବଂ ବ୍ୟାଙ୍କରେ ଅଭିଯୋଗ ସମାଧାନର ବ୍ୟବସ୍ଥା ଉପରେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥିଭାବେ ଡିଜିଏମ ଶ୍ରୀ ଭି. ରଜା, ଏଜିଏମ୍ ଅଜିତ ସାହୁ, ମୁଖ୍ୟ ଅଗ୍ରଣୀ ଜିଲ୍ଲା ପ୍ରବନ୍ଧକ ଗୋପାଳ କୃଷ୍ଣ ପଣ୍ଡା,ଏଲଡି ଓ ଅବିନାଶ ରାଉତ, ଆରଏସଇଟି ଡିରେକଟର, ଶ୍ରୀଯୁକ୍ତ ମୁର୍ମୁ, ନବରଙ୍ଗପୁର ଏସ୍‌ବିଆଇ ବ୍ୟାଙ୍କ ମ୍ୟାନେଜର ରଜତ ପାତ୍ର, ଡାବୁଗାଁ ଏସ୍‌ବିଆଇ ବ୍ୟାଙ୍କ ମ୍ୟାନେଜର ରାଜ ନାରାୟଣ ଦିଗଲ, ବୋରିଗାଁ ସରପଞ୍ଚ ସୁକ୍ରୁ ଭତ୍ରା, ଧାନ ଫାଉଣ୍ଡେସନ ସିଏଫ୍‌ଏଲ କୋଡିନେଟର ରଞ୍ଜନା ପଢ଼ି, କୋଷାଗୁମୁଡା ସିଏଫଏଲ କୋଡିନେଟର, ଆସୋସିଏଟ ଭୂଷଣ ବେନିଆ, ମନ ଭତ୍ରା, ବ୍ୟାଙ୍କ ମିତ୍ର, ଏମ ବି କେ, ସିଆରପି, ସ୍ଥାନୀୟ ବୁଦ୍ଧିଜୀବୀ, ସମେତ ବହୁ ଜନ ସାଧାରଣ ଉପସ୍ଥିତ ରହିଥିଲେ।




## ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି

ଆସିକା, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ ପଞ୍ଚାୟତସ୍ତରୀୟ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଆଜି ଧରାକୋଟ ବ୍ଲକ ଢଉଗାଁ ପଞ୍ଚାୟତ ଠାରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଯୁଗ୍ମ ଜନଶୁଣାଣି କାର୍ଯ୍ୟକ୍ରମରେ ଢଉଗାଁ ପଞ୍ଚାୟତ ଜନ ଜନସାଧାରଣ ମାନେ ଉପସ୍ଥିତ ରହି ନିଜ ନିଜର ସମସ୍ୟା ସମ୍ପର୍କରେ ସ୍ଥାନୀୟ ପ୍ରଶାସନକୁ ଅବଗତ କରାଇଥିଲେ। ଦରଖାସ୍ତ ମାଧ୍ୟମରେ ନିଜ ନିଜର ସମସ୍ୟାକୁ ସରକାରଙ୍କୁ ଜଣାଇବା ପାଇଁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ, ସ୍ଥାନୀୟ ବିଡିଓ, ତହସିଲଦାର ଓ ଥାନ ଅଧିକାରୀ ସହ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।



କାଳିଆପାଣି, (ଭାସ୍କର ନ୍ୟୁଜ୍): ମାନବ ସେବାରେ ଜୀବନ ଉତ୍ସର୍ଗ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନ ଦେବା ଉଦ୍ଦେଶ୍ୟରେ ଟାଟା ଷ୍ଟିଲ ଫାଉଣ୍ଡେସନ ପକ୍ଷରୁ ଆଜି ଟାଟା ଷ୍ଟିଲର ସୁକିନ୍ଦା କ୍ରୋମାଇଟ ଖଣି ପରିସରରେ ବିଶ୍ୱ ମାନବିକତା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମାନବିକତା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିଙ୍କୁ କମ୍ପାନୀ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜଗତସିଂହପୁର ଜିଲ୍ଲାର ଚିତ୍ତରଞ୍ଜନ ଜେନା ଓ ଗୌରାଙ୍ଗ ଦାସ, ଯାଜପୁର ଜିଲ୍ଲାର ରାଜେନ୍ଦ୍ର ବିଶ୍ୱାଳଙ୍କୁ ଉପଢୌକନ ଓ ଉତ୍ତରୀୟ ଦେଇ କମ୍ପାନୀର ବରିଷ୍ଠ ଅଧିକାରୀମାନେ ସମ୍ମାନିତ କରିଥିଲେ। ଏହି ଅବସରରେ ସେମାନେ ସେମାନଙ୍କ ବିଭିନ୍ନ ଅଭିଜ୍ଞତା ବଖାଣିବା ସହ କିପରି ମାନବତାବାଦର ସୁରକ୍ଷା ହୋଇ ପାରିବ ସେ ନେଇ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ସୂଚନା ଥାଉକି, ଦେବୀ ନଦୀରେ ବନ୍ୟାରେ ଭାସି ଯାଉଥିବା ଜଣେ ଷାଠିଏ ବର୍ଷୀୟ ବୃଦ୍ଧଙ୍କୁ ଚିତ୍ତରଞ୍ଜନ ଜେନା ଉଦ୍ଧାର କରିଥିଲେ। ଏହାସହ ଅନ୍ୟ ଏକ ପୃଥକ ଘଟଣାରେ ସେ ନିଜ ଜୀବନକୁ ବାଜି ଲଗାଇ ନିଆଁରେ ଜଳି ଯାଉଥିବା ଏକ ଚାଳଘରୁ ଜଣେ ସତୁରୀ ବର୍ଷୀୟ ବୃଦ୍ଧଙ୍କୁ ମଧ୍ୟ ଉଦ୍ଧାର କରିଥିଲେ। ଗୌରାଙ୍ଗ ଦାସ ତାଙ୍କ ଅଞ୍ଚଳରେ ବିଭିନ୍ନ ସ୍ୱେଚ୍ଛାସେବୀ ମାନଙ୍କୁ ଏକତ୍ରିତ କରି ସଫେଇ ଅଭିଯାନ ଅୟୋଜନ କରିବାସହ ସ୍କୁଲ ଯାଇପାରୁନଥିବା ଗରିବ ପିଲାମାନଙ୍କୁ ନିଃଶୁଳ୍କ ଶିକ୍ଷାଦାନ ଦେବା ଆଦି କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି, ରାଜେନ୍ଦ୍ର ବିଶ୍ୱାଳ ନିଜ ପ୍ରଚେଷ୍ଟାରେ ଅନେକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରର ଆୟୋଜନ କରିବା ସହ ଅସହାୟ ନିରାଶ୍ରୟମାନଙ୍କୁ ସହାୟତା ପ୍ରଦାନ କରିଆସୁଛନ୍ତି। ଏହାସହ ସେ ମୃତ ଅଚିହ୍ନା ଲୋକଙ୍କ ଶବଦାହରେ ମଧ୍ୟ ନିଜକୁ ନିୟୋଜିତ କରିଛନ୍ତି।



## ମଣ୍ଡଳସ୍ତରୀୟ କର୍ଣ୍ଣ ପରୀକ୍ଷା ଶିବିର

ଡେରାବିଶ, (ଭାସ୍କର ନ୍ୟୁଜ୍) : ଡେରାବିଶ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଥିବା ମଣ୍ଡଳ ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରରେ ଏକ ଦିବସୀୟ ମଣ୍ଡଳ ସ୍ତରୀୟ ଶାରୀରିକ ଏବଂ କର୍ଣ୍ଣ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ସମ୍ବଳ ଶିକ୍ଷକ ଜୟନ୍ତ ପ୍ରସାଦ ବେହେରା ଆଲୋକ ବେହେରା ଓ ହିମାଂଶୁ ଶେଖର ନାୟକଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଶିବିରରେ ଆଲିମ୍‌କୋ ଅସ୍ଥିଶଲ୍ୟ ଡାକ୍ତର ଜିତେନ୍ଦ୍ର କୁମାର ସାହୁ ଓ କର୍ଣ୍ଣବିଭାଗର ଡାକ୍ତର ନିରଜ କୁମାର ଶିବିରାର୍ଥୀ ଛାତ୍ରଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଏହି ଶିବିରରେ ବ୍ଲକ ଅନ୍ତର୍ଗତ ୨୬ ଟି ପଞ୍ଚାୟତରୁ ୬୦ ଜଣ ମାନସିକ ଅନଗ୍ରସର, ଦୃଷ୍ଟିବାଧିତ, ମସ୍ତିଷ୍କ ପକ୍ଷାଘାତ, ଚଳନବାଧିତ ଏବଂ ଶ୍ରବଣବାଧିତ ଶିକ୍ଷାର୍ଥିମାନଙ୍କୁ ସେମାନଙ୍କ ଅଭିଭାବକମାନେ ଆଣି ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ପରୀକ୍ଷା କରିବା ପରେ ଆବଶ୍ୟକତା ଅନୁସାରେ ସେମାନଙ୍କୁ ବିଭିନ୍ନ ସହାୟକ ଉପକରଣ ଯୋଗାଇ ଦିଆଯିବ ବୋଲି ଆଲିମ୍‌କୋର କର୍ମକର୍ତ୍ତାମାନେ ପ୍ରକାଶ କରିଛନ୍ତି। ଏହି ଶିବିରରେ ଆଲମିକୋର ଡାଟା ଅପରେଟର ଭୈଭବ ତିୱାରୀ ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କର ପଞ୍ଜିକରଣ କରିଥିବା ବେଳେ ଅନ୍ତଃନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଭବାନୀ ଶଙ୍କର ପଣ୍ଡା, ସୁଶାନ୍ତ ନାୟକ, ସୁରେନ୍ଦ୍ର ଶତପଥି, ସଂଜିତ ସ୍ୱାଇଁ, ଅନ୍ନପୂର୍ଣ୍ଣା ସାମଲ, ପ୍ରଦ୍ୟୁମ୍ନ କିଶୋର ଜେନା, ରମେଶ ଚନ୍ଦ୍ର ନାୟକ ଓ ଗୋକୁଳ ତ୍ରିପାଠୀ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

## ଟୋଲଗେଟ୍‌ରୁ ଗଞ୍ଜେଇ ଜବତ, ୨ ଗିରଫ



ଟାଙ୍ଗୀ-ଚୌଦ୍ୱାର (ଭାସ୍କର ନ୍ୟୁଜ୍) : ଟାଙ୍ଗୀ ଟୋଲଗେଟ୍ ନିକଟରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଗଞ୍ଜେଇ ଜବତ ସହ ୨ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ସୂଚନାଥାଉକି, ଟାଙ୍ଗୀ ଟୋଲଗେଟ୍ ଦେଇ ଏକ କାର ଯୋଗେ ଚୋରା ଗଞ୍ଜେଇ ଚାଲାଣ ହେଉଥିବା ନେଇ କୌଣସି ବିଶେଷ ସୂତ୍ରରୁ ଖବର ପାଇ କଟକ କେନ୍ଦ୍ରାଞ୍ଚଳ ଗୁଇନ୍ଦା ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ କାରରୁ ପ୍ରାୟ ୩୦କେଜିର ଗଞ୍ଜେଇ ଜବତ କରାଯାଇଥିବାବେଳେ ଏଥିରେ ସମ୍ପୃକ୍ତ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା ଅନ୍ତର୍ଗତ ପାଇକାଷ୍ଟ ଗ୍ରାମର ମହେଶ୍ୱର ବେହେରା ଓ ଖଣ୍ଡାପଡ଼ା ଥାନା ଅନ୍ତର୍ଗତ ତୁନ୍ଦରା ଗ୍ରାମର ମନୋରଞ୍ଜନ ଜେନା (୨୫)ଙ୍କୁ ଗିରଫ କରିବା ସହ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିବା ଜଣାପଡ଼ିଛି। ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ପ୍ରାୟ ୧୦ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ହେବ ବୋଲି ଗୁଇନ୍ଦା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇ ଥିବାବେଳେ ଏହି ଚଢ଼ାଉରେ ଅବକାରୀ ବିଭାଗର ଇନସ୍‌ପେକ୍ଟର ଧୀରେନ୍ କୁମାର ବେହେରା, ଅବନୀ କୁମାର ମହାପାତ୍ର, ଏସ୍‌ଆଇ ଦିବ୍ୟଜ୍ୟୋତି ସତ୍ୟପ୍ରକାଶ, ଏଏସ୍‌ଆଇ କିଶୋର ଚନ୍ଦ୍ର ରାଉତ, ଏଏସ୍‌ଆଇ ଥବିର କୁମାର ପଟ୍ଟନାୟକ ପ୍ରମୁଖ ସାମିଲ ଥିଲେ।

## ସରସ୍ୱତୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବନମହୋତ୍ସବ ପାଳିତ



କେଉଁଝର (ଭାସ୍କର ନ୍ୟୁଜ୍): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, କେନ୍ଦୁଝରଗଡ ପରିସରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତରଫରୁ ବନମହୋତ୍ସବ ପାଳିତ ହୋଇଯାଇଛି। ଉକ୍ତ ଉତ୍ସବରେ ପରିଚାଳନା ସମିତିର ସଂପାଦକ ସୁଧାଂଶୁ ଶେଖର ପଣ୍ଡା, କୋଷାଧ୍ୟକ୍ଷ ବିଜୟ କୁମାର ଦୀକ୍ଷିତ୍ ଅତିଥି ଭାବରେ ଯୋଗ ଦେଇ ଶିଶୁମାନଙ୍କୁ ବକ୍ତବ୍ୟ ଦେବା ଛଳରେ 'ମାଆ ପାଇଁ ଗଛଟିଏ' ଜରିଆରେ ସମସ୍ତ ଛାତ୍ରମାନେ ଗୋଟିଏ ଗୋଟିଏ ଗଛ ଲଗାଇ ବନମହୋତ୍ସବକୁ ସଫଳ କରିବାକୁ କହିଥିଲେ ଓ ବୃକ୍ଷରୋପଣ ଦ୍ୱାରା ପରିବେଶ ସନ୍ତୁଳନ ହୋଇପାରିବ ବୋଲି ମାର୍ଗଦର୍ଶନ କରିଥିଲେ। ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷା ସନ୍ତୋଷୀ ନନ୍ଦ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଅତିଥିଙ୍କ ଓ ଶିକ୍ଷାର୍ଥୀଙ୍କ ଦ୍ୱାରା ବିଦ୍ୟାଳୟ ପରିସରରେ ଓ ରାସ୍ତା ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ମାଧ୍ୟମିକ ବିଭାଗର ସୁପ୍ରଭ ବିଶ୍ୱାଳ, ଆକାଶ ରାଉତ, ରାଜେଶ ମହାନ୍ତ, ସରିତା ବେହେରା, ଅସ୍ମିତା ମହାନ୍ତ, ପ୍ରିୟଙ୍କା ପ୍ରଧାନ, ନାରାୟଣ ଚନ୍ଦ୍ର ସାମଲ, କେଶବ ଚନ୍ଦ୍ର ମହାନ୍ତେ, ସଙ୍ଗୀତା ମହାପାତ୍ର ଓ ଦିଲ୍ଲୀପ ମହାନ୍ତ ପ୍ରମୁଖର ବୃକ୍ଷରୋପଣରେ ସହଯୋଗ କରିଥିଲେ।

## ପ୍ରତିଭା ଶତପଥୀ ହେଲେ ରାଜ୍ୟ ମହିଳା କମିଶନ ସଦସ୍ୟା



ଫୁଲନଖରା, (ଭାସ୍କର ନ୍ୟୁଜ୍) : ଆଦର୍ଶ ନାରୀ ପ୍ରତିଭା, ପ୍ରବୀଣା ରାଜନୀତିଜ୍ଞ, ସଙ୍ଗଠିକା ସୁଲେଖିକା, ଉଚ୍ଚ କୋଟୀର ବକ୍ତା, ନାରୀ ନେତ୍ରୀ, କଳାର ପୂଜାରିଣୀ ପରମ ସମ୍ମାନନୀୟା ତଥା ସଦର ମାଟିର ଅଗ୍ରଣୀ ସାଂସ୍କୃତିକ ତଥା ସାମାଜିକ ସଂଗଠନ ସରସ୍ୱତୀ କଳା ପରିଷଦ କଳାବିହାର କନ୍ଦରପୁର ବରେଣ୍ୟ ସଭାପତି ପ୍ରତିଭା ଶତପଥୀ ରାଜ୍ୟ ମହିଳା କମିଶନ ସଦସ୍ୟା (ମେମ୍ବର ଅଫ୍ ଓଡ଼ିଶା ଷ୍ଟେଟ କମିସନ୍ ଫର୍ ଓମେନ୍, ଭୁବନେଶ୍ୱର) ନିଯୁକ୍ତ ହୋଇଛନ୍ତି। ତାଙ୍କୁ ବିଭିନ୍ନ ମହଲରୁ କୃତଜ୍ଞତା ଜ୍ଞାପନ କରା ଯାଇଛି। ସୂଚନାଯୋଗ୍ୟ କଟକ ମାଟିର ଏହି ମହିୟସୀ ମହିଳା ଓଡ଼ିଶା ରାଜନୀତିର ଜଣେ ଆଗ ଧାଡ଼ିର ନେତ୍ରୀ, ସମାଜସେବୀ, ସାହିତ୍ୟ ସଂସ୍କୃତି ପ୍ରାଣ ତଥା ସର୍ବଜନବିଦିତ ନାରୀ ପ୍ରତିଭା ଜଣକ ନିଜର କୃତୀ ଆଉ କୀର୍ତ୍ତି ପାଇଁ ବିଭିନ୍ନ ସଙ୍ଗଠନ ପକ୍ଷରୁ ରାଜ୍ୟ ତଥା ଜାତୀୟ ସ୍ତରୀୟ ସମ୍ମାନ ଲାଭ କରିଛନ୍ତି।

## ଧର୍ମ ଜାଗରଣ ସମନ୍ୱୟ ପକ୍ଷରୁ ଧର୍ମ ରକ୍ଷା ଦିବସ



ମାଲକାନଗିରି (ଭାସ୍କର ନ୍ୟୁଜ୍): ମାଲକାନଗିରି ଯୋଗ ସଭାଗୃହରେ ଧର୍ମ ଜାଗରଣ ସ୍ମରଣ ସମନ୍ୱୟ ତରଫରୁ ଧର୍ମ ରକ୍ଷା ଦିବସ ଗତକାଲି ପାଳିତ ହୋଇଯାଇଛି। ବିଶ୍ୱ ହିନ୍ଦୁ ପରିଷଦ ଜିଲା ସମ୍ପାଦକ ବାଲାରାଜୁ ପାଢୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ଓ ନବରଙ୍ଗପୁର ବିଭାଗ ଧର୍ମଜାଗରଣ ସମନ୍ୱୟ ପ୍ରମୁଖ ପ୍ରଭାତ କୁମାର ମହାପାତ୍ର, ବିଶ୍ୱ ହିନ୍ଦୁ ପରିଷଦ ମାଲକାନଗିରି ସଭାପତି ନୀଳମଣୀ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଧର୍ମ ସଂସ୍କୃତି ତଥା ଜନଜାତିଙ୍କ ସୁରକ୍ଷା ପାଇଁ ପ୍ରାଣବଳି ଦେଇଥିବା ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୭ତମ ସ୍ମୃତି ସମାରୋହକୁ ଧର୍ମରକ୍ଷା ଦିବସକୁ ଭାବେ କରାଯାଇଛି। ଅତିଥିମାନେ ପ୍ରଚାର ଓ ଜନଜାତିଙ୍କ ସୁରକ୍ଷା ଆଦି ବିଷୟରେ ଆଲୋଚନା କରିଥିଲେ। ବର୍ତ୍ତମାନ ବହୁ ଜନଜାତିଙ୍କୁ ଅନ୍ୟ ସମ୍ପ୍ରଦାୟ ବ୍ୟକ୍ତିମାନେ ଧର୍ମାନ୍ତରୀ କରଣ କରିବା ସହ ସେମାନଙ୍କୁ ବିଭିନ୍ନ ଲୋଭଦେଖାଇ ଧର୍ମ ବଦଳାଉଛନ୍ତି। ଏହି ପନ୍ଥା ପରିବର୍ତ୍ତନ କରିବା ଦରକାର। ଜନଜାତି ଲୋକମାନେ ମଧ୍ୟ ଏଥିରେ ସଚେତନ ହେବାର ଆବଶ୍ୟକ?ତା ରହିଛି। ତେଣୁ ଜନଜାତିମାନେ କିପରି ସଚେତନ ହେବେ ନିଜ ଧର୍ମ ଓ ପରମ୍ପରାକୁ ବଜାୟ ରଖିବେ ସେ ସମ୍ପର୍କରେ ଉଦ୍?ବୋଧନ ଦେଇଥିଲେ।

## ପାଞ୍ଚପୀଢ ଉପଖଣ୍ଡକୁ ଜିଲ୍ଲା ଘୋଷଣା ଦାବିପତ୍ର

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ପ୍ରଦାନ କଲା ପ୍ରଗତି ମଞ୍ଚ

କରଞ୍ଜିଆ (ଭାସ୍କର ନ୍ୟୁଜ୍): ପାଞ୍ଚପିଢ଼ କୁ ଜିଲ୍ଲା ଘୋଷଣା ନେଇ ପାଞ୍ଚପିଢ଼ ପ୍ରଗତି ମଞ୍ଚ, ପକ୍ଷରୁ ମୁଖ୍ୟମନ୍ତ୍ରୀ ଙ୍କ ଉଦ୍ଦେଶ୍ୟ ରେ ଏକ ଦାବୀପତ୍ର ସୋମବାର ଦିନ ଜିଲ୍ଲାପାଳ ଓ ଏସ ପି ଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି କେନ୍ଦ୍ର ରେ ପାଞ୍ଚପିଢ଼ ଉପଖଣ୍ଡ ର ସଦରମହକୁମା କରଞ୍ଜିଆ ରେ ପ୍ରଦାନ କରାଯାଇଅଛି। ପୂର୍ବରୁ ବହୁବାର ପାଞ୍ଚପୀଢ ଉପଖଣ୍ଡକୁ ଜିଲ୍ଲା କରିବାକୁ ଦାବୀ ହୋଇଆସୁଥିଲା। ପୁଣିପାଞ୍ଚପୀଢ ଉପଖଣ୍ଡ ପାଇଁ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ, ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ନିଯୁକ୍ତି କରି ଜନସାଧାରଣଙ୍କୁ ପୁଲିସ ପ୍ରଶାସନିକ ସେବା ଯୋଗାଇଦେବା ପାଇଁ ପ୍ରଗତି ମଞ୍ଚ ସରକାରଙ୍କ ନିକଟରେ ଦାବି କରି ୭ ଦିନିଆ ଶାନ୍ତିପୂର୍ଣ୍ଣ ଭାବେ ରିଲେ ଅନ୍ଦୋଳନ କରାଯାଇ ଦାବୀପତ୍ର ପ୍ରଦାନ କରଯାଇଥିଲା। ଜିଲ୍ଲାପାଳ ଙ୍କୁ ଦାବି ପତ୍ର ଦେବା ସହିତ ଆଗାମୀ ସେପଟେମ୍ବର ମାସ ରେ କରଞ୍ଜିଆ ବନ୍ଦ ଡାକରା ସହିତ ଦରକାର ପଡ଼ିଲେ ୪୯ ନମ୍ବର ରାଜପଥ ଅବରୋଧ କରାଯିବ ବୋଲି ସୂଚନା ପ୍ରଦାନ କରିଛି ମଞ୍ଚ। ଆହୁରି ମଧ୍ୟ ଯଶିପୁର, ଶୁକ୍ରୁଲି ଓ ଠାକୁରମୁଣ୍ଡା ବ୍ଲକ କୁ ଏନ୍ ଏ ସି ମାନ୍ୟତା ପାଇଁ ମଧ୍ୟ ଦାବି କରିଛି ମଞ୍ଚ ।ଦାବୀ ପତ୍ର ଦେବା ସମୟ ରେ ପ୍ରଗତି ମଞ୍ଚ ର ସଭାପତି ତଥା କରଞ୍ଜିଆ ଓକିଲ ସଂଘର ପ୍ରାକ୍ତନ ସଭାପତି ସଂଜୟ କୁମାର ସାହୁ,ସଂପାଦକ ଆଇନଜୀବୀ ଦିବ୍ୟପ୍ରସାଦ ସାହୁ, ଉମା ଶଙ୍କର ଦାସ, କର୍ଣ୍ଣ। ଜୁନ ସାହା, ଆଇନଜୀବି ଜଗ ମୋହନ ମହାନ୍ତ, , କବିତା ମହାନ୍ତ,ପ୍ରମୁଖ ଉପସ୍ଥିତ ଥିଲେ।

## ବିଦ୍ୟାଳୟରେ ଉପସ୍ଥାନ ବୃଦ୍ଧି ସମ୍ବନ୍ଧୀୟ ଆଇନ ସଚେତନତା




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ଜିଲ୍ଲା ଆଇନସେବା ପ୍ରାଧିକରଣ, କେନ୍ଦୁଝର ଆୟୋଜନରେ ସଦର ବ୍ଲକ ଅନ୍ତର୍ଗତ ଲକ୍ଷ୍ମୀନାରାୟଣ ଉଚ୍ଚ ବିଦ୍ୟାଳୟ, ମହାଦେଇଯୋଡାଠାରେ ବିଦ୍ୟାଳୟମାନଙ୍କରେ ଶତ ପ୍ରତିଶତ ଉପସ୍ଥାନ ବୃଦ୍ଧି ସମ୍ବନ୍ଧୀୟ ଆଇନ ସଚେତନତା କାର୍ଯ୍ୟକ୍ରମ ପ୍ରାଧିକରଣ ଅଧକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାୟୀ ଲୋକ ଅଦାଲତ ଅଧକ୍ଷ ଇଂ ବିଘ୍ନେଶ୍ୱର ରାଓ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ଥାୟୀ ଲୋକ ଅଦାଲତର ପ୍ରଧାନ କାର୍ଯ୍ୟ ଓ ଉପସ୍ଥାନ କମ୍ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିଥିବାବେଳେ ପ୍ରାଧିକରଣ ସଚିବ ସସ୍ମିତା ନନ୍ଦିନୀ ତ୍ରିପାଠୀ ସଚେତନତା ମାଧ୍ୟମରେ ଉପସ୍ଥାନ ବୃଦ୍ଧି ସମ୍ବନ୍ଧୀୟ ବିଭିନ୍ନ ଉପାୟ ବର୍ଣ୍ଣନା କରି ପ୍ରାଧିକରଣର ଭୂମିକା ସଂପର୍କରେ ଅବଗତ କରାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଶଶିରେଖା ସାହୁ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ପ୍ରାଧିକରଣ ସଦସ୍ୟ ତଥା ତଦାଶା ସଂପାଦକ ଅକ୍ଷୟ କୁମାର ଚକ୍ର ଉକ୍ତ ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସଂପର୍କରେ ଅବଗତ କରାଇ ଶିବିର ପରିଚାଳନା କରିଥିଲେ। ଅତିରିକ୍ତ ଶିକ୍ଷା ଅଧିକାରୀ ରୁଦ୍ରନାରାୟଣ ସାମଲ ଏବଂ ବ୍ଲକ ଶିକ୍ଷା ଅଧିକାରୀ ଓମକାର ଅନ୍ୱେଷ ସରକାରଙ୍କ ବିଭିନ୍ନ ଯୋଜନା ଓ ପରିସଂଖ୍ୟାନ ଉପରେ ଅଭିବ୍ୟକ୍ତି ପ୍ରଦାନ କରିଥିବାବେଳେ ୨ ଜଣ ଛାତ୍ରୀଙ୍କ ସହ ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀ କପିଳ ଚନ୍ଦ୍ର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ ବୈଠକରେ ପାଠ ଛାଡି ଘରେ ରହୁଥିବା ଜଣେ ଛାତ୍ରୀ ଓ ୨ ଜଣ ଛାତ୍ର ତାଙ୍କ ଅଭିଭାବକଙ୍କ ସହ ବିଦ୍ୟାଳୟରେ ପାଠ ପଢା ଆରମ୍ଭ କରିଥିଲେ। ଏହି ସଭାରେ ଶିକ୍ଷୟିତ୍ରୀ ବିଜୟଲକ୍ଷ୍ମୀ ସାହୁ, କଲ୍ୟାଣୀ ନାୟକ, ସ୍ନିଗ୍ଧା ସୁହାସିନୀ ସେଠୀ, ମୁମୀ ମୁଣ୍ଡା, ଶିକ୍ଷକ ଶ୍ରୀକାନ୍ତ ନାଏକ,ସତ୍ୟବ୍ରତ ମିଶ୍ର,ସଲମା ବାସ୍କେ ଉପସ୍ଥିତ ରହି ସଭା ପରିଚାଳନାରେ ସହାୟତା କରିଥିଲେ। ଉକ୍ତ ସଭାରେ ଛାତ୍ରଛାତ୍ରୀମାନେ ସେମାନଙ୍କ ଦୃଷ୍ଟିରେ ଯଦି କେହି ୬ ରୁ ୧୪ ବର୍ଷର ପୁଅ ଝିଅ ବିଦ୍ୟାଳୟକୁ ନଯାଇ ଘରେ ରହନ୍ତି ତୁରନ୍ତ ବିଦ୍ୟାଳୟ କିମ୍ବା ଆଇନସେବା ପ୍ରାଧିକରଣରେ ଜଣାଇବାକୁ ସମ୍ମତି ପ୍ରଦାନ କରିଥିଲେ।

## ସହଯୋଗର ହାତ ବଢାଇଲା ବିଏମ୍‌ସି

## ବ୍ରହ୍ମପୁର ସହରର ସୌନ୍ଦର୍ଯ୍ୟକରଣ ଦାୟିତ୍ୱ ନେଲା କ୍ଲିନ୍ ସିଟି ସଂଗଠନ



ବ୍ରହ୍ମପୁର,(ଭାସ୍କର ନ୍ୟୁଜ): ଦକ୍ଷିଣ ଓଡିଶାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ କ୍ଲିନ ସିଟି ବ୍ରହ୍ମପୁର ପକ୍ଷରୁ ରେଶମ ସହରର ସୌନ୍ଦର୍ଯ୍ୟରକ୍ଷା ଦାୟିତ୍ୱ ହାତକୁ ନିଆଯାଇଛି। ସଙ୍ଗଠନ ପକ୍ଷରୁ ଯଦିଓ ଏହି କାର୍ଯ୍ୟ ଦୀର୍ଘ ୬ବର୍ଷ ଧରି ଜାରି ରହିଛି ତେବେ ବର୍ତ୍ତମାନ ପୁଣି ଏହାକୁ ତ୍ୱରାନ୍ୱିତ କରାଯାଇଛି। ଦିନକୁ ଦିନ ହ୍ରାସ ପାଉଥିବା ସହରର ସୌନ୍ଦର୍ଯ୍ୟ ମୁଖ୍ୟତଃ ରାସ୍ତାର ଉଭୟ ପାର୍ଶ୍ୱରେ ଲାଗୁଥିବା ପୋଷ୍ଟର ଓ ଫ୍ଲେକ୍ସ ଯୋଗୁଁ ହେଉଥିବା ସର୍ଭେରେ ଜଣାପଡିଛି। ଅଧିକାଂଶ ପ୍ରଚାର ପତ୍ର ବ୍ୟବସାୟିକ ସଂସ୍ଥା ପକ୍ଷରୁ ଲାଗୁଥିବାରୁ ସହରର ସୌନ୍ଦର୍ଯ୍ୟ ରକ୍ଷା କରିବାକୁ ଯାଇ ସଙ୍ଗଠନ ପକ୍ଷରୁ ପୂର୍ବଭଳି ପୁଣି ଥରେ ରାସ୍ତାର ଉଭୟ ପାର୍ଶ୍ୱର ପ୍ରାଚୀରରେ ଲାଗିଥିବା ପୋଷ୍ଟର ଓ ଫ୍ଲେକ୍ସ ଗୁଡିକୁ ହଟାଇବାକୁ ନିଷ୍ପତ୍ତି ହୋଇଛି। ପ୍ରଥମ ପର୍ଯ୍ୟାୟରେ ସହରର ମୁଖ୍ୟ ରାସ୍ତା ଓ ପ୍ରମୁଖ ଛକ ଏବଂ ପରବର୍ତ୍ତୀ ସମୟରେ ସହରର ସମସ୍ତ ସାହି ଓ ଗଳିକନ୍ଦିରେ ଲାଗିଥିବା ଏଭଳି ପୋଷ୍ଟର ଗୁଡିକୁ ହଟାଯିବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଟିମ କ୍ଲିନ ସିଟି ପକ୍ଷରୁ ହାତକୁ ନିଆଯାଇଥିବା ଏଭଳି ନିଷ୍ପତ୍ତିକୁ ସହରବାସୀ ଓ ବିଭିନ୍ନ ସଙ୍ଗଠନ ମଧ୍ୟ ସ୍ୱାଗତ କରିବା ସହିତ ସଙ୍ଗଠନର କାର୍ଯ୍ୟରେ ନିଜକୁ ସାମିଲ କରୁଥିବା ଦେଖିବାକୁ ମିଳିଛି। ଟିମ କ୍ଲିନ ସିଟି ପକ୍ଷରୁ ପ୍ରତ୍ୟେକ ରବିବାର ସକାଳ ସମୟରେ ସଦସ୍ୟ ଓ ସଦସ୍ୟା ମାନେ ଏକାଠି ହୋଇ ସହରର ବିଭିନ୍ନ ସ୍ଥାନ ବୁଲି ଏହି କାର୍ଯ୍ୟରେ ନିୟୋଜିତ ରହୁଛନ୍ତି। ରବିବାର ଦିନ ଅନୁରୂପ ଭାବେ ଟିମର ସଦସ୍ୟମାନେ ଏମକେସିଜି ମେଡିକାଲ ମୁଖ୍ୟ ଫାଟକ ନିକଟରେ ଏକାଠି ହୋଇ ମୋଟର ସାଇକେଲରେ କମାପଲ୍ଲୀ, ଟାଟାବେଞ୍ଚ ଛକ, ସୁବାରାଓ ଛକ, ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛକ, କଂଗ୍ରେସ କାର୍ଯ୍ୟାଳୟ ଛକ ଓ ଗାନ୍ଧିନଗର ଛକ ପର୍ଯ୍ୟନ୍ତ ଯାଇ ଲାଗିଥିବା ପୋଷ୍ଟର ଓ ଫ୍ଲେକ୍ସ ଗୁଡିକୁ ହଟାଇଥିଲେ। ସମୂହ ସ୍ୱାର୍ଥ, ସ୍ୱଚ୍ଛତା, ସୁସ୍ଥ ପରିବେଶ ସାଙ୍ଗକୁ ସହରର ସୌନ୍ଦର୍ଯ୍ୟ ରକ୍ଷା ଦିଗରେ ସଙ୍ଗଠନ ପକ୍ଷରୁ ଜାରି ରହିଥିବା ଏଭଳି ପଦକ୍ଷେପକୁ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇ, ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେଙ୍କ ସମେତ ବିଏମସିର ପରିମଳ ଦାୟିତ୍ୱରେ ଥିବା ଡେପୁଟି କମିଶନର କଲ୍ୟାଣୀ ସଂଘମିତ୍ରାଙ୍କ ସମେତ ସମସ୍ତେ ପ୍ରଶଂସା କରିଛନ୍ତି। ଏପରିକି ନିଜକୁ ଏହି କାର୍ଯ୍ୟରେ ସାମିଲ କରିବାର ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି। ଏଦିଗରେ ବିଏମସି ପକ୍ଷରୁ ମଧ୍ୟ ରାସ୍ତାକଡରୁ ଜବରଦଖଲ ଉଚ୍ଛେଦ ଅଭିଯାନକୁ ତ୍ୱରାନ୍ୱିତ କରାଯାଇଛି। ସେହିଭଳି ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଓ ବେସରକାରୀ ପ୍ରାଚୀରରେ ଚିତ୍ରାଙ୍କନ ଜରିଆରେ ସମାଜକୁ ବାର୍ତ୍ତା। ଦେବାଭଳି ଚିତ୍ର, ସରକାରଙ୍କ ବିଭିନ୍ନ ଯୋଜନା, ଓଡିଆ ପରମ୍ପରା, କ୍ରୀଡା ସମେତ ମହାପୁରୁଷ ମାନଙ୍କ ଚିତ୍ର ଆଙ୍କିବାକୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି। ଏହି କ୍ରମରେ ବିଏମସି ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ସୁବାଷ ବୋଷ ଛକ ନିକଟରୁ ଆରମ୍ଭ କରି ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଛକ, ପାଣିଟାଙ୍କି ଛକ ଓ ଗିରିରୋଡ ଛକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱର ପ୍ରାଚୀରକୁ ଟାର୍ଗେଟ କରାଯାଇଛି। ଏଥିପାଇଁ ଖଲ୍ଲିକୋଟ ସ୍ଥିତ ଚାରୁ ଓ କାରୁକଳା ମହାବିଦ୍ୟାଳୟ ଓ ଭୁବନେଶ୍ୱର ସ୍ଥିତ ବି.କେ. ଆର୍ଟ କଲେଜ ଚିତ୍ରଶିଳ୍ପୀମାନଙ୍କୁ ଦାୟିତ୍ୱ ଦିଆଯାଇଛି। ଗୋଟିଏ ପଟେ ସହରବାସୀଙ୍କ ସହଯୋଗରେ ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ଟିମ କ୍ଲିନ ସିଟି ପକ୍ଷରୁ ପୋଷ୍ଟର ଓ ଫ୍ଲେକ୍ସ ଚିରା ଅଭିଯାନ ତ୍ୱରାନ୍ୱିତ ହୋଇଥିବା ବେଳେ ବିଏମସି ପକ୍ଷରୁ ଉକ୍ତ ପ୍ରାଚୀରରେ ଚିତ୍ର ଆଙ୍କିବା ଆରମ୍ଭ ହୋଇଛି। ଯଦ୍ୱାରା ସହରର ସୌନ୍ଦର୍ଯ୍ୟ ବୃଦ୍ଧି ସହିତ ରକ୍ଷା କରାଯାଇପାରିବ। ଏହି ଅଭିଯାନରେ ସମସ୍ତଙ୍କର ସହଯୋଗ ବିଏମସି ଓ ଟିମ କ୍ଲିନ ସିଟି ସଙ୍ଗଠନ ପକ୍ଷରୁ ଲୋଡାଯାଇଛି। ଏହା ବ୍ୟତିତ ଚିତ୍ରାଙ୍କନ ହୋଇଥିବା ପ୍ରାଚୀରରେ ଆଗାମୀ ଦିନରେ ପୋଷ୍ଟର ଲାଗିଲେ ସମ୍ପୃକ୍ତ ସଂସ୍ଥା ବିରୁଦ୍ଧରେ ଆର୍ଥିକ ଜରିମାନା ସହିତ ଅନ୍ୟ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ବିଏମସି କମିଶନର ପ୍ରଥମେଶ ଅରବିନ୍ଦ ରାଜସିର୍କେ ଟିମ କ୍ଲିନ ସିଟି ପକ୍ଷରୁ ହାତକୁ ନିଆଯାଇଥିବା ଏହି ଅଭିଯାନରେ ଟିମର ଉଭୟ ପୁରୁଷ ଓ ମହିଳା ବର୍ଗର ବହୁ ସଦସ୍ୟଙ୍କ ସହିତ ବରିଷ୍ଠ ସାମ୍ବାଦିକ ଶକ୍ତିଧର ରାଜଗୁରୁ, ବ୍ରହ୍ମପୁର ବିଧାୟକଙ୍କ ପ୍ରତିନିଧି ଅଶୋକ କୁମାର ଶୁକ୍ଳା, କର୍ପୋରେଟର ସୂର୍ଯ୍ୟକାନ୍ତ ସୁବୁଦ୍ଧି, ରାମଚନ୍ଦ୍ର ପଣ୍ଡା, ବରିଷ୍ଠ ଆଇନଜୀବୀ ସୂର୍ଯ୍ୟ ନାରାୟଣ ଚୌଧୁରୀ, ଗଞ୍ଜାମ ଓକିଲ ସଂଘ ଯୁଗ୍ମ ସମ୍ପାଦକ ଅସିତ କୁମାର ସାବତ, ଅଭୟ କୁମାର ରଥ, କବୟତ୍ରୀ ପଦ୍ମିନୀ ମିଶ୍ର, ବରିଷ୍ଠ ସାମ୍ବାଦିକ ନାଗେଶ୍ୱର ପୃଷ୍ଟି, କ୍ରୀଡା ପ୍ରଶିକ୍ଷକ ସୁରେଶ ପାଢୀ, ଏନଆଇଏସ କୋଚ ପ୍ରଶାନ୍ତ କୁମାର ରଥ, ରାଜେଶ କୁମାର ସାହୁ, ମନୋଜ ଖୀମାନି, ସରିତା ଖିମାନୀ, ସସ୍ମିତା ପ୍ରଧାନ, ସନ୍ତୋଷ ବେହେରା, ଆଇନଜୀବୀ ମନୋଜ ପାଣିଗ୍ରାହୀ, ସୀମାଞ୍ଚଳ ଶତପଥୀ ଓ ମାନସ ସେଠୀ ପ୍ରମୁଖ ସକ୍ରିୟ ସାମିଲ ହୋଇଥିଲେ।

## ଚାଇଲ୍ଡ ହେଲ୍ପ ଲାଇନ୍‌ର ସଚେତନତା କାର୍ଯ୍ୟକ୍ରମ




କେନ୍ଦୁଝର, (ଭାସ୍କର ନ୍ୟୁଜ୍) : ସୋମବାର ଝୁମ୍ପୁରା ବ୍ଲକର ନିଶ୍ଚିନ୍ତପୁର ହାଇସ୍କୁଲଠାରେ ଚାଇଲ୍ଡ ହେଲ୍ପ ଲାଇନ ୧୦୯୮, ଡିସିପିୟୁ, କେନ୍ଦୁଝର ତରଫରୁ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସ୍କୁଲର ପ୍ରଧାନଶିକ୍ଷକ ପ୍ରଦ୍ୟୁମ୍ନ କୁମାର ପ୍ରଧାନଙ୍କ ସମେତ ଚାଇଲ୍ଡ ହେଲପ୍ ଲାଇନ୍‌ର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ସୁପରଭାଇଜର ରୋହିତ କୁମାର ମହାନ୍ତ ଏବଂ କୃଷ୍ଣଚନ୍ଦ୍ର ମହାକୁଡ ପରିଚାଳନା କରିଥିବା ବେଳେ ଲିଲିମା ଲୋହାର ଉପସ୍ଥାପନା କାର୍ଯ୍ୟଭାର ତୁଲାଇଥିଲେ ଓ ଡିପିସି ଉଷାମଣୀ ମହାନ୍ତ ସଭାପତିତ୍ୱ କରିଥିଲେ। ଚାଇଲ୍ଡ ଲାଇନ୍‌ର ଭୂମିକା ଓ ଗୁରୁତ୍ୱପୂର୍ଣ୍ଣ ବିଷୟରେ କେଶ ୱାର୍କର କୃଷ୍ଣଚନ୍ଦ୍ର ମହାକୁଡ ଅବଗତ କରାଇଥିଲେ। କିପରି ଗୋଟିଏ ଅସହାୟ ଶିଶୁର ଉଦ୍ଧାର କରାଯାଇ ତାକୁ କିପରି ଥଇଥାନ କରାଯାଏ ସେ ବିଷୟରେ ମଧ୍ୟ ଜଣାଇଥିଲେ। ସୁପରଭାଇଜର ରୋହିତ କୁମାର ମହାନ୍ତ ଶିଶୁ ଶ୍ରମିକ, ବାଲ୍ୟବିବାହ, ଶିଶୁ ଚାଲାଣ ବିଷୟରେ ସଚେତନ କରାଇଥିଲେ। ସଭାଶେଷରେ ଡିପିସି ଉଷାମଣୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଶିଫଳ

ଗୁରୁବାର, ୨୧ ଅଗଷ୍ଟ ୨୦୨୫



**ମେଷ:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।



**ବୃଷ:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ। ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ।



**ମିଥୁନ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**କର୍କଟ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।



**ସିଂହ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ।



**କନ୍ୟା:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ।



**ତୁଳା:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ। ଆପଣ ଏକାସାଙ୍ଗରେ ଅନେକ କ୍ଷେତ୍ରରେ ସକ୍ରିୟ ରହିବେ।




**ବିଛା:** ଦୈନନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।



**ଧନୁ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ। ବସ୍ ସହିତ ସମ୍ପର୍କ ବିଷୟରେ ଆପଣ ଟିକିଏ ସଚେତନ ହେବା ଉଚିତ୍।



**ମକର:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୈଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ।



ଜ୍ୟୋତିର୍ବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଉମରକୋଟ(ଭାସ୍କର ନ୍ୟୁଜ୍): ନବରଙ୍ଗପୁର ଜିଲା ଉମରକୋଟ ସହର ଗୁଳିପାଟଣା ସାହିର କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ମହା ଆଡମ୍ବରରେ ଦୁର୍ଗାପୂଜା କରାଯିବା ନେଇ ବାବା ବୈଦ୍ୟନାଥ ମନ୍ଦିରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା।ଏହି ବୈଠକରେ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହିଥିଲେ। ବୈଦ୍ୟନାଥ ମନ୍ଦିର କମିଟି ସଭାପତି ଜୟଦେବ ପରିଡାଙ୍କ ସଭାପତିତ୍ୱରେ ବୈଠକ ଅନୁଷ୍ଠିତ ହୋଇଥିଲା। ସର୍ବପ୍ରଥମେ ଗତବର୍ଷର ସମସ୍ତ ଖର୍ଚ୍ଚ ବିବରଣୀ ସଂଜୀବ ସାହୁ ଉପସ୍ଥାପନ କରିଥିଲେ। ପରେ ଚଳିତବର୍ଷ ପାଇଁ ନୂତନ ପୂଜା କମିଟି ଗଠନ କରାଯାଇଥିଲା ଚଳିତ ବର୍ଷ ପୂଜା କମିଟି ସଭାପତି ଭାବେ ସଞ୍ଜୟ କୁମାର ସ୍ୱାଇଁ, ଉପସଭାପତି ଭାବେ ଲକ୍ଷ୍ମୀ ପୁଜାରୀ, ଗିରିଧାରୀ ମାଝୀ, କୁଶ ସାହୁ ମନୋନୀତ ହୋଇଥିବାବେଳେ ସମ୍ପାଦକ ଭାବେ ଗଣେଶ ପ୍ରସାଦ ରଣା ଓ ସହ ସଂପାଦକ ଭାବେ ସନ୍ତୋଷ ଶତପଥୀ, ପିଣ୍ଟୁ ମାଝୀ, ଅରୁଣ ପଟ୍ଟନାୟକ ମନୋନୀତ ହୋଇଛନ୍ତି। ସେହିଭଳି କୋଷାଧ୍ୟକ୍ଷ ଭାବେ ସଂଜୀବ ସାହୁଙ୍କୁ ମନୋନୀତ କରାଯାଇଛି। ପୂଜା କାର୍ଯ୍ୟରେ ସହଯୋଗ କରିବା ପାଇଁ ୧୧ ଜଣିଆ କମିଟି ମଧ୍ୟ ଚୟନ କରାଯାଇଛି। କମିଟିର ସମସ୍ତ ସଦସ୍ୟ ପୂଜା କାର୍ଯ୍ୟରେ ସହଯୋଗ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି। ଆଜିର ବୈଠକର ନିଷ୍ପତ୍ତି ଅନୁସାରେ ୨୮/୮/୨୫ ତାରିଖରେ ପୂଜା ପାଇଁ ଶୁଭଖୁଣ୍ଟି ସ୍ଥାପନ କରାଯିବ ଏବଂ ଚଳିତ ଥର ମଧ ପୂଜା ମଣ୍ଡପରେ ନବରାତ୍ରି ପୂଜା କରାଯିବ ଏବଂ ୨୨/୦୯/୨୫ ଅଶ୍ୱିନ ଶୁକ୍ଳ ପ୍ରତିପଦା ତିଥିରେ ନବରାତ୍ରି ପାଇଁ ସଂକଳ୍ପ କରାଯିବ ବୋଲି ସୂଚନା ଦେଲେ ପୂଜକ। ଆଜିର ଏହି ବୈଠକରେ ପୂଜା ପାଇଁ ମେଢ଼, ବାଜା, ମହାଅଷ୍ଟମୀ ଭୋଗ, ବିସର୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ତଥା ଶାନ୍ତି ଶୃଙ୍ଖଳାରେ କିପରି ପୂଜା ସମ୍ପନ୍ନ କରାଯିବ ଏନେଇ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା।



# ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିମ୍ନମାନର କାମ ଅଭିଯୋଗ

ରେଢ଼ାଖୋଲ (ଭାସ୍କର ନ୍ୟୁଜ୍): ଗ୍ରାମାଞ୍ଚଳର ଗମନାଗମନ ଓ ଉନ୍ନତି ସକାଶେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ସରକାର ଗାଁ ଗୁଡିକୁ ସହର ସହିତ ଯୋଡିବା ପାଇଁ ରାଜରାସ୍ତାକୁ ସଂଯୋଗ ନିମନ୍ତେ ରାସ୍ତା ନିର୍ମାଣ ପାଇଁ ବହୁ ଅର୍ଥ ବ୍ୟୟ କରୁଛନ୍ତି। ହେଲେ ସମ୍ବଲପୁର ଜିଲ୍ଲା ରେଢାଖୋଲ ବ୍ଲକ୍ ଲୁହାପଙ୍କ ଗ୍ରାମ ପଞ୍ଚାୟତ ଦେଇ ଯାଇଥିବା ୫୩ନଂ ଜାତୀୟ ରାଜପଥ ଭାୟା ଲୁହାପଙ୍କ ଦେଇ ଗାଡୁମୁଣ୍ଡା ପର୍ଯ୍ୟନ୍ତ ଦୀର୍ଘ ୫କିମି ନିର୍ମାଣାଧିନ ରାସ୍ତା ବିନା ସୂଚନା ଫଳକରେ କାମ ହେଉଥିବାବେଳେ ରାସ୍ତା କାମଟି ନିମ୍ନମାନର ହୋଇଥିବା ଗ୍ରାମବାସୀ ସାଧାରଣରେ ଅଭିଯୋଗ କରିଛନ୍ତି । ଏହି ରାସ୍ତା ଉପରେ ଲୁହାପଙ୍କ, ଗାଡୁମୁଣ୍ଡା ର ଲୋକମାନେ ଯାତାୟତ ପାଇଁ ନିର୍ଭର କରିଥାନ୍ତି । ହେଲେ ଏହି ରାସ୍ତାଟି ଆରଡ଼ି ବିଭାଗ ଦ୍ୱାରା କାମ ହେଉଥିବାବେଳେ ଏହା କେତେ ଟଙ୍କା ଅନୁଦାନର କାମ,



କେତେ କିମି ରାସ୍ତା, ରାସ୍ତା ନିର୍ମାଣର ସବିଶେଷ ବିବରଣୀ ସୂଚନା ଫଳକରେ ସାର୍ବଜନୀନ କରିବାର ସରକାରୀ ନିୟମ ଥିବାବେଳେ ରାସ୍ତାକାମ କରୁଥିବା ଠିକା ସଂସ୍ଥା ବିନା ସୂଚନା ଫଳକରେ କାମ କରୁଛି । ଯାହାକି ଗ୍ରାମବାସୀଙ୍କ ମଧ୍ୟରେ ସନ୍ଦେହ ସୃଷ୍ଟି କରୁଛି । ରାସ୍ତା କାମଟି ନିମ୍ନମାନର ହୋଇଥିବା ଗ୍ରାମବାସୀଙ୍କ ମଧ୍ୟରେ ଚର୍ଚ୍ଚା ହେଉଥିବାବେଳେ କାମ ଶେଷରେ ଏହାର ସ୍ଥାୟୀତ୍ୱ ନେଇ ଲୋକଙ୍କ ମନଭିତରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ଏମିତିକି ଠିକା ସଂସ୍ଥା କେତେକ ସ୍ଥାନରୁ ବେଆଇନ ଭାବେ ବାଲି, ମାଟି, ମୁରୁମ୍ , ଖନନ କରି ରାସ୍ତାରେ ଆଣି ପକାଉଛନ୍ତି । ଫଳରେ ରାଜସ୍ୱ ବିଭାଗର ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହାନୀ ହେଉଛି । ଏଥିପ୍ରତି ନା ପ୍ରଶାସନ ନା ରାଜସ୍ୱ ବିଭାଗ କୌଣସି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ଜଣାଯାଇଛି ।

# ପକାଘର ପାଇଁ ଲାବନ୍ୟାଙ୍କ ନିବେଦନ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗୁମ୍ମା ବ୍ଲକ ଅନ୍ତର୍ଗତ ପରିଡ଼ା ଗ୍ରାମ ପଞ୍ଚାୟତର ପରିଡ଼ା ଗ୍ରାମରେ ଲଗାଣ ବର୍ଷାରେ ଲାବନ୍ୟା ଗାଣ୍ଟା (୬୫)ଙ୍କ ଘର ଭାଙ୍ଗିଯାଇଛି। ଖବର ପାଇଁ ସରପଞ୍ଚ ପିନାଶ ରାଇତ, ଆରଆଇ ବଳରାଜ ସାହାଣୀ ଏବଂ ନାଏବ ସରପଞ୍ଚ ଗୁଣବତୀ ସିଂ ତୁରନ୍ତ ପହଞ୍ଚି ଲାବଣ୍ୟ ଓ ତାଙ୍କ ସ୍ତ୍ରୀଙ୍କୁ ସୁରକ୍ଷିତ ସ୍ଥାନରେ ରଖିବା ସହ ଜରିପାଲ ଗୋଟିଏ ପ୍ରଦାନ କରିଥିଲେ। ଆରଆଇ ବଳରାଜ ସାହାଣୀଙ୍କ



କହିବା ମୁତାବକ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କୁ ସୂଚନା ପ୍ରଦାନ କରାଯାଇଛି। ପରିବାର କହିଲେ ଲାବଣ୍ୟ ଓ ତାଙ୍କ ସ୍ତ୍ରୀ କେବଳ ଦୁଇ ପ୍ରାଣୀ।ବୃଦ୍ଧାବସ୍ଥାରେ କୌଣସି ରୋଜଗାର ନ ପାଇ କେବଳ ଭତ୍ତା ଓ ଦଶ କିଲୋ ରାସନ ଚାଉଳରେ ହିଁ ମାସ ସାରା କଷ୍ଟରେ ଚଳିଥାନ୍ତି। ଘର ଭାଙ୍ଗି ଗଲାପରେ ବର୍ତ୍ତମାନ ସେମାନେ ବାସହରା ହୋଇଯାଇଛନ୍ତି। ଏଣୁ ତୁରନ୍ତ ଏମାନଙ୍କୁ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ କରି ପକ୍କା ଘର ଖଣ୍ଡିଏ ଦେବା ନିମନ୍ତେ ଲାବଣ୍ୟ ଏବଂ ତାଙ୍କ ସ୍ତ୍ରୀ ପ୍ରଶାସନକୁ ନିବେଦନ କରିଛନ୍ତି

# ସାମ୍ବାଦିକଙ୍କ ପତ୍ନୀ ବିୟୋଗ, ଝିଅ ଦେଲେ ମୁଖାଗ୍ନି



ଉମରକୋଟ(ଭାସ୍କର ନ୍ୟୁଜ୍): ଜଣେ ଉଚ୍ଚଶିକ୍ଷିତ ଝିଅ ନିଜ ମା'ଙ୍କ ମୃତ୍ୟୁ ପରେ ମୁଖାଗ୍ନି ଦେଇ ଆଜି ଉମରକୋଟ ସହରରେ ଏକ ବିରଳ ଉଦାହରଣ ସୃଷ୍ଟି କରିଛନ୍ତି। ଉମରକୋଟର ବରିଷ୍ଠ ସାମ୍ବାଦିକ ହରିହର ଶତପଥୀଙ୍କ ପତ୍ନୀ କୁନ୍ତଳା କୁମାରୀ ଶତପଥୀ (୫୬ ବର୍ଷ) ଦୀର୍ଘ ବର୍ଷ ଧରି ଶଯ୍ୟାଶାୟୀ ଥିଲେ। ତେବେ ଆଜି ତାଙ୍କର ମୃତ୍ୟୁ ଘଟିଲା। ଯେହେତୁ ହରିହର ଶତପଥୀଙ୍କ ୨ ଝିଅ କୌଣସି ପୁଅ ନ ଥିଲେ। ମୁଖାଗ୍ନି କିଏ ଦେବ ତାହା ସ୍ୱାଭାବିକ ଭାବେ ପରିବାରରେ ଚିନ୍ତା ସୃଷ୍ଟି ହେଲା । ଏହି ସମୟରେ ହରିହରଙ୍କ ସାନ ଝିଅ ଲୋପାମୁଦ୍ରା ଯିଏ କି ଅବିବାହିତା ଓ ଉଚ୍ଚଶିକ୍ଷା ଲାଭ କରୁଛନ୍ତି, କହିଲେ ମୁଁ ଦେବି। ମୋ ମା'ଙ୍କୁ ଚିତାଗ୍ନି ଦେବି ମୋର ଏଥିରେ କିଛି ଅସୁବିଧା ନାହିଁ। ବାପାଙ୍କୁ କହିଲେ ବାପା ମୋ ଭାଇ ନ ଥିଲେ କଣ ହେଲା ମୁଁ ହିଁ ତୁମର ପୁଅ ଆଉ ଝିଅ। ପରିବାରରେ ସମ୍ମତି ପ୍ରକାଶ ପାଇଲା ଓ ଝିଅ ଆଜି ଶ୍ମଶାନରେ ମା'କୁ ମୁଖାଗ୍ନି ଦେଲେ। ଯାହାକି ଉପସ୍ଥିତ ବ୍ୟକ୍ତିଙ୍କ ଆଖିରୁ ଲୁହ ବାହାରି ପଡ଼ିଥିଲା। ଶ୍ମଶାନକୁ ମହିଳାମାନେ ଯାଇଥାନ୍ତି। କିନ୍ତୁ ମୁଖାଗ୍ନି ଦେବା ପୂର୍ବରୁ ଶ୍ମଶାନ ଛାଡ଼ି ପଳାଇଆସନ୍ତି। କିନ୍ତୁ ସାହସର ସହ ଲୋପାମୁଦ୍ରା ମୁଖାଗ୍ନି ଦେଇ ଶେଷ ବିଦାୟ ଜଣାଇ ଆସିଲେ। ଆଜି ଲୋପାମୁଦ୍ରା ଏହି ଅନନ୍ୟ କାର୍ଯ୍ୟ କରି ଉମରକୋଟରେ ଏକ ଉଦାହରଣ ସୃଷ୍ଟି କରିଛନ୍ତି। ଆଗକୁ ଯେତେ ସବୁ ମା' ଙ୍କ କାର୍ଯ୍ୟ ଯାହା ବି ହେବ ସେ ସବୁ ମୁଁ ହିଁ କରିବି ବୋଲି କହିଛନ୍ତି ଲୋପାମୁଦ୍ରା। କୁନ୍ତଳା ଜଣେ ଧର୍ମ ପରାୟଣ ମହିଳା ଭାବେ ସୁପରିଚିତ। ସେ ଗାୟତ୍ରୀ ପରିବାର ସହ ଜଡ଼ିତ ରହି ଗାଁ ଗାଁ ବୁଲି ହିନ୍ଦୁ ଧର୍ମ ପ୍ରଚାର ପାଇଁ କାର୍ଯ୍ୟ କରୁଥିଲେ। ଉମରକୋଟ ଠାରେ ଗାୟତ୍ରୀ ଧର୍ମ ଆରମ୍ଭ କରିଥିଲେ। ଶକୁନ୍ତଳାଙ୍କ ମୃତ୍ୟୁ ଖବର ପ୍ରଚାର ହେବା ମାତ୍ରେ ସମଗ୍ର ସହରରେ ଶୋକର ଛାୟା ଖେଳିଯାଇଛି। ଆଜି ପେଣ୍ଡ୍ରାଣି ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ଶକୁନ୍ତଳାଙ୍କ ଶବ ଶ୍ମଶାନକୁ ଆଣି ଶେଷକୃତ୍ୟ ସଂପନ୍ନ କରାଯାଇଥିଲା। ଶେଷ ଯାତ୍ରାରେ ସହରର ବିଶିଷ୍ଟ ବ୍ୟକ୍ତିଙ୍କ ସହ ଗାୟତ୍ରୀ ପରିବାରର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ତଳମୁହାଁ ସିସି କ୍ୟାମେରା, ନିରବଦ୍ରଷ୍ଟା ପ୍ରଶାସନ

ଉମରକୋଟ(ଭାସ୍କର ନ୍ୟୁଜ୍):ନବରଙ୍ଗପୁର ଜିଲ୍ଲାର ଉମରକୋଟ ସହରର ମୁଖ୍ୟ ରାସ୍ତା ତଥା ସମ୍ବେଦନ ଶିଳ ସ୍ଥାନ ଗୁଡିକରେ ପୌର ପ୍ରଶାସନ ପକ୍ଷରୁ ହାଇ ରିଜୋଲେସନ ସିସି କ୍ୟାମେରା ଲଗା ଯାଇଥିଲା। କିନ୍ତୁ ସମସ୍ତ ସିସି କ୍ୟାମେରା ଗୁଡିକ ଦୁଇ ବର୍ଷ ହେଲା ନଷ୍ଟ ହୋଇ ସାରିଛି କିନ୍ତୁ ପ୍ରଶାସନର ନଜର ପଡୁନାହିଁ।ନିରବଦ୍ରଷ୍ଟା ସାଜିଛି ପ୍ରଶାସନ। ଅପରାଧୀକ ବ୍ୟକ୍ତି ଙ୍କୁ ଅପରାଧ କରିବାକୁ ସୁଯୋଗ ମିଳୁଛି ତଳମୁହାଁ କ୍ୟାମେରା ଯୋଗୁ। ଅନ୍ୟପଟେ ଏହାର ସୁଯୋଗ ନେଇ ଦିନକୁ ଦିନ ଅପରାଧ ବଢ଼ିବା ସହ ଲୁଟ ମାର ମଧ ବଢୁଛି। ନବରଙ୍ଗପୁର ଜିଲ୍ଲା ଓଡ଼ିଶାର ଏକ ଉପାନ୍ତ ଜିଲ୍ଲା। ଜିଲ୍ଲାର ଉମରକୋଟ ସହର ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠ ସ୍ଥଳୀ। ଏହାର ସୀମାକୁ ଲାଗି ରହିଛି ଛତିଶଗଡ଼ ରାଜ୍ୟ। ଅନେକ ସମୟରେ ଅପରାଧିକ ବ୍ୟକ୍ତି ମାନେ ଖୁଲମ ଖୁଲା ଦୁଇ ରାଜ୍ୟକୁ



ଯିବା ଆସିବା କରିଥାନ୍ତି ଏହି ଉମରକୋଟ ସହର ଦେଇ। ତେବେ ଅପରାଧିକ ବ୍ୟକ୍ତିଙ୍କ ସହ ସହରର ଟ୍ରାଫିକ ସମସ୍ୟା କୁ କଣ୍ଟ୍ରୋଲ କରିବାକୁ କିଛି ବର୍ଷ ପୂର୍ବରୁ ପୌର ପ୍ରଶାସନ ପକ୍ଷରୁ ସହର ର ସମ୍ବେଦନ ଶିଳ ସ୍ଥାନ ଗୁଡିକରେ ପ୍ରାୟ ୭୦ ଲକ୍ଷ ଟଙ୍କା ବିନିମୟରେ ୫୦ ଟି ହାଇ ରେଜୁଲେସନ ସିସି କ୍ୟାମେରା ଲଗା ଯାଇଥିଲା। ଏହାକୁ ମୋନିଟର କରିବା ପାଇଁ ଉମରକୋଟ ଥାନାରେ ଏହାର ଡିସପ୍ଲେ ସିଷ୍ଟମ ଲଗାଯାଇଥିଲା। କିନ୍ତୁ ବର୍ତ୍ତମାନ ସମସ୍ତ ସିସି କ୍ୟାମେରା ତଳ ମୁହାଁ ହେବା ସହ ନଷ୍ଟ ହେବାକୁ ବସିଲାଣି। ଅନ୍ୟପଟେ ଅଧାରୁ ଅଧିକ ଚୋରି ହୋଇଯାଇଥିବା ଅନୁମାନ କରାଯାଉଛି। ୫୦ କ୍ୟାମେରା ମଧ୍ୟରୁ ବର୍ତ୍ତମାନ କେବଳ ୧୨ ଟି ସିସି କ୍ୟାମେରା ହିଁ ଡିସପ୍ଲେ ହେଉଛି। ଏହାକୁ ନେଇ ଅଂଚଳବାସୀ ଚିନ୍ତା ପ୍ରକଟ କରିବା ସହ ପ୍ରଶାସନର ନିରବତାକୁ ଦେଖି ଲୋକେ ଆଶ୍ଚର୍ଯ୍ୟ। ଗତ ଜାନୁଆରୀ ମାସ ଠାରୁ ଆଜି ପର୍ଯ୍ୟନ୍ତ ସରକାରୀ ହିସାବରେ ବହୁତ ଚୋରି ହୋଇଥିବା ବେଳେ ଡକାୟତ ମଧ ହୋଇଛି। ଅସାମାଜିକ ବ୍ୟକ୍ତି ତଥା ସହର ମଧ୍ୟରେ ଦ୍ରୁତ ବାଇକ ଚାଳକ ଙ୍କୁ କାବୁ କରିବା ଏବଂ ମୁଖ୍ୟ ରାସ୍ତା ମଝିରେ ମନ ଇଚ୍ଛା ଗାଡି ପାର୍କିଙ୍ଗ କରିବା ଯୋଗୁଁ ସାଧାରଣ ଲୋକେ ଟ୍ରାଫିକ ସମସ୍ୟା ର ସମ୍ମୁଖୀନ ମଧ ହେଉଛନ୍ତି। ସିସି କ୍ୟାମେରା ଗୁଡିକର ଅବସ୍ଥା ଏହିଭଳି ରହିଥିବା ଯୋଗୁଁ ପ୍ରଶାସନ ଏଗୁଡିକୁ କଣ୍ଟ୍ରୋଲ କରିବାରେ ବିଫଳ ହୋଇଛି କହିଲେ ଭୁଲ ହେବନାହିଁ। ଏହିଭଳି କାର୍ଯ୍ୟ ଘଟାଉଥିବା ଲୋକଙ୍କ ବିଷୟରେ ପୋଲିସ କୌଣସି ସୁରାଗ ପାଇ ପାରୁନାହିଁ। ଅତିଶୀଘ୍ର ସେଗୁଡିକ ମରାମତି କଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ସାଧାରଣ ଜନତା ପ୍ରକାଶ କରିଛନ୍ତି। ବର୍ତ୍ତମାନ ଉମରକୋଟ ସହର ଦିନ କୁ ଦିନ ବଢ଼ିବା ସହ ଜନ ସଂଖ୍ୟା ମଧ ବୃଦ୍ଧି ପାଉଛି। ଅନ୍ୟପକ୍ଷରେ ଲଗାଯାଇଥିବା ସମସ୍ତ ସିସି କ୍ୟାମେରା ଗୁଡିକ ଦୁଇ ବର୍ଷ ହେଲା ନଷ୍ଟ ହୋଇ ସାରିଛି କିନ୍ତୁ ପ୍ରଶାସନର ନଜର ପଡୁନାହିଁ। ଏହାର ସୁଯୋଗ ନେଇ ଦିନକୁ ଦିନ ଅପରାଧ ବଢ଼ିବା ସହ ଲୁଟ ମାର ମଧ ବଢୁଛି ଯାହାକୁ ନେଇ ଚିନ୍ତାରେ ଜନସାଧାରଣ। ଘଟଣାକୁ ନେଇ ଉମରକୋଟ ପୌରପରିଷଦ ର ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଳିଆ ଙ୍କୁ ପଚାରିବାରୁ ସେ ଏହାର ସମାଧାନ ଯଥା ଶୀଘ୍ର କରାଯିବ ଓ ଟେଣ୍ଡର କରାଯାଇଛି ଯଥା ଶୀଘ୍ର ନୂଆ ସିସି କେମେରା ଲଗେଇ ପରେ ପୋଲିସ କୁ ହସ୍ତାନ୍ତର କରାଯିବ ବୋଲି କହିଛନ୍ତି। ଉମରକୋଟ ସହର ପାଇଁ ମମଶଙ୍କ କ୍ୟାମେରା ନିତ୍ୟାନ୍ତ ଆବଶ୍ୟକତା ରହିଥିବା ବେଳେ ଏବେ ଦେଖିବାକୁ ବାକି ରହିଲା କେବେ ଭାଙ୍ଗୁଛି ପ୍ରଶାସନ ର ନିଦ,ବିଦ୍ୟୁତ ଖୁଣ୍ଟ ରେ ତଳ ମୁହାଁ ହୋଇ ରହିଥିବା କ୍ୟାମେରା ଉପର ମୁହାଁ ହୋଇ ଅପରାଧୀ ଙ୍କୁ ନଜର ରଖିବାରେ କେବେ ସକ୍ଷମ ହେବ ?

# ଜିଲ୍ଲାପାଳଙ୍କ ଦ୍ୱାରା ସାମୂହିକ ଗୃହ ପ୍ରବେଶ କାର୍ଯ୍ୟକ୍ରମ



ନୂଆପଡ଼ା(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ଭାରୁଆମୁଣ୍ଡା ଗ୍ରାମ ପଂଚାୟତ ଠାରେ ପ୍ରଧାନମନ୍ତ୍ରୀ ଜନମନ ଏବଂ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅନ୍ତର୍ଗତ ଏକଦିନରେ ୧୦୦ ଗୋଟି ଗୃହର ଗୃହପ୍ରବେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ଭାରୁଆମୁଣ୍ଡା ଗ୍ରାମ ପଂଚାୟତ କାର୍ଯ୍ୟାଳୟ ପରିସରରେ ଏକ ସ୍ୱତନ୍ତ୍ର ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପଜିଲ୍ଲାପାଳ ସୁରମି ସୋରେନ , ଜିଲ୍ଲାପରିଷଦ ସଦସ୍ୟ ଭରତଲାଲ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ତାରେଶ୍ୱରୀ ସାହୁ,ଉପାଧ୍ୟକ୍ଷ ଦିଲୀପ ନିର୍ମଳକର , ଗୋଷ୍ଠୀ ଉନ୍ନୟନ ଅଧିକାରୀ ରୋହିତ ଭୋଇ, ସ୍ଥାନୀୟ ସରପଞ୍ଚ ଯମୁନା ସାହୁ , ସମିତିସଭ୍ୟ ତଥା ଜିଲ୍ଲା ଏବଂ ବ୍ଲକ ସ୍ତରୀୟ ବିଭିନ୍ନ ଅଧିକାରୀ ଯୋଗ ଦେଇଥିଲେ। ଭାରୁଆମୁଣ୍ଡା ପଂଚାୟତରେ ମଞ୍ଜୁର ହୋଇଥିବା ୩୯୧ ଗୋଟି ଗୃହ ମଧ୍ୟରୁ ପ୍ରଧାନମନ୍ତ୍ରୀ ଜନମନ ଯୋଜନାରେ ୧୯ ଟି , ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଜନାରେ ୩୬୧ ଟି ଏବଂ ଏନଏସପିଜିୱାଇ ଯୋଜନାରେ ୧୧ ଗୋଟି, ଗୃହ ମିଳିଛି। ସେଥିରୁ ୩୫୫ ଜଣ ହିତାଧିକାରୀ ନିଜର ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବାରୁ ସେମାନଙ୍କୁ ଜିଲ୍ଲାପାଳ ଅଭିନନ୍ଦନ ଜଣାଇ ଥିଲେ। ୪ ମାସ ଏବଂ ୬ ମାସ ମଧ୍ୟରେ ଗୃହ କାର୍ଯ୍ୟ ସମ୍ପୂର୍ଣ୍ଣ କରିଥିବା ୫ଜଣ ହିତାଧିକାରୀଙ୍କୁ ସଭାରେ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା । ସଭାରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ମୁକ୍ତ ଗ୍ରାମପଞ୍ଚାୟତ ଶୀଘ୍ର ଘୋଷଣା କରିବା ପାଇଁ ସଚେତନ ହୋଇ ପଦକ୍ଷେପ ନେବାକୁ ଜିଲ୍ଲାପାଳ ସମସ୍ତ ଗ୍ରାମବାସୀଙ୍କୁ ଉଦବୋଧନ ଦେଇଥିଲେ ।ଏହି ଅବସରରେ ଏକ ସାମୂହିକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହାପରେ ଜିଲ୍ଲାପାଳ ସୀମାନ୍ତ ଅଞ୍ଚଳର କଟିଙ୍ଗପାଣି ଏବଂ ଭାରୁଆମୁଣ୍ଡା ଗ୍ରାମକୁ ଯାଇ ଆଦିବାସୀଙ୍କ ସହ ଗୃହପ୍ରବେଶ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।

# ନବମ ଦିନରେ ରାଜସ୍ୱ ଅମଲାଙ୍କ ଧାରଣା

## ■ ଜିଲ୍ଲା ଅଧିବକ୍ତା ସଂଘର ପୂର୍ଣ୍ଣ ସମର୍ଥନ

ନୂଆପଡା (ଭାସ୍କର ନ୍ୟୁଜ୍): ଜିଲ୍ଲା ଓକିଲ ସଂଘ ସଭାପତି , କ୍ଷିତିଶ ଅଶୋକ ବୋଧନକର ଗତ ତା ୧୧ ଅଗଷ୍ଟରୁ ଓଡ଼ିଶା ରାଜସ୍ୱ ଅମଲା ସଂଘ ନୂଆପଡ଼ା ଶାଖାର ଚାଲି ଆସୁଥିବା ୧୦ ଦଫା ଦାବିକୁ ଯୁକ୍ତିଯୁକ୍ତ ଦର୍ଶାଇ ଆଜି ଧାରଣା ସ୍ଥଳକୁ ଆସି ସମର୍ଥନ ଜଣାଇଛି । ତାଙ୍କ ସହ ସଂଘର ଉପ-ସଭାପତି ପ୍ରକାଶ ଚନ୍ଦ୍ର ସ୍ୱାଇଁ, କୋଷାଧ୍ୟକ୍ଷ, ଯୋଗେଶ କୁମାର ସାହୁ , ବରିଷ୍ଠ ଅଧିବକ୍ତା , ନିର୍ମୟ ପଟ୍ଟନାୟକ , ଅଶୋକ କୁମାର ପଣ୍ଡା,ଅମିତାଭ ବୋଷ,ଗୌରୀ ଶଙ୍କର ଶତପଥି ,ଶ୍ୟାମ ଲାଲ ସିଂହ,ଅମରେଶ ଦାସ । ଜିଲ୍ଲା ଓକିଲ ସଙ୍ଘକୁ ସ୍ୱାଗତ ଜଣାଇଥିଲେ ରାଜସ୍ୱ ଅମଲା ସଂଘ ସଭାପତି ତ୍ରିଲୋଚନ ରଥ , ସମ୍ପାଦକ, ମଦନ ସୁନ୍ଦର ସାହୁ , କାର୍ଯ୍ୟକାରୀ



ସଭାପତି ମନୋ କୁମାର ମହାରଣା , ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମୋହନ ବାଗ , ମିନାକ୍ଷୀ ଜାଲ, ରାଜେଶ୍ୱରୀ ଦେବାଙ୍ଗନ , ମଧୁସ୍ମିତା ଜ୍ୟୋତିଷ , ଜାକିର ମହମ୍ମଦ , ତୃପ୍ତିମାନ ମୁଣ୍ଡ , ରବିରଞ୍ଜନ ବେହେରା ,ବିଭୂଦତ୍ତ ମିଶ୍ର, ପ୍ରବୀଣ କୁମାର ସାହୁ । ସଭାପତି ଶ୍ରୀ ବୋଧନକର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ ଶିକ୍ଷାଗତ ଯୋଗ୍ୟତା ସ୍ନାତକ ଅନୁସାରେ ଓଆରଏସ୍ପି ୨୦୧୭ ଅନୁଯାଇ ଲେଭେଲ ୯ ହାରର ଦରମା, ଓଡ଼ିଶା ଜିଲ୍ଲାସ୍ତରୀୟ ରାଜସ୍ୱ ଅମଲାଙ୍କ କ୍ୟାଡ଼ର ପୁନର୍ଗଠନ ଆଦି ୧୦ ଗୋଟି ଦାବି ଯୁକ୍ତିଯୁକ୍ତ । ସେ ଆହୁରି ମଧ୍ୟ କହିଥିଲେ ଯେ ୨୦୨୪ ମସିହାରେ ଏହି ସଂଘ ଯେତେବେଳେ ନିଜର ଏହି ଦାବୀପୂରଣ ନେଇ ଆନ୍ଦୋଳନ ଚଳାଇଥିଲା , ସେହି ସମୟରେ ବିରୋଧୀ ଦଳରେ ଥିବା ବିଧାୟକମାନେ ଦୃଢ ସମର୍ଥନ ଦେଇଥିଲେ। କିନ୍ତୁ, ସେହି ସମାନ ନେତା ଆଜି ସରକାରରେ ମନ୍ତ୍ରୀ ଥାଇ ଘଟଣାକୁ ଅଣଦେଖା କରୁଥିବାରୁ ଏଭଳି ଦୋମୁହାଁ ନୀତିକୁ ସମାଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରଞ୍ଜନା ଶବର, ଦେବଦତ୍ତ ବେହେରା , ବୁଧୁରାମ ନାଏକ , ସୌରଭ ବୈଠରୁ , ସ୍ୱର୍ଣ୍ଣଲତା ବେହେରା ଦିପ୍ତିରଞ୍ଜନ ବେହେରା ,ଦୁର୍ଯୋଧନ ଦବଡ଼ସେନ , କୁମାରୀ ପୂଜା ଦେବାଙ୍ଗନ , କୁମାରୀ ସୁମିତା ନାଏକ , ଗଲିୟରା ଜାକିର ମହମ୍ମଦ, ହିତେଶ କୁମର ମେହେର ପ୍ରଭୃତି ଧାରଣାରତ ରାଜସ୍ୱ ଅମଲା ଉପସ୍ଥିତ ଥିଲେ ।

# ରାଜୀବ ଗାନ୍ଧୀଙ୍କ ଜୟନ୍ତୀ ପାଳିତ

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): ଗଜପତି ଜିଲ୍ଲା ସଦରମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ବୁଧବାର ଦିନ ନଗର କଂଗ୍ରେସ କମିଟି ପକ୍ଷରୁ ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ଭାରତରତ୍ନ ସ୍ୱର୍ଗତ



ରାଜୀବ ଗାନ୍ଧୀଙ୍କର ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ରାଜୀବ ଗାନ୍ଧୀଙ୍କ ଫଟୋ ଚିତ୍ରରେ ମାଲ୍ୟାର୍ପଣ ଅର୍ପଣ କରାଯାଇ ତାଙ୍କର ସ୍ମୃତିଚାରଣ କରି କଂଗ୍ରେସ ଦଳରେ ନୀତି ଆଦର୍ଶ କୁ ଗାନ୍ଧି ପରିବାରର ନୀତି ଆଦର୍ଶକୁ ନେଇ ଆଲୋଚନା ହୋଇଥିଲା। ଆଜିର ଏହି କାର୍ଯ୍ୟକ୍ରମରେ ଅଭିମନ୍ୟୁ ପଣ୍ଡା, ସୂର୍ଯ୍ୟ ନାରାୟଣ ପାତ୍ର, ରାଜା ପାତ୍ର, ଲବ ସାହୁ, ମୁନା ମହାରଣା, କୁନା ମାଝୀ, ସଂଗ୍ରାମ ସାହୁ,ନିରାକାର ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ । ଆଜିର କାର୍ଯ୍ୟକ୍ରମକୁ ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ଙ୍କ ଦ୍ୱାରା ପରିଚାଳିତ ହୋଇଥିଲା।

# ଜଳ ବିଭାଜିକା ନିର୍ଦ୍ଦେଶକଙ୍କ କୋଟିଆ ଗସ୍ତ

କୋରାପୁଟ(ଭାସ୍କର ନ୍ୟୁଜ୍): କୋଟିଆ ପଂଚାୟତ ଗସ୍ତ କରିଛନ୍ତି ରାଜ୍ୟ ଜଳ ବିଭାଜିକା ଉନ୍ନୟନ ବିଭାଗ ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା । ଟାଉପଦର ଗ୍ରାମର ଚାଷୀ ମାଲିକ ପାଙ୍ଗି ଏବଂ ବାଙ୍ଗୁରୁ ପାଙ୍ଗିଙ୍କ ଜମିରେ ଜଳଧାରା ପ୍ରକଳ୍ପରେ ହୋଇଥିବା ବନ୍ଧ ଦେଖିବା ସହ ମାଛ ଚାଷ କରିବାକୁ ପରାମର୍ଶ ଦେଇଥିଲେ। ସିଲଭର ଓକ୍, କଫି ଗଛ ଲଗାଇବା ପାଇଁ ବିଭାଗ ପକ୍ଷରୁ ସମସ୍ତ ପ୍ରକାର ସହଯୋଗ ଦିଆଯିବ ବୋଲି କହିବା ସହିତ ୧୦ଜଣଙ୍କୁ ଗଛ ଲଗାଇବା ନିମନ୍ତେ ପଟ୍ଟା ଦେଇଥିଲେ। ଜାନିଗୁଡାଗ୍ରାମର ବାସନା ଗେମେଲଙ୍କ ଜମିରେ ସିଲଭର ଓକ୍ ପ୍ଲାଣ୍ଟେସନ ଦେଖି ଖୁସି ହେବା ସହ ନିଜେ କିଛି ଗଛ ଲଗାଇଥିଲେ । ଏହାପରେ କୋଟିଆ ପଂଚାୟତର କାର୍ଯ୍ୟାଳୟରେ ଉପସ୍ଥିତ ସୀମାନ୍ତବାସୀଙ୍କ ସହ ଆଲୋଚନା କରିଥିଲେ । ୧୩ଜଣଙ୍କୁ ଗଛ ଲଗାଇବା ନିମନ୍ତେ ପଟ୍ଟା ପ୍ରଦାନ କରିବା ସହ ଜାନିଗୁଡା ଗ୍ରାମର ଚାଷୀ ଗିନ୍ଦେ ଗେମେଲ ଓ ସୁକାନ୍ତ ଗେମେଲଙ୍କୁ ୧ଲକ୍ଷ ୫୫ ହଜାର ୬୩୭ ଟଙ୍କାର ଜଳଧାରା ପ୍ରକଳ୍ପରେ ବନ୍ଧ ଖୋଳିବା ନିମନ୍ତେ ଚେକ୍ ପ୍ରଦାନ କରିଥିଲେ। ଏହି ସମୟରେ ସରପଂଚ ଲିୟୁ ଗେମେଲ, ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଶିବ ଚରଣ ଜେଠି, ଉପନିର୍ଦ୍ଦେଶକ କଫି ଉନ୍ନୟନ ସଚ୍ଚିଦାନନ୍ଦ ସ୍ୱାଇଁ, ସହାୟକ ନିର୍ଦ୍ଦେଶକ ଜଳ ବିଭାଜିକା ସୁମନ ରାଉତ, ଉଦ୍ୟାନ ଉପନିର୍ଦ୍ଦେଶକ ସୁଦାମ ଚନ୍ଦ୍ର ବିଶ୍ୱାଳ, ସହକାରୀ ଉଦ୍ୟାନ ଅଧିକାରୀ ଅମିତାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଗଞ୍ଜେଇ ଜବତ, ଦୁଇ ବେପାରୀ କୋର୍ଟଚାଲାଣ

ଖଡ଼ିଆଳ(ଭାସ୍କର ନ୍ୟୁଜ୍): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ଥାନା ଅନ୍ତର୍ଗତ ସାନଦୋହେଲ ଛକରେ ଖଡ଼ିଆଳ ପୋଲିସ ପକ୍ଷରୁ ଗଂଜେଇ ଭର୍ତ୍ତି ଦୁଇଟି ସୁଟକେଶ ବ୍ୟାଗ ଜବତ। ସେଥିରେ ପାଖପାଖି ୨୦ କେଜି ରୁ ଅଧିକ ଗଞ୍ଜେଇ ରହିଥିଲା। ଜଣେ ନାବାଳକ ସହ ୨ ଜଣ ଅଭିଯୁକ୍ତ ଉତ୍ତରପ୍ରଦେଶ ଜିଲ୍ଲା କାନପୁର ମଙ୍ଗଳପୁର ଥାନା,ଗ୍ରାମ ରଣଧୀରପୁର ଗାଁର ଉପେନ୍ଦ୍ର ନାୟକ (୨୨) ଓ ଅନ୍ୟ ଜଣେ ନାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସାମ୍ବାଦିକ ସମ୍ମିଳନୀରେ ଖଡ଼ିଆଳ ଏସ ଡି ପିଓ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ଦୁଇ ଅଭିଯୁକ୍ତ ଭବାନୀପାଟଣା ଅଞ୍ଚଳରୁ ଉତ୍ତର ପ୍ରଦେଶକୁ ଗଞ୍ଜେଇ ଚୋରାଚାଲାଣ କରି ବସ୍ ଯୋଗେ ଆସି ସାନଦୋହେଲା ଛକ ରେ ଜଗିଥିବାବେଳେ ଖଡ଼ିଆଳ




ପୋଲିସ ଚଢାଉ କରିଥିଲା। ଜବତ ଗଂଜେଇ ଭର୍ତ୍ତି ସୁଟକେଶ ବ୍ୟାଗ ଦୁଇଟିର ଆନୁମାନିକ ମୂଲ୍ୟ ଏକ ଲକ୍ଷ ପଚାଶ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଏସଡିପିଓ ଉପେନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି। ସାମ୍ବାଦିକ ସମ୍ମିଳନୀ ରେ ଥାନା ଅଧିକାରୀ ଦିଲିପ ସାହୁ ଉପସ୍ଥିତି ଥିଲେ। ତଦନ୍ତ ଅଧିକାରୀ ଏସ ଆଇ ହରେକୃଷ୍ଣ ଜାନୀ। ଖଡ଼ିଆଳ ଥାନାଧିକାରୀ ଦିଲୀପ କୁମାର ସାହୁଙ୍କ ଏଭଳି କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା କରୁଥିବା ଶୁଣିବାକୁ ମିଳୁଛି। ଦୁଇରୁ ତିନି ମାସରେ ଦୁଇ ଦୁଇ ଥର ଗଞ୍ଜେଇ ଧରି ଥିବାରୁ ବେଆଇନ ଗଞ୍ଜେଇ ଚୋରାଳୀଙ୍କ ମନରେ ଛନକା ପଶିଯାଇଛି।

# ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି

କୋରାପୁଟ(ଭାସ୍କର ନ୍ୟୁଜ୍): କୋରାପୁଟ ଜିଲ୍ଲା ଲମତାପୁଟ ପଂଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ଏସପି ରୋହିତ ବର୍ମା, ଉପଜିଲ୍ଲାପାଳ ପ୍ରେମଲାଲ ହିଆଲ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ମାଛକୁଣ୍ଡ ତହସିଲଦାର ଦିବାକର ବାଘ, ଜିଲ୍ଲା ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଆର ଏନ୍ ମିଶ୍ର, ଖଣ୍ଡିଅ ବନ ବିଭାଗ ଅଧିକାରୀ ରାଜଶେଖର ରାଓ ଏବଂ ଲମତାପୁଟ ବ୍ଲକ ଅଧ୍ୟକ୍ଷ ତାପସ କୁମାର ଚାଲାଣ ପ୍ରମୁଖ ଉପସ୍ଥିତ ଥିଲେ। ଲଗାଣ ବର୍ଷା ସତ୍ତ୍ୱେ ଜିଲ୍ଲାପାଳ ଯୋଗଦେଇ ୪୦ଅଭିଯୋଗର ଶୁଣାଣି କରିଥିଲେ । ୧୯ ବ୍ୟକ୍ତିଗତ ଓ ୨୧ ସାମୁହିକ ଅଭିଯୋଗ ଗ୍ରହଣ କରି ସମାଧାନ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶିବିରରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଲମତାପୁଟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଜୟନ୍ତ କୁମାର ମେହେରା ଓ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ।


# ପରିବେଶ ସୁରକ୍ଷା ଉପରେ ଆଲୋଚନାଚକ୍ର



ଖପ୍ରାଖୋଲ (ଭାସ୍କର ନ୍ୟୁଜ୍): ଖପ୍ରାଖୋଲ ବ୍ଲକ୍ ଚଙ୍ଗରିଆ ପାଞ୍ଚ ଛକ ପାଟନେଶ୍ୱରୀ ମହାବିଦ୍ୟାଳୟ ପରିସରରେ ଗନ୍ଧମାର୍ଦ୍ଦନ ସୁରକ୍ଷା ଯୁବପରିଷଦର ୪୧ ତମ ପ୍ରତିଷ୍ଠା ଦିବସ ଅବସରରେ ବଲାଙ୍ଗୀର ଜିଲ୍ଲା ଆବାହକ ସୁଶୀଲ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଗନ୍ଧମାର୍ଦ୍ଦନ ସୁରକ୍ଷାର ଇତିହାସ ଓ ପରିବେଶ ସୁରକ୍ଷା ଉପରେ ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟ ଅତିଥି ରୂପେ ପରିବେଶ ସୁରକ୍ଷା କର୍ମୀ ତଥା ସାମ୍ବାଦିକ ସୁଧାକର ଦାଶ, ମୁଖ୍ୟ ବକ୍ତା ରୂପେ ମହାବିଦ୍ୟାଳୟର ଅଧ୍ୟକ୍ଷ ବିଶ୍ୱନାଥ ଦଳପତି, ସମ୍ମାନୀତ ଅତିଥି ରୂପେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷା ସସ୍ମିତା ସେନ ବାରିକ,ସୂର୍ଯ୍ୟକାନ୍ତ ପଧାନ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଏହି ଆଲୋଚନାଚକ୍ରରେ ଛାତ୍ରଛାତ୍ରୀମାନେ ଭାଗ ନେଇ ନିଜ ବକ୍ତବ୍ୟ ରଖିଥିଲେ। ବିଚାରପତି ରୁପେ ଅଧ୍ୟାପିକା ସୁଷମା ରାଉତ, ପୁଷ୍ପାଞ୍ଜଳି ସୁନାନି, କୁବେର ବୁଢ଼େକ୍ ଯୋଗ ଦେଇଥିବା ବେଳେ କୃତି ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହି ପରି ପରିବେଶ କର୍ମୀ ଡ. ଅଭୟ ତ୍ରିପାଠୀ, ସୁଧାକର ଦାଶ,ଉମାକାନ୍ତ ପ୍ରଧାନ, ଅଧ୍ୟକ୍ଷା ସସ୍ମିତା ସେନ ବାରିକ ଓ ବିଶ୍ୱନାଥ ଦଳପତି ଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

# ଦଶମାଇଲରେ ବୃଦ୍ଧାଶ୍ରମ ଉଦ୍‌ଘାଟିତ

ବରଗଡ(ଭାସ୍କର ନ୍ୟୁଜ୍): ସୋହେଲା ବ୍ଲକ ଗର୍ଡଣା ପଞ୍ଚାୟତ ଅନ୍ତର୍ଗତ ଦଶମାଇଲ ନିକଟସ୍ଥ ( ନଅଗାଁ) ଠାରେ ଅଭିଜିତ ଫାଉଣ୍ଡେସନ ଦ୍ୱାରା ପରିଚାଳିତ ବୟୋଜେଷ୍ଠ ମାନଙ୍କ ପାଇଁ ଉଦ୍ଦିଷ୍ଟ ସେବା କେନ୍ଦ୍ର( ବୃଦ୍ଧାଶ୍ରମ) 'ଆଶ୍ରା' ସାଧ୍ୱୀ ସୁଶ୍ରୀ ପ୍ରଜ୍ଞା ସରସ୍ୱତୀଙ୍କ ଦ୍ୱାରା ଆଜି ଉଦ୍‌ଘାଟିତ ହୋଇ ଯାଇଛି। ସ୍ୱର୍ଗତ ଶ୍ରୀମନ୍ ଅଭିଜିତ ସ୍ୱାଇଁଙ୍କ ସ୍ମୃତିରେ ଉଦ୍ଦିଷ୍ଟ ଜରାଶ୍ରମ ଆଶ୍ରା ତାଙ୍କର ଜନ୍ମଦିନରେ ଶୁଭ ଉଦ୍ଘାଟନ ଉତ୍ସବରେ ପୂର୍ବତନ ମନ୍ତ୍ରୀ ପ୍ରକାଶ ଚନ୍ଦ୍ର ଦେବତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ ଉତ୍ସବରେ ସୁଶ୍ରୀ ପ୍ରଜ୍ଞା ସରସ୍ୱତୀ ଦୀପ ପ୍ରଜ୍ୱଳନ କରିବା ସହିତ ଫିତା କାଟି ଆଶ୍ରା ସେବା କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସଭାରେ ଅନ୍ୟମାନଙ୍କ ମଧ୍ୟରେ ସୋହେଲା କଲେଜ ପୂର୍ବତନ ଅଧ୍ୟକ୍ଷ ଟେକଚାନ୍ଦ ଦୁଆନ, ଡାକ୍ତର ଶିଶିର କୁମାର ସାହୁ ମଞ୍ଚାସୀନ ଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରାଗ ସାହୁ , ସରୋଜ କୁମାର



ଭୋଇ , ଅନିଲ ପାଧାନ , ଦିବାକର ମାଝି , କିଶୋର ସାହୁ, ରବିଶଙ୍କର ପଧାନ , କନାପାଲି ସରପଞ୍ଚ ମହରଗି ସାହୁ , ନିରଞ୍ଜନ ନାଏକ , ଯତୀନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ନିଜ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ରଞ୍ଜନ ପଣ୍ଡା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ସଂପାଦକ ଲୀଳାମୟ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ ।



କୋଷାଗୁମୁଡା (ଭାସ୍କର ନ୍ୟୁଜ): ଶିକ୍ଷୟିତ୍ରୀଙ୍କୁ ବିରୋଧ କରି ବିଦ୍ୟାଳୟରେ ତାଲା ଠୁଙ୍କିଲେ ଗ୍ରାମବାସୀ। ଗ୍ରାମବାସୀଙ୍କ ଦାବିରେ ଶିକ୍ଷୟିତ୍ରୀଙ୍କ ଅନ୍ୟତ୍ର ବଦଳି ହେଇଥିବା ସୂଚନା ମିଳିଥିବା ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ କୋଷାଗୁମୁଡା ସଦର ପଞ୍ଚାୟତ ଅନ୍ତର୍ଗତ ଡ଼ଙ୍ଗରୀଗୁଡା ଗ୍ରାମ ଠାରେ। ଗ୍ରାମବାସୀଙ୍କ କହିବା ପ୍ରକାରେ ଗ୍ରାମରେ ରହିଥିବା ସରକାରୀ ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଗୌରୀ ବେହେରା ପିଲାଙ୍କୁ ଠିକ ଭାବେ ପାଠ ପଢାଉ ନଥିବା, ଠିକ ସମୟରେ ବିଦ୍ୟାଳୟରେ ଉପସ୍ଥିତ ରହୁନଥିବା ଭଳି ବିଭିନ୍ନ ଅଭିଯୋଗ ଆଣି ତୁରନ୍ତ ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବା ପାଇଁ ବାରମ୍ବାର ପ୍ରଶାସନ ଆଗରେ ଦୀର୍ଘ ୬ ରୁ ୭ ମାସ ରୁ ଗୁହାରି କରିଥିବା ସତ୍ତ୍ୱେ ମଧ ଗୋଷ୍ଠୀ ଶିକ୍ଷା ଅଧିକାରୀ ବା ଜିଲ୍ଲା ଶିକ୍ଷା ଅଧୁକାରୀଙ୍କ ତରଫରୁ ଗ୍ରାମବାସୀ ତଥା ରବି ରନ୍ଧାରୀ ,ସଂସାଇ ରନ୍ଧାରୀ ,ସୁନା ଧର ଭାତ୍ରା ,ମଙ୍ଗଳ ସିଂ ସମରଥ ,ଚନ୍ଦ୍ର ସମରଥ ,ପଦୁ ରନ୍ଧାରୀ ,ଯୋଗେନ୍ଦ୍ର ସମରଥ ,ଲାଇବାନ ସମରଥ ,ଚମ୍ପା ସମରଥ ,କମଳା ସମରଥ ,ଗିରିଜା ଭୋତ୍ରା ,ଗଙ୍ଗାଇ ସମରଥ ,ସମ୍ବାରି ସମରଥ ,ପଦ୍ମା ସମରଥ ,ସୁକଦେଇ ସମ ରଥ ,ପାର୍ବତୀ ସମରଥ ସମୂହଙ୍କ ଅଭିଯୋଗକୁ ଧ୍ୟାନ ଦିଆଯାଉ ନ ଥିଲା । ଯାହାଫଳରେ ଡ଼ଙ୍ଗରୀଗୁଡା ଗ୍ରାମବାସୀ ଉତ୍ତ୍ୟକ୍ତ ହୋଇ ବିଦ୍ୟାଳୟକୁ ତାଲା ଠୁଙ୍କିଥିବା ଦେଖିବାକୁ ମିଳିଛି। ଆଜି ସକାଳ ୧୦ ଘଣ୍ଟା ସମୟରେ ଗ୍ରାମବାସୀ ବିଦ୍ୟାଳୟରେ ପହଞ୍ଚି ବିଦ୍ୟାଳୟର ମୁଖ୍ୟ ଦ୍ୱାରକୁ ଚାବି ପକାଇ ପିଲାଙ୍କୁ ସାଙ୍ଗରେ ଧରି ବିଦ୍ୟାଳୟ ସାମ୍ନାରେ ପ୍ରଶାସନର ଅପେକ୍ଷା ରେ ରହିଥିଲେ। ଖବର ପାଇ କୋଷାଗୁମୁଡା ବ୍ଲକର ଟାଣୁଆ ବିଜେଡି ନେତା ତଥା ପୂର୍ବତନ ସରପଞ୍ଚ ତଥା ସମାଜସେବୀ ହରିବନ୍ଧୁ ମାଝୀ ଡ଼ଙ୍ଗରୀଗୁଡା ଗ୍ରାମରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ସଙ୍ଗେ ସଂଗେ ଗ୍ରାମବାସୀଙ୍କ ଦାବିକୁ ସହମତ ହୋଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଫୋନ ମାଧ୍ୟମରେ ଯୋଗାଯୋଗ କରି ଶିକ୍ଷୟିତ୍ରୀଙ୍କୁ ଅନ୍ୟତ୍ର ବଦଳି କରିବାକୁ ଦାବି କରିଥିଲେ ।

## ଢେଙ୍କାନାଳରେ ସର୍ବାଧିକ ରକ୍ତଦାନ ପାଇଁ ସମ୍ମାନିତ ହେଲା ଟାଟା ଷ୍ଟିଲ୍ ମେରାମଣ୍ଡଳୀ

ମେରାମଣ୍ଡଳୀ (ଭାସ୍କର ନ୍ୟୁଜ): ସମାଜସେବା ଓ ସ୍ୱେଚ୍ଛାସେବା କାର୍ଯ୍ୟକ୍ରମ ପ୍ରତି ନିଜର ପ୍ରତିବଦ୍ଧତାକୁ ପୁନର୍ବ୍ୟକ୍ତ କରି, ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଢେଙ୍କାନାଳ ଜିଲ୍ଲାରେ ଶିଳ୍ପକ୍ଷେତ୍ରରେ ସର୍ବାଧିକ ରକ୍ତଦାନ କରିଥିବା ସଂଗଠନ ଭାବେ ଦ୍ୱିତୀୟ ବର୍ଷ ପାଇଁ ସମ୍ମାନ ପାଇଛି। ୨୦୨୪-୨୫ ମସିହାରେ, ଟିଏସଏମ୍‌ର ମେଡିକାଲ୍ ସେର୍ଭିସେସ୍ ବିଭାଗ ଦୁଇଟି ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରି ୧,୧୨୭ ୟୁନିଟ୍ ରକ୍ତ ସଂଗ୍ରହ କରିଥିଲେ, ଯାହାକୁ ଢେଙ୍କାନାଳ ବ୍ଲଡ୍ ବ୍ୟାଙ୍କକୁ ଦାନ କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ଅବଦାନ ଟିଏସଏମ୍‌କୁ ଜିଲ୍ଲାରେ ଶିଳ୍ପମାନଙ୍କ ମଧ୍ୟରେ ରକ୍ତଦାନ ପାଇଁ ଶୀର୍ଷ ରେ ପହଞ୍ଚାଇ ପାରିଛି । ସ୍ୱାଧୀନତା ଦିବସ ୨୦୨୫ ଅବସରରେ ରେ, ଆଶିଷ ଈଶ୍ୱର ପାଟିଲ୍,ଆଇଏଏସ୍, କଲେକ୍ଟର ଓ ଜିଲ୍ଲା ମ୍ୟାଜିଷ୍ଟ୍ରେଟ୍, ଢେଙ୍କାନାଳ ଏବଂ ଅଭିନଭ ସୋନକର,ଆଇପିଏସ୍, ପୋଲିସ୍ ସୁପରିଣ୍ଟେଣ୍ଡେଣ୍ଟ, ଢେଙ୍କାନାଳଙ୍କ ହାତରୁ ସମ୍ମାନ ପ୍ରାପ୍ତ କରିଥିଲେ ଡ଼. ଅବିନାଶ ଦାଶ, ସିନିଅର ମେଡିକାଲ୍ ଅଫିସର ଓ ଶ୍ରୀଦୀପ ପାଣି, ଲିଗାଲ୍ ବିଭାଗ, ଯେଉଁମାନେ ଝଜଗ ପକ୍ଷରୁ ପୁରସ୍କାର ଗ୍ରହଣ କରିଥିଲେ। ଟାଟା ଷ୍ଟିଲ୍ ମେରାମଣ୍ଡଳୀ ଆଗାମୀ ଦିନରେ ଏହି ଭଳି ସ୍ୱେଚ୍ଛାସେବା କାର୍ଯ୍ୟକ୍ରମ ଓ ପ୍ରଭାବଶୀଳ ପ୍ରୟାସ ମାଧ୍ୟମରେ ସମାଜର ସ୍ୱାସ୍ଥ୍ୟ ଓ କଲ୍ୟାଣରେ ନିରନ୍ତର ଅବଦାନ କରିବା ପାଇଁ ପ୍ରତିବଦ୍ଧ।

## ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି(ଭାସ୍କର ନ୍ୟୁଜ): ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ କୋଣ୍ଡାଗାଁ ଜିଲାରେ ୪ହାର୍ଡକୋର୍ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି । ଦୀର୍ଘଦିନ ଧରି ଓଡ଼ିଶା-ଛତିଶଗଡ ସୀମାରେ ସକ୍ରିୟ ଥିଲେ ଏହି ୪ମାଓବାଦୀ । ଆତ୍ମସମର୍ପଣ କରିଥିବା ମାଓବାଦୀଙ୍କ ନାଁରେ ୨୨ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରାଯାଇଥିଲା । ସୂଚନାଯୋଗ୍ୟ ଯେ ବର୍ତ୍ତମାନ ମାଓ କାର୍ଯ୍ୟକଳାପରେ ଅତିଷ୍ଠ ହୋଇ ମାଓବାଦୀମାନେ ଆତ୍ମସମର୍ପଣ କରୁଛନ୍ତି।

## AFFIDAVIT

By virtue of an affidavit sworn before the Executive Magistrate, Betnoti, Mayurbhanj, dated: 18.08.2025, I Harish Chandra Mohanta, Address: At- Bhalia, Po- Bhalia, Ps- Betnoti, Dist- Mayurbhanj, Odisha, PIN-757029, declare that I have changed my name from Satrughan Mahanta to Harish Chandra Mohanta. Henceforth, I shall be known as Harish Chandra Mohanta for all purposes.

**Sd/- Harish Chandra Mohanta**

## ଦ.ପୂ. ରେଳପଥ-ଟେଣ୍ଡର

ଟେଣ୍ଡର ନଂ. ସିଇ-ଆର୍‌ଏସ୍‌ଡବ୍ଲୁ-୨୫-୨୬-୦୧, ତାରିଖ ୧୯.୦୮.୨୦୨୫। ନିମ୍ନଲିଖିତ କାର୍ଯ୍ୟ ପାଇଁ ଜେନେରାଲ ମ୍ୟାନେଜର (ଇଞ୍ଜିନିୟର)/ ଦକ୍ଷିଣ ପୂର୍ବ ରେଳପଥ, ଗାର୍ଡେନ ରିଚ୍, କୋଲକାତା-୭୦୦୦୪୩ ଦ୍ୱାରା ଏବଂ ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। କାର୍ଯ୍ୟର ବର୍ଣ୍ଣନା: ଦକ୍ଷିଣ ପୂର୍ବ ରେଳପଥର ଚକ୍ରଧରପୁର ଡିଭିଜନରେ ୨୩୩.୮୮୦ ରୁ ୫୧୫.୧୧୭ (ଆସନବୋନି ଝାରସୁଗୁଡା) ମଧ୍ୟରେ ପଦଯାତ୍ରୀ / ପଶୁ / ୨-ଚକିଆ ଯାନ ପାଇଁ ବକ୍ସ ପୁସିଂ ପଦ୍ଧତି ଦ୍ୱାରା ଆର୍‌ସିସି ବକ୍ସ (ଆକାର ୨.୫ ମିଟର X ୨.୫ ମିଟର) ସହିତ ୫୯ ଟି ସବୱେର ବ୍ୟବସ୍ଥା। ଟେଣ୍ଡର ମୂଲ୍ୟ: ଟ.୮୮,୦୪,୫୧,୬୮୦.୮୧। ସର୍ବଶ୍ରେଷ୍ଠ ମୂଲ୍ୟ: ଟ.୪୫,୫୨,୩୦୦/-। ଟେଣ୍ଡର ଡକ୍ୟୁମେଣ୍ଟ ମୂଲ୍ୟ: କୌଣସି ଟେଣ୍ଡର ଶେଷ ତାରିଖ ଏବଂ ସମୟ: ୧୯.୦୯.୨୦୨୫, ୧୧.୦୦ ଘଣ୍ଟା। ସମାପ୍ତିର ଅବଧି: ୨୪ ମାସ। ଆଗ୍ରହୀ ଟେଣ୍ଡରଦାତାମାନେ ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ / ବର୍ଣ୍ଣନା ପାଇଁ ଏବଂ ଏହି ଟେଣ୍ଡରର ସ୍ଥିତି ଜାଣିବା ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଯାହା ଦ୍ୱାରା ସେମାନେ ଅନଲାଇନରେ ବିଡ୍ ଦାଖଲ କରିପାରିବେ। ଏହି କାର୍ଯ୍ୟ ପାଇଁ ଭୌତିକ/ ମାନୁଆଲ୍ ଟେଣ୍ଡର ଗ୍ରହଣ କରାଯିବ ନାହିଁ।

**(PR-542)**

## कार्यालय कार्यपालक अभियंता, लघु सिंचाई प्रमंडल, लातेहार

### ई0 निविदा आमंत्रण सूचना

**ई0 निविदा संख्या–WRD/MID/ Latehar F2 - 12/2025-26**

पत्रांक– 611 लातेहार/दिनांक–19.08.2025

| | | |
|---|---|---|
| 1 | कार्य का नाम | सेडे नदी, लाटो नदी नाला एवं डेलीकरचा नाला पर पक्का चेकडैम निर्माण कार्य, प्रखंड– महुआडाड़ |
| 2 | प्राक्कलित राषि (लाख में) | 193.369 Lakh |
| 3 | कार्य पूर्ण करने की अवधि | 11 माह |
| 4 | ई0 निविदा वेबसाईट पर प्रकाषित करने की तिथि | 28.08.2025 |
| 5 | ई0 निविदा प्राप्त करने की अंतिम तिथि एवं समय | 08.09.2025 3.00 बजे अपराह्न तक |
| 6 | बीड फीस एवं अग्रधन जमा करने की अंतिम तिथि एवं समय | 08.09.2025 3.00 बजे अपराह्न तक e-procurement portal(Jharkhand tenders.gov.in) |
| 7 | ई0 निविदा खुलने की तिथि एवं समय | 10.09.2025 12.30 बजे अपराह्न। |
| 8 | (क) निविदा आमंत्रित करने वाले पदाधिकारी का पदनाम एवं पता (ख) निविदा आमंत्रित करने वाले पदाधिकारी का फोन नं0 | कार्यपालक अभियंता, लघु सिंचाई प्रमंडल, लातेहार। |
| | ई0 प्रोक्योमेंट सेल एवं हेल्प लाईन संख्या | 0651– 2214784 |

नोटः– केवल ई0 निविदा ही स्वीकार की जायेगी
प्राक्कलित राशि घट बढ़ सकती है।
विस्तृत जानकारी के लिए वेबसाईट–jharkhandtenders gov in में देखा जा सकता है।

कार्यपालक अभियंता,
लघु सिंचाई प्रमंडल, लातेहार

PR 359907 (Water Resource)25-26*D

## ଓଡ଼ିଶାରେ ହେବ ୪ଟି ରିଭର୍ କ୍ରୁଜ ସର୍କିଟ୍

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଓଡ଼ିଶାରେ କ୍ରୁଜ ବା ଜାହାଜ ଆଧାରିତ ପର୍ଯ୍ୟଟନକୁ ପ୍ରୋତ୍ସାହନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ବଡ଼ ଯୋଜନା । ଓଡ଼ିଶାରେ ହେବ ୪ଟି ରିଭର୍ କ୍ରୁଜ ସର୍କିଟ୍। ଭିତରକନିକା ଜଙ୍ଗଲ, ଯୋବ୍ରା, ଲଳିତଗିରି-ଉଦୟଗିରି-ରତ୍ନଗିରି ଏବଂ ବାଲେଶ୍ୱର ହିଡେନ ବିଚ୍‌କୁ ନେଇ ହେବ ଏହି ୪ଟି କ୍ରୁଜ ସର୍କିଟ । କେନ୍ଦ୍ର ସରକାରଙ୍କ କ୍ରୁଜ ଭାରତ ମିଶନ ଯୋଜନାରେ ଏଗୁଡ଼ିକ ବିକଶିତ କରାଯିବ ବୋଲି ରାଜ୍ୟସଭାରେ ମୌଖିକ ପ୍ରଶ୍ନର ଉତ୍ତର ରଖି ଏହି ସୂଚନା ଦେଇଛନ୍ତି କେନ୍ଦ୍ର ବନ୍ଦର, ଜାହାଜ ଏବଂ ଜଳପଥ ବିଭାଗ ମନ୍ତ୍ରୀ ସର୍ବାନନ୍ଦ ସୋନୱାଲ । ବୈତରଣୀ ନଦୀରେ ଯାଇଥିବା ୧୪ ନମ୍ବର ଜାତୀୟ ଜଳପଥ ଅନ୍ତର୍ଗତ ଭିତରକନିକା ଜଙ୍ଗଲ, ମହାନଦୀରେ ଯାଇଥିବା ୬୪ ନମ୍ବର ଜାତୀୟ ଜଳପଥ ଅନ୍ତର୍ଗତ ଯୋବ୍ରା, ବିରୂପା-ବଡି ଗେଙ୍ଗୁଟି- ବ୍ରାହ୍ମଣୀ ନଦୀରେ ଯାଇଥିବା ୨୨ ନମ୍ବର ଜାତୀୟ ଜଳପଥ ଅନ୍ତର୍ଗତ ଲଳିତଗିରି - ଉଦୟଗିରି - ରତ୍ନଗିରି ଏବଂ ବୁଢ଼ାବଳଙ୍ଗ ନଦୀରେ ଯାଇଥିବା ଜାତୀୟ ଜଳପଥ ୨୩ ଅନ୍ତର୍ଗତ ବାଲେଶ୍ୱର ହିଡେନ ବିଚ୍ କୁ ନେଇ ୪ଟି ରିଭର୍ କ୍ରୁଜ ସର୍କିଟ୍ ତିଆରି କରିବାକୁ ଯୋଜନା ରଖିଛନ୍ତି କେନ୍ଦ୍ର ସରକାର ।

## AFFIDAVIT

By virtue of an affidavit No.2234 sworn before the Executive Magistrate on dated: 20.08.2025, I Balaram Sethi, S/o- Panchanan Sethi, resident of village- Durgaprasad, Post- Ramachandi, Ps- Khordha Sadar, Dist- Khordha, declares that I have changed my minor daughter's name from Prajalana Priyadarshini Sethi to Prajalana Sethi. Henceforth, She shall be known as Prajalana Sethi for all purposes.

**Sd/- Balaram Sethi**

## ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ:(୦୬୭୪)୨୩୯୩୫୨୪,
ଏପିବିଏକ୍ସ:(୦୬୭୪)୨୩୯୧୫୪୨,୨୩୯୦୧୪୧
ଫାକ୍ସ:(୦୬୭୪)୨୩୯୩୯୫୨, ୱେବ ସାଇଟ: https://oshb.org

CAD-1523

### ବିଜ୍ଞାପନ

ପତ୍ର ସଂଖ୍ୟା: **୧୭୪** ତା:**୧୧.୦୮.୨୦୨୫**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମଦରଜ କରିବା ପାଇଁ ଆବେଦନ କରିଅଛନ୍ତି। ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ। ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣ ଯୋଗ୍ୟ ନୁହେଁ।

| କ୍ର.ନଂ | ଆବଣ୍ଟନଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|---|
| ୧ | ନାମ-ଠ ଶ୍ରୀମତୀ ଉର୍ମିଳା ସାହୁ, ସ୍ୱାମୀ-ବିଷ୍ଣୁ ଚରଣ ସାହୁ, ସା-ଉମାଦେଇ ବ୍ରହ୍ମପୁର, ଥାନା-ବାଲିଅନ୍ତା, ଜିଲ୍ଲା-ଖୋର୍ଦ୍ଧା | ଫ୍ଲାଟ ନଂ-ଏଲ.ସି- ୧୨୪/୧୯ (LC-124/19), ଚନ୍ଦ୍ରଶେଖରପୁର, ୨ୟ ରୁ ୫ମ ପର୍ଯ୍ୟାୟ, ଭୁବନେଶ୍ୱର, ଜିଲ୍ଲା-ଖୋର୍ଦ୍ଧା | ୧.ବିଷ୍ଣୁ ଚରଣ ସାହୁ(ସ୍ୱାମୀ) ୨. ରିଜାମଣୀ ସାହୁ(ବି.କନ୍ୟା) ୩. କାହ୍ନୁ ଚରଣ ସାହୁ(ପୁତ୍ର) ୪. ବନମାଳୀ ସାହୁ (ପୁତ୍ର) |

ସ୍ୱା/-
ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR 13030/11/0816/2526

## प्रशिक्षण एवं प्रसार संस्थान (गव्य विकास निदेशालय)

HEC सेक्टर–2, धुर्वा, राँची
इग्नू (IGNOU) स्टडी सेन्टर कोड सं० – 32023P

### नामांकन सूचना

**डिप्लोमा इन डेयरी टेक्नोलॉजी (DDT)**

वित्तीय वर्ष 2025–26 में कृषि, पशुपालन एवं सहकारिता विभाग (पशुपालन प्रभाग), झारखण्ड सरकार के राज्यादेश सं० 05 रा० (वि०) दिनांक 16.06.2025 के आलोक में झारखण्ड राज्य के शिक्षित युवाओं (10+2 उत्तीर्ण) को सूचित किया जाता है कि Indira Gandhi Open University (IGNOU) के माध्यम से प्रशिक्षण एवं प्रसार संस्थान (गव्य विकास), धुर्वा, सेक्टर– 2, राँची में स्थापित इग्नू अध्ययन केन्द्र 32023P द्वारा संचालित एक वर्षीय Diploma in Dairy Technology (DDT) पाठ्यक्रम के लिए नामांकन प्रक्रियागत है। राज्य के इच्छुक शिक्षित युवाओं (10+2 उत्तीर्ण) से अनुरोध है कि IGNOU अध्ययन केन्द्र 32023P अन्तर्गत एक वर्षीय Diploma in Dairy Technology (DDT) पाठ्यक्रम (सत्र जुलाई, 2025) में अपना निबंधन/नामांकन दिनांक 31.08.2025 तक IGNOU के Website www.ignou.ac.in पर करना सुनिश्चित करें।

**डिप्लोमा इन डेयरी टेक्नोलॉजी (DDT) पाठ्यक्रम में नामांकन हेतु वांछित शर्तें एवं अहर्ता निम्नवत् है :–**

| क्र0 | | |
|---|---|---|
| 0 | न्यूनतम योग्यता | I. 10+2/Senior Secondary pass out. II. Bachelor Preparatory Programme (BPP), (Under IGNOU/ODL mode) III. 10th pass may enroll simultaneously for the BPP and Diploma Programme |
| 1 | कोर्स अवधि | 01 year (02 months weekend classes) |
| 2 | शिक्षण का माध्यम | हिन्दी एवं अंग्रेजी |
| 3 | नामांकन शुल्क विवरणी | रु० 15,500/- |
| 4 | सत्र– जुलाई, 2025 सत्र में Online नामांकन की अंतिम तिथि | 31.08.2025 |
| 5 | Online नामांकन हेतु IGNOU के Website | www.ignou.ac.in |
| 6 | कुल सीटें | 40 |
| 7 | नोटः– | प्रथम 40 झारखण्ड राज्य के अभ्यर्थियों को नामांकन शुल्क की 50% राशि के प्रतिपूर्ति किए जाने का प्रावधान है। |

विशेष जानकारी एवं नामांकन के लिए प्रशिक्षण एवं प्रसार संस्थान (गव्य विकास), धुर्वा, सेक्टर–2, से (**M.No. 7061904807**) कार्यालय अवधि में सम्पर्क किया जा सकता है।

ह०/–
मुख्य अनुदेशक
प्रशिक्षण एवं प्रसार संस्थान, धुर्वा, राँची

PR 359932 Animal Husbandry(25-26)#D

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ସ୍ଥାନ ପାଇବ...

ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ବୈଠକରେ କୋଲକାତା ଉତ୍କଳ ଭବନର ମରାମତି ଓ ନବୀକରଣ ସଂପର୍କରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ବୈଠକରେ ମୁଖ୍ୟ ଶାସନସଚିବ ମନୋଜ ଆହୁଜା, ଗୃହବିଭାଗର ଅତିରିକ୍ତ ମୁଖ୍ୟ ଶାସନସଚିବ ସତ୍ୟବ୍ରତ ସାହୁ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନସଚିବ ଶାଶ୍ୱତ ମିଶ୍ର, ଅର୍ଥ ବିଭାଗ ପ୍ରମୁଖ ଶାସନସଚିବ ସଞ୍ଜିବ ମିଶ୍ର ଏବଂ ପୂର୍ତ୍ତବିଭାଗର ପ୍ରମୁଖ ଶାସନସଚିବ ସଞ୍ଜୟ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

### କମିଲା ସୁନା...

ପିଛା ୧ଲକ୍ଷ ୩୦୦ଟଙ୍କା ହୋଇଥିବାବେଳେ ୨୨ କ୍ୟାରେଟ୍‌ର ଦାମ ୯୧,୯୫୦ଟଙ୍କା ରହିଛି। ସେହିପରି ଚେନ୍ନାଇରେ ୨୪ କ୍ୟାରେଟ୍ ସୁନାର ଦର ୧,୦୦,୧୫୦ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍ ଦର ୯୧,୮୦୦ଟଙ୍କା ରହିଛି। ବେଙ୍ଗାଲୁରୁରେ ୨୪ କ୍ୟାରେଟ ସୁନା ଦର ୧୦ଗ୍ରାମ ପିଛା ୧,୦୦,୧୫୦ଟଙ୍କା ରହିଥିବାବେଳେ ୨୨ କ୍ୟାରେଟ୍‌ର ଦାମ ୯୧,୮୦୦ଟଙ୍କା ରହିଛି। ସେହିପରି ମୁମ୍ବାଇ ଓ କୋଲକାତାରେ ମଧ୍ୟ ଦର ସମାନ ଥିବା ସୂଚନା ମିଳିଛି।

### ଅଭିଯୁକ୍ତ ଗିରଫ...

ରାଜେଶ ଜଣେ ରିକ୍ସା ଚାଳକ ଭାବେ ଦିଲ୍ଲୀରେ ରହୁଥିବାବେଳେ ତାଙ୍କ ପୁଅକୁ କ୍ଷମା କରିଦେବା ପାଇଁ ସେ ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରିଛନ୍ତି। ତାଙ୍କ ମାଆ ଭାନୁ ବେନ୍ କହିଛନ୍ତି, ମୋ ପୁଅ କୁକୁରଙ୍କୁ ଭାରି ଭଲ ପାଏ ବୋଲି ରାଗରେ ଏପରି କରିଛି। ଆମେ ଗରିବ ଲୋକ। ମୁଁ ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରୁଛି, ମୋ ପୁଅକୁ କ୍ଷମା କରିଦିଅନ୍ତୁ। ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଆଗରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ଅଧିକ ସଂଖ୍ୟକ ପୋଲିସ ମୁତୟନ କରାଯାଇଛି। ବିଭିନ୍ନ ମହଲରୁ ଏହି ଘଟଣାକୁ ନିନ୍ଦା କରାଯାଇଛି।

### କେଉଁଠି ଢାଳୁଛି...

ହେଉଛି, ରାୟଗଡ଼ା, ଗଜପତି ଭଳି ନିକଟବର୍ତ୍ତୀ ଜିଲ୍ଲାରେ ବର୍ଷା ପରିମାଣ କମ୍ ରହୁଥିବାବେଳେ କୋରାପୁଟରେ କିନ୍ତୁ ଅଧିକ ପରିମାଣର ବର୍ଷା ଲାଗି ରହିଛି। ଠିକ୍ ସେହିପରି ବାଲେଶ୍ୱର ଓ କେନ୍ଦୁଝରରେ ସ୍ୱାଭାବିକ ବର୍ଷା ହେଉଥିବାବେଳେ ନିକଟବର୍ତ୍ତୀ ମୟୂରଭଞ୍ଜ ଜିଲ୍ଲାରେ ବର୍ଷାର ମାତ୍ରା ଅଧିକ ହେଉଛି। ଉପରୋକ୍ତ ୮ଟି ଜିଲ୍ଲାକୁ ବାଦ୍ ଦେଲେ ଅନ୍ୟ ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ରହିଛି। ଆଗାମୀ କିଛିଦିନ ଭିତରେ ଯଦି ନିଅଣ୍ଟିଆ ଜିଲ୍ଲାଗୁଡ଼ିକରେ ଆବଶ୍ୟକ ପରିମାଣର ବର୍ଷା ନ ହୁଏ ତେବେ ଚାଷକାର୍ଯ୍ୟ ବ୍ୟାହତ ହେବା ସହ ମରୁଡ଼ି ସମ୍ଭାବନା ଦେଖାଦେବା ନେଇ ଆଶଙ୍କା ପ୍ରକାଶ ପାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତରେ ପରିଣତ ହେବାପରେ ଏବେ ଆଭ୍ୟନ୍ତରୀଣ ଓଡ଼ିଶା ଦେଇ ଗତି କରୁଛି। ଏହାର ପ୍ରଭାବରେ ଆସନ୍ତା ୨୪ ତାରିଖ ପର୍ଯ୍ୟନ୍ତ ସାରା ରାଜ୍ୟରେ ବର୍ଷା ଲାଗି ରହିବ ବୋଲି ପାଣିପାଗ ବିଭାଗ ସୂଚନା ଦେଇଛି।

### ୩୦ ଦିନ ଜେଲ୍...

କରିବାର ଅଧିକାର ପାଇଛନ୍ତି। ହେଲେ ପ୍ରଧାନମନ୍ତ୍ରୀଙ୍କୁ କିଏ ଗିରଫ କରିବ ବୋଲି ବିରୋଧୀ ପ୍ରଶ୍ନ କରିଛନ୍ତି। କଂଗ୍ରେସ ସାଂସଦ ଅଭିଷେକ ମନୁ ସିଂଘଭୀ କହିଛନ୍ତି ଯେ ବିରୋଧୀଙ୍କୁ ଅସ୍ଥିର କରିବାର ସବୁଠୁ ସହଜ ଉପାୟ ହେଉଛି ପକ୍ଷପାତିତାପୂର୍ଣ୍ଣ କେନ୍ଦ୍ରୀୟ ଏଜେନ୍ସିଦ୍ୱାରା ବିପକ୍ଷ ଦଳର ମୁଖ୍ୟମନ୍ତ୍ରୀମାନଙ୍କୁ ଗିରଫ କରିବା। ସେହିପରି ସେମାନଙ୍କୁ ନିର୍ବାଚନରେ ହରାଇ ନପାରିଲେ ଉଦ୍ଦେଶ୍ୟ ପ୍ରଣୋଦିତ ଭାବେ ଗିରଫ କରିବାରେ ଏହା ସହାୟକ ହେବ ବୋଲି ସେ କହିଥିଲେ। ଗତବର୍ଷ ଆମ୍ ଆଦ୍‌ମୀ ପାର୍ଟି ମୁଖ୍ୟ ଅରବିନ୍ଦ କେଜ୍ରିୱାଲ ଅବକାରୀ ନୀତି ଦୁର୍ନୀତି ଅଭିଯୋଗରେ ୬ମାସ ଜେଲରେ ରହିଥିଲେ। ଏହି ସମୟରେ ସେ ଜେଲରେ ରହି ସରକାର ଚଳାଇଥିଲେ। ଜାମିନରେ ମୁକୁଳିବା ପରେ ସେ ପଦବୀ ଛାଡ଼ିଥିଲେ।

### ନବୀନଙ୍କ ସହ...

ପାଇଁ ହସ୍ପିଟାଲରେ ଭିଡ଼ ଜମୁଛି। ସବୁ ଦଳର ନେତା ହସ୍ପିଟାଲରେ ପହଞ୍ଚି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ପଚାରି ବୁଝୁଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଡାକ୍ତର ମୁକେଶ ମହାଲିଙ୍ଗ ଏବଂ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ସମେତ ଶାସକଦଳର ବହୁ ନେତା ହସ୍ପିଟାଲରେ ପହଞ୍ଚି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଥିଲେ। ଏପରିକି ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରିଥିଲେ। ଏଥିସହ ବିଜେଡିର ବହୁ ନେତା ମଧ୍ୟ ହସ୍ପିଟାଲରେ ଉପସ୍ଥିତ ରହି ନବୀନଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି। ପରବର୍ତ୍ତୀ ସମୟରେ ନବୀନ ହସ୍ପିଟାଲ ବେଡ୍‌ରେ ଚିକିତ୍ସିତ ହେଉଥିବା ନେଇ ଏକ ଭିଡିଓ ସାମ୍ନାକୁ ଆସିଥିଲା, ଯେଉଁଥିରେ ନବୀନ ଡାକ୍ତରଙ୍କ ସହ କଥା ହେଉଥିବାର ଦେଖିବାକୁ ମିଳିଥିଲା।

## AFFIDAVIT

By virtue of an affidavit sworn before the Executive Magistrate, Khurda, dated: 20.08.2025, I Pragyan Paramita Priyadarshani, Address: village- Bankoi, Po- Bankoi, Dist- Khordha, Odisha, PIN-752066, declare that I have changed my name from Pragyan Paramita Priyadarshsani to Pragyan Paramita Priyadarshani. Henceforth, I shall be known as Pragyan Paramita Priyadarshani for all purposes.

**Sd/- Pragyan Paramita Priyadarshani**

## JHARKHAND URJA SANCHARAN NIGAM LIMITED

**(CIN No.:U40108JH2013SGC001704)**
**Regd. Office: 2nd Floor, JUSNL (SLDC) Building Kusai Colony, Doranda, Ranchi - 834002 (E-mail:cetjusnl@gmail.com)**

### TENDER CANCELLATION NOTICE

Due to unavoidable circumstances, tender invited vide NIT no. 280/PR/JUSNL/2025-26 for Survey and assessment of healthiness of tower and their residual life for 132 kV S/C Chaibasa-II – Kendposi Transmission line for the work of reconductoring existing 132kV line by HTLS conductor to meet the proposed power demand of 27 MVA from Railway for its new TSS at Kendposi is hereby cancelled.

Sd/-
General Manager C&M (NWBP)

PR No. 357377

स्वहित एवं राष्ट्रहित में ऊर्जा बचावें। कृपया अपनी शिकायतों को 18003456570(कॉल सेन्टर) पर दर्ज करायें।

PR.NO.359948 Jharkhand Urja Sancharan Nigam Ltd(25-26):D

## GOVERNMENT OF JHARKHAND OFFICE OF THE EXECUTIVE ENGINEER R.C.D. , ROAD DIVISION, SAHIBGANJ

### e- Procurement Notice

e-Tender Reference no.- **RCD/SAHIBGANJ/753/2025-26**
**Dated : 20.08.2025**

| | | |
|---|---|---|
| 1 | Name of Work | IRQP/Strengthening work of Shobhanpur Bhatta to Rajgaon via Kishan Prasad from K.M. 0.00 to 19.625 under Road Division, Sahibganj for the Year 2025 -26 |
| 2 (a) | Estimated Cost (Rs) | Rs. 12,57,13,074.00 (Rupees Twelve Crore Fifty Seven Lakh Thirteen Thousand Seventy Four) Only. |
| (b) | Bid Security (Rs) | 12,58,000.00 (Rupees Twelve Lakh and Fifty Eight Thousand) Only. |
| 3 | Time of Completion | 06 (Six) Months |
| 4 | Last date / Time for receipt of bids | 18.09.2025 upto 12.00 Noon |
| 5 | Date of Publication of Tender on website | 28.08.2025 from 10.30 A.M. |
| 6 | Name & address of office Inviting tender | Executive Engineer, R.C.D. Road Division, Sahibganj |
| 7 | Contact no. of Procurement officer | 8271102250 |
| 8 | Helpline number of e- Procurement cell | 0651 - 2401010 |

Further details can be seen on website ***http://jharkhandtenders.gov.in***

EXECUTIVE ENGINEER
ROAD CONSTRUCTION DEPARTMENT
ROAD DIVISION, SAHIBGANJ

PR 359994 Road(25-26)#D

## कार्यपालक अभियंता का कार्यालय ग्रामीण कार्य विभाग, कार्य प्रमण्डल, डालटनगंज

### अल्पकालीन ई–निविदा आमंत्रण सूचना संख्या – 13RI/2024–25/EE/RWD/DALTONGANJ

कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज द्वारा निम्न विवरण के अनुसार e-procurement पद्धति से पथों का निविदा आमंत्रित की जाती है ।

दिनांक–19.08.2025

1. कार्य का नाम :

| क्र0 सं0 | आईडेन्टी फिकेशन संख्या/पैकेज संख्या | कार्य का नाम | प्राक्कलित राशि (लाख में) अंक में | प्राक्कलित राशि (लाख में) अक्षर में | कार्य समाप्ति की अवधि | टेण्डर कॉल नं0 |
|---|---|---|---|---|---|---|
| 1 | EE/RWD/ DALTONGANJ /60/2024-25 | पंचायत पंसा, ग्राम–पंसा महावीर मंदिर से कोयल नदी तक पथ निर्माण कार्य। 1.60कि0मी0 | 163.455 | एक करोड़ तिरसठ लाख पैतालीस हजार पांच सौ रू0 मात्र | 09 माह | द्वितीय |
| 2 | EE/RWD/ DALTONGANJ /61/2024-25 | मंझौली मेन रोड से बरवाडीह हरिजन टोला तक पथ निर्माण कार्य। 1.10कि0मी0 | 132.160 | एक करोड़ बत्तीस लाख सोलह हजार रू0 मात्र | 09 माह | द्वितीय |
| 3 | EE/RWD/ DALTONGANJ /62/2024-25 | पंचायत महुवरी नवीनगर मुख्य पथ से ग्राम बसारी पी0डब्लू0डी0 पथ तक पथ निर्माण कार्य। 1.975कि0मी0 | 222.183 | दो करोड़ बाईस लाख अठ्ठारह हजार तीन सौ रू0 मात्र | 09 माह | द्वितीय |
| 4 | EE/RWD/ DALTONGANJ /63/2024-25 | हैदरनगर देवीधाम शिव मंदिर से ग्राम जमुआ खूर्द होते हुए रतनबीघा शिव सिंह के घर तक पथ निर्माण कार्य। 1.50कि0मी0 | 184.407 | एक करोड़ चौरासी लाख चालीस हजार सात सौ रू0 मात्र | 09 माह | द्वितीय |

2. बेवसाईट में निविदा प्रकाशन की तिथि : 25.08.2025
3. ई–निविदा प्राप्ति की अंतिम तिथि एवं समय : 08.09.2025 up to 5.00 PM
4. निविदा खोलने की तिथि एवं समय 10.09.2025 पूर्वाह्न 3.30 बजे
5. निविदा आमंत्रित करने वाले पदाधिकारी का नाम एवं पता : कार्यपालक अभियंता, ग्रामीण कार्य विभाग, कार्य प्रमंडल, डालटनगंज ।
6. ई–निविदा प्रकोष्ठ का दूरभाष सं0 –06562357595

विस्तृत जानकारी के लिए वेबसाईट Jharkhandtenders.gov.in में देखा जा सकता है ।

कार्यपालक अभियंता
ग्रामीण कार्य विभाग, कार्य प्रमंडल, डालटनगंज

PR 359900 (District)25-26*D

## GOVERNMENT OF ODISHA

FOREST, ENVIRONMENT & CLIMATE CHANGE DEPARTMENT
OFFICE OF THE DIVISIONAL FOREST OFFICER, ANGUL FOREST DIVISION - 759122
Phone No- 9938022883 Tel: - 06764-230322,
e-mail:dfoangul@gmail.com, dfo.angul@odisha.gov.in

MM-163

Bid Identification No. DFO, ANG 03 /2025-2026 dated.19.08.2025

### NOTICE INVITING TENDER

| S.No. | Name of the Work | Details |
|---|---|---|
| 1 | Purpose of the Tender | Procurement of various items for the Angul Forest Division |
| 2 | Estimated Cost | Based on fund allocation |
| 3 | Date & time of availability of the bid document | 20.08.2025 to 02.09.2025 |
| 4 | Last date/Time for receipt of bids in the portal | Up to 5.00 PM of 02.09.2025 |
| 5 | Date & Time of bid opening | 11.00 hour on Dated. 03.09.2025 |
| 6 | Name & Address of the officer inviting Bid | Divisional Forest Officer, Angul Forest Division.,Pin-759122 |

Further details can be found in the Detailed Notice Inviting Tenders, available on the website. -, https://odishaforest.in, https://angul.odisha.gov.in. Corrigendum if any, shall only be published on the above website.

Sd/- Divisional Forest Officer
Angul Forest Division

OIPR 08027/11/0026/2526

## OFFICE OF THE MUNICIPAL COUNCIL : GUNUPUR

E-Mail ID : eomun-gunupur@gov.in
No.1582 dt.19.08.2025

C-925

### CORRIGENDUM

**e-Tender Ref. No. GUN-MUN-76/2025-26**

The EMD amount of projects at **Sl No.( 48,49 & 50 )** and the Tender paper cost of Project at **Sl No.24** mentioned in the Annexure – "A" of DTCN may be read as below

| Project Sl No as per in Annexure "A "of DTCN | Name of the projects | EMD amount (in Rs.) |
|---|---|---|
| 48 | Construction of drain back side of Niladri Vihar lane1 in ward No. | 12,365.00 |
| 49 | Construction of drain from Housing board to PWD Road in ward No.19 | 16,729.00 |
| 50 | Construction drain back side of Judicial Magistrate quarter and Sishu Mandir School in ward No.19 | 9288.00 |
| **Sl No as per Annexure "A"** | **Name of the projects** | **Tender paper cost (in Rs.)** |
| 24 | Construction of Road near Thayaramma Womens College in ward No.11 | 6000.00 |

Other contents of Tender remain unchanged.

Sd/- Executive Officer,
gunupur Municipality

OIPR 13104/11/0024/2526

## ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍

**(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)**
**ସିଆଇଏନ୍:ଏଲ୍୬୫୧୧୦ଟିଏନ୍୨୦୧୪ପିଏଲ୍‌ସି୦୯୭୭୯୨**
**ପଞ୍ଜିକୃତ କାର୍ଯ୍ୟାଳୟ: କେଆର୍‌ଏମ୍ ଟାୱାର୍ସ, ୮ମ ମହଲା, ହ୍ୟାରିଙ୍ଗଟନ୍ ରୋଡ୍, ଚେଟପେଟ, ଚେନ୍ନାଇ-୬୦୦୦୩୧**
**ଟେଲିଫୋନ୍ ନଂ: +୯୧୪୪୪୫୬ ୪୦୦୦। ଫାକ୍ସ: +୯୧ ୪୪ ୪୫୬୪ ୪୦୨୨**

IDFC FIRST Bank

### ଆପେଣ୍ଡିକ୍ସ ୫ (ରୁଲ୍ ୮(୧) ପଜେସନ ନୋଟିସ (ସ୍ଥାବର ସମ୍ପତ୍ତି ପାଇଁ)

ଯେପରିକି,ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ) ଅଧିକୃତ ଅଧିକାରୀ ଅଟନ୍ତି। ସିକ୍ୟୁରିଟାଇଜେସନ୍ ଆଣ୍ଡ୍ କନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ଦ୍ୱିତୀୟ) ଆକ୍ଟ, ୨୦୦୨ ଓ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୩ ସହ ଧାରା ୧୩(୧୨) ଅଧୀନରେ କ୍ଷମତାପ୍ରାପ୍ତ ଏହାସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ଅଧୀନରେ **ତା୧୦.୦୫.୨୦୨୫**ରେ ଡିମାଣ୍ଡ ନୋଟିସ୍ ଜାରି କରି ଋଣକର୍ତ୍ତା, କୋ-ଋଣକର୍ତ୍ତା ଓ ଗ୍ୟାରେଣ୍ଟର **୧. ଶିବ ସାହୁ,୨. ପାର୍ବତୀ ସାହୁ,** ନୋଟିସରେ ଦର୍ଶାଯାଇଥିବା ଅର୍ଥରାଶି **ଟ.୧୦,୫୭,୯୧୭.୮୯/-** (ଦଶଲକ୍ଷ ସତାବନ ହଜାର ନଅଶହ ସତର ଟଙ୍କା ଏବଂ ଅଣାନବେ ପଇସା କେବଳ) ସହ ଏହା ଉପରେ ଥିବା ସୁଧରାଶି **୦୯.୦୫.୨୦୨୫** ସୁଦ୍ଧା ଏହି ଡିମାଣ୍ଡ ନୋଟିସ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ ଦର୍ଶାଇଥିଲେ।

ଋଣଗ୍ରହୀତା ଏହି ଅର୍ଥରାଶି ପଇଠ କରିବାରେ ବିଫଳ ହୋଇଛନ୍ତି। ତେଣୁ ଏହି ନୋଟିସ ଦ୍ୱାରା ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଅବଗତ କରାଇ ଦିଆଯାଉଛି ଯେ ନିମ୍ନ ସ୍ୱାକ୍ଷରିତ ବ୍ୟକ୍ତି ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିକୁ ଏହି ଆଇନରେ ଦର୍ଶାଯାଇଥିବା ଧାରା ୧୩ ଉପ-ଧାରା (୪) ସହ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ ରୁଲ୍ ୮ ଅନୁସାରେ **୧୫ ଅଗଷ୍ଟ ୨୦୨୫** ବର୍ଷରେ ପଜେସନ୍‌କୁ ନେଇ ଯାଇଛନ୍ତି।

ଋଣଗ୍ରହୀତା ଏବଂ ସର୍ବସାଧାରଣଙ୍କୁ ଏତଦ୍ୱାରା ସତର୍କ କରାଇ ଦିଆଯାଉଛି ଯେ ସେମାନେ ଏହି ସମ୍ପତ୍ତିକୁ ନେଇ କୌଣସି ଡିଲ୍ କରନ୍ତୁ ନାହିଁ। ଏହି ସମ୍ପତ୍ତି ସହ କୌଣସି ଡିଲିଂ କଲେ ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ ଲିମିଟେଡ୍ (ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ ଲିମିଟେଡ୍ ସହିତ ମିଶ୍ରଣ)କୁ **ଟ.୧୦,୫୭,୯୧୭.୮୯/-** (ଦଶଲକ୍ଷ ସତାବନ ହଜାର ନଅଶହ ସତର ଟଙ୍କା ଏବଂ ଅଣାନବେ ପଇସା କେବଳ) ଏବଂ ଏହା ଉପରେ ଥିବା ସୁଧରାଶି ଓ ଖର୍ଚ୍ଚ ଦେବାକୁ ପଡ଼ିବ।

**ଋଣଗ୍ରହୀତାଙ୍କୁ ଜଣାଇ ଦିଆଯାଉଛି ଯେ ସେମାନେ ଏହି ଆଇନର ଧାରା ୧୩ ଉପ-ଧାରା (୮) ବଳରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଏହି ବନ୍ଧକ ସମ୍ପତ୍ତିକୁ ମୁକୁଳାଇ ପାରିବେ।**

| ବନ୍ଧକ ସମ୍ପତ୍ତିର ବିବରଣୀ |
|---|
| ସମସ୍ତ ସମ୍ପତ୍ତିର ଅଂଶବିଶେଷ: ଖାତା ନଂ ୩୦୧/୧୩୫, ପ୍ଲଟ ନଂ ୮୬୩/୩୦୩୩, ଏରିଆ ଏ.୦.୦୧୫ ଡିସିମିଲ, ମୌଜା ଅବସ୍ଥିତି:ଜାନିବିଲି, ଏସଆରଓ- ଆସ୍କା, ତହସିଲ- ଧରାକୋଟ, ପିଏସ୍-ଧରାକୋଟ, ଜିଲ୍ଲା- ଗଞ୍ଜାମ, ଓଡ଼ିଶା-୭୬୧୧୦୭, ଏବଂ ବାଉଣ୍ଡରୀ: ପୂର୍ବ- ବାବୁଲା ଗୌଡ଼ା, ପଶ୍ଚିମ- ବିଜୁଳି ଗୌଡ଼, ଉତ୍ତର- ପାହାଡ଼, ଦକ୍ଷିଣ- ରାସ୍ତା |

ତାରିଖ : ୧୫.୦୮.୨୦୨୫
ସ୍ଥାନ : ଓଡ଼ିଶା
ଋଣ ଆକାଉଣ୍ଟ ନଂ - ୧୫୫୩୨୫୬୧୮

ସ୍ୱୀକୃତିପ୍ରାପ୍ତ ଅଫିସର
ଆଇଡିଏଫ୍‌ସି ଫାଷ୍ଟ ବ୍ୟାଙ୍କ୍ ଲିମିଟେଡ୍
(ପୂର୍ବରୁ କ୍ୟାପିଟାଲ୍ ଫାଷ୍ଟ ଲିମିଟେଡ୍ ଓ ଆଇଡିଏଫ୍‌ସି ବ୍ୟାଙ୍କ୍ ଲିମିଟେଡ୍ ସହିତ ମିଶ୍ରଣ)

## झारखण्ड सरकार पथ निर्माण विभाग, पथ प्रमण्डल, गिरिडीह

### ई–प्रोक्योरमेंट सूचना, (प्रथम निविदा आमंत्रण सूचना)

ई–निविदा प्रसंग सं०:– **RCD/GIRIDIH/930/2025-26** दिनांक:– **20.08.2025**

| | | |
|---|---|---|
| 1. | कार्य का नाम | द्वारपहरी से करमाटंड़ पथ (कुल लम्बाई – 17.10 कि0मी0) के राईडिंग क्वालिटी में सुधार (IRQP) कार्य वर्ष 2025–26 |
| 2. | प्राक्कलित राशि (रूपये में) | रू0 10,25,39,446.00 (दस करोड़ पच्चीस लाख उनतालीस हजार चार सौ छियालीस रूपये मात्र) |
| 3. | कार्य समाप्ति की अवधि | 6 (छः) माह |
| 4. | निविदा प्राप्ति की अंतिम तिथि एवं समय | 18 .09 .2025 12:00 बजे दिन तक |
| 5. | वेबसाईट पर निविदा प्रकाशित होने की तिथि एवं समय | 28 .08 .2025 10:30 बजे पूर्वाह्न |
| 6. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, गिरिडीह। |
| 7. | प्रोक्योरमेंट पदाधिकारी का सम्पर्क नं० | 06532 – 227054 |
| 8. | ई–प्रोक्योरमेट सेल का हेल्प लाईन नं० | 0651 – 2401010 |

नोट :– प्राक्कलित राशि घट–बढ़ सकती है।
अतिरिक्त जानकारी के लिए वेबसाईट पर देखें :– http://jharkhandtenders.gov.in

ह०/–
कार्यपालक अभियंता,
पथ निर्माण विभाग, पथ प्रमण्डल, गिरिडीह

PR 359937 Road(25-26)#D



ନୂଆଦିଲ୍ଲୀ : ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମୋଦି ସରକାରଙ୍କ ମହତ୍ତ୍ୱାକାଂକ୍ଷୀ ଯୋଜନା ମଧ୍ୟରୁ ଗୋଟିଏ, ଏପର୍ଯ୍ୟନ୍ତ ଏହି ଯୋଜନାରେ ସେହି ଲୋକମାନଙ୍କୁ ଘର ଯୋଗାଇ ଦିଆଯାଇଛି ଯେଉଁମାନଙ୍କର ମୁଣ୍ଡ ଉପରେ ଛାତ ନାହିଁ। କିନ୍ତୁ ପ୍ରୟାଗରାଜରେ ଏହି ଯୋଜନା ସହିତ ଜଡିତ ଏପରି ଖବର ଆସିଛି, ଯାହା ଆଶ୍ଚର୍ଯ୍ୟଜନକ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ୯୦୦୦ରୁ ଅଧିକ ଲୋକ ଠକେଇ କରି ୧.୨୦ ଲକ୍ଷ ଟଙ୍କା ନେଇଛନ୍ତି। ଯେତେବେଳେ ସେମାନଙ୍କର ପୂର୍ବରୁ ନିଜସ୍ୱ ଘର ଥିଲା। ମାମଲାର ତଦନ୍ତରୁ ଜଣାପଡିଛି ଯେ ଏହି ଯୋଜନା ଅଧୀନରେ ବଣ୍ଟାଯାଇଥିବା ରାଶିର ଅପବ୍ୟବହାର କରାଯାଇଛି। ଏବେ ପ୍ରଶାସନ ଏହି ସମସ୍ତ ଲୋକଙ୍କଠାରୁ ଯୋଜନାର ଟଙ୍କା ଆଦାୟ କରିବାକୁ ଚେଷ୍ଟା କରୁଛି।

## ୨୨ରେ ବିହାର ଓ ପଶ୍ଚିମବଙ୍ଗ ଗସ୍ତରେ ଯିବେ ପ୍ରଧାନମନ୍ତ୍ରୀ

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ



ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଗଷ୍ଟ ୨୨ ତାରିଖରେ ବିହାର ଓ ପଶ୍ଚିମବଙ୍ଗ ଗସ୍ତରେ ଯିବେ । ସେ ବିହାରର ଗୟାଠାରେ ପୂର୍ବାହ୍ନ ପ୍ରାୟ ୧୧ଟାରେ ୧୩ ହଜାର କୋଟି ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବେ। ସେ ମଧ୍ୟ ଦୁଇଟି ଟ୍ରେନର ଶୁଭାରମ୍ଭ କରିବେ ଏବଂ ସାଧାରଣ ସଭାକୁ ସମ୍ବୋଧିତ କରିବେ । ଏହାପରେ ସେ ଗଙ୍ଗା ନଦୀରେ ଅଉଣ୍ଟା-ସିମାରିଆ ପୋଲ ପ୍ରକଳ୍ପର ଉଦଘାଟନ କରିବାକୁ ସେଠାକୁ ଗସ୍ତ କରିବେ। ପ୍ରଧାନମନ୍ତ୍ରୀ ଅପରାହ୍ଣ ପ୍ରାୟ ୪ଟା ୧୫ରେ କୋଲକାତାର ନୂତନ ନିର୍ମାଣାଧୀନ ସେକ୍ସନରେ ମେଟ୍ରୋ ଟ୍ରେନ ସେବାର ଶୁଭାରମ୍ଭ କରିବେ । ଏଥିସହ ସେ ଜେସୋର ରୋଡ ମେଟ୍ରୋ ଷ୍ଟେସନରୁ ଜୟହିନ୍ଦ ବିମାନବନ୍ଦର ପର୍ଯ୍ୟନ୍ତ ମେଟ୍ରୋରେ ଯାଇ ପ୍ରତ୍ୟାବର୍ତ୍ତନ କରିବେ । ଏହାପରେ ସେ କୋଲକାତାରେ ୫,୨୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିବେ । ଏହି ଅବସରରେ ଉପସ୍ଥିତ ସମାବେଶକୁ ମଧ୍ୟ ସେ ସମ୍ବୋଧିତ କରିବେ। ଯୋଗାଯୋଗ ବ୍ୟବସ୍ଥାର ବିକାଶ ପାଇଁ ପ୍ରତିବଦ୍ଧତା ସ୍ୱରୂପ ପ୍ରଧାନମନ୍ତ୍ରୀ ଏନଏଚ-୩୧ରେ ୮.୧୫ ମିଲୋମିଟର ଦୈର୍ଘ୍ୟର ଅଉଣ୍ଟା-ସିମାରିଆ ପୋଲ ପ୍ରକଳ୍ପ ଏବଂ ଗଙ୍ଗାରେ ୧.୮୬ କିମିର ୬ ଲେନ ବିଶିଷ୍ଟ ପୋଲର ଲୋକାର୍ପଣ କରିବେ। ୧୮୭୦ କୋଟିରୁ ଅଧିକ ଟଙ୍କାରେ ଏହା ନିର୍ମିତ ହୋଇଛି । ଏହା ପାଟନାର ମୋକମା ଠାରୁ ବେଗୁସରାଇକୁ ସିଧାସଳଖ ଯାତାୟାତ ସୁବିଧା କରିବ। ପ୍ରଧାନମନ୍ତ୍ରୀ ମଧ୍ୟ ୧୯୦୦ କୋଟି ଟଙ୍କାରେ ନିର୍ମିତ ଏନଏଚ-୩୧ର ବଖତିୟାରପୁରରୁ ମୋକା ସେକ୍ସନ ପର୍ଯ୍ୟନ୍ତ ଚାରିଲେନ ସଡ଼କର ଲୋକାର୍ପଣ କରିବେ। ବିହାରରେ ବିଜୁଳି କ୍ଷେତ୍ରରେ ମୌଳିକ ଭିତ୍ତିଭୂମିକୁ ମଜବୁତ କରିବା ଦିଗରେ ପ୍ରଧାନମନ୍ତ୍ରୀ ପ୍ରାୟ ୬,୮୦୦ କୋଟି ଟଙ୍କାର ନିର୍ମିତ ବକ୍ସର ପାୱାର ପ୍ଲାଣ୍ଟ (୬୦୦୦ ଗୁଣନ ୧ ମେଗାୱାଟ)ର ଉଦଘାଟନ କରିବେ। ସ୍ୱାସ୍ଥ୍ୟ ସେବାକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ମୁଜାଫରପୁରରେ ହୋମି ଭାବା କ୍ୟାନ୍ସର ହସପିଟାଲ ଏବଂ ରିସର୍ଚ୍ଚ ସେଣ୍ଟର ଉଦଘାଟନ କରିବେ। ପ୍ରଧାନମନ୍ତ୍ରୀ ପ୍ରାୟ ୧୨୬୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା ସହରାଞ୍ଚଳ ଇନଫ୍ରାଷ୍ଟ୍ରକଚର ପ୍ରୋଜେକ୍ଟ ଗୁଡ଼ିକ ପାଇଁ ଶିଳାନ୍ୟାସ କରିବେ। ସେହିପରି ପଶ୍ଚିମ ବଙ୍ଗରେ ବିଶ୍ୱସ୍ତରୀୟ ମୌଳିକ ଭିତ୍ତିଭୂମି ଏବଂ ବିକଶିତ ସହରାଞ୍ଚଳ ଯୋଗାଯୋଗ ପାଇଁ ପ୍ରତିବଦ୍ଧତା ସ୍ୱରୂପ ପ୍ରଧାନମନ୍ତ୍ରୀ କୋଲକାତାରେ ମେଟ୍ରୋ ରେଳ ପ୍ରକଳ୍ପକୁ ଉଦଘାଟନ କରିବେ । ଏହି ରୁଟରେ ନବନିର୍ମିତ ୧୩.୬୧ କି.ମି. ଦୈର୍ଘ୍ୟର ନୂତନ ମେଟ୍ରୋ ନେଟୱର୍କ ଏବଂ ମେଟ୍ରୋ ସେବାର ଶୁଭାରମ୍ଭ ହେବ। ସାଧାରଣ ସଭାରେ ପ୍ରଧାନମନ୍ତ୍ରୀ ଏହି ମେଟ୍ରୋ ସେକ୍ସନ ଏବଂ ହାଓଡ଼ା ମେଟ୍ରୋ ଷ୍ଟେସନର ଏକ ନବନିର୍ମିତ ସବ୍‌ୱେକୁ ଉଦଘାଟନ କରିବେ। ଅଞ୍ଚଳରେ ସଡ଼କ ଭିତ୍ତିଭୂମିକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ ୧୨୦୦ କୋଟିରୁ ଅଧିକ ଟଙ୍କାରେ ନିର୍ମିତ ହେବାକୁ ଥିବା ୭.୨ କିଲୋମିଟର ଦୈର୍ଘ୍ୟର ଛଅ ଲେନ ବିଶିଷ୍ଟ ଏଲିଭେଟେଡ କୋନା ଏକ୍ସପ୍ରେସ୍ ୱେ ର ଶିଳାନ୍ୟାସ କରିବେ।

## ଆଇଆଇଏମ୍ ପ୍ରତିଷ୍ଠା ନେଇ ଅଭିନନ୍ଦନ ଜଣାଇଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟରେ ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ (ଆଇଆଇଏମ୍) ପ୍ରତିଷ୍ଠା ହେବାକୁ ଯାଉଥିବାରୁ ଆସାମର ଜନସାଧାରଣଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ମୋଦୀ କହିଥିଲେ ଯେ ଆଇଆଇଏମ୍ ପ୍ରତିଷ୍ଠା ହେବା ଦ୍ୱାରା ଶିକ୍ଷା ଭିତ୍ତିଭୂମି ବୃଦ୍ଧି ପାଇବ ଏବଂ ସମଗ୍ର ଭାରତରୁ ଛାତ୍ରଛାତ୍ରୀ ତଥା ଗବେଷକମାନେ ଏଥିପ୍ରତି ଆକୃଷ୍ଟ ହେବେ। ଆସାମରେ ଆଇଆଇଏମ୍ ପ୍ରତିଷ୍ଠା ସମ୍ପର୍କରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଏକ୍ସ ପୋଷ୍ଟ ଉପରେ ଶ୍ରୀ ମୋଦୀ କହିଛନ୍ତି; 'ଆସାମର ଜନସାଧାରଣଙ୍କୁ ଅଭିନନ୍ଦନ! ରାଜ୍ୟରେ ଏକ ଆଇଆଇଏମ୍ ପ୍ରତିଷ୍ଠା ହେବା ଦ୍ୱାରା ଶିକ୍ଷା ଭିତ୍ତିଭୂମି ବୃଦ୍ଧି ପାଇବ ଏବଂ ସମଗ୍ର ଭାରତରୁ ଛାତ୍ରଛାତ୍ରୀ ତଥା ଗବେଷକମାନେ ଆକୃଷ୍ଟ ହେବେ।

## ସଂସଦରେ ପ୍ରଶ୍ନ କଲେ ରାହୁଲ

# କେଉଁଠାରେ ଲୁଚିଛନ୍ତି ପୂର୍ବତନ ରାଷ୍ଟ୍ରପତି



ନୂଆଦିଲ୍ଲୀ: ଲୋକସଭାରେ ବିରୋଧୀ ଦଳ ନେତା ଥିବା ରାହୁଲ ଗାନ୍ଧୀ ବୁଧବାର ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ହଠାତ୍ ନିଖୋଜ ଏବଂ ନୀରବତା ଉପରେ ପ୍ରଶ୍ନ ଉଠାଇଥିଲେ। ସେ ପଚାରିଥିଲେ, 'ସେ କ'ଣ ଗୋଟିଏ ଶବ୍ଦ ମଧ୍ୟ କହିପାରିବେ ନାହିଁ?' ସଂସଦ ଭବନରେ ଇଣ୍ଡିଆ ଆଲାଏନ୍ସର ଉପରାଷ୍ଟ୍ରପତି ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧୀ ଭାଷଣ ଦେଉଥିଲେ। ଲୋକସଭାରେ ରାହୁଲ ଗାନ୍ଧୀ କହିଥିଲେ, 'ବିଜେପିର ନୂତନ ବିଲ୍ ଉପରେ ବହୁତ ହଙ୍ଗାମା ହେଉଛି। ଆମେ ମଧ୍ୟଯୁଗକୁ ଫେରିଯାଉଛୁ, ଯେତେବେଳେ ରାଜା ଇଚ୍ଛାନୁସାରେ କାହାକୁ ହଟାଇ ପାରୁଥିଲେ। ଜଣେ ଗଣତାନ୍ତ୍ରିକ ଭାବରେ ନିର୍ବାଚିତ ବ୍ୟକ୍ତିଙ୍କର କୌଣସି ମୂଲ୍ୟ ନାହିଁ। ଯଦି ଆପଣଙ୍କର ଚେହେରା ପସନ୍ଦ ନ ଆସେ, ତେବେ ଇଡିକୁ ମାମଲା ପଞ୍ଜିକରଣ କରିବାକୁ ନିର୍ଦ୍ଦେଶ ଦିଆଯାଏ ଏବଂ ନିର୍ବାଚିତ ନେତାଙ୍କୁ ୩୦ ଦିନ ମଧ୍ୟରେ ଶେଷ କରିଦିଆଯାଏ। ଏହା ମଧ୍ୟ ଭୁଲନ୍ତୁ ନାହିଁ ଯେ ଆମେ କାହିଁକି ଜଣେ ନୂତନ ଉପରାଷ୍ଟ୍ରପତିଙ୍କୁ ନିର୍ବାଚିତ କରୁଛୁ। ମୋର କହିବାର କଥା ଯେ ପୂର୍ବତନ ଉପରାଷ୍ଟ୍ରପତି କୁଆଡେ ଗଲେ। ରାହୁଲ କହିଛନ୍ତି, 'ଯେଉଁଦିନ ଉପରାଷ୍ଟ୍ରପତି ଇସ୍ତଫା ଦେଇଥିଲେ, ବେଣୁଗୋପାଳଜୀ ମୋତେ ଫୋନ୍ କରି କହିଥିଲେ ଯେ ଉପରାଷ୍ଟ୍ରପତି ଚାଲିଯାଇଛନ୍ତି। ତାଙ୍କ ଇସ୍ତଫା ପଛରେ ଏକ ବଡ଼ କାହାଣୀ ଅଛି, ଯାହା କିଛି ଲୋକ ଜାଣିପାରନ୍ତି ଏବଂ କିଛି ଲୋକ ଜାଣି ନ ପାରନ୍ତି। ପ୍ରଶ୍ନ ହେଉଛି ସେ ସେ କାହିଁକି ଲୁଚି ରହିଛନ୍ତି ଭାରତର ପୂର୍ବତନ ଉପରାଷ୍ଟ୍ରପତି ଏପରି ପରିସ୍ଥିତିରେ କାହିଁକି ଅଛନ୍ତି ଯେ ସେ ଗୋଟିଏ ଶବ୍ଦ ମଧ୍ୟ କହିପାରିବେ ନାହିଁ। ଯିଏ ରାଜ୍ୟସଭାରେ ଖୋଲାଖୋଲି ଭାବରେ କହୁଥିଲେ, ସେ ଆଜି ସମ୍ପୂର୍ଣ୍ଣ ନୀରବ କାହିଁକି। ଏହି ସମୟରେ ଆମେ ବଞ୍ଚୁଛୁ। ରାହୁଲ ଗାନ୍ଧୀ ଏହି ଅବସରରେ ପ୍ରାର୍ଥୀ ବି. ସୁଦର୍ଶନ ରେଡ୍ଡିଙ୍କୁ ମଧ୍ୟ ପ୍ରଶଂସା କରିଥିଲେ।

## ତିରୁପତି ମନ୍ଦିରକୁ ୧୪୦ କୋଟି ଟଙ୍କାର ସୁନା ଦାନ କଲେ ଭକ୍ତ: ମୁଖ୍ୟମନ୍ତ୍ରୀ



ଅମରାବତୀ: ଆନ୍ଧ୍ରପ୍ରଦେଶର ତିରୁମାଲା ତିରୁପତି ମନ୍ଦିରକୁ ଆସୁଥିବା ଭକ୍ତମାନେ ସେମାନଙ୍କ ବିଶ୍ୱାସ ଅନୁଯାୟୀ ଟଙ୍କା ଦାନ କରିଥାନ୍ତି । ଅମ୍ବାନୀଙ୍କ ଭଳି ବଡ଼ ବ୍ୟବସାୟୀ ସୁନା ଏବଂ ହୀରା ଅଳଙ୍କାର ଦାନ କରୁଛନ୍ତି । ଏପରି ପରିସ୍ଥିତିରେ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛନ୍ତି ଜଣେ ଭକ୍ତ। ଉକ୍ତ ଭକ୍ତ ଜଣକ ତିରୁମାଲା ତିରୁପତି ମନ୍ଦିରକୁ ୧୨୧ କିଲୋ ସୁନା ଦାନ କରିଛନ୍ତି, ଯାହାର ମୂଲ୍ୟ ୧୪୦ କୋଟି ଟଙ୍କା ବୋଲି କୁହାଯାଉଛି। ଏହି ସୂଚନା ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ସୋସିଆଲ ମିଡିଆରେ ସେୟାର କରିଛନ୍ତି । ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲ୍ଲାର ମଙ୍ଗଳଗିରିରେ ଦାରିଦ୍ର୍ୟ ଦୂରୀକରଣ ପ୍ରକଳ୍ପ ସହିତ ଜଡିତ ଏକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା, ଯେଉଁଥିରେ ମୁଖ୍ୟମନ୍ତ୍ରୀ ନାଇଡୁ ମଧ୍ୟ ଅଂଶଗ୍ରହଣ କରିଥିଲେ। ଆନ୍ଧ୍ର ପ୍ରଦେଶର ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ କହିଥିଲେ ଯେ, ଜଣେ ଭକ୍ତ ତିରୁପତିଙ୍କୁ ନିଜର ବ୍ୟବସାୟ ଆରମ୍ଭ କରିବାକୁ ପ୍ରାର୍ଥନା କରିଥିଲେ। ସେ ବ୍ୟବସାୟ ଆରମ୍ଭ କରିଥିଲେ ଏବଂ ଏଥିରେ ସଫଳ ହୋଇଥିଲେ। ସେ ତାଙ୍କ କମ୍ପାନୀର ସେୟାର ବିକ୍ରି କରି ୬ ହଜାର ରୁ ୭ ହଜାର କୋଟି ଟଙ୍କା ଲାଭ ମଧ୍ୟ କରିଥିଲେ। ଶ୍ରୀ ଭେଙ୍କଟେଶ୍ୱର ସ୍ୱାମୀଙ୍କ ଆଶୀର୍ବାଦରୁ ତାଙ୍କୁ ସେହି ଟଙ୍କା ପ୍ରାପ୍ତ ହୋଇଛି ବୋଲି ଭକ୍ତ ଜଣକ କହିଛନ୍ତି। ସେ ଯେତେବେଳେ ଜାଣିଲେ ଯେ, ବର୍ତ୍ତମାନ ମନ୍ଦିରର ମୂର୍ତ୍ତିକୁ ପ୍ରତିଦିନ ୧୨୦ କିଲୋଗ୍ରାମ ସୁନା ଅଳଙ୍କାରରେ ସଜାଯାଉଛି । ଏହା ଜାଣିବା ପରେ ଭକ୍ତ ଜଣକ ୧୪୦ କୋଟି ଟଙ୍କା ମୂଲ୍ୟର ୧୨୧ କିଲୋଗ୍ରାମ ସୁନା ମନ୍ଦିରକୁ ଦାନ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ସାଏଙ୍କୁ ସୌଜନ୍ୟମୂଳକ ସାକ୍ଷାତ କଲେ ମନ୍ତ୍ରୀ ଲଖନଲାଲ ଦେବାଙ୍ଗନ



ରାୟପୁର : ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଲଖନଲାଲ ଦେବାଙ୍ଗନ ରାଜଧାନୀ ରାୟପୁର ସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ବାସଭବନ କାର୍ଯ୍ୟାଳୟରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଦେବାଙ୍ଗନ ମୁଖ୍ୟମନ୍ତ୍ରୀ ସାଏଙ୍କୁ ତାଙ୍କର ପ୍ରସ୍ତାବିତ ଜାପାନ ଏବଂ ଦକ୍ଷିଣ କୋରିଆ ଗସ୍ତ ପାଇଁ ଶୁଭକାମନା ଜଣାଇଛନ୍ତି। ବାଣିଜ୍ୟ ଏବଂ ଶିଳ୍ପ ମନ୍ତ୍ରୀ ଲଖନଲାଲ ଦେବାଙ୍ଗନ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏଙ୍କ ନେତୃତ୍ୱରେ ରାଜ୍ୟର ନୂତନ ଶିଳ୍ପ ନୀତି ଅନୁଯାୟୀ, ଛତିଶଗଡ଼ରେ ଦ୍ରୁତ ଶିଳ୍ପ ବିକାଶ ହେଉଛି। ଏହା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି କରୁଛି ଏବଂ ରାଜ୍ୟ ଦ୍ରୁତ ଗତିରେ ଆତ୍ମନିର୍ଭରଶୀଳତା ଆଡକୁ ଅଗ୍ରସର ହେଉଛି। ଶିଳ୍ପ ମନ୍ତ୍ରୀ ଦେବାଙ୍ଗନ କହିଛନ୍ତି ଯେ ଛତିଶଗଡ଼ ନିବେଶକଙ୍କ ପାଇଁ ଏକ ପସନ୍ଦର ରାଜ୍ୟ ଭାବରେ ଉଭା ହୋଇଛି। ଦିଲ୍ଲୀ, ମୁମ୍ବାଇ, ବେଙ୍ଗାଲୁରୁ ଏବଂ ରାୟପୁରରେ ନିବେଶକ ସମ୍ମିଳନୀ ସଫଳତାର ସହିତ ଆୟୋଜନ କରାଯାଇଛି। ଏପର୍ଯ୍ୟନ୍ତ, ଏହି ସମ୍ମିଳନୀ ମାଧ୍ୟମରେ ରାଜ୍ୟକୁ ୬ ଲକ୍ଷ ୬୫ ହଜାର କୋଟି ଟଙ୍କାର ନିବେଶ ପ୍ରସ୍ତାବ ମିଳିଛି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପ୍ରସ୍ତାବିତ ଜାପାନ ଏବଂ ଦକ୍ଷିଣ କୋରିଆ ଗସ୍ତ ରାଜ୍ୟରେ ଶିଳ୍ପ ବିକାଶ ଏବଂ ନିବେଶକୁ ଆହୁରି ପ୍ରୋତ୍ସାହନ ଦେବ। ନିବେଶକମାନେ ଯେତିକି ଲାଭବାନ ନହେବେ ଛତିଶଗଡବାସୀ ବହୁ ମାତ୍ରାରେ ଉପକୃତ ହେବାର ସମ୍ଭାବନା ସୃଷ୍ଟି କରିବ

# ବାଣିଜ୍ୟ




ନୂଆଦିଲ୍ଲୀ: ଏୟାରଟେଲ୍ ସମ୍ପ୍ରତି ତାର ଉପଭୋକ୍ତାମାନଙ୍କୁ ଝଟକା ଦେଇଛି। କମ୍ପାନି ଅଗଷ୍ଟ ୨୦ ତାରିଖ ବୁଧବାର ଦିନ ଶସ୍ତା ଟ୍ରୁଲି ଅନଲିମିଟେଡ୍ ପ୍ଲାନକୁ ବନ୍ଦ କରିବାକୁ ନିଷ୍ପତ୍ତି ନେଇଛି। ଏହି ପ୍ଲାନ୍ ଆଜି ରାତି ୧୨ ଟାରୁ କମ୍ପାନିର ୱେବସାଇଟରୁ ହଟାଇ ଦିଆଯିବ। ଯଦି କେହିବି ଜଣେ ଏୟାରଟେଲ୍ ଗ୍ରାହକ ଏବଂ ଏୟାରଟେଲର ଏହି ଶସ୍ତା ପ୍ଲାନକୁ ବ୍ୟବହାର କରୁଥିବେ ତେବେ ନିଶ୍ଚିତ ଭାବେ ଏହା ଏକ ନିରାଶଜନକ। ଏୟାରଟେଲ୍ ତାର ଅଫିସିଆଲ୍ ୱେବସାଇଟରେ ସୂଚନା ଦେଇଛି ଯେ ପ୍ରିପେଡ୍ ରିଚାର୍ଜ ପୋର୍ଟଫୋଲିଓରୁ ୨୪୯ ଟଙ୍କାର ପ୍ଲାନ୍ ହଟାଇ ଦିଆଯିବ। ଏହି ପ୍ଲାନ୍ କମ୍ପାନିର ଟ୍ରୁଲି ଅନଲିମିଟେଡ୍ ପ୍ୟାକ୍ ମଧ୍ୟରୁ ଗୋଟିଏ ଥିଲା, ଯାହାକୁ ବିଶେଷ ଭାବରେ କମ୍ ବଜେଟ୍ ଗ୍ରାହକଙ୍କ ମଧ୍ୟରେ ପସନ୍ଦ କରାଯାଉଥିଲା। ଏଥିରେ, ବ୍ୟବହାରକାରୀମାନେ ଡାଟା, କଲିଂ ଏବଂ ଏସଏମଏସ ଭଳି ମୌଳିକ ସୁବିଧା ପାଉଥିଲେ। ଏହି ପ୍ଲାନ୍ ବର୍ତ୍ତମାନ କମ୍ପାନିର ୱେବସାଇଟରେ 'ପ୍ରଡକ୍ଟ କ୍ଲୋଜିଂ ଟୁନାଇଟ୍' ଟ୍ୟାଗ୍ ସହିତ ନଜର ଆସୁଛି।ଏୟାରଟେଲର ଏହି ପ୍ରିପେଡ୍ ପ୍ୟାକ୍ ପୂର୍ବରୁ ୨୪ ଦିନର ବୈଧତା ପ୍ରଦାନ କରୁଥିଲା, ଯେଉଁଥିରେ ପ୍ରତିଦିନ ୧ ଜିବି ଡାଟା, ଅସୀମିତ କଲିଂ ଏବଂ ୧୦୦ ଏସ୍ଏମ୍ଏସ୍ ସୁବିଧା ଅନ୍ତର୍ଭୁକ୍ତ ଥିଲା।

## ସୌର ଶକ୍ତି ଚାଳିତ ସ୍ଥାୟିତ୍ୱରେ ଓଡ଼ିଶା ଅଗ୍ରଣୀ: ଅରଭିନ୍ଦ୍ ସିଂହ




ଭୁବନେଶ୍ୱର (ଭାସ୍କର ନ୍ୟୁଜ୍): ସୌର ଶକ୍ତି ଚାଳିତ ସ୍ଥାୟିତ୍ୱରେ ଓଡ଼ିଶା ଅଗ୍ରଣୀ ହାସଲ କରିଛି ବୋଲି ଅରଭିନ୍ଦ୍ ସିଂହ, ସିଇଓ, ଟିପିସିଓଡିଏଲ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଅକ୍ଷୟ ଉର୍ଜା ଦିବସରେ ଆମେ ଅକ୍ଷୟ ଶକ୍ତି ଏବଂ ସ୍ଥାୟୀତ୍ୱ ପ୍ରତି ଭାରତର ଅଟଳ ପ୍ରତିବଦ୍ଧତା ଉତ୍ସବ ପାଳନ କରୁଛୁ। ସୂର୍ଯ୍ୟ ହେଉଛନ୍ତି ନିରନ୍ତର ଶକ୍ତିର ଉତ୍ସ ଏବଂ ଏକ ସ୍ୱଚ୍ଛ ଏବଂ ସବୁଜ ଭବିଷ୍ୟତର ଚାବିକାଠି। ଭାରତର ଶକ୍ତି ସ୍ୱାଧୀନତା ଯାତ୍ରାରେ ପିଏମ ସୂର୍ଯ୍ୟ ଘର ଯୋଜନା ଏକ ପରିବର୍ତ୍ତନଶୀଳ ପଦକ୍ଷେପ। ଆକର୍ଷଣୀୟ ଆର୍ଥିକ ସମର୍ଥନ ସହିତ ଏହା ରୁଫ ଟପ ସୋଲାର ଶକ୍ତିକୁ ସାଧାରଣ ନାଗରିକଙ୍କ ପାଇଁ ଅନୁକୂଳ କରିଛି। ପ୍ରାକୃତିକ ସମ୍ପଦ ପାଇଁ ଜଣାଶୁଣା ଓଡ଼ିଶା ଏକ ସୌର-କେନ୍ଦ୍ରିତ ଏବଂ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରୁଥିବା ରାଜ୍ୟ ଭାବରେ ଉଭା ହେଉଛି। ଶିଳ୍ପରୁ ଆରମ୍ଭ କରି ଗୃହ ଗୁଡ଼ିକ ପର୍ଯ୍ୟନ୍ତ ସବୁ ସ୍ଥାନରେ ସୌର ଶକ୍ତିର ବ୍ୟବହାର ଜଳବାୟୁ ପରିବର୍ତ୍ତନକୁ ରୋକିବା, କାର୍ବନ ନିର୍ଗମନ ହ୍ରାସ କରିବା ଏବଂ ଏକ ଶକ୍ତି-ସୁରକ୍ଷିତ ଭବିଷ୍ୟତ ଗଠନ କରିବା ପାଇଁ ଆମର ସାମୂହିକ ସଂକଳ୍ପକୁ ପ୍ରତିଫଳିତ କରୁଛି। ଏହି ଦୃଷ୍ଟିକୋଣକୁ ବାସ୍ତବତାରେ ପରିଣତ କରିବା ପାଇଁ, ସରକାର ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା ଅଧୀନରେ ୟୁଟିଲିଟି-ଲେଡ୍ ଆଗ୍ରିଗେସନ୍ (ୟୁଏଲ୍ଏ) ମଡେଲ୍ ଚାଲୁ କରିଛନ୍ତି। ୟୁଏଲ୍ଏ ଯୋଜନା ମାଧ୍ୟମରେ ବର୍ତ୍ତମାନ ୧ କିଲୋୱାଟ୍ ଚୁକ୍ତିନାମା ଚାହିଦା ଥିବା ଘରୋଇ ଉପଭୋକ୍ତାମାନେ ନିଜ ଘରେ ସର୍ବନିମ୍ନ ଆର୍ଥିକ ବୋଝ ସହିତ ରୁଫ ଟପ ସୋଲାର ବ୍ୟବସ୍ଥା ସ୍ଥାପନ କରିପାରିବେ। କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଅନୁଦାନ ପରେ ଜଣେ ଉପଭୋକ୍ତା ମାତ୍ର ୫୦୦୦ ଟଙ୍କା ଏବଂ ଜେନେରେସନ୍ ମିଟରର ମୂଲ୍ୟ ଦେଇ ପ୍ରତି ମାସରେ ୧୦୦ ୟୁନିଟ୍ ପର୍ଯ୍ୟନ୍ତ ସ୍ୱଚ୍ଛ ସବୁଜ ବିଦ୍ୟୁତ୍ ଉପଭୋଗ କରିପାରିବେ। ପାଞ୍ଚ ବର୍ଷର ମାଗଣା ରକ୍ଷଣାବେକ୍ଷଣ ଏବଂ ୨୫ ବର୍ଷରୁ ଅଧିକ ବର୍ଷର ଆୟୁଷ ସହିତ ଏହା କେବଳ ଏକ ଆର୍ଥିକ ସଞ୍ଚୟ ନୁହେଁ ବରଂ ସ୍ଥାୟୀତ୍ୱରେ ଏକ ଦୀର୍ଘକାଳୀନ ନିବେଶ। ସୌର ଶକ୍ତିର ପ୍ରତିଶ୍ରୁତି ସହିତ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ। ପ୍ରତ୍ୟେକ ଛାତ ଯାହା ସୌର ଶକ୍ତି ଗ୍ରହଣ କରୁଛି ତାହା ଶକ୍ତି ସ୍ୱାଧୀନତା, କାର୍ବନ ଫୁଟପ୍ରିଣ୍ଟ ହ୍ରାସ ଏବଂ ଆମ ପିଲାମାନଙ୍କ ପାଇଁ ଏକ ସବୁଜ ଭବିଷ୍ୟତ ଆଡକୁ ଏକ ପଦକ୍ଷେପ। ଟିପିସିଓଡିଏଲ ଏହି ପରିବର୍ତ୍ତନର ନେତୃତ୍ୱ ନେଉଥିବାରୁ ଆମେ ଗର୍ବିତ। ଏହି ଅକ୍ଷୟ ଉର୍ଜା ଦିବସରେ, ଆସନ୍ତୁ ଆମେ ନିଶ୍ଚିତ ହେବା ଯେ ସ୍ଥାୟୀତ୍ୱ ଏକ ବିକଳ୍ପ ନୁହେଁ ବରଂ ଏକ ଜରୁରୀ ଦାୟିତ୍ୱ। ଓଡ଼ିଶାରେ ପିଏମ୍ ସୂର୍ଯ୍ୟଘର ମୁଫ୍ତ ବିଜିଳି ଯୋଜନା ଏବଂ ୟୁଏଲ୍ଏ ମଡେଲ୍ ଭଳି ପଦକ୍ଷେପ ଗ୍ରହଣ କରି ଆମେ ଆମର ଘରଗୁଡ଼ିକୁ ଶକ୍ତି ଘରରେ ପରିଣତ କରିପାରିବା, ଆମର ରାଜ୍ୟକୁ ନବୀକରଣୀୟ ଶକ୍ତିରେ ଏକ ଅଗ୍ରଣୀ ଏବଂ ଆମର ରାଷ୍ଟ୍ରକୁ ସ୍ଥାୟିତ୍ୱରେ ଏକ ଆଲୋକ ସ୍ତମ୍ଭରେ ପରିଣତ କରିପାରିବା।

## ଆମାଜନରେ କ୍ୟାମେରା ଉପରେ ଆକର୍ଷଣୀୟ ଅଫର

amazon.in

ନୂଆଦିଲ୍ଲୀ: ଆମାଜନ୍ ଇଣ୍ଡିଆ ପକ୍ଷରୁ କ୍ୟାମେରା ଏବଂ ଆସେସୋରିଜ୍ ଉପରେ ଆକର୍ଷଣୀୟ ଅଫର୍ ପ୍ରଦାନ କରାଯାଉଛି। ଡିଏସଏଲଆର ଏବଂ ଅତ୍ୟାଧୁନିକ ମିରରଲେସ୍ କ୍ୟାମେରାଠାରୁ ଆରମ୍ଭ କରି ଉଚ୍ଚ-ପ୍ରଦର୍ଶିତ ଲେନ୍ସ ଏବଂ ଅତ୍ୟାବଶ୍ୟକ ଆସେସୋରିଜ୍ ପର୍ଯ୍ୟନ୍ତ, ଫଟୋପ୍ରେମୀମାନେ ସୋନି, କ୍ୟାନନ ଏବଂ ଇନଷ୍ଟା୩୬୦ ଭଳି ପ୍ରମୁଖ ବ୍ରାଣ୍ଡର ବିଭିନ୍ନ ଉପକରଣରେ ଅବିଶ୍ୱସନୀୟ ଅଫର୍ ସହିତ ସେମାନଙ୍କର ସୃଜନଶୀଳ ଯାତ୍ରାକୁ ଉନ୍ନତ କରିପାରିବେ। କେବଳ ଏତିକି ନୁହେଁ, ସେମାନେ ପ୍ରମୁଖ ଅଂଶୀଦାର ଏବଂ ଅନ୍ୟାନ୍ୟଙ୍କଠାରୁ ତୁରନ୍ତ ବ୍ୟାଙ୍କ ରିହାତି ଭଳି ବିକଳ୍ପଗୁଡ଼ିକ ମଧ୍ୟ ପାଇପାରିବେ। ଏହି ଡିଲ୍ ଗୁଡ଼ିକ ଅଗଷ୍ଟ ୧୯, ୨୦୨୫ ରୁ ଆରମ୍ଭ ହେଉଛି ଏବଂ ଅଗଷ୍ଟ ୨୧ ପର୍ଯ୍ୟନ୍ତ ଲାଇଭ୍ ରହିବ। ଏହି ଅବସରରେ ସୋନି, କ୍ୟାନନ, ଇନଷ୍ଟା ୩୬୦, ଏବଂ ଅନ୍ୟାନ୍ୟ ଶ୍ରେଷ୍ଠ ବ୍ରାଣ୍ଡର କ୍ୟାମେରା ଏବଂ ଆସେସୋରିଜ୍ ଉପରେ ୭୦% ପର୍ଯ୍ୟନ୍ତ ରିହାତି ଏବଂ ଏଚଡିଏଫସି ବ୍ୟାଙ୍କ କାର୍ଡ ଇଏମଆଇ କାରବାରରେ ୪୫୦୦ ଟଙ୍କା ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ। ଏହି ଅଫର ସମୟରେ ସୋନି ଆଲ୍ଫା ଆଇଏଲସିଇ-୭ଏମ୩କେ ଫୁଲ-ଫ୍ରେମ୍ ମିରରଲେସ୍ କ୍ୟାମେରାକୁ ୧୩୬,୪୯୦ ଟଙ୍କାରେ ଉପଲବ୍ଧ କରନ୍ତୁ। କ୍ୟାନନ୍ ଇଓଏସ ଆର୮ ପୂର୍ଣ୍ଣ-ଫ୍ରେମ୍ ମିରରଲେସ୍ କ୍ୟାମେରାକୁ ୧୦୪,୯୯୦ ଟଙ୍କାରେ, ଇନଷ୍ଟା୩୬୦ ଏକ୍ସ୩ ଆକ୍ସନ୍ କ୍ୟାମେରାକୁ ଟ. ୨୯,୯୯୦, ଡିଜେଆଇ ଆରଏସ୩ ମିନି କ୍ୟାମେରା ଜିମ୍ବାଲ୍‌କୁ ଟ. ୨୩,୯୯୦ ରେ ଲାଭ କରନ୍ତୁ। ସୋନି ଇ ମାଉଂଟ ଇ ପିଜେଡ୍ ୧୮-୧୦୫ ମିମି ଏପିଏସ-ସି ଲେନ୍ସକୁ ମାତ୍ର ଟ. ୩୫,୨୯୦ ରେ ଲାଭ କରନ୍ତୁ। ସୋନି ପାଇଁ ସିଗ୍ମା ୧୮-୫୦ ମିମି ଏଫ୨.୮ ଡିସି ଲେନ୍ସ: ସିଗ୍ମା ୧୮-୫୫ ମିମି ମାନକ ଲେନ୍ସ ସହିତ ଆପଣଙ୍କର ଫଟୋଗ୍ରାଫି ଯାତ୍ରାକୁ ଉନ୍ନତ କରନ୍ତୁ। ଏହାକୁ ଟ. ୪୧,୫୯୯ ରେ ଆମାଜନରେ ପାଆନ୍ତୁ। ଏହି ଉତ୍ସବ ଋତୁରେ କ୍ୟାମେରା ଏବଂ ଆସେସୋରିଜ୍ ଉପରେ ଶ୍ରେଷ୍ଠ ଡିଲ୍ ହାତଛଡ଼ା କରନ୍ତୁ ନାହିଁ।

## ୫୫୦ ରୋବୋଟିକ୍ ହୃଦରୋଗ ସର୍ଜରୀ କରି ସଫଳ ହାସଲ କଲା ସାକ୍ରା ୱାର୍ଲ୍ଡ ହସ୍ପିଟାଲ



ବାଙ୍ଗାଲୋର: ସାକ୍ରା ୱାର୍ଲ୍ଡ ହସ୍ପିଟାଲ୍ କର୍ଣ୍ଣାଟକରେ ପ୍ରଥମେ ୫୫୦ ରୁ ଅଧିକ ରୋବୋଟିକ୍ ହୃଦରୋଗ ସର୍ଜରୀ ସମ୍ପନ୍ନ କରିବା ସହିତ, ସମଗ୍ର ବିଶ୍ୱରେ ସବୁଠାରୁ ଶୀଘ୍ରତମ କେନ୍ଦ୍ର ଭାବେ ପରିଚିତ ହୋଇଛି। ଡା ଭିଞ୍ଚି ସର୍ଜିକାଲ୍ ସିଷ୍ଟମ୍ର ଆଧିକାରିକ ତଥ୍ୟ ଏହାକୁ ପ୍ରମାଣିତ କରିଛି। ୩ ବର୍ଷରୁ କମ୍ ସମୟରେ ଏହି ସଫଳତା ଆସିଛି, ବର୍ଷକ୍ରମେ ୪୦% ବୃଦ୍ଧି ସହିତ ସାକ୍ରାକୁ ଗୋଟିଏ ବିଶ୍ୱସ୍ତରୀୟ ନୂତନତ୍ୱର ଶୀର୍ଷସ୍ଥାନରେ ନେଇଯାଇଛି। ରୋବୋଟିକ୍ ହୃଦରୋଗ ସର୍ଜରୀ ହୃଦରୋଗ ଚିକିତ୍ସାକୁ ପରିବର୍ତ୍ତନ କରୁଛି। ପାରମ୍ପରିକ ଖୋଲା-ହୃଦ ସର୍ଜରୀରେ ସାଧାରଣତଃ ୮-୧୦ ଦିନ ହସ୍ପିଟାଲରେ ରହିବା ଓ ୨-୩ ମାସରେ ସମ୍ପୂର୍ଣ୍ଣ ସୁସ୍ଥ ହେବା ଲାଗେ, କିନ୍ତୁ ସାକ୍ରାରେ ରୋବୋଟିକ୍ ସର୍ଜରୀ କରାଇଥିବା ରୋଗୀମାନେ ୩-୪ ଦିନରେ ଡିସ୍ଚାର୍ଜ ହେବା ସହିତ ୨-୩ ସପ୍ତାହରେ ସାଧାରଣ ଜୀବନକୁ ଫେରିଯାନ୍ତି। ଅତ୍ୟନ୍ତ ବେଦନା, ନଗଣ୍ୟ ରକ୍ତକ୍ଷୟ, ଶୀଘ୍ର ଗତିଶୀଳତା, କମ୍ ଆଣ୍ଟିବାୟୋଟିକ୍ ବ୍ୟବହାର ଓ ଛୋଟ କଟ୍ – ଏହି ସମସ୍ତ ସୁବିଧାମାନେ ଏହି ପ୍ରବିଧିକୁ ଭାରତ ଓ ବିଦେଶର ରୋଗୀମାନଙ୍କ ପସନ୍ଦର ପ୍ରଥମ ପଛିଆଇଦେଇଛି। ଏହି ପ୍ରବିଧିର ମାନବୀୟ ପ୍ରଭାବକୁ ଉଲ୍ଲେଖ କରି, ସାକ୍ରା ୱାର୍ଲ୍ଡ ହସ୍ପିଟାଲ୍, ବ୍ୟାଙ୍ଗାଲୋରର ସିଟିଭିଏସ୍ (କାର୍ଡିଓ ଥୋରାସିକ୍ ଏଣ୍ଡ୍ ଭାସ୍କୁଲାର ସର୍ଜରୀ) ବିଭାଗର ନିର୍ଦ୍ଦେଶକ ଓ ପ୍ରମୁଖ ଡା. ଆଦିଲ୍ ସାଦିକ୍ କହିଥିଲେ: 'ଗୁଲବର୍ଗାର ଗୋଟିଏ ୭୮ ବର୍ଷର ରୋଗୀ, ଯିଏ ଅନେକ ବଡ଼ ସେଣ୍ଟର (ମହାନଗର ସହରରୁ) ସର୍ଜରୀ ପାଇଁ ଅସ୍ୱୀକୃତ ହୋଇଥିଲେ, ଆମ ପାଖକୁ ଆସିଥିଲେ। ତାଙ୍କର ହୃଦ ପମ୍ପିଙ୍ଗ୍ କ୍ଷମତା ଖୁବ କମ୍ ଥିଲା, ସେ ବହୁତ ଦୁର୍ବଳ ଥିଲେ, କିଡନି ସମସ୍ୟା ଥିଲା (କେବଳ ଗୋଟିଏ କିଡନି କାର୍ଯ୍ୟ କରୁଥିଲା) ଓ ସେ ଏଞ୍ଜିଓପ୍ଲାଷ୍ଟି ପାଇଁ ଫିଟ୍ ନଥିଲେ। ବିଭିନ୍ନ ବିପଦ ଥିଲା ସତ୍ତ୍ୱେ, ଆମ ଟିମ୍ ରୋବୋଟିକ୍ ସର୍ଜରୀ ଦ୍ୱାରା ଏହି ଚ୍ୟାଲେଞ୍ଜ୍ ନେଇଥିଲା ଓ ସଫଳ ମଧ୍ୟ ହୋଇଥିଲା। ଡା. ଆଦିଲ୍ ଆଉ କହିଥିଲେ, '୫୫୦ ରୋବୋଟିକ୍ ହୃଦ ସର୍ଜରୀ ପାର୍ କରିବାରେ ବିଶ୍ୱରେ ସବୁଠାରୁ ଶୀଘ୍ରତମ ହେବା ଆମ ସମଗ୍ର କାର୍ଡିଆକ୍ ଟିମ୍ର କୌଶଳ, ସମର୍ପଣ ଓ ନୂତନତ୍ୱର ପ୍ରତିକ୍। ଏହି ମାଇଲସ୍ଟୋନ୍ କେବଳ ସଂଖ୍ୟା ନୁହେଁ – ଏହା ନିଜେକୁ, ଟିମ୍ୱର୍କ୍ ଓ ରୋଗୀ-ପ୍ରଥମ ଆଭିଗମର ପ୍ରମାଣ। ଆମେ ଏହି ସଫଳତାରେ ଅତ୍ୟନ୍ତ ଗର୍ବିତ ଓ ପ୍ରତିଟି ରୋଗୀଙ୍କ ପାଇଁ ହୃଦ ସର୍ଜରୀର ସୀମାକୁ ଆଗକୁ ନେବାରେ ସମର୍ପିତ।'

## ଲୋକସଭାରେ ପାସ୍ ହେଲା ଅନ୍‌ଲାଇନ୍ ଗେମିଂ ବିଲ୍

ନୂଆଦିଲ୍ଲୀ : ଲୋକସଭାରେ ଅନଲାଇନ୍ ଗେମିଂ ବିଲ୍-୨୦୨୫ ପାରିତ ହୋଇଯାଇଛି। ଗୃହରେ କେନ୍ଦ୍ର ସୂଚନାମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଅନଲାଇନ୍ ଗେମିଂ ଉପରେ ବ୍ୟାନ୍ ଲଗାଇବା ନେଇ ବିଲ୍ ପାରିତ କରାଇବା ନେଇ ପ୍ରସ୍ତାବ ରଖିଥିଲେ। ପରେ ଲୋକସଭାରେ ବିଲ୍ ପାସ୍ ହୋଇଛି। ପ୍ରଯୁକ୍ତିବିଦ୍ୟାର ଦୁରୁପଯୋଗ କାରଣରୁ ହେଉଥିବା କ୍ଷତିଠାରୁ ସମାଜକୁ ସୁରକ୍ଷିତ ରଖିବା ପାଇଁ ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟାମକ ବିଲ୍ ୨୦୨୫ ଆଗତ ହୋଇଥିଲା। ଏହି ବିଲ୍ ଇ-ସ୍ପୋର୍ଟସ୍ ଏବଂ ଅନଲାଇନ୍ ସୋସିଆଲ ଗେମ୍ସକୁ ପ୍ରୋତ୍ସାହିତ କରିଥାଏ, କିନ୍ତୁ ହାନିକାରକ ଅନଲାଇନ୍ ମନି ଗେମିଂ ସେବା, ବିଜ୍ଞାପନ ଏବଂ ଏହା ସହ ଜଡ଼ିତ ଆର୍ଥିକ ନେଣଦେଣ ଉପରେ ପ୍ରତିବନ୍ଧକ ଲାଗୁ କରିଥାଏ । ବିଲ୍‌ରେ ସବୁ ଅନଲାଇନ୍ ସଟ୍ଟାବାଜୀ ଏବଂ ଜୁଆ ଆଧାରିତ କାର୍ଯ୍ୟକଳାପକୁ ମଧ୍ୟ ବେଆଇନ ଘୋଷଣା କରାଯାଇଛି। ଏଥିରେ ଅନଲାଇନ୍ ଫାଣ୍ଟାସି ଖେଳ ଠାରୁ ଆରମ୍ଭ କରି ଅନଲାଇନ୍ ଜୁଆ କାରବାର (ଯଥା ପୋକର ରମ୍ମି ଏବଂ ଅନ୍ୟ କାର୍ଡ ଗେମ୍) ଏବଂ ଅନଲାଇନ୍ ଲଟେରୀ ପର୍ଯ୍ୟନ୍ତ ସାମିଲ ରହିଛି । ଏହା ଆମର ଯୁବବର୍ଗଙ୍କୁ ଶିକାରୀ ଅନଲାଇନ୍ ରିୟଲ୍ ମନି ଗେମିଂ ଆପ୍ ଗୁଡ଼ିକ ଠାରୁ ସୁରକ୍ଷା ଦେବ। ଅନଲାଇନ୍ ଗେମିଂ ପ୍ରୋତ୍ସାହନ ଏବଂ ନିୟାମକ ବିଲ, ୨୦୨୫ରେ ଥିବା ପ୍ରମୁଖ ବ୍ୟବସ୍ଥା ମଧ୍ୟରେ ଅଛି - ଇ-ସ୍ପୋର୍ଟସର ପ୍ରୋତ୍ସାହନ ଏବଂ ସ୍ୱୀକୃତି। ସାମାଜିକ ଓ ଶିକ୍ଷା ଗେମ୍ ଗୁଡ଼ିକର ପ୍ରୋତ୍ସାହନ।. ବିପଜ୍ଜନକ ଅନଲାଇନ୍ ମନି ଗେମ୍ସ ଉପରେ ପ୍ରତିବନ୍ଧକ। ଏକ ଅନଲାଇନ୍ ଗେମିଂ ପ୍ରାଧିକରଣ ପ୍ରତିଷ୍ଠା। ଅପରାଧ ଏବଂ ଦଣ୍ଡ। ଅନଲାଇନ୍ ମନି ଗେମିଂର ପ୍ରସ୍ତାବ କିମ୍ବା ସୁବିଧା ପ୍ରଦାନ କରିବା: ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ/କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା। ମନି ଗେମ୍ ଗୁଡ଼ିକର ବିଜ୍ଞାପନ: ୨ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ/କିମ୍ବା ୫୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଜୋରିମାନା। ମନି ଗେମ୍ ସଂକ୍ରାନ୍ତ ଆର୍ଥିକ କାରବାର: ୩ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ ଏବଂ/କିମ୍ବା ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା। ଅପରାଧର ପୁନରାବୃତ୍ତି କ୍ଷେତ୍ରରେ ଅଧିକ ଦଣ୍ଡବିଧାନ, ଯେଉଁଥିରେ ୩-୫ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡ ଏବଂ ୨ କୋଟି ଟଙ୍କା ପର୍ଯ୍ୟନ୍ତ ଜୋରିମାନା ବ୍ୟବସ୍ଥା ରହିଛି। ପ୍ରମୁଖ ଧାରା ଅଧୀନରେ ଅପରାଧକୁ ଧର୍ତ୍ତବ୍ୟ ଏବଂ ଜାମିନ ବିହୀନ ବୋଲି ଧରାଯିବ। ବିଲର ସକାରାତ୍ମକ ପ୍ରଭାବ ମଧ୍ୟରେ ଅଛି – ସୃଜନଶୀଳ ଅର୍ଥବ୍ୟବସ୍ଥାକୁ ପ୍ରୋତ୍ସାହନ: ବିଶ୍ୱ ଗେମିଂ ରପ୍ତାନି, ନିଯୁକ୍ତି ଏବଂ ନବସୃଜନରେ ଭାରତର ଭୂମିକାକୁ ବୃଦ୍ଧି କରିବ।

## ଟ୍ରୁକଲର ଏବଂ ଖୟାଲ ମଧ୍ୟରେ ସହବନ୍ଧିତ



ନୂଆଦିଲ୍ଲୀ: ଅଜଣା ଟେକ୍ନୋଲୋଜି ଓ ଦ୍ରୁତ ବେଗରେ ବଢୁଥିବା ଠକେଇ କୌଶଳ ଯୋଗୁଁ ୫୦ ବର୍ଷରୁ ଅଧିକ ବୟସର ଲୋକମାନେ ସାଇବର କ୍ରାଇମର ଅଧିକ ଶିକାର ହେଉଛନ୍ତି। ସେମାନେ କେବଳ ଅର୍ଥ ହରାଉନାହାନ୍ତି ବରଂ ସୁରକ୍ଷା ଓ ବିଶ୍ୱାସର ଭାବନା ମଧ୍ୟ ହରାଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଅଗ୍ରଣୀ ଗ୍ଲୋବାଲ କମ୍ୟୁନିକେଶନ୍ସ ପ୍ଲାଟଫର୍ମ ଟ୍ରୁକଲର, ବରିଷ୍ଠ ନାଗରିକଙ୍କ ପାଇଁ ଉଦ୍ଦିଷ୍ଟ ଭାରତର ଏକ ନମ୍ବର ଆପ ଖୟାଲ ସହ ସହଭାଗିତା ଘୋଷଣା କରିଛି। ଏହି ସହଭାଗିତା ବରିଷ୍ଠ ନାଗରିକଙ୍କ ସହ ଖୟାଲର ଗଭୀର ସଂଯୋଗକୁ ଟ୍ରୁକଲର୍‌ର ଅତ୍ୟାଧୁନିକ କଲର ଆଇଡେଂଟିଫିକେଶନ ଟେକ୍ନୋଲୋଜି ସହ ମିଶ୍ରଣ କରିଛି। ମିଳିତ ଭାବେ ସେମାନେ ଏକ ମଜବୁତ ଓ ସୁରକ୍ଷିତ ଢାଲ ସୃଷ୍ଟି କରିବେ ଯାହା ଭାରତର ବରିଷ୍ଠ ନାଗରିକଙ୍କ ପାଇଁ ସୁରକ୍ଷିତ ଓ ସଂଯୋଜିତ ସମୁଦାୟ ଗଠନ କରିବା ସହ ବିଶ୍ୱାସ ଓ ନିର୍ଭରଯୋଗ୍ୟ ଯୋଗାଯୋଗକୁ ପ୍ରୋତ୍ସାହିତ କରିବ। ଏ ସମ୍ପର୍କରେ ଟ୍ରୁକଲରର ଗ୍ଲୋବାଲ ସିଇଓ ରିସିତ ଝୁନଝୁନୱାଲା କହିଛନ୍ତି, 'ଡିଜିଟାଲ ଯୁଗ ଆମର ବରିଷ୍ଠ ନାଗରିକଙ୍କୁ ଅନେକ ସୁବିଧା ଦେଉଥିବା ବେଳେ ଏହା ସେମାନଙ୍କ ପାଇଁ ଅନେକ ବିପଦ ମଧ୍ୟ ଆଣୁଛି। ସେହିପରି ଖୟାଲର ପ୍ରତିଷ୍ଠାତା ଓ ସିଇଓ ହିମାଂଶୁ ଜୈନ କହିଛନ୍ତି, 'ଖୟାଲରେ ଆମେ ବହୁ ଦିନରୁ ବରିଷ୍ଠ ନାଗରିକମାନେ ସମ୍ମୁଖୀନ ହେଉଥିବା ଏହି ନୀରବ ସଙ୍କଟକୁ ଚିହ୍ନଟ କରିଛୁ ଏବଂ ଡିଜିଟାଲ କର୍ମଶାଳା ମାଧ୍ୟମରେ ସଚେତନତା ବୃଦ୍ଧି କରିବା ପାଇଁ ପ୍ରତିବଦ୍ଧ ରହିଛୁ। ଟ୍ରୁକଲର ସହ ଏହି ସହଭାଗିତା ଉକ୍ତ ପ୍ରତିବଦ୍ଧତାକୁ ଆଗକୁ ବଢାଇଛି। ଏହି ସହଭାଗିତା ଅନୁଯାୟୀ, ଖୟାଲର ସମସ୍ତ ସଦସ୍ୟମାନେ ଟ୍ରୁକଲର ପ୍ରିମିୟମ ମେମ୍ବରସିପ ଉପରେ ୫୦%ର ସ୍ୱତନ୍ତ୍ର ରିହାତି ପାଇବେ। ଏହା ସେମାନେ ଯେପରି ଅଧିକ ଆଡଭାନ୍ସଡ କଲର ଆଇଡେଂଟିଫିକେଶନ ଓ ସ୍କାମ ପ୍ରୋଟେକ୍ସନ ଫିଚର ପାଇପାରିବେ ତାହା ନିଶ୍ଚିତ କରିବ। ଏହି ବିସ୍ତୃତ ସୁରକ୍ଷା ପଦକ୍ଷେପର ଅଂଶ ଭାବେ ଖୟାଲ ଓ ଟ୍ରୁକଲର ମିଳିତ ଭାବେ ଉତ୍ସର୍ଗୀକୃତ ଶିକ୍ଷଣୀୟ ବିଷୟବସ୍ତୁ ପ୍ରସ୍ତୁତ କରିବେ। ଏଥିରେ ନୂଆ ନୂଆ ଠକାମି କୌଶଳଗୁଡିକୁ ଉନ୍ମୋଚନ କରୁଥିବା 'ନ୍ୟୁ ସ୍କାମ ହାଇଲାଇଟ୍‌ସ' ସେଶନ, ଇଂଟରାକ୍ଟିଭ 'ସ୍ପଟ ଦ ସ୍କାମ' ୱର୍କସପ ଓ ପ୍ରତିଯୋଗିତା, ଅଜଣା ନମ୍ବରରୁ ଆସୁଥିବା କଲଗୁଡିକୁ ନିୟନ୍ତ୍ରଣ କରିବା ପାଇଁ ଜରୁରୀ ମାର୍ଗଦର୍ଶନ ଏବଂ ଠକେଇ ପ୍ରୟାସକୁ ଚିହ୍ନଟ କରିଥିବା ଓ ଏଡାଇଥିବା ଖୟାଲର ବରିଷ୍ଠ ନାଗରିକଙ୍କଠାରୁ ପ୍ରଶଂସାପତ୍ର ସାମିଲ ରହିବ।



ନୂଆଦିଲ୍ଲୀ: ଏସିଆ କପ୍ ୨୦୨୫ ପାଇଁ ମଙ୍ଗଳବାର ଭାରତୀୟ ଟିମ୍ ଘୋଷଣା କରାଯାଇଛି । ଟିମର ନେତୃତ୍ୱ ସୂର୍ଯ୍ୟକୁମାର ଯାଦବଙ୍କ ହାତରେ ରହିବ । କିନ୍ତୁ ଘୋଷଣାରେ ସବୁଠୁ ବଡ଼ ଆଶ୍ଚର୍ଯ୍ୟ ଆଉ ବିବାଦୀୟ କଥା ହେଉଛି ଶ୍ରେୟସ ଆୟରଙ୍କୁ ସ୍ଥାନ ନମିଳିବା । ଯାହାକୁ ନେଇ କ୍ରିକେଟ୍ ପ୍ରେମୀଙ୍କ ମଧ୍ୟରେ ଅନେକ ପ୍ରଶ୍ନ ଆଉ ଅସନ୍ତୋଷ ମଧ୍ୟ ରହିଛି । ପୂର୍ବରୁ ଅନେକ ମ୍ୟାଚ୍ ଓ ସିରିଜରେ ଆୟରଙ୍କ ପ୍ରଦର୍ଶନ ଚମତ୍କାର ରହିଛି, କିନ୍ତୁ ଏହା ସତ୍ତ୍ୱେ ତାଙ୍କୁ ଟିମରେ ସ୍ଥାନ ମିଳିପାରି ନାହିଁ । ଏହି ନିଷ୍ପତ୍ତି ଉପରେ ବିସିସିଆଇ ଓ ଚୟନ କମିଟି ଉପରେ ପ୍ରଶ୍ନ ଉଠୁଛି। ଆୟର ନିକଟରେ ଶେଷ ହୋଇଥିବା ଟୁର୍ଣ୍ଣାମେଣ୍ଟ ଓ ଆଇପିଏଲ୍ ୨୦୨୫ରେ ଚମତ୍କାର ପ୍ରଦର୍ଶନ କରିଥିଲେ । ଆଇପିଏଲ୍ ?ରେ ସେ ୬୦୪ ରନ୍ କରିଥିଲେ । ୫୦.୩୩ ହାର ଓ ୧୭୫.୦୭ ଷ୍ଟ୍ରାଇକ୍ ରେଟ୍ ସହ ରନ୍ କରିଥିଲେ । ଏହା ଛଡ଼ା ଦୁବାଇରେ ହୋଇଥିବା ଚାମ୍ପିଅନ୍ସ ଟ୍ରଫି ୨୦୨୫ରେ ଭାରତ ପାଇଁ ସବୁଠୁ ଅଧିକ ରନ୍ କରିଥିବା ବ୍ୟାଟର ହୋଇଥିଲେ । ଟୁର୍ଣ୍ଣାମେଣ୍ଟରେ ସେ ୨୪୩ ରନ୍ କରିଥିଲେ । ଏହା ସତ୍ତ୍ୱେ ତାଙ୍କୁ ଏସିଆ କପ୍ ପାଇଁ ଅଣଦେଖା କରାଯାଇଛି । ଆହୁରି ବଡ଼ କଥା ହେଉଛି ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଦୁବାଇରେ ହିଁ ଖେଳାଯିବାକୁ ଅଛି, ଯେଉଁଠାରେ ଆୟରଙ୍କ ବ୍ୟାଟରୁ ଖୁବ୍ ରନ୍ ବାହାରେ। ଆୟର କେବଳ ଆଇପିଏଲ୍ କିମ୍ବା ଚାମ୍ପିଅନ୍ସ ଟ୍ରଫିରେ ନୁହେଁ, ବରଂ ଘରୋଇ କ୍ରିକେଟରେ ଭଲ ପ୍ରଦର୍ଶନ କରିଛନ୍ତି।

# ଦିନିକିଆ ରାଙ୍କିଙ୍ଗରୁ ରୋହିତ ଓ ବିରାଟଙ୍କ ନାଁ ହଟାଇ ଦେଲା ଆଇସିସି




ନୂଆଦିଲ୍ଲୀ: ଆଇସିସି ଓଡିଆଇ ରାଙ୍କିଙ୍ଗରୁ ହଟିଲେ ଭାରତୀୟ କ୍ରିକେଟର ଦୁଇ ଷ୍ଟାର କ୍ରିକେଟର ରୋହିତ ଶର୍ମା ଏବଂ ବିରାଟ କୋହଲି । ଦୁହିଁଙ୍କୁ ହଠାତ୍ ଆଇସିସି ଓଡିଆଇ ରାଙ୍କିଙ୍ଗରୁ ହଟାଇ ଦିଆଯିବା ଖବର ଏବେ ଚର୍ଚ୍ଚାରେ ରହିଛି। ରାଙ୍କିଙ୍ଗରେ ରୋହିତ ଓ ବିରାଟ ଯଥାକ୍ରମେ ୨ ନମ୍ବର ଓ ୪ ନମ୍ବରରେ ରହିଥିଲେ। ଉଭୟ ବେଶ କିଛି ମାସ ହେଲାଣି ଟପ ୧୦ ବ୍ୟାଟରଙ୍କ ମଧ୍ୟରେ ରହି ଆସୁଥିଲେ। ହେଲେ ଆଜି ଆଇସିସି ଜାରି କରିଥିବା ସାପ୍ତାହିକ ରାଙ୍କିଙ୍ଗ ତାଲିକାରୁ ହଠାତ୍ ଉଭୟଙ୍କ ନାଁ ହଟି ଯାଇଛି। ଉଭୟଙ୍କ ନାଁ ଟପ୍ ୧୦ କିମ୍ବା ଟପ ୧୦୦ ମଧ୍ୟରେ ବି ନାହିଁ। ଯଦି କୌଣସି ଖେଳାଳୀ ଅବସର ଘୋଷଣା କରନ୍ତି, ତା'ହେଲେ ଆଇସିସି ରାଙ୍କିଙ୍ଗରୁ ନାଁ ହଟାଇବାର ପ୍ରାବଧାନ ରହିଛି। କିନ୍ତୁ ରୋହିତ କିମ୍ବା ବିରାଟ କେହି ବି ଏଯାଏ ଦିନିକିଆରୁ ଅବସର ଘୋଷଣା କରି ନାହାନ୍ତି। ତଥାପି ଆଇସିସି କାହିଁକି ଏପରି ପଦକ୍ଷେପ ନେଲା, ତା'କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଗତ ସପ୍ତାହରେ ରୋହିତ ଓ ବିରାଟ ଟପ ୧୦ରେ ବେଶ ମଜବୁତ ହୋଇ ରହିଥିଲେ। ବାବର ଆଜମଙ୍କୁ ପଛରେ ପକାଇ ରୋହିତ ୩ନମ୍ବରରୁ ୨ନଂକୁ ଉଠିଥିଲେ। ବିରାଟ ପୂର୍ବଭଳି ୪ନମ୍ବରରେ ରହିଥିଲେ। ଭାରତର ଶୁବମନ ଗିଲ ପୂର୍ବ ଭଳି ଦିନିକିଆ ବ୍ୟାଟିଂ ରାଙ୍କିଙ୍ଗର ୧ନଂ ସ୍ଥାନରେ ରହିଥିବା ବେଳେ ରୋହିତ ଓ ବିରାଟ ହଠାତ ବାଦ ପଡ଼ିବାରୁ ଶ୍ରେୟସ ଆୟର ୮ରୁ ୬ ନମ୍ବରକୁ ଉଠି ଯାଇଛନ୍ତି। ପାକିସ୍ତାନର ବାବର ଆଜମ ଦ୍ୱିତୀୟ, ନ୍ୟୁଜିଲ୍ୟାଣ୍ଡର ଡାରେଲ ମିଚେଲ ତୃତୀୟ, ଶ୍ରୀଲଙ୍କାର ଚରିଥ ଅସଲଙ୍କା ୪ର୍ଥ ଓ ଆୟର୍ଲ୍ୟାଣ୍ଡର ହ୍ୟାରୀ ଟେକ୍ଟର ୫ମ ସ୍ଥାନରେ ଅଛନ୍ତି। ରୋହିତ ଓ ବିରାଟ ଟେଷ୍ଟ କ୍ରିକେଟରୁ ଅବସର ଘୋଷଣା କରି ସାରିଛନ୍ତି। କିନ୍ତୁ ଉଭୟ ଭାରତ ପାଇଁ ଦିନିକିଆ ମ୍ୟାଚ୍ ଖେଳିବେ ବୋଲି କହିଛନ୍ତି। ଏବେ ଭାରତର କୌଣସି ଦିନିକିଆ ସିରିଜ ନଥିବାରୁ ଉଭୟଙ୍କୁ ପଡ଼ିଆରେ ଦେଖିବାକୁ ମିଳୁନାହିଁ। ଶେଷ ଥର ପାଇଁ ଉଭୟ ୨୦୨୫ ଚାମ୍ପିୟନ୍ସ ଟ୍ରଫିରେ ଭାରତ ପାଇଁ ନଜର ଆସିଥିଲେ।

# ଏସିଆ କପ୍ ହକି: ଗ୍ରୁପ-ଏ'ରେ ଭାରତ

ନୂଆଦିଲ୍ଲୀ:ବିହାରର ରାଜୀଗରରେ ଅଗଷ୍ଟ ୨୯ରୁ ଏସିଆ କପ ହକି ଟୁର୍ଣ୍ଣାମେଂଟ ଆରମ୍ଭ ହେବ। ପାକିସ୍ତାନ ଓ ଓମାନ ବଦଳରେ ବାଂଲାଦେଶ ଓ କାଜକସ୍ତାନକୁ ଏଥିରେ ସାମିଲ କରାଯାଇଥିବା ନେଇ ଆୟୋଜକଙ୍କ ପକ୍ଷରୁ ସ୍ୱଷ୍ଟ କରାଯାଇଛି। ଚୀନ, ଜାପାନ ଓ କାଜାକସ୍ତାନ ସହ ଭାରତ ଗ୍ରୁପ ଏରେ ରହିଛି । ଗ୍ରୁପ ବିରେ ମାଲେସିଆ, କୋରିଆ, ଚାଇନିଜ ତାଇପେ ଓ ବାଂଲାଦେଶ ରହିଛନ୍ତି । ସେପ୍ଟମ୍ବର ୭ରେ ଏହାର ଫାଇନାଲ ମ୍ୟାଚ ଖେଳାଯିବ । ୮ଟି ଟିମକୁ ନେଇ ହେଉଥିବା ଏହି ଟୁର୍ଣ୍ଣାମେଂଟର ବିଜେତାକୁ ୨୦୨୬ ବିଶ୍ୱକପ ପାଇଁ ଏଂଟ୍ରି ମିଳିବ। ଅଗଷ୍ଟ ୨୯ରୁ ଏସିଆ କପ ଆରମ୍ଭ ହେବ । ପ୍ରଥମ ଦିବସରେ ମାଲେସିଆ-ବାଂଲାଦେଶ ଓ ଭାରତ-ଚୀନ ମଧ୍ୟରେ ମ୍ୟାଚ ହେବ । ସେପ୍ଟେମ୍ବର ୩ରୁ ୬ ପର୍ଯ୍ୟନ୍ତ ସୁପର ଫୋର ଖେଳାଯିବ । ସୁରକ୍ଷା ଦୃଷ୍ଟିକୋଣରୁ ପାକିସ୍ତାନ ଏଥିରୁ ଓହରି ଯାଇଛି । ଗତ ସଂସ୍କରଣରେ ଦକ୍ଷିଣ କୋରିଆ ଟାଇଟଲ ହାସଲ କରିଥିଲା ।

# ଏସିଆ କପ୍ ହକି: ଭାରତୀୟ ଦଳରେ ସାମିଲ ହେଲେ ଶୀଲାନନ୍ଦ, ଅମିତ



ନୂଆଦିଲ୍ଲୀ: ବିହାରର ରାଜାଗରରେ ଖେଳାଯିବାକୁ ଥିବା ଏସିଆ କପ ହକି ପାଇଁ ବୁଧବାର ୧୮ ସଦସ୍ୟ ବିଶିଷ୍ଟ ଭାରତୀୟ ଦଳର ଘୋଷଣା କରାଯାଇଛି । ହରମନପ୍ରୀତ ସିଂ ଦଳର ନେତୃତ୍ୱ ନେବେ। ଘୋଷିତ ଦଳରେ ଓଡିଶାର ଅମିତ ରୋହୀଦାସ, ଶୀଲାନନ୍ଦ ଲାକ୍ରା ସ୍ଥାନ ପାଇଥିବା ବେଳେ ଷ୍ଟାଣ୍ଡବାଇରେ ନୀଲମ ସଞ୍ଜୀପ ଖେସ ରହିଛନ୍ତି। ୨୯ ଅଗଷ୍ଟରୁ ସେପ୍ଟେମ୍ବର ୭ ପର୍ଯ୍ୟନ୍ତ ଏହା ଖେଳାଯିବ। ଏଥିରେ ଚାମ୍ପିୟନ ହୋଇଥିବା ଟିମକୁ ସିଧାସଳଖ ଆସନ୍ତା ବର୍ଷ ନେଦରଲାଣ୍ଡ ଓ ବେଲଜିୟମରେ ହେବାକୁ ଥିବା ବିଶ୍ୱକପ ପାଇଁ ଯୋଗ୍ୟତା ହାସଲ କରିବେ। ଏହା ୧୪ରୁ ୩୦ ଅଗଷ୍ଟ ପର୍ଯ୍ୟନ୍ତ ଆୟୋଜିତ ହେବ। ଭାରତ ପୁଲ ଏରେ ଜାପାନ, ଚୀନ ଓ କାଜକାସ୍ତାନ ସହ ରହିଛି। ଅଗଷ୍ଟ ୨୯ରେ ଚୀନ ବିପକ୍ଷରେ ଭାରତ ତାର ଅଭିଯାନ ଆରମ୍ଭ କରିବ। ଲଳିତ ଉପାଧ୍ୟାନ ନିକଟରେ ଅବସର ନେଇଥିବାରୁ ତାଙ୍କ ସ୍ଥାନରେ ଶୀଲାନନ୍ଦ ଲାକ୍ରାଙ୍କୁ ସୁଯୋଗ ମିଳିଛି। **ଭାରତୀୟ ଟିମ:** ସୂରଜ କେରେକେରା, କୃଷ୍ଣ ବି ପାଠକ, ହରମନପ୍ରୀତ ସିଂ(ଅଧିନାୟକ), ଅମିତ ରୋହୀଦାସ, ଜରମନପ୍ରୀତ ସିଂ, ସୁମିତ, ସଞ୍ଜୟ, ଯୁଗରାଜ ସିଂ, ମନପ୍ରୀତ ସିଂ, ବିବେକ ସାଗର, ରାଜିନ୍ଦର, ରାଜକୁମାର ପାଲ, ହାର୍ଦ୍ଦିକ ସିଂ, ମନଦୀପ ସିଂ, ଅଭିଷେକ, ସୁଖଜିତ ସିଂ, ଶୀଲାନନ୍ଦ ଲାକ୍ରା, ଦିଲପ୍ରୀତ ସିଂ, ରିଜର୍ଭ ଖେଳାଳି:ନୀଲମ ସଞ୍ଜୀପ ଖେସ, ସେଲଭମ କୀର୍ତ୍ତି।

# ଚହଲଙ୍କ ସହ ଛାଡପତ୍ର ପରେ ମୁହଁ ଖୋଲିଲେ ଧନଶ୍ରୀ



ମୁମ୍ବାଇ: ଭାରତୀୟ କ୍ରିକେଟର ଯୁଜବେନ୍ଦ୍ର ଚହଲ ଓ ୟୁଟ୍ୟୁବ ଡ୍ୟାନ୍ସର ଧନଶ୍ରୀ ବର୍ମାଙ୍କ ଭଲ ପାଇବା ଏବଂ ବିବାହ ବେଶ ଚର୍ଚ୍ଚାର କାରଣ ପାଲଟିଥିଲା। ତେବେ ଏହି ବିବାହ ବେଶୀ ଦିନ ତିଷ୍ଠି ନ ଥିଲା । ଶେଷରେ ଉଭୟ ପରସ୍ପରଠାରୁ ଅଲଗା ହୋଇ ଯାଇଥିଲେ । ଛାଡପତ୍ର ପରେ ପ୍ରଥମ ଥର ପାଇଁ ଚହଲଙ୍କୁ ନେଇ ଧନଶ୍ରୀ ମୁହଁ ଖୋଲିଛନ୍ତି । ଛାଡପତ୍ର ପରେ ଏହାକୁ ଉପଭୋଗ କରିବା ଉଚିତ ନୁହେଁ । ଛାଡପତ୍ର ଦିନ ମୁଁ ଯେତେବେଳେ କୋର୍ଟରେ ପଂହଚିଥିଲି ମୋ ଆଖି ଛଳ ଛଳ ହୋଇ ଯାଇଥିଲା। ଏହାପରେ ପାରିବାରିକ ଅସୁବିଧାକୁ କେବେ ହେଲେ ପଦାରେ ପକାଇ ନାହିଁ। ଛାଡପତ୍ର ଦିନ ଚହଲ ବି ୟୋର ଓନ ଶୁଗାର ଡ୍ୟାଡୀ ଲେଖା ଥିବା ଟି ଶର୍ଟ ପିନ୍ଧିଥିଲେ। ପରେ ଯେତେବେଳେ ଏହା ମୁଁ ଦେଖିଲି ମନେ ମନେ ଭାବିଥିଲି ଏହି ବ୍ୟକ୍ତି ପାଇଁ କାନ୍ଦିବା ଉଚିତ ନୁହେଁ । ମୋ ନାମରେ ସେ ଅନେକ ଅପପ୍ରଚାର କରିଛନ୍ତି । ମୁଁ ଚୁପ ରହୁଛି ମାନେ ନୁହେଁ ଯେ, ତୁମେ ଅପମାନିକ କରିବ। ୟୁଟୁବ୍ୟରେ ଭିଡିଓ ପକାଉଥିବା ବେଳେ ଅନେକ ଆଶାଳୀନ ମନ୍ତବ୍ୟ ଦେଇଥାନ୍ତି । ମୁଁ ସେଗୁଡିକୁ ଗୁରୁତ୍ୱ ନ ଦେଇ ମୋ କାର୍ଯ୍ୟରେ ବ୍ୟସ୍ତ ରୁହେ । ଆଗକୁ ବି ଏହା ଚାଲିବ ବୋଲି ସେ କହିଛନ୍ତି । ଚହଲ ଏକ ସାକ୍ଷାତକାରରେ ଧନଶ୍ରୀଙ୍କ ଯୋଗୁ ଆତ୍ମହତ୍ୟା କରିବା ନେଇ ଚିନ୍ତା କରୁଥିଲେ ବୋଲି କହିଥିଲେ ।

# ରାଜ୍ୟ ପୋଲିସ ଫୁଟବଲ୍ ପ୍ରତିଯୋଗିତା ଉଦ୍‌ଘାଟିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ବୁଧବାର ପୂର୍ବାହ୍ନରେ ସୁନ୍ଦରଗଡର ଜିଲ୍ଲା ଷ୍ଟାଡିୟମରେ ୮୦ ତମ ରାଜ୍ୟ ପୁଲିସ ଫୁଟବଲ ପ୍ରତିଯୋଗିତା- ୨୦୨୫ ଆନୁଷ୍ଠାନିକ ଭାବେ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର ଯୋଗ ଦେଇ ଭବ୍ୟ ପ୍ୟାରେଡରେ ଅଭିବାଦନ ଗ୍ରହଣ କରିବା ସହ ସମସ୍ତ ପ୍ରତିଯୋଗୀ ଓ କ୍ରୀଡା ପରିଚାଳକମାନଙ୍କୁ ଖେଳୁଆଡ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଫୁଟବଲ ଚମ୍ପିୟାନସିପରେ ସାରା ରାଜ୍ୟର ବିଭିନ୍ନ ଜିଲ୍ଲା ପୋଲିସ ଏବଂ ବାଟାଲିୟନର ୪୭ ଗୋଟି ପୋଲିସ ଟିମ ଅଂଶ ଗ୍ରହଣ କରିଥିବା ବେଳେ ସମୁଦାୟ ପ୍ରାୟ ୮୫୦ ଜଣ ଖେଳାଳି ସାମିଲ ହୋଇଛନ୍ତି। ଏହି ଫୁଟବଲ ପ୍ରତିଯୋଗିତା ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଯାଉଅଛି । ପ୍ରଥମ ପର୍ଯ୍ୟାୟ ରେ ୨୪ ଗୋଟି ପୋଲିସ ଦଳ ଅଂଶ କରିବେ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ରେ ୨୩ ଗୋଟି ପୋଲିସ ଫୁଟବଲ ଦଳ ଅଂଶ ଗ୍ରହଣ କରିଅଛନ୍ତି । ଏହି ଉଦଘାଟନୀ ସମାରୋହରେ ଡିଆଇଜି (ପଶ୍ଚିମାଞ୍ଚଳ) ବ୍ରିଜେଶ କୁମାର ରାୟ, ସୁନ୍ଦରଗଡ଼ ଜିଲ୍ଲାପାଳ ଡ଼ଃ ଶୁଭଙ୍କର ମହାପାତ୍ର, ସୁନ୍ଦରଗଡ଼ ଏସପି ପ୍ରତ୍ୟୁଷ ଦିବାକର,କେନ୍ଦୁଝର ଏସପି କୁଶଲକର ନିତିନ ଦାଗୁଡ଼ୁ, ରାଉରକେଲା ଏସପି ନିତେଶ ୱାଧାନୀଙ୍କ ସମେତ ବରିଷ୍ଠ ପୋଲିସ ଅଧିକାରୀ, ସମସ୍ତ ଟିମର ଅଧିନାୟକ, ଖେଳାଳି ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଉଦଘାଟନି ମ୍ୟାଚ ସୁନ୍ଦରଗଡ଼ ଜିଲ୍ଲା ପୋଲିସ ସହ ଅଷ୍ଟମ ସ୍ୱତନ୍ତ୍ର ଆଇଆରବିଏନ, ଭଞ୍ଜନଗର ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ସୁନ୍ଦରଗଡ଼ ଜିଲ୍ଲା ପୋଲିସ ୬-୦ ଗୋଲ୍‌ରେ ବିଜୟୀ ହୋଇଛି। ସେହିପରି ଦ୍ୱିତୀୟ ମ୍ୟାଚ୍ ରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା ଏବଂ କମିଶନରେଟ୍ ପୋଲିସ୍ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡା ୪-୦ ଗୋଲ୍‌ରେ ବିଜୟୀ ହୋଇଛି। ସେହିପରି ଭ୍ୱାନୀପୁର ଖେଳପଡିଆରେ ହୋଇଥିବା ତୃତୀୟ ମ୍ୟାଚ୍‌ରେ ପ୍ରଥମ ଆଇଆରବିଏନ କୋରାପୁଟ ଢେଙ୍କାନାଳକୁ ୬-୦ ଗୋଲ୍‌ରେ ପରାସ୍ତ କରି ବଡ଼ ବିଜୟ ଲାଭ କରିଛି। ଚତୁର୍ଥ ମ୍ୟାଚ ଝାରସୁଗୁଡା ଜିଲ୍ଲା ପୋଲିସ ଏବଂ ୪ର୍ଥ ଆଇଆରବିଏନ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ୪-୧ ଗୋଲ ବ୍ୟବଧାନରେ ଝାରସୁଗୁଡା ଜିଲ୍ଲା ପୋଲିସ ବିଜୟୀ ହୋଇଛି। ପଞ୍ଚମ ମ୍ୟାଚ ବ୍ରହ୍ମପୁର ଜିଲ୍ଲା ଏବଂ ତୃତୀୟ ଏସଏସବିଏନ ଗଜପତି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ବ୍ରହ୍ମପୁର ଜିଲ୍ଲା ପୋଲିସ ୨-୦ ଗୋଲରେ ବିଜୟୀ ହୋଇଛି।

# ଫେରିଲେ ପୃଥ୍ୱୀ ଶ', ପଦାର୍ପଣରେ କଲେ ଦମ୍‌ଦାର ଶତକ



ମୁମ୍ବାଇ: ଭାରତୀୟ କ୍ରିକେଟରେ ପୃଥ୍ୱୀ ଶ', ଯିଏ ଏକଦା ଦ୍ୱିତୀୟ ସଚିନ ତେନ୍ଦୁଲକର ଭାବେ ଗଣା ଯାଉଥିଲେ। ଗତ କିଛି ବର୍ଷରେ ଅନେକ ପ୍ରତିବନ୍ଧକ ସତ୍ତ୍ୱେ ପୁନର୍ବାର ନିଜକୁ ଗଢ଼ିବାକୁ ଚେଷ୍ଟା କରୁଛନ୍ତି। ୨୫ ବର୍ଷୀୟ ଏହି ଓପନିଂ ବ୍ୟାଟର ବୁଚି ବାବୁ ଟୁର୍ନାମେଣ୍ଟରେ ଛତିଶଗଡ଼ ବିପକ୍ଷରେ ଏକ ଦ୍ରୁତ ଶତକ ହାସଲ କରିଛନ୍ତି। ତେବେ, ୧୯ ବର୍ଷରୁ କମ୍ ଭାରତୀୟ ଦଳରେ ଥିବା ସମୟରେ ପାଇଥିବା ପୂର୍ବତନ ଓ ବର୍ତ୍ତମାନର କ୍ରିକେଟରଙ୍କ ସମର୍ଥନ ତାଙ୍କୁ ଏବେ ମିଳୁନାହିଁ। ମଙ୍ଗଳବାର ଖେଳ ଶେଷ ପରେ ପୃଥ୍ୱୀ କହିଛନ୍ତି, ମୁଁ ପୁଣି ଶୂନରୁ ଆରମ୍ଭ କରୁଛି। ଜୀବନରେ ଅନେକ ଉତ୍ଥାନ-ପତନ ଦେଖିଛି। ମୁଁ ନିଜ ଉପରେ ଓ ମୋ କାର୍ଯ୍ୟଶୈଳୀ ଉପରେ ଆତ୍ମବିଶ୍ୱାସୀ। ମୁଁ ଆଶା କରୁଛି ଏହି ସିଜନ ମୋ ଓ ମୋ ଦଳ ପାଇଁ ଭଲ ହେବ। ସେ ଆହୁରି କହିଛନ୍ତି, ମୁଁ କିଛି ବଦଳାଇବାକୁ ଚାହୁଁନାହିଁ। ୧୯ ବର୍ଷରୁ କମ୍ ଦଳ ପାଇଁ ଖେଳିବା ବେଳେ ଯେଉଁ ମୌଳିକ ଜିନିଷ ମୋତେ ଭାରତୀୟ ଦଳରେ ସ୍ଥାନ ଦେଇଥିଲା, ସେହିଗୁଡ଼ିକୁ ପୁଣି ଫେରିଛି। ଅଧିକ ଅଭ୍ୟାସ, ଜିମ, ଦୌଡ଼ିବା ଭଳି ଛୋଟ ଛୋଟ ଜିନିଷ ଯାହା ମୁଁ ୧୨-୧୩ ବର୍ଷ ବୟସରୁ କରୁଛି। ୨୦୨୧ରେ ଶେଷ ଥର ଭାରତ ପାଇଁ ଖେଳିଥିବା ପୃଥ୍ୱୀ ସୋସିଆଲ ମିଡିଆରୁ ଦୂରେଇ ରହୁଥିବା କହିଛନ୍ତି, ଯେଉଁଠାରେ ସେ ପୂର୍ବରୁ ଅନେକ ଟ୍ରୋଲିଂର ଶିକାର ହୋଇଛନ୍ତି। ସେ କହିଛନ୍ତି, ମୁଁ ନିଜେ ହେବାକୁ ଚେଷ୍ଟା କରୁଛି ଏବଂ ସୋସିଆଲ ମିଡିଆ ଭଳି ବିଭ୍ରାନ୍ତିକର ଜିନିଷରୁ ଦୂରେଇ ରହୁଛି। ଏବେ ସୋସିଆଲ ମିଡିଆ ବେଶ୍ ଖରାପ। ଏହା ନ ବ୍ୟବହାର କଲେ ଶାନ୍ତି ମିଳେ। ବର୍ତ୍ତମାନର କିମ୍ବା ପୂର୍ବତନ ଭାରତୀୟ ଖେଳାଳିଙ୍କ ସମର୍ଥନ ବିଷୟରେ ପଚରାଯିବାରେ ପୃଥ୍ୱୀ କହିଛନ୍ତି, ମୋତେ କାହାର ସହାନୁଭୂତି ଦରକାର ନାହିଁ। ମୋ ପିତାମାତା ଓ ସାଙ୍ଗମାନେ, ଯେଉଁମାନେ ମୋ ମାନସିକ ଅବସାଦ ସମୟରେ ମୋ ସାଙ୍ଗରେ ଥିଲେ, ସେମାନଙ୍କ ସମର୍ଥନ ମୋ ପାଇଁ ଯଥେଷ୍ଟ।

## 'ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ଚାମ୍ପିଅନସିପ୍- ୨୦୨୫'

# ଭାରତୀୟ ଦଳରେ ସାମିଲ ହେଲେ ବିଶାଖା



ରାଉରକେଲା (ଭାସ୍କର ନ୍ୟୁଜ୍) : ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ର ଅକ୍ସିଜେନ୍ ପ୍ଲାଣ୍ଟ ବିଭାଗର ଜୁନିଅର ଇଞ୍ଜିନିୟର ଚାରୋ ଟପ୍ପୋ ଓ ଜୟଶ୍ରୀ ଟପ୍ପୋଙ୍କ ସୁକନ୍ୟା ବିଶାଖା ଟପ୍ପୋ ପ୍ରତିଷ୍ଠିତ ୟୋନେକ୍ସ-ସନରାଇଜ ବିଡବ୍ଲ୍ୟୁଏଫ ବିଶ୍ୱ ଜୁନିଅର ଚମ୍ପିୟନସିପ୍ ୨୦୨୫ ରେ ଭାରତୀୟ ଦଳର ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହୋଇ ଇସ୍ପାତ ସହର ପାଇଁ ଗୌରବ ଆଣିଛନ୍ତି। ଆସନ୍ତା ଅକ୍ଟୋବର ୬ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଗୌହାଟିରେ ଅନୁଷ୍ଠିତ ହେବାକୁ ଥିବା ଏହି ଏହି ଚାମ୍ପିଅନସିପ୍‌ରେ ବିଶାଖା, ଭବ୍ୟା ଛାବ୍ରାଙ୍କ ସହ ମିଶ୍ରିତ ଡବଲ୍ସ ବର୍ଗରେ ଅଂଶଗ୍ରହଣ କରିବେ। ଭାରତୀୟ ବ୍ୟାଡମିଣ୍ଟନ୍ ସଂଘ ଦ୍ୱାରା ଘୋଷିତ ୨୫ ଜଣ ସଦସ୍ୟ ବିଶିଷ୍ଟ ଶକ୍ତିଶାଳୀ ଭାରତୀୟ ଦଳରେ ତାଙ୍କର ସାମିଲ ହେବା ରାଉରକେଲା ପାଇଁ ଗର୍ବ ଏବଂ ଆନନ୍ଦ ଆଣିଦେଇଛି। ବିଶାଖା ନିରନ୍ତର ରୂପେ ଉତ୍କୃଷ୍ଟ ପ୍ରଦର୍ଶନ କରି ପୂର୍ବରୁ ଜାତୀୟ ବ୍ୟାଡମିଣ୍ଟନ ସର୍କିଟରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିସାରିଛନ୍ତି। ସେ ୟୋନେକ୍ସ-ସନରାଇଜ୍ ୪୭ତମ ଆନ୍ତଃ-ରାଜ୍ୟ, ଆନ୍ତଃ-ଜୋନାଲ ଏବଂ ଜୁନିଅର ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ୨୦୨୪ରେ ବାଳିକା ବର୍ଗରେ ସ୍ୱର୍ଣ୍ଣ ପଦକ ଏବଂ ଜୁନିଅର ଜାତୀୟ ବ୍ୟାଡମିଣ୍ଟନ ଚାମ୍ପିଅନସିପ୍ ୨୦୨୪ ରେ ମିଶ୍ରିତ ଡବଲ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ଏହା ପୂର୍ବରୁ ୨୦୨୩ ରେ, ସେ ଲକ୍ଷ୍ନୌରେ ଅନୁଷ୍ଠିତ ୟୋନେକ୍ସ-ସନରାଇଜ୍ ଅଲ୍ ଇଣ୍ଡିଆ ସବ୍-ଜୁନିଅର ରାଙ୍କିଂ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ୧୭ ବର୍ଷ ରୁ କମ ବାଳିକା ଡବଲ୍ସ ବର୍ଗ ରେ ରନର୍ସ-ଅପ୍ ହୋଇଥିଲେ। ସେକ୍ଟର-୨୦ସ୍ଥିତ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ପୂର୍ବତନ ଛାତ୍ରୀ, ସୁଶ୍ରୀ ବିଶାଖାଙ୍କ ବ୍ୟାଡମିଣ୍ଟନ ଯାତ୍ରା ଆରଏସପି ର ସେକ୍ଟର-୨୦ରେ ଥିବା ଇଣ୍ଡୋର ଷ୍ଟାଡିୟମର ବ୍ୟାଡମିଣ୍ଟନ ଟର୍ଫରୁ ଆରମ୍ଭ ହୋଇଥିଲା। ଏହି ଉଦୀୟମାନ ପ୍ରତିଭା ଦେଶ ପାଇଁ ଏକ ଅଲିମ୍ପିକ୍ ପଦକ ଜିତିବାର ଆଶା ପୋଷଣ କରନ୍ତି।

## ଷଷ୍ଠ ତମ ରାଜ୍ୟସ୍ତରୀୟ ଯୋଗ ପ୍ରତିଯୋଗିତା

# ଅଂଶ ଗ୍ରହଣ କଲେ ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ



ବ୍ୟାସନଗର (ଭାସ୍କର ନ୍ୟୁଜ୍) : ଏହି ଯୋଗ ପ୍ରତିଯୋଗିତାରେ ଯାଜପୁରକୁ ମିଶାଇ ୨୧ ଗୋଟି ଜିଲ୍ଲାର ୩୫୦ରୁ ଉର୍ଦ୍ଧ୍ୱ ପ୍ରତିଯୋଗୀମାନେ ଅଂଶ ଗ୍ରହଣ କରିଥିଲେ। ଖୁସିର ଓ ଗୌରବର କଥା ଯାଜପୁର ଜିଲ୍ଲାର ସିନିଅର ସି' ଗ୍ରୁପରୁ ସୁଦାମ ଚରଣ ଦାସଙ୍କୁ ୨ଟି ସ୍ୱର୍ଣ୍ଣ ଓ ୧ଗୋଟି ବ୍ରୋଞ୍ଜ ପଦକ ମିଳିଛି। ସେହିପରି ଜୁନିଅର ବାଳିକା ଗ୍ରୁପରୁ ବାଣିଶ୍ରୀ ମଲ୍ଲିକ ଓ ନନ୍ଦିନୀ ମଲ୍ଲିକୁ ୨ଟି ରୋପ୍ୟ ଓ ୨ଟି ବ୍ରୋଞ୍ଜ ପଦକ ମିଳିଛି। ଏହା ସହିତ ସୁଦାମ ଚରଣ ଦାସ ଜାତୀୟ ସ୍ତରୀୟ ଯୋଗ ପ୍ରତିଯୋଗିତା ପାଇଁ ମନୋନୀତ ହୋଇଛନ୍ତି। ଏହି ପ୍ରତିଯୋଗିତାରେ ଯାଜପୁର ଜିଲ୍ଲା ସ୍ପୋର୍ଟ ଆସୋସିଏସନରୁ ମନୋରମା ବେହେରା ପ୍ରଶିକ୍ଷକ ଭାବେ ପ୍ରତିଯୋଗୀମାନଙ୍କ ସହ ଥିଲେ। ଶେଷ ଦିନରେ ଆସୋସିଏସନର ସଭାପତି ପ୍ରସନ୍ନ ସାହୁ ଓ ସମ୍ପାଦକ ରାଜେଶ ପ୍ରସାଦ ନାୟକ ପ୍ରତିଯୋଗୀଙ୍କ ମନୋବଳ ସୁଦୃଢ କରିବା ପାଇଁ ସେଠାରେ ପହଂଚି ଥିଲେ। ଏହି ସଫଳତା ଯାଜପୁର ଜିଲ୍ଲାର ପରିଚାଳନା ସଦସ୍ୟ ଓ ଉପଦେଷ୍ଟା ସଦସ୍ୟ ମାନଙ୍କ ପ୍ରଚେଷ୍ଟାରେ ସମ୍ଭବ ହୋଇଛି।

## ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ ଟୁର୍ଣ୍ଣାମେଣ୍ଟ

# ତୃଣମୂଳ ସ୍ତରର ପ୍ରତିଭାଙ୍କୁ ସଶକ୍ତ କରୁଛି ଏଏମ୍/ଏନ୍‌ଏସ୍ ଇଣ୍ଡିଆ

କେନ୍ଦୁଝର (ଭାସ୍କର ନ୍ୟୁଜ୍): ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ (ଏଏମ୍/ଏନ୍‌ଏସ୍ ଇଣ୍ଡିଆ) ଏହାର ସିଏସ୍‌ଆର ପଦକ୍ଷେପ 'ଉଡ଼ାନ୍'ମାଧ୍ୟମରେ ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ ଟୁର୍ଣ୍ଣାମେଣ୍ଟ-୨୦୨୫ର ମୁଖ୍ୟ ପ୍ରାୟୋଜକର ଭୂମିକା ନିର୍ବାହ କରିଛି। ଡାଲକୀ ବୀର ବିର୍ସା ମୁଣ୍ଡା ୟୁଥ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ୧୬ଟି ଦଳ ଓ ୨୪୦ରୁ ଅଧିକ ଖେଳାଳି, ସ୍ଥାନୀୟ ଗୋଷ୍ଠୀ ଓ ପ୍ରତିଦ୍ୱନ୍ଦିତାର ଏହି ଦିନିକିଆ ଉତ୍ସବରେ ଅଂଶ ଗ୍ରହଣ କରିଥିଲେ। କେନ୍ଦୁଝର ଜିଲ୍ଲା ବଡ଼ବିଲସ୍ଥିତ ଡାଲକୀ ପଡ଼ିଆରେ ଆୟୋଜିତ ଏହି କ୍ରୀଡ଼ା ଉତ୍ସବରେ ଆଖପାଖ ଗାଁର ଯୁବକମାନେ ଏକତ୍ରିତ ହୋଇ କ୍ରୀଡ଼ା ମନୋଭାବ, ଦଳଗତ ଭାବନା ଓ ସ୍ଥାନୀୟ ଗୌରବର ପ୍ରଦର୍ଶନ କରିଥିଲେ। ନକଆଉଟ୍ ଫର୍ମାଟରେ ଏହି ମ୍ୟାଚ୍ ଗୁଡ଼ିକ ଖେଳାଯାଇଥିଲା, ଯାହା ପ୍ରତ୍ୟେକ ମ୍ୟାଚର ଉତ୍ସାହ ଦ୍ୱିଗୁଣିତ କରିଥିଲା। ଏକ ସଂଘର୍ଷପୂର୍ଣ୍ଣ ଫାଇନାଲ ମ୍ୟାଚ୍‌ରେ ସନ୍ନି ଏକ୍ସପ୍ରେସ୍ ୧-୦ ଗୋଲରେ ଖୁସି ୧୧ ଦଳକୁ ପରାସ୍ତ କରି ଠାକୁରାଣୀ ଚ୍ୟାଲେଞ୍ଜର ଫୁଟବଲ ଟୁର୍ଣ୍ଣାମେଣ୍ଟ ୨୦୨୫ର ବିଜେତା ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବୀର ବିର୍ସା ମୁଣ୍ଡା ୟୁଥ କ୍ଲବର ସଭାପତି ନିରଞ୍ଜନ ମୁଣ୍ଡା, ଏଏମ୍/ଏନ୍‌ଏସ୍ ଇଣ୍ଡିଆ ଠାକୁରାଣୀ ଖଣିର ଲୋକ କଲ୍ୟାଣ ଅଧିକାରୀ ପ୍ରମୋଦ ଆଚାର୍ଯ୍ୟ, ଏଏମ୍/ଏନ୍ ଏସ୍ ଇଣ୍ଡିଆ ଠାକୁରାଣୀ ଖଣିର ସିଏସ୍‌ଆର୍ ମୁଖ୍ୟ ଅରୁଣ ଅଗ୍ରୱାଲଙ୍କ ସମେତ କମ୍ପାନିର ଅନ୍ୟ ଅଧିକାରୀ ଓ ସ୍ଥାନୀୟ ଗୋଷ୍ଠୀ ସଦସ୍ୟମାନେ ଉପସ୍ଥିତ ଥିଲେ। ଅତିଥିମାନେ ବିଜେତା ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ବ୍ୟକ୍ତିଗତ ସଫଳତା ପାଇଁ ସନ୍ନି ଏକ୍ସପ୍ରେସ୍ ଦଳର ଶିବ ମୁଣ୍ଡାଙ୍କୁ ଶ୍ରେଷ୍ଠ ଗୋଲକିପର୍ , ଖୁସି ୧୧ ଦଳର ଅଜୟ ମୁଣ୍ଡାଙ୍କୁ ଶ୍ରେଷ୍ଠ ଡିଫେଣ୍ଡର ଏବଂ ସନ୍ନି ଏକ୍ସପ୍ରେସ୍ ଦଳର ଅବିନାଶ ମୁଣ୍ଡାଙ୍କୁ ଶ୍ରେଷ୍ଠ ଗୋଲ ସ୍କୋରର ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଟୁର୍ଣ୍ଣାମେଣ୍ଟକୁ ଏଏମ୍/ଏନ୍‌ଏସ୍ ଇଣ୍ଡିଆ ପକ୍ଷରୁ ବ୍ୟାପକ ସମର୍ଥନ ମିଳିଥିଲା, ଯେଉଁଥିରେ କ୍ରୀଡ଼ା ଉପକରଣ, ଟ୍ରଫି, ଖେଳାଳି ଓ ସ୍ୱେଚ୍ଛାସେବୀଙ୍କ ପାଇଁ ଜର୍ସି, ଭେନ୍ୟୁ ସେଟଅପ୍, ଖାଦ୍ୟ ଏବଂ ଖେଳାଳିମାନଙ୍କ ପାଇଁ ଲଜିଷ୍ଟିକ୍ ସହାୟତା ଅନ୍ତର୍ଭୁକ୍ତ ଥିଲା। ନିରଞ୍ଜନ ମୁଣ୍ଡା ସ୍ଥାନୀୟ ପ୍ରତିଭାମାନଙ୍କୁ ସଶକ୍ତ କରିବା ପାଇଁ ଏଏମ୍/ଏନ୍‌ଏସ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଟୁର୍ଣ୍ଣାମେଣ୍ଟ ଆୟୋଜନରେ କମ୍ପାନିର ସକ୍ରିୟ ଅଂଶ ଗ୍ରହଣକୁ ପ୍ରଶଂସା କରିଥିଲେ।

# ନୂଆଁଖାଇ ଭେଟଘାଟ ଫୁଟବଲ୍ ପ୍ରତିଯୋଗିତା : ରାମପୁର ବିଜୟୀ



ବ୍ରଜରାଜନଗର (ଭାସ୍କର ନ୍ୟୁଜ୍): ଝାରସୁଗୁଡ଼ା ବ୍ଲକ୍ ଅନ୍ତର୍ଗତ ରାଜପୁର ପଞ୍ଚାୟତ ଅଧିନସ୍ଥ କଟାପାଲି ଖେଳ ପଡିଆରେ ଚାଲିଥିବା ଗଣପତି କ୍ଲବ ଦ୍ୱାରା ୩୦ ତମ ମା' ସମଲେଇ ନୂଆଁଖାଇ ଭେଟଘାଟ ଫୁଟବଲ୍ ପ୍ରତିଯୋଗିତା ବୁଧବାର ଚତୁର୍ଥ ଦିବସ ଅନୁଷ୍ଠିତ ହୋଇଯାଇଛି। ଗଣପତି କ୍ଲବ୍‌ର ସଭାପତି ଈଶ୍ୱର ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଦ୍ୱିତୀୟ ଦିନରେ ମୁଖ୍ୟ ଅତିଥି ଭାବରେ ଚାନ୍ଦିନୀମାଲ ସରପଞ୍ଚ ଲକ୍ଷ୍ମୀଧର ମିଶ୍ର, ସାନଘୁମୁଡ଼ା ପୂର୍ବତନ ସରପଞ୍ଚ ବୁଦ୍ଧଦେବ ଭୋଇ, ସମାଜସେବୀ ଗୋପାଳ ସାହୁ, ପ୍ରସନ୍ନ ପ୍ରଧାନ, ପୂର୍ବତନ ଫୁଟବଲ୍ ଖେଳାଳି ସଞ୍ଜୀବ ଘୋଷ, ପୂର୍ବତନ ଫୁଟବଲ୍ ଖେଳାଳି ପୁରନ୍ଦର ଭୋଇ, ରାଧାକାନ୍ତ ପ୍ରଧାନ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ। ଆଜିର ଖେଳ ସନ୍ତୋଷି କ୍ଲବ୍ ରାମପୁର ଓ ଜେଇ ଏକାଦଶ ସୁନାପଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରାମପୁର ଦଳ ୬-୨ ଗୋଲରେ ବିଜୟୀ ହୋଇଥିଲା। ଭାଷ୍ୟକାର ଭାବେ ଅଶୋକ ବେହେରା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ। ଖେଳ ପରିଚାଳନା ଡ଼ାକ୍ଟର ଓରାମ, ପଦ୍ମଲୋଚନ ଭଇଁଷା, ଅରୁଣ ପ୍ରଧାନ, ଅରୁଣ ମିର୍ଦ୍ଧା ଓ ସୁଶାନ୍ତ ପଟେଲ ମ୍ୟାଚ୍ କମିଶନର ଥିଲେ। ୨୧ ତାରିଖ ଗୁରୁବାର ଦିନ ପ୍ରଥମ କ୍ୱାଟର ଫାଇନାଲ ବସୁନ୍ଧରା ୟୁଥ୍ କ୍ଲବ୍ ବିହାଯୋର, ସୁନ୍ଦରଗଡ଼ ସହିତ ମା' ଅନ୍ଧାରୀ କ୍ଲବ ଦେଉଳି, ସୁନ୍ଦରଗଡ଼ ମଧ୍ୟରେ ଖେଳାଯିବ । ଆୟୋଜନ ଗଣପତି କ୍ଲବ୍‌ର ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ଉଦ୍‌ଘାଟନ ହେବ ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବର ପ୍ରଥମ ସଂସ୍କରଣ

# ଅଂଶଗ୍ରହଣ କରିବେ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ

### ଫୋକସରେ ରହିବେ ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଓଡ଼ିଶା ଓ କେରଳ

ନୂଆଦିଲ୍ଲୀ: ଜମ୍ମୁ ଏବଂ କାଶ୍ମୀରର ବିଖ୍ୟାତ ଡାଲ୍ ହ୍ରଦରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବ (କେଆଇଡବ୍ଲୁଏସଏଫ)ରେ ଦେଶର ଶ୍ରେଷ୍ଠ ଜାତୀୟ ଖେଳାଳିମାନେ ୨୪ଟି ସ୍ୱର୍ଣ୍ଣ ପଦକ ପାଇଁ ପ୍ରତିଯୋଗିତା କରିବେ। ଏହି ତିନି ଦିନିଆ କାର୍ଯ୍ୟକ୍ରମରେ ସେଲିଂ, କାନୋଇଂ ଏବଂ କାୟାକିଂ ଭଳି ଇଭେଣ୍ଟରେ ୪୦୦ ରୁ ଅଧିକ ଖେଳାଳି ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବ ୨୦୨୫ ପ୍ରଥମ ସମନ୍ୱିତ ମୁକ୍ତ ବୟସ ବର୍ଗ ଚାମ୍ପିଅନସିପ୍ ହେବ ଯେଉଁଥିରେ ସମସ୍ତ ୧୪ଟି କାୟାକିଂ ଏବଂ କାନୋଇଂ ଇଭେଣ୍ଟ ଏବଂ ୧୦ଟି ରୋଇଂ ଇଭେଣ୍ଟ ଅଲିମ୍ପିକ୍ ଇଭେଣ୍ଟ ହେବ। ଜଳକ୍ରୀଡାର ଆକର୍ଷଣକୁ ଆହୁରି ବୃଦ୍ଧି କରିବା ପାଇଁ, ତିନୋଟି ପ୍ରଦର୍ଶନ ଇଭେଣ୍ଟ ହେବ – ୱାଟର ସ୍କିଇଂ, ସମିଟ୍ ବୋଟ୍ ସ୍ୱିଙ୍ଗ୍ ଏବଂ ଡ୍ରାଗନ୍ ବୋଟ୍ ଦୌଡ଼। ଏହି ମହୋତ୍ସବରେ ୩୬ଟି ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଅଂଶଗ୍ରହଣ କରିବେ। ଏଥିମଧ୍ୟରୁ ଉତ୍ତରାଖଣ୍ଡ, ମଧ୍ୟପ୍ରଦେଶ, ଓଡ଼ିଶା ଏବଂ କେରଳର ଖେଳାଳିମାନେ ଫୋକସରେ ରହିବେ। ପ୍ରତିଯୋଗିତା ପରିଚାଳକ, ପୂର୍ବତନ ବିଶ୍ୱକପ୍ ବିଜେତା କାନୋଇଷ୍ଟ ଏବଂ ଅଲିମ୍ପିକ୍ ବିଚାରକ, ବିଲକ୍ୱିସ୍ ମିର୍ କହିଛନ୍ତି, 'ଯେହେତୁ ସର୍ଭିସେସ୍ ଏହି କ୍ରୀଡ଼ାରେ ଏକ ଦଳ ଭାବରେ ଅଂଶଗ୍ରହଣ କରିବ ନାହିଁ, ତେଣୁ ରାଜ୍ୟଗୁଡ଼ିକ କିପରି ପ୍ରଦର୍ଶନ କରିବ ତାହା ଦେଖିବା ଭଲ ହେବ। ସମସ୍ତ ଅନ୍ତର୍ଜାତୀୟ ମାନଦଣ୍ଡକୁ ଧ୍ୟାନରେ ରଖି ଏହି ପ୍ରତିଯୋଗିତା ଡିଜାଇନ୍ କରାଯାଇଛି ଏବଂ ଆମେ ସମସ୍ତେ ପ୍ରସ୍ତୁତ।' ଖେଲୋ ଇଣ୍ଡିଆ ଜଳକ୍ରୀଡ଼ା ମହୋତ୍ସବ ଖେଲୋ ଇଣ୍ଡିଆ କ୍ୟାଲେଣ୍ଡରରେ ଏକ ନୂତନ ଇଭେଣ୍ଟ। ୨୦୨୫ରେ, ଦୁଇଟି ନୂତନ ଇଭେଣ୍ଟ ଯୋଡାଯାଇଛି। ଖେଲୋ ଇଣ୍ଡିଆ ବିଚ୍ ଗେମ୍ସ ମେ ମାସରେ ଦିଉରେ ଅନୁଷ୍ଠିତ ହୋଇଥିଲା। ଖେଲୋ ଇଣ୍ଡିଆ ନୀତି ଅନୁଯାୟୀ, ଜଳକ୍ରୀଡ଼ା ଏବଂ ବିଚ୍ ଗେମ୍ସ ଉଭୟ କ୍ରୀଡାକୁ ପ୍ରୋତ୍ସାହିତ କରିବା ଏବଂ ପର୍ଯ୍ୟଟନକୁ ଆକର୍ଷିତ କରିବା ଲକ୍ଷ୍ୟ ରଖିଛି। କାୟାକିଂ ଏବଂ କାନୋଇଂ ପାଇଁ, ନଭେମ୍ବରରେ ତେହରି (ଉତ୍ତରାଖଣ୍ଡ)ରେ ଅନୁଷ୍ଠିତ ପୂର୍ବ ଜାତୀୟ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନକାରୀ ଭାବରେ ବ୍ୟବହାର କରାଯାଇଛି। ସିଙ୍ଗଲ୍ସ ଏବଂ ଡବଲ୍ସରେ ଶ୍ରେଷ୍ଠ ୧୫ ଏବଂ ଶ୍ରେଷ୍ଠ ଆଠ ଜଣ ଖେଳାଳି ଖେଲୋ ଇଣ୍ଡିଆ ଜଳକ୍ରୀଡା ମହୋତ୍ସବରେ ଅଂଶଗ୍ରହଣ କରିବେ। ରୋଇଂ ପାଇଁ, ଚଳିତ ବର୍ଷ ମାର୍ଚ୍ଚ ମାସରେ ଭୋପାଳରେ ଅନୁଷ୍ଠିତ ଜାତୀୟ ଚାମ୍ପିଅନସିପର ଶ୍ରେଷ୍ଠ ଆଠ ଜଣ ଖେଳାଳି ଅଂଶଗ୍ରହଣ କରିବେ। ଏଥିରେ ଅନ୍ତର୍ଜାତୀୟ ସ୍ତରର ଖେଳାଳିମାନେ ବି ଅଂଶଗ୍ରହଣ କରିବେ। ଦିଲ୍ଲୀର ପ୍ରତିନିଧିତ୍ୱ କରୁଥିବା ସେନା ରୋୟର ଅର୍ଜୁନ ଲାଲ ଜାଟ ମୁଖ୍ୟ ଆକର୍ଷଣ ମଧ୍ୟରୁ ଜଣେ ହେବେ। ୨୮ ବର୍ଷୀୟ ଜାଟ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲେ ଏବଂ ହାଙ୍ଗଜୋରେ ୨୦୨୨ ଏସୀୟ କ୍ରୀଡ଼ାରେ ହାଲୁକା ଡବଲ୍ ସ୍କଲ୍ସରେ ରୌପ୍ୟ ପଦକ ଜିତିଥିଲେ। ଜଳକ୍ରୀଡାରେ ପୁରୁଷ ଏବଂ ମହିଳାଙ୍କ ପ୍ରାୟ ସମାନ ପ୍ରତିନିଧିତ୍ୱ ହେବ। ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୪୦୯ ଜଣ ଖେଳାଳିଙ୍କ ମଧ୍ୟରୁ ୨୦୨ ଜଣ ମହିଳା ହେବେ। ୨୦୨୫ କେଆଇଡବ୍ଲୁଏସଏଫରେ ମଧ୍ୟପ୍ରଦେଶ (୪୪), ହରିୟାଣା (୩୭), ଓଡ଼ିଶା (୩୪) ଏବଂ କେରଳ (୩୩) ସବୁଠାରୁ ବଡ଼ ଦଳ ରହିବେ। ଗୁଜରାଟ, ପୁଡୁଚେରୀ ଏବଂ ପଶ୍ଚିମବଙ୍ଗର ସବୁଠାରୁ ଛୋଟ ଦଳ ରହିବେ। ଗୁରୁବାର ପ୍ରଥମ ଦିନରେ, ଖେଳାଳିମାନେ କାୟାକିଂ ଏବଂ କାନୋଇଂ ଇଭେଣ୍ଟରେ ତିନୋଟି ସ୍ୱର୍ଣ୍ଣ ପଦକ ପାଇଁ ଖେଳିବେ। ସମସ୍ତ ୧୦ଟି ରୋଇଂ ଫାଇନାଲ୍ ଶେଷ ଦିନରେ ଅର୍ଥାତ ୨୩ ଅଗଷ୍ଟରେ ଅନୁଷ୍ଠିତ ହେବ। ଉଦଘାଟନୀ ସମାରୋହ ଗୁରୁବାର ସନ୍ଧ୍ୟା ୬ଟାରେ ଆରମ୍ଭ ହେବ, ଯେଉଁଥିରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଶ୍ରୀମତୀ ରକ୍ଷା ଖଡସେ ଏବଂ ଜମ୍ମୁ ଏବଂ କାଶ୍ମୀରର ଅନ୍ୟାନ୍ୟ ସମ୍ମାନିତ ବ୍ୟକ୍ତି ଯୋଗଦେବାର ଆଶା କରାଯାଉଛି। ଗୁଲମାର୍ଗରେ ଅନୁଷ୍ଠିତ ଖେଲୋ ଇଣ୍ଡିଆ ଶୀତକାଳୀନ କ୍ରୀଡ଼ା ପରେ ଏହି ଜଳକ୍ରୀଡା ମହୋତ୍ସବ ଜମ୍ମୁ ଏବଂ କାଶ୍ମୀରରେ ଦ୍ୱିତୀୟ ଖେଲୋ ଇଣ୍ଡିଆ ଇଭେଣ୍ଟ ହେବ।

# ବିବିଧବର୍ଣ୍ଣା



ଆମ ଶରୀର ପାଇଁ 'ଭିଟାମିନ୍ ଏ' ଖୁବ ଗୁରୁତ୍ୱପୂର୍ଣ୍ଣ। ଏହି ପ୍ରୋଟିନ୍ ସମସ୍ତ ଖାଦ୍ୟ ଯଥା ଉଭୟ ସାଦା ଓ ଆମିଷରେ ରହିଥାଏ। ସେହିଭଳି ଏହା ଆମର ଅନେକ ସ୍ୱାସ୍ଥ୍ୟ ସମସ୍ୟାକୁ ସମାଧାନ କରିବାରେ ମଧ୍ୟ ସହାୟତା କରିଥାଏ। ଚର୍ମକୁ ଉଜ୍ଜ୍ୱଳ ରଖିବାରେ ମଧ୍ୟ ଏହା ସହାୟକ ହୋଇଥାଏ। ବିଶେଷ ଭାବେ ଆଖିକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ। ଡବ୍ଲ୍ୟୁଏଚ୍ଓର ତଥ୍ୟ ଅନୁସାରେ ଆମ ଖାଦ୍ୟରେ 'ଭିଟାମିନ୍ ଏ'ର ଅଭାବ ବିଶେଷ ଭାବେ ଦୃଷ୍ଟିଶକ୍ତି ଉପରେ ପ୍ରଭାବ ପକାଇଥାଏ। ଏହାଦ୍ୱାରା କେତେକ କ୍ଷେତ୍ରରେ ସମ୍ପୂର୍ଣ୍ଣ ଅନ୍ଧ ହେବାର ଭୟ ମଧ୍ୟ ରହିଥାଏ। ତେଣୁ ଆଖିକୁ ସୁସ୍ଥ ରଖିବାକୁ ହେଲେ ଖାଦ୍ୟରେ ଅଧିକ ପରିମାଣରେ 'ଭିଟାମିନ୍ ଏ'କୁ ସାମିଲ କରନ୍ତୁ । ଖାଦ୍ୟରେ ଗାଜର, ପାଳଙ୍ଗ, କନ୍ଦମୂଳ, ଆମ୍ବ, ତରଭୁଜ, ଚାଉଳିଆ, ଟମାଟୋ, ଅଣ୍ଡା ଆଦି ସାମିଲ କରନ୍ତୁ । ଯେତେ ପାରୁଛନ୍ତି ଘରେ ପ୍ରସ୍ତୁତ ହୋଇଥିବା ଖାଦ୍ୟ ଖାଆନ୍ତୁ। ପ୍ରତିଦିନ ଖାଦ୍ୟରେ କ୍ଷୀର ଓ ଫଳ ସାମିଲ କରନ୍ତୁ । କେବଳ ଆଖି ନୁହେଁ ଅନ୍ୟ କେତେକ ରୋଗ ଯେପରି ଶୁଷ୍କ ତ୍ୱଚା, ପିଲାଙ୍କ ବୃଦ୍ଧିରେ ଅବନତି, କ୍ଷତ ନଶୁଖିବା, ମୁହଁରେ କଳାଦାଗ, ବ୍ରଣ ଆଦି 'ଭିଟାମିନ୍ ଏ'ର ଅଭାବ ପାଇଁ ଦେଖିବାକୁ ମିଳିଥାଏ। ତେଣୁ ସୁସ୍ଥ ରହିବା ପାଇଁ ଖାଦ୍ୟରେ 'ଭିଟାମିନ୍ ଏ'କୁ ସାମିଲ କରନ୍ତୁ, ଭୁଲନ୍ତୁ ନାହିଁ।





## ଅମୀଷାଙ୍କ ମାସକୁ ରୋଜଗାର ୨ କୋଟି

ବଲିଉଡ୍‌ର ସୁନ୍ଦରୀ ଅଭିନେତ୍ରୀ ଅମିଷା ପଟେଲ ୨୦୦୦ ମସିହାରେ ହ୍ରିତିକ୍ ରୋଶନଙ୍କ ସହ ଫିଲ୍ମ 'କହୋ ନା ପ୍ୟାର୍ ହେ'ରୁ ତାଙ୍କ କ୍ୟାରିଅର୍ ଆରମ୍ଭ କରିଥିଲେ। ସେ ବଲିଉଡ ଇଣ୍ଡଷ୍ଟ୍ରିରେ ୨୩ ବର୍ଷ ଧରି ଅଛନ୍ତି ଏବଂ ଅନେକ ହିଟ୍ ଫିଲ୍ମ ଦେଇଛନ୍ତି। ସେ ଜଣେ ପ୍ରସିଦ୍ଧ, ସଫଳ ଏବଂ ଧନୀ ଅଭିନେତ୍ରୀ। ତାଙ୍କର ଫ୍ୟାନ୍ ଫଲୋଇଂ ମଧ୍ୟ ପ୍ରବଳ। ଏକ ବିଳାସପୂର୍ଣ୍ଣ ଜୀବନଯାପନ କରୁଥିବା ଏହି ଅଭିନେତ୍ରୀ ପ୍ରତି ମାସରେ ୨ କୋଟି ରୋଜଗାର କରନ୍ତି।୨୦୨୩ ମସିହାରେ ସନି ଦେଓଲଙ୍କ ସହିତ ଅମିଷା ପଟେଲଙ୍କ ଫିଲ୍ମ 'ଗଦର ୨' ଏକ ବ୍ଲକବଷ୍ଟର ହୋଇଥିଲା। ଏହି ଫିଲ୍ମ ବକ୍ସ ଅଫିସରେ ରୋଜଗାରର ରେକର୍ଡ ଭାଙ୍ଗିଥିଲା। ଫିଲ୍ମରେ ସକିନା ଏବଂ ତାରାଙ୍କ ଯୋଡ଼ିକୁ ପୁଣିଥରେ ଦେଖି ପ୍ରଶଂସକମାନେ ବହୁତ ଖୁସି ହୋଇଥିଲେ। ଯଦିଓ ସେବେଠାରୁ ଅମିଷା ବଡ଼ ପରଦାରେ ଦେଖାଯାଇ ନାହାଁନ୍ତି। ପ୍ରକୃତରେ, ସେ ବ୍ରାଣ୍ଡ ଏଣ୍ଡୋର୍ସମେଣ୍ଟ, ବାଣିଜ୍ୟ ପ୍ରମୋସନ୍ ଏବଂ ତାଙ୍କ ସମ୍ପତ୍ତିର ଭଡାରୁ ଲକ୍ଷ ଲକ୍ଷ ନୁହେଁ ବରଂ କୋଟି ରୋଜଗାର କରନ୍ତି। ସେ 'ଗଦର ୨' ପାଇଁ ୫୦ ଲକ୍ଷ ଟଙ୍କା ଫିସ୍ ନେଇଥିଲେ। ଦାମୀ କାର ସଂଗ୍ରହ ସହିତ, ଅମିଷାଙ୍କ ପାଖରେ ମହଙ୍ଗା ଜୋତା ଏବଂ ବ୍ୟାଗର ସଂଗ୍ରହ ମଧ୍ୟ ଅଛି। ତାଙ୍କର ବହୁତ ମହଙ୍ଗା ବିରକିନ୍ ବ୍ୟାଗ୍ ମଧ୍ୟ ଅଛି। ଅମିଷା ପଟେଲଙ୍କ ସମ୍ପତ୍ତି ୩୨ ମିଲିୟନ ଡଲାରରୁ ଅଧିକ ଅର୍ଥାତ୍ ୨୬୫ କୋଟି ଟଙ୍କା। ଅଭିନେତ୍ରୀଙ୍କର ମୁମ୍ବାଇରେ ଏକ ବହୁତ ବିଳାସପୂର୍ଣ୍ଣ ଘର ଅଛି ଏବଂ ତାଙ୍କର ଅନେକ ସମ୍ପତ୍ତି ମଧ୍ୟ ଅଛି। ସମ୍ପତ୍ତି ଦୃଷ୍ଟିରୁ, ସେ ବଲିଉଡ୍ ଅଭିନେତ୍ରୀ କ୍ୟାଟ୍ରିନା କୈଫ୍‌ଙ୍କ ଠାରୁ ବହୁତ ଆଗରେ। ଅମିଷା ମୁମ୍ବାଇର କ୍ୟାଥେଡ୍ରାଲ୍ ଏବଂ ଜନ୍ କୋନାନ୍ ସ୍କୁଲ୍‌ରୁ ପାଠପଢ଼ା କରିଥିଲେ, ତା'ପରେ ସେ ଉଚ୍ଚ ଶିକ୍ଷା ପାଇଁ ଆମେରିକା ଯାଇଥିଲେ। ଏଠାରୁ ସେ ବାୟୋ-ଜେନେଟିକ୍ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଥିଲେ। ଅମିଷା ବୋଷ୍ଟନର ଟଫ୍ଟସ୍ ବିଶ୍ୱବିଦ୍ୟାଳୟରୁ ଅର୍ଥନୀତିରେ ସ୍ନାତକ କରିଛନ୍ତି। ଏହି ଅଭିନେତ୍ରୀ ଅର୍ଥନୀତିରେ ସ୍ୱର୍ଣ୍ଣ ପଦକ ବିଜେତା।

## ଖୁବ୍‌ଶୀଘ୍ର ଆରମ୍ଭ ହେବ 'କ୍ୟାପଟେନ୍ ଇଣ୍ଡିଆ'ର ସୁଟିଂ

କାର୍ତ୍ତିକ ଆରିୟନଙ୍କ ହାତରେ ବର୍ତ୍ତମାନ ଫିଲ୍ମର ଲମ୍ବା ତାଲିକା ରହିଛି। ତାଙ୍କୁ ଆଗକୁ ଅନେକ ପ୍ରୋଜେକ୍ଟରେ ଦେଖିବାକୁ ମିଳିବ। ବର୍ତ୍ତମାନର ସୂଚନା ଅନୁଯାୟୀ ତାଙ୍କ ତାଲିକାରେ ଯୋଡ଼ି ହୋଇଛି ଆଉ ଏକ ଫିଲ୍ମ କ୍ୟାପଟେନ୍ ଇଣ୍ଡିଆ। ଏଥିରେ କାର୍ତ୍ତିକଙ୍କ ଏଣ୍ଟ୍ରି ପରେ ଦର୍ଶକ ଏହି ପ୍ରୋଜେକ୍ଟକୁ ନେଇ ଖୁବ ଉତ୍ସାହିତ ଥିବା ଦେଖିବାକୁ ମିଳିଛି। ଫିଲ୍ମଟି ୨୦୨୬ରେ ପରଦାକୁ ଆସିବ ବୋଲି ଜଣାପଡିଛି। ସୂଚନା ଅନୁଯାୟୀ ଏହାର ସୁଟିଂ ମଧ୍ୟ ଖୁବଶୀଘ୍ର ଆରମ୍ଭ ହେବ। ତେବେ ଫିଲ୍ମର ସୁଟିଂ ଭାରତ ସହିତ ମରୋକ୍କୋରେ ହେବା ନେଇ ଜଣାପଡିଛି। ଏଥିରେ କାର୍ତ୍ତିକଙ୍କୁ ଜଣେ ଏୟାରଫୋର୍ସ ପାଇଲଟ ଭାବେ ଦର୍ଶକ ଦେଖିବାକୁ ପାଇବେ। ଏହା ସହିତ କାର୍ତ୍ତିକଙ୍କୁ ଆହୁରି ଅନେକ ଫିଲ୍ମରେ ଦର୍ଶକ ଦେଖିବାକୁ ପାଇବେ।



## ବୁଲିବାକୁ ବାହାରିଛନ୍ତି କି ?

କଥାରେ ଅଛି ଚେହେରା ସବୁକିଛି କହିଥାଏ। ବିଶେଷକରି ବାହାରକୁ ହେଉ ଅବା ଦୂର ସ୍ଥାନକୁ ଯଦି ବୁଲିବାକୁ ଯାଉଛନ୍ତି। ଏ ସମୟରେ କିପରି ମେକ୍‌ଅପ୍ ନେବେ ସେ ସମ୍ପର୍କରେ ମନେ ରଖନ୍ତୁ କେତୋଟି ଟିପ୍ସ....



- ମେକ୍‌ଅପ୍ ସାମଗ୍ରୀଗୁଡ଼ିକୁ ଅଲଗା ରଖନ୍ତୁ। ଏଗୁଡ଼ିକ ଏକତ୍ର ଗୋଟିଏ ବ୍ୟାଗ୍‌ରେ ପ୍ୟାକ୍ କରନ୍ତୁ, ଯାହାଦ୍ୱାରା ଦରକାର ସମୟରେ ଅନ୍ୟତ୍ର ଖୋଜିବାକୁ ପଡ଼ିବ ନାହିଁ।
- ଲିପ୍‌ଷ୍ଟିକ, ଆଇଶ୍ୟାଡ଼ୋ, ମସ୍କାରା, ପାଉଡ଼ର ଆଦି ସାମଗ୍ରୀ ମେକ୍‌ଅପ୍ କିଟ୍‌ରେ ଅଛି କି ନାହିଁ ଦେଖି ନିଅନ୍ତୁ।
- ଯିବା ପୂର୍ବରୁ ଆବଶ୍ୟକ ମୁତାବକ ମେକ୍‌ଅପ୍ ନିଅନ୍ତୁ। ବାଟରେ କେବଳ ଟଚ୍‌ଅପ୍ କଲେ ଆପଣଙ୍କ ତ୍ୱଚା ଆକର୍ଷଣୀୟ ଦେଖାଯିବ।
- ଧୂଳି ମଳିର ପ୍ରଭାବ କେଶ ଉପରେ ଯେପରି ନ ପଡ଼େ ସେଥିପ୍ରତି ଦୃଷ୍ଟି ଦିଅନ୍ତୁ। ଗାଡ଼ି କିମ୍ବା ବାଇକ୍‌ରେ ଯିବା ସମୟରେ, ବୋଟିଂ କରିବା ସମୟରେ ମୁଣ୍ଡରେ ସ୍କାର୍ଫ ବାନ୍ଧିଲେ କିଛି କ୍ଷତି ନାହିଁ।
- ଦୂର ସ୍ଥାନକୁ ବେଶି ଦିନ ପାଇଁ ଯାଉଥିଲେ ମେକ୍‌ଅପ୍ ସାମଗ୍ରୀ ସହ ମ୍ୟାଚ୍ କରିବା ଭଳି ଡ୍ରେସ୍ ମଧ୍ୟ ନିଅନ୍ତୁ।
- ସାଥିରେ ପରଫ୍ୟୁମ ନେବାକୁ ଭୁଲନ୍ତୁ ନାହିଁ।
- ସନସ୍କ୍ରିନ୍ ଲୋଶନ ସବୁବେଳେ ପାଖରେ ରଖନ୍ତୁ।
- ବାହାର ପରିବେଶ ଦ୍ୱାରା ତ୍ୱଚା ବେଶି ପ୍ରଭାବିତ ହୋଇଥାଏ। ଏଥିପାଇଁ ମଶ୍ଚରାଇଜର, କ୍ଲିନଜିଙ୍ଗ, ଟୋନିଙ୍ଗ୍ ମଧ୍ୟ ନିଜ ପାଖରେ ରଖନ୍ତୁ।
- ଆଖିର ମେକ୍‌ଅପ୍ ଏପରି କରନ୍ତୁ, ଯେପରି ତାହା ଦିନ ତମାମ ରହିବ।
- ବାହାରେ ବୁଲିବା ସମୟରେ ଟିସୁ ପେପର ନିଜ ପାଖରେ ରଖନ୍ତୁ। ତ୍ୱଚାରେ ଧୂଳିମଳି ଲାଗିଲେ ପୋଛିବା ପାଇଁ ବ୍ୟବହାର କରନ୍ତୁ।

## ବୟସକୁ ନେଇ ଚର୍ଚ୍ଚା

ଖୁବ୍‌ଶୀଘ୍ର ପରଦାକୁ ଆସିବାକୁ ଯାଉଛି ଫିଲ୍ମ ପରମ ସୁନ୍ଦରୀ। ଏଥିରେ ଦର୍ଶକ ସିଦ୍ଧାର୍ଥ ମଲହୋତ୍ରା ଓ ଜାହ୍ନବୀ କପୁରଙ୍କୁ ସ୍କ୍ରିନରେ ଦେଖିବାକୁ ମିଳିବ। ଫିଲ୍ମଟି ଅଗଷ୍ଟ ୨୯ରେ ରିଲିଜ୍ ହେବାକୁ ଥିବାବେଳେ ଏହାକୁ ନେଇ ଟ୍ରୋଲିଂ ମୁଣ୍ଡ ଟେକିଛି। ଫିଲ୍ମରେ ହିରୋ ହିରୋଇନ୍ ବୟସ ବ୍ୟବଧାନକୁ ନେଇ ଟ୍ରୋଲରଙ୍କ ଟାର୍ଗେଟ ପାଲଟିଛି। ସିଦ୍ଧାର୍ଥ ଜାହ୍ନବୀଙ୍କ ଠାରୁ ଖୁବ ଅଧିକ ବଡ଼ ବୋଲି ସେମାନେ ସମାଲୋଚନା କରିବା ଆରମ୍ଭ କରିଛନ୍ତି। ତେବେ ଏହାରି ଭିତରେ ଫିଲ୍ମର ଟ୍ରେଲର ରିଲିଜ୍ ସରିଛି ଯାହାକୁ ଦର୍ଶକ ଭଲ ପାଇବା ଦେଇଛନ୍ତି। ତେଣୁ ଫିଲ୍ମକୁ ମଧ୍ୟ ଦର୍ଶକ ଭଲ ପାଇବା ଦେବେ ବୋଲି ମେକର୍ସ ଆଶା ରଖିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ତୁଷାର ଜଲୋଟା ଦେଇଛନ୍ତି। ଫିଲ୍ମଟି ଏକ ରୋମାଣ୍ଟିକ ଡ୍ରାମା, ଯାହା ଭାରତୀୟ ଦର୍ଶକଙ୍କ ଟେଷ୍ଟକୁ ଦେଖି ନିର୍ମାଣ କରାଯାଇଥିବା ନେଇ ସୂଚନା ରହିଛି।



## ଫୁଲରୁ ମିଳେ ଖୁସି...



ଫୁଲ ଆମ ସମସ୍ତଙ୍କ ଜୀବନ ପାଇଁ ଏକ ଆନନ୍ଦପୂର୍ଣ୍ଣ ସୃଷ୍ଟି ନିଶ୍ଚୟ। ଫୁଲ ଗଛର ସୌନ୍ଦର୍ଯ୍ୟ ବଢ଼ାଏ ମନରେ ପ୍ରଶାନ୍ତି ଭରିଦିଏ। ଫୁଲଭରା ଗଛଟିଏ କିଛି ସମୟ ବଗିଚା କାମ କଲେ ଶାରୀରିକ ଶ୍ରମ ସହ ଖୁସି ବି ମିଳେ। କିଛି ଫୁଲଗଛ ବାସ୍ତୁଦୋଷ ଦୂର କରି ଘରକୁ ସୁଖସମୃଦ୍ଧି ଆଣିଥାଏ ବୋଲି ଅନେକେ ବିଶ୍ୱାସ କରନ୍ତି।

- ବାସ୍ତୁଶାସ୍ତ୍ର ଅନୁସାରେ, ଘର ଅଗଣାରେ ମନ୍ଦାର ଗଛ ରହିବା ଅତ୍ୟନ୍ତ ଶୁଭ। ମନ୍ଦାର ଫୁଲ ଘରକୁ ସକାରାତ୍ମକ ଉର୍ଜା ଆଣିଥାଏ।
- ପଦ୍ମଫୁଲକୁ ଆଧ୍ୟାତ୍ମିକତାର ପ୍ରତୀକ ବୋଲି ଧରାଯାଏ। ଘର ଅଗଣାରେ ହେଉ ଅବା ବାଡ଼ିପଟେ ପାଣିକୁଣ୍ଡ କରି ସେଥିରେ ଏହି ଫୁଲ ଲଗାଇଲେ ସୁଖସମୃଦ୍ଧି ବୃଦ୍ଧି ହୋଇଥାଏ ବୋଲି ବିଶ୍ୱାସ ରହିଛି। ମାତା ଲକ୍ଷ୍ମୀଙ୍କୁ ପଦ୍ମଫୁଲରେ ସଜେଇ ପୂଜା କରାଯାଏ।
- ଘରେ ଗେଣ୍ଡୁ ଗଛ ଲଗାଇବା ଦ୍ୱାରା ମଧ୍ୟ ସୁଖସମୃଦ୍ଧି ବଢ଼ିଥାଏ ବୋଲି ବାସ୍ତୁଶାସ୍ତ୍ରରେ ଉଲ୍ଲେଖ ରହିଛି।
- ସୌନ୍ଦର୍ଯ୍ୟ ଓ ପ୍ରେମର ପ୍ରତୀକ ଭାବେ ଗ୍ରହଣ କରାଯାଉଥିବା ଗୋଲାପ ଫୁଲକୁ ବି ଭାଗ୍ୟଶାଳୀ ଫୁଲ ବୋଲି ଅନେକେ କହିଥାନ୍ତି। ବିବିଧ ରଙ୍ଗ ଓ ବାସ୍ନାର ଗୋଲାପ ସଭିଙ୍କର ପ୍ରିୟ। ଏହା ସ୍ୱତନ୍ତ୍ର ଆଦର ଓ ଯତ୍ନ ଆବଶ୍ୟକ କରେ।
- ସୌଭାଗ୍ୟର ପ୍ରତୀକ କୁହାଯାଉଥିବା ଚମ୍ପା ଗଛକୁ ବି ଲଗାଇବା ଶୁଭ ହୋଇଥାଏ। ଶିବଙ୍କ ମଥାରେ ମାନସିକ କରି ଚମ୍ପାଫୁଲ ଅର୍ପଣ କରାଯାଇଥାଏ।
- ଟଗର ଗଛ ବି ଘରେ ସୁଖଶାନ୍ତି ବୃଦ୍ଧି କରିଥାଏ। ଯାହାଙ୍କ ଅଗଣାରେ ଏହି ଗଛ ରହିଥାଏ ସେଠାରେ ପ୍ରଭୁଙ୍କର ବାସ ହୋଇଥାଏ ବୋଲି ବିଶ୍ୱାସ ରହିଛି।
- ରାତି ଶେଷରେ ଝରିଯାଉଥିବା ଗଙ୍ଗଶିଉଳି ଫୁଲର ଭୁରୁଭୁରୁ ବାସ୍ନା ମନରେ ଶାନ୍ତି ଭରିଦିଏ। ଏହାର ପତ୍ର ଓ ଫୁଲରେ ମଧ୍ୟ ଅନେକଗୁଡ଼ିଏ ଔଷଧୀୟ ଉପକାରିତା ରହିଛି।





Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ରଣପୁର, (ଭାସ୍କର ନ୍ୟୁଜ): ସାରା ଦେଶରେ ସ୍ୱାଧୀନତା ଆନ୍ଦୋଳନକୁ ମନେ ପକାଇବା ପାଇଁ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହେଉଥିବା ବେଳେ ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ତରଫରୁ ଅଗଷ୍ଟ ୨୦ ତାରିଖ ଅପରାହ୍ନ ରେ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଶୋଭାଯାତ୍ରାରେ ମୁଖ୍ୟ ଭାବରେ ବାଚସ୍ପତି ସୁରମା ପାଢୀ ଯୋଗ ଦେଇଥିଲେ। ରଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧକ୍ଷା ରଙ୍ଗୀନ ମହାନ୍ତି ଓ କାର୍ଯ୍ୟ ନିର୍ବାହୀ ଅଧିକାରୀ ସାମନ୍ତ ବିଶ୍ୱମ୍ଭର ମହାପାତ୍ର ବାଚସ୍ପତି ପାଢୀଙ୍କୁ ପାଛୋଟି ନେଇଥିଲେ। ରଣପୁର ପୂର୍ତ୍ତ ଡାକବଙ୍ଗଳା ଠାରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବାହାରି ରଣପୁର ବଡଦାଣ୍ଡ ଦେଇ ପଞ୍ଚୁଦୋଳ ପଡିଆ ସହିଦ ରଘୁଦିବାକର ମଣ୍ଡପ ପର୍ଯ୍ୟନ୍ତ ଯାଇଥିଲା। ସହିଦ ପ୍ରତିମୂର୍ତ୍ତି ରେ ଧୂପଦୀପ ସହ ପଞ୍ଚମାଲ୍ୟ ଅର୍ପଣ କରାଯାଇଥିଲା। କୁନି କୁନି ଛାତ୍ରମାନେ ସହିଦ ରଘୁ, ଦିବାକର, ବେଜଲଗେଟ୍, ପ୍ରଜା ଆନ୍ଦୋଳନକାରୀ, ମହାତ୍ମାଗାନ୍ଧୀ, ମହିଷାସୁର ଓ ଦୁର୍ଗା ବେଶରେ ସଜ୍ଜିତ ହୋଇ ଦେଶାତ୍ମବୋଧକ କଳା ନୈପୁଣ୍ୟ ପ୍ରଦର୍ଶନ କରିଥିଲେ। ଏନଏସି କର୍ମଚାରୀ, ରଣପୁର ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ, ବଜେନ୍ଦ୍ର ନୋଡାଲ ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ, ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀ, କାଉନସିଲର, ସ୍ୱଚ୍ଛତା ସାଥି, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ସାଧାରଣ ଜନତା ଏକ ହଜାରରୁ ଊର୍ଦ୍ଧ୍ୱ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ତିହିଡ଼ି ବଜାର ଅବସ୍ଥା ଦୟନୀୟ

# ବର୍ଷା ପରେ ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା



ତିହିଡ଼ି, (ଭାସ୍କର ନ୍ୟୁଜ): ଭଦ୍ରକ ଜିଲ୍ଲା ତିହିଡ଼ି ବଜାର ଅବସ୍ଥା ଅତ୍ୟନ୍ତ ଦୟନୀୟ ହୋଇପଡ଼ିଛି। କିଛିଦିନ ଧରି ଚାଲିଥିବା ଲଘୁଚାପ ବର୍ଷା ପାଇଁ ବଜାର ବେହାଲ ହୋଇ ପଡ଼ିଛି। ରାସ୍ତାର ଦୁଇ ପାର୍ଶ୍ୱରେ ବର୍ଷା ପାଣି ଜମି ରହୁଥିବାରୁ ଲୋକମାନେ ଯାତାୟତ ବେଳେ ଅକଥନୀୟ ଦୁର୍ଦ୍ଦଶା ଭୋଗୁଛନ୍ତି। ବଜାରରେ ଡ୍ରେନେଜର ବ୍ୟବସ୍ଥା ନଥିବାରୁ ଦୀର୍ଘଦିନ ହେବ ବଜାରର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ବଜାରରେ ଡ୍ରେନେଜ ନିର୍ମାଣ ପାଇଁ ୪କୋଟି ୯୬ଲକ୍ଷ ଅନୁଦାନ ମିଳିଛି ବୋଲି ଶୁଣାଯାଉଛି। ଅନୁଦାନ ମିଳିବା ପରେ ବଜାରରେ ଡ୍ରେନେଜ ନିର୍ମାଣ ପାଇଁ ୧୨୩ ଉଠା ଦୋକାନୀଙ୍କୁ ଉଚ୍ଛେଦ କରାଯାଇଛି। ମାତ୍ର ଉଠାଦୋକାନୀଙ୍କୁ ଉଚ୍ଛେଦ କରିବାର ପାଖାପାଖି ୬ମାସ ବିତି ଯାଇଥିଲେ ମଧ ଡ୍ରେନେଜ ନିର୍ମାଣ ହୋଇ ପାରୁନାହିଁ। ଡ୍ରେନେଜ ନିର୍ମାଣ ପାଇଁ ଟେଣ୍ଡର ସରି ଯାଇଥିବା କଥା ଶୁଣା ଯାଉଥିଲେ ମଧ କୌଣସି ନିର୍ମାଣ କାର୍ଯ୍ୟ ଆରମ୍ଭ ହେଉନାହିଁ। ଯାହାଫଳରେ ଡ୍ରେନେଜ ନିର୍ମାଣ ହେବା ନେଇ ସାଧାରଣରେ ସନ୍ଦେହ ଉପୁଜିଛି। ସେହିପରି ବସଷ୍ଟାଣ୍ଡ ନିର୍ମାଣ ପାଇଁ ଅନୁଦାନ ଆସି ପଡ଼ି ରହିଛି। ମାତ୍ର ବସଷ୍ଟାଣ୍ଡ ନିର୍ମାଣ ନହେବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ହୋଇଛି। ତିହିଡ଼ି ବଜାର ରାସ୍ତା ଦୟନୀୟ ଅବସ୍ଥା ସହିତ ବସଷ୍ଟାଣ୍ଡ ନହେବା ଲୋକମାନଙ୍କ ଦୁଃଖ ଆହୁରି ବଢ଼ାଇ ଦେଉଛି। ଡ୍ରେନେଜ ନିର୍ମାଣ ହୋଇ ନପାରିବାରୁ ବଜାରର ବର୍ଷା ପାଣି ରାସ୍ତା ଦୁଇପାର୍ଶ୍ୱରେ ଜମି ରହୁଛି। ବର୍ଷା ପାଣି ଦୀର୍ଘଦିନ ଜମି ରହିବା ପରେ ଅଳିଆ ଆବର୍ଜନା ପଡ଼ି ଦୁର୍ଗନ୍ଧ ବାହାରୁଛି। ଯାହାଫଳରେ ବଜାରର ପରିବେଶ ଦୂଷିତ ହୋଇପଡୁଛି। ଲୋକମାନେ ବର୍ଷା ସମୟରେ ପାଦରେ ଚାଲି ଚାଲି ଯିବା କଷ୍ଟ ହୋଇପଡୁଛି। ବଜାର ଉପରେ ବସ୍ ରହି ଯାତ୍ରୀ ନବା ଆଣିବା କରୁଥିବା ବେଳେ ଟ୍ରାଫିକ୍ ସମସ୍ୟା ସହିତ ଲୋକମାନଙ୍କ ଯାତାୟତରେ ବହୁ ଅସୁବିଧା ହେଉଛି। ଲୋକମାନେ ଉଭୟ ପାର୍ଶ୍ୱରେ ବର୍ଷା ପାଣି ରହୁଥିବାରୁ ସୁରୁଖୁରୁରେ ଯାତାୟତ କରି ପାରୁନାହାନ୍ତି। ଏପରିକି ବଜାରରେ ଥିବା ଦୋକାନକୁ ଯିବା ପାଇଁ ଗ୍ରାହକମାନେ ହଇରାଣ ହେଉଛନ୍ତି। ବସ୍ ଷ୍ଟାଣ୍ଡ ନିର୍ମାଣ ନହେବା ଫଳରେ ବସ ବଜାର ମଝିରେ ରହି ଯାତ୍ରୀ ନେବା ଆଣିବା କରୁଛି। ଯେଉଁଥିପାଇଁ ଟ୍ରାଫିକ୍ ସମସ୍ୟାର ସମାଧାନ ହୋଇ ପାରୁନାହିଁ। ବସଷ୍ଟାଣ୍ଡ ନିର୍ମାଣ ହେଲେ ବସ ଷ୍ଟାଣ୍ଡରେ ରହି ଯାତ୍ରୀ ନେବା ଆଣିବା କରିବ। ଆଉ ବଜାରରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେବ ନାହିଁ। ସେହିପରି ବଜାରରେ ଡ୍ରେନେଜ ନିର୍ମାଣ ହେଲେ ବର୍ଷାପାଣି ନିଷ୍କାସନ ହେବା ସହିତ ବଜାରରେ ଆଉ ପାଣି ଜମିବ ନାହିଁ। ତୁରନ୍ତ ବଜାରରେ ଡ୍ରେନେଜ ଓ ବସଷ୍ଟାଣ୍ଡ ନିର୍ମାଣ କରାଯିବାକୁ ସାଧାରଣରେ ଦାବି କରାଯାଇଛି।

# ବେଦାନ୍ତ ଆଲୁମିନିୟମର ସ୍ୱାସ୍ଥ୍ୟ ସଚେତନତା ଅଭିଯାନ

ଝାରସୁଗୁଡ଼ା, (ଭାସ୍କର ନ୍ୟୁଜ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ଏହାର କାର୍ଯ୍ୟକ୍ଷମ କ୍ଷେତ୍ରରେ ମ୍ୟାଲେରିଆ, ଡେଙ୍ଗୁ ଏବଂ ଡାଇରିଆ ସଚେତନତା ଅଭିଯାନ ସଫଳତାର ସହ ପରିଚାଳନା କରିଛି, ଯାହା ଏହାର ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। ସପ୍ତାହବ୍ୟାପୀ ଏହି ପଦକ୍ଷେପ ୨୮ଟି ଗ୍ରାମ, ୨ଟି ସ୍ୱତନ୍ତ୍ର ବିଦ୍ୟାଳୟ ଏବଂ ୧ଟି ବୃଦ୍ଧାଶ୍ରମରେ ବ୍ୟାପିଥିଲା, ଯାହାକି ପାରସ୍ପରିକ ଆଲୋଚନା ମାଧ୍ୟମରେ ୩,୦୦୦ରୁ ଅଧିକ ବ୍ୟକ୍ତିଙ୍କୁ ସିଧାସଳଖ ପ୍ରଭାବିତ କରିଥିଲା। ଏହି ଅଭିଯାନ ମ୍ୟାଲେରିଆ ଏବଂ ଡେଙ୍ଗୁ ଭଳି ମଶାବାହନ ଜନିତ ରୋଗ ଏବଂ ଡାଇରିଆ ଭଳି ପରିଷ୍କାର ପରିଚ୍ଛନ୍ନତା ସମ୍ବନ୍ଧୀୟ ରୋଗ ବିଷୟରେ ସଚେତନତା ବୃଦ୍ଧି ଉପରେ ଧ୍ୟାନ ଦେଇଥିଲା। ସମ୍ପ୍ରଦାୟର ସଦସ୍ୟମାନଙ୍କୁ ରୋଗ ସଂକ୍ରମଣ, ପ୍ରାରମ୍ଭିକ ଲକ୍ଷଣ ଏବଂ ମଶା ନିୟନ୍ତ୍ରଣ ଏବଂ ଜମି ରହିଥିବା ପାଣି ଦୂର କରିବା ସମେତ ପ୍ରତିଷେଧକ ପଦକ୍ଷେପ ବିଷୟରେ ଶିକ୍ଷା ଦିଆଯାଇଥିଲା। ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା ତାଙ୍କ ମତାମତ ଦେଇ କହିଛନ୍ତି, 'ବେଦାନ୍ତ ଆଲୁମିନିୟମରେ,



ଆମର ସମ୍ପ୍ରଦାୟ ବିକାଶର ଆଭିମୁଖ୍ୟ ଦୀର୍ଘକାଳୀନ ପ୍ରଭାବ ଏବଂ ଅନ୍ତର୍ଭୁକ୍ତି ଉପରେ ସ୍ଥାପିତ। ସମୃଦ୍ଧ ସମ୍ପ୍ରଦାୟ ପାଇଁ ଭଲ ସ୍ୱାସ୍ଥ୍ୟ ଏବଂ ପରିଷ୍କାର ପରିଚ୍ଛନ୍ନତା ଅତ୍ୟାବଶ୍ୟକ ନିର୍ମାଣ ସାମଗ୍ରୀ, ଏବଂ ଏପରି ସଚେତନତା ଅଭିଯାନ ମାଧ୍ୟମରେ, ଆମେ ବ୍ୟକ୍ତି ବିଶେଷଙ୍କୁ ଏପରି ଜ୍ଞାନ ସହିତ ସଶକ୍ତ କରିବାକୁ ଲକ୍ଷ୍ୟ ରଖୁଛୁ ଯାହାକି ରୋଗକୁ ରୋକିପାରିବ ଏବଂ ଜୀବନର ଗୁଣବତା ଉନ୍ନତ କରିପାରିବ।' ଅଭିଯାନର ନେତୃତ୍ୱ ନେଇଥିବା ଏମଏଚୟୁ ଡାକ୍ତର ଜୟନାରାୟଣ ପୂଜାରୀ କହିଛନ୍ତି, 'ଏହି ଅଧିବେଶନଗୁଡ଼ିକ ସ୍ୱାସ୍ଥ୍ୟ ଅଭ୍ୟାସଗୁଡ଼ିକୁ ଏକ ସୁଗମ ଏବଂ ସମ୍ପର୍କିତ ଉପାୟରେ ଉପସ୍ଥାପନ କରି ଗୁରୁତ୍ୱପୂର୍ଣ୍ଣ ଜ୍ଞାନର ବ୍ୟବଧାନକୁ ଦୂର କରିଛି।' ଏହି ପଦକ୍ଷେପ ବେଦାନ୍ତ ଆଲୁମିନିୟମର ବ୍ୟାପକ ସମ୍ପ୍ରଦାୟ ବିକାଶ ପ୍ରୟାସର ଏକ ଅଂଶ, ଯେଉଁଠାରେ ସ୍ୱାସ୍ଥ୍ୟ, ଶିକ୍ଷା, ଜୀବିକା ଏବଂ ସାମାଜିକ ସଶକ୍ତିକରଣ କାର୍ଯ୍ୟକ୍ରମ ସ୍ଥାୟୀ ସକାରାତ୍ମକ ପ୍ରଭାବ ସୃଷ୍ଟି କରିବା ପାଇଁ ଏକାଠି ହୁଏ। ଏହିପରି ହସ୍ତକ୍ଷେପ ମାଧ୍ୟମରେ, କମ୍ପାନୀ ସମ୍ପ୍ରଦାୟ ଗୁଡ଼ିକୁ ପୋଷଣ କରିବା ପ୍ରତି ତାଙ୍କର ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରେ। ବେଦାନ୍ତ ଲିମିଟେଡର ଏକ ବ୍ୟବସାୟ, ବେଦାନ୍ତ ଆଲୁମିନିୟମ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ, ଭାରତର ଅଧାରୁ ଅଧିକ ଅର୍ଥାତ୍ ଆର୍ଥିକ ବର୍ଷ ୨୫ରେ ୨.୪୨ ନିୟୁତ ଟନ୍ ଉତ୍ପାଦନ କରେ। ଆଲୁମିନିୟମ ଶିଳ୍ପ ପାଇଁ ଏସଏଣ୍ଡପି ଗ୍ଲୋବାଲ୍ କର୍ପୋରେଟ୍ ସଷ୍ଟେନେବିଲିଟି ଆସେସମେଂଟ ୨୦୨୪ ବିଶ୍ୱ ରାଙ୍କିଂରେ ବେଦାନ୍ତ ଆଲୁମିନିୟମ ଦ୍ୱିତୀୟ ସ୍ଥାନରେ ଅଛି, ଯାହା ଏହାର ଅଗ୍ରଣୀ ସ୍ଥାୟୀ ବିକାଶ ଅଭ୍ୟାସର ପ୍ରତିଫଳନ ଅଟେ। ଭାରତରେ ଏହାର ବିଶ୍ୱସ୍ତରୀୟ ଆଲୁମିନିୟମ ସ୍ମେଲଟର, ଆଲୁମିନା ରିଫାଇନାରୀ ଏବଂ ପାୱାର ପ୍ଲାଂଟ ସହିତ, କମ୍ପାନୀ ଏକ ସବୁଜ ଆସନ୍ତାକାଲି ପାଇଁ 'ଭବିଷ୍ୟତର ଧାତୁ' ଭାବରେ ଆଲୁମିନିୟମର ଉଦୀୟମାନ ପ୍ରୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାର ଏହାର ଲକ୍ଷ୍ୟ ପୂରଣ କରିଛି।

## ଏନ୍‌ପିଏସ୍ ଆସୋସିଏସନର ସାଧାରଣ ବୈଠକ

ମାଲକାନଗିରି, (ଭାସ୍କର ନ୍ୟୁଜ): ଅଗଷ୍ଟ ୨୦୨୫ ତାରିଖରେ ଉପଦେଷ୍ଟା ଶିବଶଙ୍କର ପରମାଣିକଙ୍କ ଅଧ୍ୟକ୍ଷତାରେ ମାଲକାନଗିରି ଜିଲ୍ଲାର ଏନ୍‌ପିଏସ୍ ଆସୋସିଏସନର ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଜିଲ୍ଲାର ପ୍ରାୟ ୮୦ ରୁ ଅଧିକ ଶିକ୍ଷକ ଉପସ୍ଥିତ ଥିଲେ। ଆରମ୍ଭରେ ସନ୍ଦୀପ୍ତା ଦାସ ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରିଥିଲେ ଏବଂ ବୈଠକର ଉଦ୍ଦେଶ୍ୟ ପ୍ରକାଶ କରିଥିଲେ। ସେ କିଛି ଉଦାହରଣ ବର୍ଣ୍ଣନା କରି ଏକ ସୁସଂଗଠିତ ସଂଘର ଆବଶ୍ୟକତା ବିଷୟରେ ମଧ ବ୍ୟାଖ୍ୟା କରିଥିଲେ। ତା'ପରେ ସଭାପତି ପରମାଣିକଙ୍କ ଦ୍ୱାରା ବିଦ୍ୟମାନ ସଂଘକୁ ଭଙ୍ଗ ଘୋଷଣା କରାଯାଇ ଥିଲା। ନୂତନ କାର୍ଯ୍ୟନିର୍ବାହୀ ସଂସ୍ଥା ସଦସ୍ୟ ଏବଂ ପରାମର୍ଶଦାତା ସଂସ୍ଥା ସଦସ୍ୟ ଗଠନ ପାଇଁ ପ୍ରକ୍ରିୟା ପରମାଣିକ ଏବଂ ସନ୍ଦୀପ୍ତା ଦାସଙ୍କ ଦ୍ୱାରା ଆରମ୍ଭ ହୋଇଥିଲା। ଜିଲ୍ଲାର ଏନ୍‌ପିଏସ୍ ଆସୋସିଏସନକୁ କାର୍ଯ୍ୟନିର୍ବାହୀ ସଂସ୍ଥା ସଦସ୍ୟ ଏବଂ ପରାମର୍ଶଦାତା ସଂସ୍ଥା ସଦସ୍ୟଙ୍କ ଚୟନ ଦ୍ୱାରା ପୁନର୍ଗଠିତ କରାଯାଇ ଥିଲା।

# କଳିଙ୍ଗସେନାର ସଭାପତି ଭାବେ ହେମନ୍ତ ରଥ ପୁନଃ ନିର୍ବାଚିତ

ଭୁବନେଶ୍ୱର, (ଭାସ୍କର ନ୍ୟୁଜ): ଓଡିଶାର ଅନ୍ୟତମ ରାଜନୈତିକ ଦଳ କଳିଙ୍ଗସେନାର ସଭାପତି ଭାବେ ହେମନ୍ତ ରଥ ଆଜି ନିର୍ବାଚିତ ହୋଇଛନ୍ତି। ଏଥି ସହିତ ଉପ ସଭାପତି ଭାବେ ଅଧିବକ୍ତା ସବ୍ୟସାଚୀ ମହାପାତ୍ର, ଅବ୍‌ଦୁଲ କୟୁମ୍‌ଖାନ, ଉମାକାନ୍ତ ଜେନା, ହିମାଂଶୁ ନାୟକ, ହେମନ୍ତ ସିଂ, ଅଧିବକ୍ତା-ତୁଳସି ନାରାୟଣ ଦାସ, ଗୌରାଙ୍ଗ ପ୍ରଧାନ ନିର୍ବାଚିତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ବିଜୟ କୁମାର ରାଜ୍, ଇଂ ମନୋଜ କୁମାର ନାୟକ, ଇଂ ସ୍ୱାତିଶ ରଞ୍ଜନ ସାହୁ, ଅମୁଲ୍ୟ ନାୟକ, ବରୋଦା କାନ୍ତ ମହାନ୍ତି, ଇଂ ରାଧାମୋହନ ପଟ୍ଟନାୟକ, ବିଶ୍ୱଜିତ ପାତ୍ର ଓ ସମ୍ପାଦକ ଭାବେ ସଞ୍ଜୟ କୁମାର ପ୍ରଧାନ, ମୋନାଲିଶା ବିଶ୍ୱାଳ, ରଞ୍ଜିତ ସାମଲ, ମଧୁସୁଦନ ସାହୁ, ଅଶୋକ ସାହୁ, ସରୋଜ ଆଚାର୍ଯ୍ୟ, ସମୀର ପ୍ରଧାନ ଏବଂ ରାଜ୍ୟ କମିଟିକୁ ବିଭୁତି ପରିଡା, ମନୋଜ କୁମାର ମିଶ୍ର, ବିକ୍ରମ ପ୍ରଧାନ, ଦିଲ୍ଲିପ ନାଥ, ସୁଧାକର ବେହେରା,




ପ୍ରମୋଦ ନାୟକ, ପାର୍ଥସାରଥି ତ୍ରିପାଠୀ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଏଠାରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ଦଳୀୟ କର୍ମକର୍ତ୍ତାମାନେ ରଥଙ୍କୁ ଆସନ୍ତା ତିନିବର୍ଷ ପାଇଁ ଦଳର ଦାୟିତ୍ୱ ପ୍ରଦାନ କରିଛନ୍ତି। ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ନିର୍ବାଚନ ଅଧିକାରୀ ଭାବେ ଉପସ୍ଥିତ ରହି ସାଙ୍ଗଠନିକ ନିର୍ବାଚନ ପରିଚାଳନା କରିଥିଲେ। ପଞ୍ଚମଥର ପାଇଁ ଦଳର ମଙ୍ଗ ଧରିଥିବା ରଥ କହିଛନ୍ତି ଯେ ରାଜ୍ୟର ସାମ୍ପ୍ରତିକ ରାଜନୈତିକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଦଳ ଖୁବ୍‌ଶୀଘ୍ର ତାହାର ଖସଡା ପ୍ରସ୍ତୁତ କରିବ। ଏଥିରେ ରାଜ୍ୟର ଯୁବବର୍ଗ, ପଛୁଆ ବର୍ଗ ଏବଂ ମହିଳାମାନଙ୍କୁ ବିଶେଷ ଭାବେ ଗୁରୁତ୍ୱ ପ୍ରଦାନ କରାଯିବ। ରାଜ୍ୟର କୃଷକମାନଙ୍କୁ ସେମାନଙ୍କର ପରିଶ୍ରମର ଫଳ ଓ ସମସ୍ତଙ୍କୁ ଯେଭଳି ସହଜ ସ୍ୱାସ୍ଥ୍ୟସେବା ମିଳିବ ଦଳ ସେ ଦିଗରେ ଅଧିକ ଫୋକସ୍ କରିବ। ସେହିଭଳି ଓଡିଶାରେ ଥିବା କଳକାରଖାନା ଓ ବିଭିନ୍ନ ଠିକାଦାରୀ କାର୍ଯ୍ୟରେ ଓଡିଆମାନେ ଯେଭଳି ଅଧିକ ସଂଖ୍ୟାରେ କାମ ପାଇବେ ଦଳ କାର୍ଯ୍ୟକରିବ। ଏହି ନିର୍ବାଚନ ପରେ ଖୁବ୍‌ଶୀଘ୍ର ଜିଲ୍ଲା ଓ ବ୍ଲକର କର୍ମକର୍ତ୍ତା ନିର୍ବାଚନ କରାଯିବ ବୋଲି ରଥ ସୂଚନା ଦେଇଛନ୍ତି।

# ଶିଖପଲ୍ଲୀ-ପଡିଆ ରାସ୍ତା ଜରାଜୀର୍ଣ୍ଣ, ପଥଚାରୀ ହନ୍ତସନ୍ତ

ମାଲକାନଗିରି, (ଭାସ୍କର ନ୍ୟୁଜ): ମାଲକାନଗିରି ବ୍ଲକ ଶିଖପାଲ୍ଲୀ ପଞ୍ଚାୟତ ଶିଖପଲ୍ଲୀ ଠାରୁ ପଡିଆ ରାସ୍ତା ଦୀର୍ଘ ଦିନ ହେଲା ମରାମତି ଅଭାବରୁ ପ୍ରାୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡି ରହିଛି। ରାସ୍ତା ସାରା ଖାଲ ଖମା ହେତୁ ଯାନବାହାନ ଚଳାଚଳରେ ଅସୁବିଧା ସହିତ ପଡିଆ ଯିବାକୁ ବିଳମ୍ବ ହେଉଥିବା ଅଭିଯୋଗ ହେଉଛି। ବିଶେଷ କରି ସରକାରୀ ଶିକ୍ଷକ ଶିକ୍ଷୟିତ୍ରୀ, ଅଧ୍ୟାପକ, ପିଇଓ, କୃଷି କର୍ମଚାରୀ, ସ୍ୱାସ୍ଥ୍ୟ କର୍ମୀ ତାଥା ପଞ୍ଚାୟତର କ୍ଷେତ୍ର କର୍ମଚାରୀ ମାନେ ଯାତାୟାତ କଲା ବେଳେ ଜରାଜୀର୍ଣ୍ଣ ରାସ୍ତା ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସହ ଠିକ୍ ସମୟରେ ପହଞ୍ଚିବା କଷ୍ଟ ହେଇପଡୁଛି। ଯେଉଁ ପଥଚାରୀମାନେ ମାଲକାନଗିରି ସଦର



ମହକୁମା ଠାରୁ ଶିଖପଲ୍ଲୀ ଦେଇ ପିଡିଆ ଯାଉଛନ୍ତି, ସେମାନେ ବିଳମ୍ବରେ ପହଞ୍ଚୁଥିବା ଜଣା ପଡ଼ିଛି। ଏହି ରାସ୍ତାଟି ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ୨୦୧୬ ମସିହା ପୂର୍ବରୁ ନିର୍ମାଣ କରାଯାଇଥିଲା। ୨୦୧୬ ମସିହାରେ ଏହି ରାସ୍ତା ଟି ମାଲକାନଗିରି ପୂର୍ତ୍ତ ବିଭାଗ ହସ୍ତାନ୍ତର କଲା ପରେ ଦୀର୍ଘ ୯ ବର୍ଷ ପରେ ମଧ ମରାମତି ଅଭାବରୁ ୩୭ କିମି ରାସ୍ତା ର ଅବସ୍ଥା ଭାରି ଶୋଚନୀୟ ହୋଇପଡିଛି। ବର୍ତ୍ତମାନ ପର୍ସନପାଲ୍ଲୀ, ମାଟେରୁ, ତେଲମଗଡା, କତାଗୁଡା, ପଡଆ ପ୍ରବେଶ ପଥ ଅସଂଖ୍ୟ ଖାଲ ଖମାରେ ପରିପୂର୍ଣ୍ଣ। ଏହି ରାସ୍ତାର ମରାମତି ଅଭାବରୁ ପଡିଆ ଯିବାକୁ ନାନା ଅସୁବିଧାର ସମ୍ମୁଖୀନ ହୋଉଥିଲେ ମଧ ପ୍ରଶାସନିକ ଅବହେଳା ଏବଂ ନେତାଙ୍କ ଆନ୍ତରିକତା ଅଭାବରୁଦୀର୍ଘ ୩୭ କିମି ରାସ୍ତାର ଅବସ୍ଥା ଶୋଚନୀୟ ହୋଇ ପଡ଼ିଛି। ଏହି ରାସ୍ତା ଅସଂଖ୍ୟ ଖାଲ ଖମା ହେତୁ ବର୍ଷା ଦିନେ ପାଣି ଜମି ରହିବା ସହ ଅସାବଧାନତା ଯୋଗୁଁ ବହୁ ବାର ବାଇକ୍ ଚାଳକମାନେ ଦୁର୍ଘଟଣାର ଶିକାର ହୋଇଥାନ୍ତି। ବର୍ଷା ହେଲେ ଅନେକ ସ୍ଥାନରେ ପୋଲ ବା ହୋମ୍ ପାଇପ୍ ନଥିବାରୁ ପାହାଡିଆ ପାଣି ରାସ୍ତା ଉପର ଦେଇ ଅତିକ୍ରମ କରିବା ଫଳରେ ଯାତାୟାତ ସଂପୂର୍ଣ୍ଣ ବାଧାପ୍ରାପ୍ତ ହେବାରେ କୁହାଯାଇଛି। ତେବେ ଏ ଦିଗରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବା ପରେ ଏହି ରାସ୍ତାକୁ ନିର୍ମାଣ କରିବା ଲାଗି ଟେଣ୍ଡର ଆହ୍ୱାନ କରାଯାଇଛି। ଟେଣ୍ଡର ବାହାରିବା ପରେ ରାସ୍ତା ନିର୍ମାଣ ଆରମ୍ଭ କରାଯିବ ବୋଲି କହିଛନ୍ତି।

# ଧାନ ମିଲ୍‌ରେ ଯୋଗାଣ ବିଭାଗର ଚଢ଼ାଉ

ପୁରୁଷୋତ୍ତମପୁର, (ଭାସ୍କର ନ୍ୟୁଜ): ପାହାଡ଼ ପାହାଡ଼ ଧାନ, ବେଣ୍ଡାଲ ବେଣ୍ଡାଲ ଅଖା, ଅପର୍ଯ୍ୟାପ୍ତ ଚାଉଳ ବସ୍ତା,ଗୋଟିଏ ଜାଗାରେ ନୁହେଁ, ଭିନ୍ନ ଭିନ୍ନ ସ୍ଥାନରେ, ବିଛାଇ ହୋଇ ପଡି ରହିଛି ଅତ୍ୟଧିକ ଧାନ, ଯଦି ଅଖାରେ ଭର୍ତ୍ତି କରାଯାଏ ତେବେ ଆଉ ଗୋଟିଏ ଧାନ ଗଚ୍ଛିତ ପାହାଡ଼ ହୋଇଯିବ। ଏହା ମଣ୍ଡିରୁ ଉଠା ଯାଇଥିବା ଧାନ ନା ବ୍ଲକ ରେ ଉଠାଯାଇଛି ଧାନ ନା ନା ପ୍ରଶ୍ନ ଉଠିଛି। ମଙ୍ଗଳବାର ଦିନ ଗଞ୍ଜାମ ଜିଲ୍ଲା ମୁଖ୍ୟ ଯୋଗାଣ ବିଭାଗ ଅଧିକାରୀ ପ୍ରଦ୍ୟମନ୍ନ କୁମାର ରାଉତ ରାୟଙ୍କ ସହ ସ୍ୱତନ୍ତ୍ର ଟିମ ପୁରୁଷୋତ୍ତମପୁର ଗ୍ରସ୍ତ କରି ମା ତାରାତାରିଣୀ ରାଇସ ମିଲ ଉପରେ ଛଡାଉ କରିଥିଲେ। ସ୍ଥାନୀୟ ତହସିଲଦାର ତଥା ଏକ୍ସକ୍ୟୁଟିଭ ମାଜିଷ୍ଟ୍ରେଟ ବିନୋଦ କୁମାର ବେହେରା, ପ୍ରଦୀପ କୁମାର ମହାପାତ୍ର, ଅତିରିକ୍ତ ବେସାମରିକ ଯୋଗାଣ ଅଧିକାରୀ, ଦେବସ୍ମିତା ମଲ୍ଲିକ, ସହକାରୀ ଯୋଗାଣ ଅଧିକାରୀ, ଶିବରାମମିଶ୍ର, ପୁରୁଷୋତ୍ତମପୁର ମାର୍କେଟିଙ୍ଗ ଇନ୍ସପେକ୍ଟର, ବ୍ରଜେଶ ରାୟ, ଦିଗପହଣ୍ଡି ମାର୍କେଟିଙ୍ଗ



ଇନ୍ସପେକ୍ଟର, ସ୍ଥାନୀୟ ପୋଲିସର ମିଳିତ ଟିମ ଅଚାନକ ରାଇସ ମିଲ ଉପରେ ଚଢ଼ାଉ କରି ନିର୍ବାକ ହୋଇ ହୋଇ ଯାଇଥିଲେ। ପ୍ରଥମେ ବାଲିଆ ଛକ ଠାରେ ଥିବା ମା ତାରାତାରିଣୀ ରାଇସ ମିଲ ଉପରେ ଚଢ଼ାଉ କରି ଥାକଥାକ ରଖାଯାଇଥିବା ଚାଉଳ ବସ୍ତା ଓ ଧାନ ବସ୍ତା ଦେଖି ଅକଳନ କରିଥିଲେ ଏବଂ ଅନ୍ୟ ଦୁଇ ଗୋଦାମ ରେ ଗଚ୍ଛିତ ଧାନ, ଚାଉଳ, ବେଣ୍ଡାଲ ବେଣ୍ଡାଲ ଖାଲି ଅଖା, ବିଛେଇ ହୋଇ ପଡ଼ିଥିବା ଧାନ ଦେଖି ଆଶର୍ଯ୍ୟ ପ୍ରକାଶ କରିଥିଲେ। ଶହେ ଫୁଟ ଲମ୍ବକୁ ଶହେ ଫୁଟ ଓସାର ଗୋଦାମ ଓ ଶହେ ଫୁଟକୁ ପଚାଷ ଫୁଟ ଗୋଦାମ ଘରେ ଛାତକୁ ଲାଗି ପୁରା ପେକ ହୋଇ ରହିଥିଲା ଧାନ। ରାତ୍ର ୯ ଘଣ୍ଟିକା ସୁଦ୍ଧା ଗଚ୍ଛିତ ପରିମାଣର ହିସାବ ସରି ପାରିନଥିଲା ତେଣୁ ପୁଣି ଥରେ ଆସି ହିସାବ କରାଯିବ ବୋଲି କହି ମିଲକୁ ତାଲା ମାରି ପଳାଇ ଯାଇଥିଲେ ସ୍ୱତନ୍ତ୍ର ଟିମ। ଏହି ଚଢ଼ାଉ ଦେଖି ଅଞ୍ଚଳରେ ସମସ୍ତ ମିଲ ମାଲିକ ମାନଙ୍କ ଛାତି ଧଡ଼ ଧଡ଼ ଜୋର ହେଉଥିବା ଶୁଣିବାକୁ ମିଳିଛି।

## ନାହିଁ ନାହିଁରେ ଚାଲିଛି ବଡବିଲ ଡାକ୍ତରଖାନା

# ମୁଖ୍ୟମନ୍ତ୍ରୀଙ୍କ ନିଜ ଜିଲ୍ଲାରେ ସ୍ୱାସ୍ଥ୍ୟସେବାର ବିକଳ ଚିତ୍ର

କେନ୍ଦୁଝର, (ଭାସ୍କର ନ୍ୟୁଜ): ସମଗ୍ର ରାଜ୍ୟ କାହିଁକି ଦେଶ ଭିତରେ ମଧ ଶିଳ୍ପ ପାଇଁ ବଡବିଲ ନିଜର ସ୍ୱତନ୍ତ୍ର ପରିଚୟ ଅଛି। ସାଧାରଣତଃ ବଡବିଲ ପାର୍ଶ୍ୱ ବର୍ତ୍ତି ୫୦ ଖଣ୍ଡ ଗ୍ରାମର ଲୋକ ତଥା ନିକଟସ୍ଥ ଝାଡ଼ଖଣ୍ଡ, ବିହାର ଓ ସିଂହଭୂମିରୁ ହଜାର ହଜାର ଲୋକ ବଡବିଲ ସ୍ଥିତ ଖଣି ଖାଦାନରେ କାମ କରି ନିଜର ଜୀବିକା ନିର୍ବାହ କରିବା ସହ ପରୋକ୍ଷରେ ବିଭିନ୍ନ ବେପାର କରି ନିଜର ଦୈନ୍ୟ ଦିନ ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ଏହି ବିଜ୍ଞାପିତ ଅଞ୍ଚଳରେ ଗୋଟିଏ ମାତ୍ର ସରକାରୀ ଡାକ୍ତରଖାନା ଅଛି। ସାଧାରଣ ଲୋକ ଠାରୁ ଗରିବ ଶ୍ରମଜୀବୀ ଏହି ଡାକ୍ତରଖାନା ଉପରେ ନିର୍ଭରଶୀଳ। ଯେଉଁମାନେ କି ଦାରିଦ୍ର୍ୟ ସୀମାରେଖା ତଳେ ଅଛନ୍ତି। ବ୍ୟାପକ ଲୁହା ପଥର ବୋଝେଇ ଟ୍ରକ ଓ ଡମ୍ପର ଯୋଗୁଁ ଦୈନନ୍ଦିନ ଦୁର୍ଘଟଣାରେ କେତେ ମୂଲ୍ୟବାନ ଜୀବନ ଯାଉଛି ତାହା କଳ୍ପନାତିତ। ସମଗ୍ର ଜିଲ୍ଲା ଓ ବିଶେଷ କରି ବଡବିଲ ଓ ଯୋଡ଼ାର ସ୍ୱାସ୍ଥ୍ୟ ସେବା ଅତୀବ ଶୋଚନୀୟ। ବଡବିଲ ସିଏଚସିରେ ଡାକ୍ତର ସଂଖ୍ୟନ୍ ସଂଖ୍ୟା ୨୧ ଅଟେ। କିନ୍ତୁ ବର୍ତ୍ତମାନ ମାତ୍ର ୭ ଜଣ ଡାକ୍ତର ମାତ୍ର କାର୍ଯ୍ୟ ରତ ୧୪ ଜଣ ଡାକ୍ତର ପୋଷ୍ଟ ଖାଲି ପଡ଼ିଛି। ଦନ୍ତ ବିଭାଗ, ଶଲ୍ୟ ଓ ଶିଶୁ ବିଭାଗକୁ ବାଦଦେଲେ ଦୀର୍ଘ ୧୦ବର୍ଷରୁ ଊର୍ଦ୍ଧ୍ୱ ହେବ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତର ନାହାନ୍ତି। ବିତ୍ତଶାଳୀ ବ୍ୟକ୍ତିଙ୍କ ପାଇଁ ହୁଏତ ବଡବିଲ ଡାକ୍ତରଖାନା ଗୁରୁତ୍ୱ ବହନ କରୁ ନଥାଇ ପାରେ କିନ୍ତୁ ଗ୍ରାମାଞ୍ଚଳ ଓ ହାର୍ଟିଂରେ ରହୁଥିବା ହଜାର ହଜାର ଲୋକ ଯେ ଏହା ଉପରେ ନିର୍ଭରଶୀଳ ସରକାର ଓ ଏଠାରୁ ପ୍ରତିନିଧିତ୍ୱ କରୁ ଥିବା ବ୍ୟକ୍ତି କେମିତି ଜାଣି ପାରୁ ନାହାଁନ୍ତି ତାହାହିଁ ଆଶ୍ଚର୍ଯ୍ୟର ବିଷୟ ଅଟେ। ଗର୍ଭବତୀ ମହିଳା ସନ୍ତାନ ପ୍ରସବ ପାଇଁ ଆସିଲେ କାର୍ଯ୍ୟରତ ସେବିକା ହିଁ ସେମାନଙ୍କର ତ୍ରାଣକର୍ତ୍ତା। ପ୍ରସୂତି ବିଭାଗ ଡାକ୍ତର ନ ଥିବାରୁ ଅଧିକାଂଶ ମହିଳା କେନ୍ଦୁଝର କିମ୍ବା ନିକଟସ୍ତ କମ୍ପାନୀ ଡାକ୍ତରଖାନାକୁ ଅତ୍ୟନ୍ତ ସଙ୍କଟାପନ୍ନ ଅବସ୍ଥାରେ ଯାଉଛନ୍ତି। ଯାହାର ଭାଗ୍ୟ ଭଲ ସେମାନେ ବଞ୍ଚୁ ଛନ୍ତି କେତେକ ସ୍ଥଳ ରେ ଅତ୍ୟଧିକ ଗର୍ଭ ଯନ୍ତ୍ରଣା ଓ ସଠିକ୍ ଚିକିତ୍ସାର ବିଳମ୍ବିତ କାରଣ ପାଇଁ ମୃତ୍ୟୁମୁଖରେ ମଧ ପଡୁଛନ୍ତି। ଲୋକଙ୍କ ମନରେ ବହୁ ଆଶା ଥିଲା ଆଦିବାସୀମାନଙ୍କ ଦରଦୀ ବନ୍ଧୁ ମୋହନ ମାଝୀ ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରି ଶାସନ ଦଣ୍ଡ ଧରିଛନ୍ତି ଏଣୁ ଶିଳ୍ପାଞ୍ଚଳ ବିଶେଷ କରି ଯୋଡ଼ା ବଡବିଲର ଗରିବ ଲୋକଙ୍କ ସ୍ୱାସ୍ଥ୍ୟ ସେବାର ବ୍ୟାପକ ପରିବର୍ତ୍ତନ ହେବ। ଦୁର୍ଘଟଣା ବଡବିଲର ନିତିଦିନିଆ ସହଚର। ଯିଏ ମରିଗଲା ତ ସରିଗଲା ଆଉ ଦୁର୍ଭାଗ୍ୟ ବଶତଃ ଯିଏ ବଞ୍ଚିଯାଉଛି ଚିକିତ୍ସା ଟ୍ରୋମା କେୟାର ଚିକିତ୍ସା ବ୍ୟବସ୍ଥା ନ ଥିବାରୁ ଚିକିତ୍ସା ନପାଇ ମାନବପ୍ରେରିତ ଜମଙ୍କ ପାଇଁ ଅକାଳରେ ଜୀବନ ଯାଉଛି। ସାଧାରଣ ଓ ବୁଦ୍ଧିଜୀବୀ ମଧ୍ୟରେ ଆଲୋଚନା ହେଉଛି ବଡବିଲର ସ୍ୱାସ୍ଥ୍ୟ ସହ ଅନ୍ୟାନ୍ୟ ସର୍ବନିମ୍ନ ସେବା ପାଇବା କଣ ସ୍ୱପ୍ନରେ ରହିଯିବ। କେତେକ ସଚେତନ ନାଗରିକ କୁହନ୍ତି ଗରିବର ଧୈର୍ଯ୍ୟ ବହୁତ୍ ଆଉ ଥରେ ତାହା କୂଳ ଲଂଘିଲେ ବିସ୍ଫୋରକ ପରିସ୍ଥିତି ସୃଷ୍ଟି ହୋଇଥାଏ। ମୁଖ୍ୟମନ୍ତ୍ରୀଙ୍କୁ ବଡବିଲ ଜନସାଧାରଣ ତୁରନ୍ତ ଆବଶ୍ୟକୀୟ ଡାକ୍ତର ଯୋଗାଇ ଦେବାକୁ ଅନୁରୋଧ ସହ ଦାବି ରଖି ଛନ୍ତି ଜନସାଧାରଣ।

## ଛିନତାଇ ଘଟଣାରେ ୪ ଗିରଫ

ବେତନଟୀ, (ଭାସ୍କର ନ୍ୟୁଜ): ମୟୂରଭଞ୍ଜ ଜିଲାର ବୈଶିଙ୍ଗା ରୁପସା ମୁଖ୍ୟ ରାସ୍ତାର ବଙ୍ଗାଳିଡାହି ଛକ ନିକଟରେ ଚଳିତ ମାସ ୭ ତାରିଖ ରାତିରେ ଦୁଇ ଭାଇଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟ ହୋଇଯାଇଥିବା ଘଟଣାରେ ବୁଧବାର ଚାରି ଅଭିଯୁକ୍ତ ଗିରଫ ହୋଇଥିବା ସୂଚନା ମିଳିଛି। ଘଟଣାରୁ ପ୍ରକାଶ ଯେ ଏହି ଥାନା ଅର୍ନ୍ତଗତ ବାଛୁରୀପଡା ଗ୍ରାମର ଦୁଇ ଭାଇ ପ୍ରଦୀପ ସାହୁ ଓ ଦିଲିପ ସାହୁ ବାଲେଶ୍ୱର ଜିଲ୍ଲାର ରୁପସା ବଜାର ଅଞ୍ଚଳରେ ଏକ ଗ୍ରୋସରୀ ଦୋକାନ କରିଛନ୍ତି। ସବୁଦିନ ସକାଳେ ଯାଆନ୍ତି ଓ ରାତିରେ ଦୋକାନ ବନ୍ଦ କରି ଘରକୁ ଫେରି ଥାଆନ୍ତି। ତେବେ ୭ ତାରିଖ ଗୁରୁବାର ରାତି ୧୦.୩୦ ମିନିଟ ସମୟରେ ଦୁଇ ଭାଇ ଏକ ବାଇକ ଯୋଗେ ଘରକୁ ଫେରୁଥିବା ବେଳେ ବଙ୍ଗାଳିଡାହି ଛକଠାରୁ ଅଳ୍ପ ଦୂରରେ ପୂର୍ବରୁ ଛକି ରହିଥିବା ଦୁଇଟି ବାଇକରେ ଛଅ ଜଣ ଦୁର୍ବୃତ୍ତ ହଠାତ ତାଙ୍କୁ ଅଟକାଇ ଲୁହାରଡ୍ ରେ ଆକ୍ରମଣ କରିଥିଲେ। ତାଙ୍କ ପାଖରେ ଥିବା ୧ ଲକ୍ଷ ୧୦ ହଜାର ଟଙ୍କା, ମୋବାଇଲ ଓ ବାଇକ ଚାବି ଛଡ଼ାଇ ନେଇ ପଳାଇଯାଇଥିଲେ। ଏହାକୁ ନେଇ ପୋଲିସ ପକ୍ଷରୁ ୩୧୮ନଂରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିଲା। ବୁଧବାର ବାଲେଶ୍ୱର ଜିଲ୍ଲାର ବସ୍ତା ଥାନା ଅଞ୍ଚଳର ରବୀନ୍ଦ୍ର ନାୟକ ୩୭ ବର୍ଷ, ରଞ୍ଜନ ପଣ୍ଡା ୨୯ବର୍ଷ, ବାପୁନୁ ଜେନା ୨୭ ବର୍ଷ ଓ ବିଜୟ ସେନାପତି ୨୧ ବର୍ଷଙ୍କୁ ଗିରଫ କରାଯାଇ ସେମାନଙ୍କ ଡ଼ାକ୍ତରୀ ପରୀକ୍ଷା ପରେ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି। ଏବେବି ଆହୁରି ଦୁଇ ଜଣ ଫେରାର ଥିବା ଥାନାଧିକାରୀ ବାରିଣୀ ଦାସଙ୍କ ସୂତ୍ରରୁ ପ୍ରକାଶ।

# ଭାଜପାର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ଥାନାରେ ପୃଥକ୍ ମାମଲା ରୁଜୁ

ରଘୁନାଥପୁର, (ଭାସ୍କର ନ୍ୟୁଜ୍): ରଘୁନାଥପୁର ଥାନା ଅନ୍ତର୍ଗତ ତାରପୁର ବାଇପାସ ଠାରେ ଭାଜପା ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ମାରପିଟ ହୋଇ ଥାନାରେ ୨ଟି ପୃଥକ ଅଭିଯୋଗ ହୋଇଛି। ସୂଚନା ଯୋଗ୍ୟ କି ବୁଧବାର କିଶନନଗର ଥାନା ମଣିଜଙ୍ଗ ପଞ୍ଚାୟତରେ କଟକ ସଦର ବିଧାୟକ ପ୍ରକାଶ ସେଠୀଙ୍କ ଏକ ଜନଶୁଣାଣି କାର୍ଯ୍ୟକ୍ରମ ଥିଲା। ଏଥିରେ ଅନ୍ୟାନ୍ୟ ଅଧିକାରୀ ମାନେ ମଧ ଉପସ୍ଥିତ ଥିଲେ। ଉକ୍ତ ପଞ୍ଚାୟତର ଭାଜପା କର୍ମୀ ଧାରିବିଲି ଗ୍ରାମର ପ୍ରିୟବ୍ରତ ମହାନ୍ତି ଓ ମଣିଜଙ୍ଗ ବଙ୍ଗାଳୀପାଟଣାର ଶରତ କୁମାର ବେହେରା ବିଧାୟକ ଓ ଅଧିକାରୀଙ୍କ ପାଇଁ ତାରପୁର ବାଇପାସକୁ ଖାଦ୍ୟ ନେବାକୁ ଆସିଥିଲେ। ଏହି ସମୟରେ ପୂର୍ବରୁ ଛକି ରହିଥିବା କିଶନନଗର ଥାନା ସାହାସପୁର ଗ୍ରାମର ଅକ୍ଷୟ କୁମାର ପରିଡା, ମଣିଜଙ୍ଗର ଭାନୁପ୍ରକାଶ ସାହୁ ଓ ଦଳିତହୁଡାର ବିନୋଦ କୁମାର ବେହେରା ଉଭୟ ପ୍ରିୟବ୍ରତ ଓ ଶରତଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ମାଡ ମାରି ଆହତ କରିଥିବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ସେହିପରି ବିନୋଦଙ୍କ ପକ୍ଷରୁ ମଧ ଥାନାରେ ପାଲଟା ଅଭିଯୋଗ କରାଯାଇଛି। ପ୍ରିୟବ୍ରତ ଓ ଶରତ ଉଭୟ ତାଙ୍କୁ ତାରପୁର ବାଇପାସ ଠାରେ ଅଟକାଇ ଜାତିଆଣ ମନ୍ତବ୍ୟ ଦେଇ ଗାଳି ଗୁଲଜ କରିବା ସହ ତାଙ୍କୁ ମାଡ ମାରି ଆହତ କରିଥିବାର ବିନୋଦ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତାଙ୍କୁ ମାଡ ମାରିବା ସମୟରେ ସେ ଅଚେତ ହୋଇ ପଡ଼ିଥିବା ଏବଂ ଦୁଇଜଣଙ୍କ ସହାୟତାରେ ସେ ରଘୁନାଥପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସିତ ହେବାକୁ ଆସିଥିବାର ବିନୋଦ ଅଭିଯୋଗରେ ଦର୍ଶାଇଛନ୍ତି। ଉଭୟ ଭାଜପା ଦଳର କର୍ମୀ ହୋଇଥିବା ବେଳେ ଦଳୀୟ ଶୃଙ୍ଖଳା ଓ ଅନୁଶାସନକୁ ଭୁଲି ଏପରି ମାରପିଟ ହେବାକୁ ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ନାପସନ୍ଦ କରାଯାଇଛି। ତେବେ ଏ ସମ୍ପର୍କରେ ଦୁଇଟି ଏତଲା ହୋଇଥିବା ଏବଂ ଘଟଣାର ତଦନ୍ତ ଜାରି ରହିଥିବାର ଆଇଆଇସି ସୁଶାନ୍ତ କୁମାର ସେଠି ପ୍ରକାଶ କରିଛନ୍ତି।

## ଶିକ୍ଷକ ପ୍ରଶିକ୍ଷିକାଙ୍କ ଶ୍ରେଣୀ ଶିକ୍ଷାଦାନ ପରିଦର୍ଶନ

ଡେଲାଙ୍ଗ, (ଭାସ୍କର ନ୍ୟୁଜ): ଶିଶୁ ବାଟିକା ଶ୍ରେଣୀରୁ କୋମଳ କଳିକାଙ୍କୁ ସଠିକ୍ ଭାବେ ନ ଗଢିଲେ ସେମାନଙ୍କ ଭବିଷ୍ୟତ ଶୈକ୍ଷିକ ସ୍ତର ସୁଦୃଢ ହେବ ନାହିଁ। ଏ ପରିପ୍ରେକ୍ଷୀରେ ପୁରୀ ଜିଲ୍ଲା 'ଜିଲ୍ଲା ଶିକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର' ଶିକ୍ଷକ ପ୍ରଶିକ୍ଷିକା ସୁଶ୍ରୀ ପ୍ରୀତି ପ୍ରତିମା ସ୍ୱାଗତିକା ପାଲ ଆଜି ଡ଼େଲାଙ୍ଗ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମୌଳିକ ସାକ୍ଷରତା ସଂଖ୍ୟା ଜ୍ଞାନ ଓ ଶିଶୁ ବାଟିକା ଶ୍ରେଣୀ ପରିଦର୍ଶନ କରି ଶିକ୍ଷୟିତ୍ରୀଙ୍କ ଶିକ୍ଷା ଦାନ କୌଶଳ ପରଖିବା ସହ କୋମଳମତି ଶିଶୁ ମାନଙ୍କୁ ଶିକ୍ଷାଦାନ ସମ୍ପର୍କରେ ପଚାରି ବୁଝିଛନ୍ତି। ଶ୍ରେଣୀ ପ୍ରକୋଷ୍ଠରେ ଶିକ୍ଷୟିତ୍ରୀ ସତ୍ୟଭାମା ବେହେରା ଓ ରୋଜାଲିନ ମହାରଣାଙ୍କୁ ଶିଶୁ ବାଟିକା ପିଲାମାନଙ୍କୁ ଓ ୧ମରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ମାନସିକତା ,ଶିକ୍ଷଣ ଆବଶ୍ୟକତା, ଉପଯୁକ୍ତ ଶିକ୍ଷଣ ସାମଗ୍ରୀ ସହ ହସଖୁସିରେ ଶିକ୍ଷଣ କାର୍ଯ୍ୟର ସୁପରିଚାଳନା କରିବାକୁ ପରାମର୍ଶ ଦେଇଛନ୍ତି। ଶିକ୍ଷୟିତ୍ରୀଙ୍କ ଉତ୍ତମ ଶ୍ରେଣୀ ପରିଚାଳନା, ଶୃଂଖଳା ଓ ବିଦ୍ୟାଳୟ ର ମଧ୍ୟାହ୍ନ ଭୋଜନ ଖାଇ ସେ ସନ୍ତୋଷ ଜନକ ଟିପ୍ପଣୀ ଦେଇଛନ୍ତି। ପରିଦର୍ଶନ ସମୟରେ ସିଆରସିସି ଲୋକନାଥ ପ୍ରଧାନ ଓ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ। ଆଉ କ'ଣ କଲେ ଶିକ୍ଷଣ ଆହୁରି ଅଧିକ ଆକର୍ଷଣୀୟ ଓ ଫଳପ୍ରଦ ହୋଇପାରିବ ସେ ସମ୍ବନ୍ଧୀୟ ସୁଚିନ୍ତିତ ସୂଚନା ମଧ ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଛନ୍ତି।ସେ ବହୁ ଶ୍ରେଣୀୟ ଶିକ୍ଷାଦାନ ଓ ଶିଶୁ ବାଟିକା ଶ୍ରେଣୀ ଉପରେ ମଧ ଗୁରୁତ୍ୱାରୋପ କରିଥିଲେ। ପରିଦର୍ଶନ ସମୟରେ ବିଦ୍ୟାଳୟର ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀମାନେ ମଧ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି ଗତ ସପ୍ତାହରେ ପୁରୀ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଦ୍ୱିତିକାନ୍ତ ପ୍ରଧାନ ଓ ବିଇଓ ଶତୃଘ୍ନ ବେହେରା ବିଦ୍ୟାଳୟର ଆସ ସ୍କୁଲ୍ ଯିବା କାର୍ଯ୍ୟକ୍ରମରେ ଯୋଗ ଦେଇ ସନ୍ତୋଷ ବ୍ୟକ୍ତ କରିବା ସହ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମୂଲ୍ୟବୋଧଭିତ୍ତିକ ସୁନ୍ଦର ପରାମର୍ଶ ଦେଇଥିଲେ।

## ଚାରି ଯୁବକଙ୍କ ଉନ୍ମତ କାଣ୍ଡ, ଆତଙ୍କିତ ଅବସ୍ଥାରେ ମହିଳା

ନିମାପଡ଼ା, (ଭାସ୍କର ନ୍ୟୁଜ): ନିମାପଡ଼ା ଗ୍ରାମ ଛକ ମୁଣ୍ଡରେ ଥିବା ଦୋକାନ ଗୃହରେ ମହିଳା ରାତ୍ରରେ ଶୋଇଥିବା ବେଳେ ୪ ଜଣ ଯୁବକ ସେଠାରେ ପହଂଚି ସିଗାରେଟ୍ ମାଗିବା ବାହାନା କରି ଦୋକାନ ବାଡ଼େଇବାରୁ ମହିଳା କବାଟ ଖୋଲି ନଥିଲେ। ତାହାକୁ ନେଇ ଯୁବକମାନେ ମହିଳାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହ ତାଙ୍କ ଦୋକାନକୁ ଭଙ୍ଗା ରୁଜା କରିଥିବା ଘଟଣା ସମ୍ପର୍କରେ ନିମାପଡ଼ା ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଆଧାରରେ ପୋଲିସ ତା'ର ତଦନ୍ତ ଜାରି ରଖିଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ, ପୁରୀ ଜିଲ୍ଲା ନିମାପଡ଼ା ଥାନା ଅରିଲୋ ଗ୍ରାମର ଗୋଲାପ ଜେନା (୪୫) ଙ୍କ ସ୍ୱାମୀ ନଥିବା ବେଳେ ଗୋଲାପ ଅରିଲୋ ଛକ ଗ୍ରାମ ମୁଣ୍ଡରେ ଏକ ଦୋକାନ କ୍ୟାବିନ୍‌ରେ ଶୋଇଥିଲେ। ବିଳମ୍ବିତ ରାତ୍ରରେ ୪ ଜଣ ଯୁବକ ମନ୍ଦ ଉଦ୍ଦେଶ୍ୟ ରଖି ଦୋକାନ କ୍ୟାବିନ୍‌କୁ ବାଡ଼େଇ ମହିଳାଙ୍କୁ ଡ଼ାକି ଥିଲେ। ଏତେ ରାତିରେ ଦୋକାନ ଖୋଲିବି ନାହିଁ ବୋଲି ମହିଳା କହିବାରୁ ଆମ୍ଭେ ସିଗାରେଟ୍ ନେବାକୁ ଆସିଛୁ ବୋଲି ଯୁବକମାନେ କହିଥିଲେ। ମହିଳା ଦୋକାନ କବାଟ ନ ଖୋଲିବାରୁ ୪ ଜଣ ଯୁବକ କ୍ରୋଧାନ୍ୱିତ ହୋଇ ଦୋକାନକୁ ବାଡ଼ିଆ ଭଙ୍ଗା କରିଥିଲେ। ଯାହାକୁନେଇ ମହିଳା ଆତଙ୍କିତ ଅବସ୍ଥାରେ ରାତ୍ର ସାରା ରହିଥିବା ବେଳେ ଏ ସମ୍ପର୍କରେ ନିମାପଡ଼ା ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିବା ଜଣାପଡ଼ିଛି।



# ଆମ କଳାହାଣ୍ଡି





## ଏନ୍ଏସି ଘୋଷଣା ପାଇଁ ଦାବି

ଭବାନୀପାଟଣା,(ଭାସ୍କର ନ୍ୟୁଜ୍): ରାଜ୍ୟରେ ନୂଆ ଏନ୍ଏସି ପାଇଁ ଗତ ଶନିବାର ଡ୍ରାଫ୍ଟ ନୋଟିସ ପ୍ରକାଶ ପାଇଥିଲା। ଏଥିରେ ୭ ଜିଲ୍ଲାରେ ୧୨ ଏନ୍ଏସି ଗଠନ ହେବା ନେଇ ନଗର ଉନ୍ନୟନ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଥିଲା। ହେଲେ ଏହି ବିଜ୍ଞପ୍ତିରେ କଳାହାଣ୍ଡି ଜିଲ୍ଲାର କୌଣସି ନାମ ନ ଥିଲା, ଯାହାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା। ଏପରିସ୍ଥଳେ ସୋମବାର ପୂର୍ବତନ ବିରୋଧୀ ଦଳ ନେତା ତଥା କଳାହାଣ୍ଡିର ବରିଷ୍ଠ ଭାଜପା ନେତା ପ୍ରଦୀପ୍ତ ନାଏକଙ୍କ ନେତୃତ୍ୱରେ ଏକ ଦଳ ଭୁବନେଶ୍ୱରସ୍ଥିତ ଲୋକସଭା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ଦାବିପତ୍ର ଦେଇଛନ୍ତି। ଏଥିରେ କଳାହାଣ୍ଡି ଜିଲ୍ଲାର ଜୟପାଟଣା, ନର୍ଲା ଓ ଏମ୍. ରାମପୁରକୁ ଏନ୍ଏସି ଘୋଷଣା କରିବା, କେସିଙ୍ଗାର ତାହଂଶଠାରୁ



ଜୋଲକୋ ପର୍ଯ୍ୟନ୍ତ ବାଇପାସ ରାସ୍ତା ନିର୍ମାଣ, ସ୍ପିନିଂ ମିଲକୁ କାର୍ଯ୍ୟକ୍ଷମ କରାଇବା, ତେଲ ନଦୀ ଉପରେ ତୁର୍ଲାଖମନଠାରେ ବ୍ୟାରେଜ ନିର୍ମାଣ ଆଦି ଉଲ୍ଲେଖ ହୋଇଛି। ଏହି ସମୟରେ ଭାଜପାର ପୂର୍ବତନ ଜିଲା ସଭାପତି ଶେଷଦେବ ବେହେରା, ପୂର୍ବତନ ଜିଲା ପରିଷଦ ଅଧକ୍ଷା ନମିତା ରାଣୀ ସାହୁ, ବରିଷ୍ଠ ଆଦିବାସୀ ନେତା ଗଙ୍ଗାଧର ମାଝୀ ଓ କେସିଙ୍ଗା ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ଉପସ୍ଥିତ ଥିଲେ। ତେବେ ପରବର୍ତ୍ତୀ ପର୍ଯ୍ୟାୟରେ କଳାହାଣ୍ଡି ଜିଲାର ଉପରୋକ୍ତ ତିନୋଟି ସହରକୁ ଏନ୍ଏସି ପାଇଁ ନାମ ଘୋଷଣା କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଥିବା ଜଣାପଡିଛି। ସୂଚନାଯୋଗ୍ୟ, ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲାର ଜୟପାଟଣା, ନର୍ଲା ଓ ଏମ୍ ରାମପୁରକୁ ନୂତନ ଏନ୍ଏସି କରିବା ପାଇଁ ଘୋଷଣା କରିଥିଲେ, ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ସାହ ଦେଖିବାକୁ ମିଳିଥିଲା।

## ନୂଆଁଖାଇର ଆଦ୍ୟପର୍ବ ରୁଗୀବଲା ଯାତ୍ରା ସମ୍ପନ୍ନ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : ଆଉ ମାତ୍ର ଆଠଦିନ ରହିଲା ପଶ୍ଚିମ ଓଡିଶାର ଗଣପର୍ବ ନୂଆଁଖାଇ। ଇତି ମଧ୍ୟରେ ଗାଁ ଗହଳରେ ଘରଦ୍ୱାର ଲିପାପୋଛା, ସମସ୍ତ କପଡାଲତା, ଆସବାପତ୍ର ଧୁଆଧୁଇ ଜୋର ସୋରରେ ଚାଲିଛି। ନୂଆଁଖାଇ ଆଉ କିଛିଦିନ ଥାଇ ଗ୍ରାମରୁ ରୋଗ ଦୂରୀକରଣ ପାଇଁ ରୁଗୀବଲା ଯାତ୍ରା ଅନୁଷ୍ଠିତ ହୋଇଥାଏ। ଏହି ଅଞ୍ଚଳର ଅନେକ ଗାଁରେ ଏହି ଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ରିଷିଡାର ସଲଣ୍ଡିଆମୁଣ୍ଡା ଠାରେ ମଙ୍ଗଳବାର ସକାଳୁ ଗ୍ରାମର ଝାଙ୍କର



ଉମାକାନ୍ତ ଭୋଇ ଓ ହୃଦାନନ୍ଦ ଭୋଇ ଗ୍ରାମର ବୟୋଜ୍ୟେଷ୍ଠ ବ୍ୟକ୍ତି ମାନଙ୍କ ସହ ଘର ଘର ବୁଲି ଧୂପ, ଫୁଲ, ଖଇ ସଂଗ୍ରହକରି ଧରଣୀ ଗୁଡ଼ିରେ ପହଞ୍ଚିଥିଲେ। ସେଠାରେ ଗାଁରୁ ରୋଗ ଦୂରୀକରଣ ପାଇଁ ଗ୍ରାମ ଦେବଦେବୀଙ୍କୁ ପୂଜାର୍ଚ୍ଚନା କରିଥିଲେ। ତାପରେ ଗ୍ରାମର ଶେଷମୁଣ୍ଡକୁ ଯାଇ ନିଛାଟିଆ ଜାଗାରେ ରୋଗ ନିରାକରଣ ପାଇଁ ପୂଜା କରି କୁକୁଡ଼ା, ଛେଳି ବଳି ଦିଆଯାଇଥିଲା। ପରେ ପ୍ରସାଦ ସେବନ କରି ଲୋକେ ପୁଣି ସ୍ନାନ କରି ଘରକୁ ଫେରିଥିଲେ। ନୂଆଁ ସୁଆଁ ଖାଇବା ପୂର୍ବରୁ ସମସ୍ତେ ଯେପରି ସୁସ୍ଥ ଓ ଆନନ୍ଦିତ ରହିବେ, ସେ ଉଦ୍ଦେଶ୍ୟରେ ଏହି ରୁଗୀବଲା ଯାତ୍ରା କାହିଁ ଅନାଦି କାଳରୁ ଚାଲିଆସୁଛି।

## ଟିକସ ଫାଙ୍କିବା ମହଙ୍ଗା ପଡ଼ିଲା

କର୍ଲାମୁଣ୍ଡା,(ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ଫାଣ୍ଡି ପୋଲିସ ସୂଚନା ଅନୁସାରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଟିମ୍ ମଙ୍ଗଳବାର ଟିକସ ଫାଙ୍କି ବେଆଇନ ଭାବେ ସାମଗ୍ରୀ ଚାଲାଣ କରୁଥିବା ଦୁଇଟି ଗାଡିଠାରୁ ଜରିମାନା ଆଦାୟ କରିଛି। ସୂଚନା ମତେ ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକା ପାନମସଲା, ସାବୁନ ଆଦି ନେଉଥିବା ଏକ ପିକ୍‌ଅପ ଗାଡି (ଓଡି ୦୮ଜି ୩୮୭୭) ଓ ଭାଙ୍ଗ



ନେଉଥିବା ପିକ୍‌ଅପ (ଓଡି ୦୩ ଏଇ ୮୯୯୯)କୁ ତନଖି କଲାବେଳେ ଜିଏସ୍‌ଟି ଫାଙ୍କିଥିବା ଜାଣିବାକୁ ପାଇଥିଲେ। ସେ ଏ ନେଇ ଖବର ଦେବାପରେ ଜିଏସ୍‌ଟି ଏନ୍‌ଫୋର୍ସମେଣ୍ଟ ଭବାନୀପାଟଣାର ସହକାରୀ କମିଶନର ଦିବ୍ୟଜ୍ୟୋତି ନନ୍ଦ ଓ ସହକାରୀ ବାଣିଜ୍ୟକର ଅଧିକାରୀ ସୁଧାଂଶୁ ଶେଖର ବେହେରାଙ୍କୁ ନେଇ ଗଠିତ ଟିମ୍ ଆସି ସାବୁନ ଉପରେ ଦୁଇ ଲକ୍ଷ ଓ ଭାଙ୍ଗ ଉପରେ ୭୦ହଜାର ଟଙ୍କାର ଜିଏସ୍‌ଟି ଆଦାୟ କରିଥିଲେ।

### ।।। ଆତ୍ମହତ୍ୟା ମାନସିକତା ନିରୋଧ ସଚେତନତା କାର୍ଯ୍ୟକ୍ରମ ।।।

## 'ଜୀବନର ପ୍ରତିକୂଳ ପରିସ୍ଥିତିକୁ ଦୃଢ଼ତାର ସହ ମୁକାବିଲା କରିବା ଉଚିତ'

ଭବାନୀପାଟଣା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ପୋଲିସ ପକ୍ଷରୁ ସ୍ଥାନୀୟ ମାଆ ମାଣିକେଶ୍ୱରୀ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରେ ଆତ୍ମହତ୍ୟା ମାନସିକତା ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଥୁଆମୂଳ ରାମପୁର ଥାନା ଅଧିକାରୀ କୈବଲ୍ୟ ସେଠଙ୍କ ଅଧକ୍ଷତାରେ ଆୟୋଜିତ ଏହି ସଚେତନତା କାର୍ଯ୍ୟକ୍ରମରେ ଥୁଆମୂଳ ରାମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଧ୍ରୁବ ଚରଣ ମୁଦୁଲି ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବିଦ୍ୟାଳୟର ଉପସ୍ଥିତ ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ଆତ୍ମହତ୍ୟା ମାନସିକତା ସମ୍ପର୍କରେ ସଚେତନ କରାଇଥିଲେ। ଜୀବନରେ ଯେକୌଣସି ପ୍ରତିକୂଳ ପରିସ୍ଥିତିକୁ ଦୃଢ଼ତାର ସହିତ ମୁକାବିଲା କରିବାକୁ



ପଡିବ। ମାନସିକସ୍ତରରେ ନିଜକୁ ନିୟନ୍ତ୍ରଣ କରିବାକୁ ପଡିବ। ଆତ୍ମହତ୍ୟା ଏକ ବିକଳ୍ପ ନୁହଁ ବରଂ ଏହା ସବୁଠାରୁ ବଡ ପାପ। ନିଜ ଜୀବନ ଉପରେ କେବଳ ନିଜର ଅଧିକାର ବୋଲି ଭାବିବା ଉଚିତ ନୁହଁ। ବାପା ମାଆ ପରିବାର ତଥା ନିଜ ସମ୍ପର୍କୀୟ ଏପରିକି ଏଇ ସମାଜ ପାଇଁ ଆମକୁ ବଞ୍ଚିବାକୁ ପଡିବ ବୋଲି ଅତିଥି ମାନେ ଉଦବୋଧନ ଦେଇଥିଲେ। କୌଣସି ଛାତ୍ରୀ ଯଦି କୌଣସି ପ୍ରକାରର ଶାରୀରିକ ଶୋଷଣର ଶୀକାର କିମ୍ବା ଅସୁବିଧାର ସମ୍ମୁଖୀନ ହୁଏ ତାହେଲେ ସେ ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନ ନେଇ ଏହାର କିପରି ମୁକାବିଲା କରିପାରିବ। ନିଜ ପରିବାରକୁ ଜଣାଇବା ସହ ଏକାଠି ଏହାର ନିରୋଧ ତଥା ପୋଲିସର ଟୋଲ ଫ୍ରି ହେଲ୍ପଲାଇନ ନମ୍ବରର ଉପଯୋଗ କରିପାରିବେ ବୋଲି ଥାନା ଅଧିକାରୀ ଶ୍ରୀ ସେଠ୍ ଛାତ୍ରଛାତ୍ରୀ ମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଉକ୍ତ ବିଦ୍ୟାଳୟର ଅଧକ୍ଷ ସତ୍ୟ ନାରାୟଣ ମୁଣ୍ଡଛିନା, ଥାନା ସବ୍ ଇନ୍ସପେକ୍ଟର ରଶ୍ମୀରଞ୍ଜନ ବାଗ, ଅଧ୍ୟାପକ ସରୋଜ ପଟ୍ଟଯୋଶୀ ପ୍ରମୁଖ ଯୋଗ ଦେଇଥିଲେ। ଅଧ୍ୟାପକ ବବ୍ରୁବାହାନ ବୁଦ୍ଧିଆ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସଭା ପରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅନେକ ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀ ମାନେ ଉପସ୍ଥିତ ଥିଲେ।

## ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ: ୧ କିଲୋମିଟର ଚାଲିଲେ ଗର୍ଭବତୀ





ଲାଞ୍ଜିଗଡ଼,(ଭାସ୍କର ନ୍ୟୁଜ୍): କଳହାଣ୍ଡି ଜିଲ୍ଲାରେ ପୁଣି ଜନନୀ ଯନ୍ତ୍ରଣା। କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ବିଜେପୁର ପଞ୍ଚାୟତ କୁଟିଆକନ୍ଧଙ୍କ ମେଲବାହିଲି ଗାଁର ବଣ୍ଡେଲ ପଡାରେ ଦେଖିବାକୁ ମିଳିଛି ଏଭଳି ଏକ ଅଭାବନୀୟ ଘଟଣା। ଜଣେ କୁଟିଆ କନ୍ଧ ମହିଳାଙ୍କ ପ୍ରସବ ଯନ୍ତ୍ରଣା ହୋଇଥିବାବେଳେ ଗାଁକୁ ପହଞ୍ଚି ପାରିଲା ନାହିଁ ଆମ୍ବୁଲାନ୍ସ। ଗର୍ଭବତୀଙ୍କୁ ରାତି ୧୦ଟାରେ ଚାଲିବାକୁ ପଡ଼ିଲା ୧ କିମି। ବିଜେପୁର ପଞ୍ଚାୟତ ମେଲବାହିଲି ଗାଁର ବଣ୍ଡେଲ ପଡାର ମିଶ୍ର ମାଝୀଙ୍କ ସ୍ତ୍ରୀ କାଞ୍ଚ ମାଝୀଙ୍କ ସମବାର ରାତିରେ ପ୍ରସବ ଯନ୍ତ୍ରଣା ଆରମ୍ଭ ହୋଇଥିଲା। ଗାଁ ଯୁବକମାନଙ୍କୁ ଯୋଗାଯୋଗ ପରେ ୧୦୮ ଆମ୍ବୁଲାନ୍ସ ବ୍ୟବସ୍ଥା କରିଥିଲେ। କିଛି ସମୟ ମଧ୍ୟରେ ଆମ୍ବୁଲାନ୍ସ ପହଞ୍ଚି ଥିଲା ସତ କିନ୍ତୁ ଖରାପ ରାସ୍ତା କାରଣରୁ ଗାଁକୁ ଯାଇ ନ ପାରି ୧ କିମି ଦୂରରେ ଲାଞ୍ଜିଗଡ଼-ବିଜେପୁର ସଂଯୋଗ କରୁଥିବା ମୁଖ୍ୟ ରାସ୍ତାରେ ରହିଥିଲା। କାଞ୍ଚ ତାଙ୍କ ପରିବାର ଓ ଗାଁର ମହିଳାମାନଙ୍କ ସହିତ ବର୍ଷାରେ ଭିଜି ଭିଜି ୧ କିମି ପାଦରେ ଚାଲି ଚାଲି ଖାଲଖମାରେ ଭର୍ତ୍ତି ଜଙ୍ଗଲ ରାସ୍ତାରେ ଆମ୍ବୁଲାନ୍ସକୁ ଆସିବା ପରେ ସେଠାରୁ ତାଙ୍କୁ ୨୦ କିମି ଦୂର ସୀମାନ୍ତ ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ଡାକ୍ତରଖାନାକୁ ପଠାଯାଇଥିଲା। ବଣ୍ଡେଲବାସୀଙ୍କ କହିବା ଅନୁସାରେ ପୂର୍ବରୁ ରାସ୍ତା ପାଇଁ ଦୁଇ ବର୍ଷ ହେବ ବିଜେପୁର ପଞ୍ଚାୟତ ଗ୍ରାମସଭାରେ ଲିଖିତ ଅଭିଯୋଗ କରି ଆସୁଛି। ପଞ୍ଚାୟତ ପକ୍ଷରୁ ତମ ଗାଁ ରାସ୍ତା ନିର୍ମାଣ ପାଇଁ ଟେଣ୍ଡର ହୋଇଯାଇଛି ଠିକାଦାର କମ୍ ସମୟ ମଧ୍ୟରେ ରାସ୍ତା କାମ ଆରମ୍ଭ କରିବ ବୋଲି କହୁଛନ୍ତି। ମାତ୍ର ଅଭିଯୋଗ କରି ୨ବର୍ଷ ହେଲାଣି କାମ ହେଉନଥିବାବେଳେ ଠିକାଦାରଙ୍କ ଦେଖାନାହିଁ ବୋଲି କହିଛନ୍ତି। ଏହା ପୂର୍ବରୁ ଲାଞ୍ଜିଗଡ ବ୍ଲକ ପାହାଡ଼ପଦର ପଞ୍ଚାୟତ ତଇଁପଦର, ଲାଞ୍ଜି ପଞ୍ଚାୟତ ତୁର୍କା ଓ ବେଡାଗାଁ ପଞ୍ଚାୟତ ମନସ୍ବରା ଗାଁରେ ଗର୍ଭବତୀ ମହିଳାଙ୍କୁ ପାଦରେ ଚଲାଇ କିମ୍ବା ଖଟିଆରେ ବୋହିକି ଆଣିବା ପରେ ଆମ୍ବୁଲାନ୍ସ ଯୋଗେ ଡାକ୍ତରଖାନା ଅଣାଯାଇଥିଲା। ବ୍ଲକରେ ବର୍ତ୍ତମାନ ମଧ୍ୟ ୬୦ରୁ ଊର୍ଦ୍ଧ୍ୱ ଗ୍ରାମକୁ ପାଦାଚଲା ରାସ୍ତା ରହିଥିବା ବେଳେ ଦୁର୍ଗମ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି। ତେଣୁ ଏଥିପ୍ରତି ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅସହାୟକୁ ସରପଞ୍ଚ ଓ ବିଡିଓଙ୍କ ସହାୟତା ପ୍ରଦାନ

କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ୍) : କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ରେଗଡା ପଞ୍ଚାୟତ ସ୍ଥିତ ଯୋଗିପଲା ଗ୍ରାମର ଶିଶୋପଡାର ନେତ୍ରୀ ଚୌଧୁରୀ ୮୦ ବର୍ଷିଆ ବୃଦ୍ଧାଙ୍କ ବୋହୂ ଦୀପାଞ୍ଜଳୀ ଚୌଧୁରୀଙ୍କ ମୃତ୍ୟୁ ହୋଇଥିଲା । ଏଣୁ ତାଙ୍କର ଶୁଦ୍ଧି କ୍ରିୟା କରିବା ପାଇଁ ବୃଦ୍ଧା ମହିଳାଙ୍କ ପାଇଁ ଅର୍ଥ ସମସ୍ୟା ଦେଖା ଦେଇଥିଲା। । ଏ ଖବର ଜାଣିବା ପରେ ସ୍ଥାନୀୟ ରେଗଡା ଗ୍ରାମ ପଞ୍ଚାୟତର ସରପଞ୍ଚ ଦିପ୍ତୀରାଣୀ ସାହୁ ବୃଦ୍ଧାଙ୍କ ନିକଟକୁ ଯାଇ ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଓ ତାଙ୍କ ନିଜର ଦୁଇ ହଜାର



ମିଶେଇ ପାଞ୍ଚ ହଜାର ଟଙ୍କା ପ୍ରଦାନ କରିଥିବା ଜଣାପଡ଼ିଛି ଓ କର୍ଲାମୁଣ୍ଡା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ସାମଲ ନିଜ ଆତ୍ମଦ୍ଧାଙ୍କୁ ଶୁଦ୍ଧିକ୍ରିୟା ପାଇଁ ସମସ୍ତ ରାସନ୍ ସାମଗ୍ରୀ ପ୍ରଦାନ କରିଛନ୍ତି।ଏଭଳି ସମୟରେ ଜଣେ ନିରୀହ, ଅସହାୟ ବୃଦ୍ଧାଙ୍କୁ ସହାୟତା ଦେଇଥିବାରୁ ଲୋକେ ସରପଞ୍ଚ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦେବେନ୍ଦ୍ର ସାମଲ ଙ୍କୁ ପ୍ରସଂଶା କରିଛନ୍ତି।

### ଅବ୍ୟବସ୍ଥା ଭବାନୀପାଟଣା ବସଷ୍ଟାଣ୍ଡ

## ଶୌଚାଳୟ ପାଇଁ ଅସୁବିଧା ଭୋଗୁଛନ୍ତି ଯାତ୍ରୀ





ଭବାନୀପାଟଣା, (ଭାସ୍କର ନ୍ୟୁଜ୍): କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ଗତ ଦୁଇ ଦିନ ହେଲା ଲଗାଣ ବର୍ଷା ଜାରି ରହିଛି। ତେବେ ଗତ ଦେଢ଼ ବର୍ଷ ତଳେ ଉଦ୍‌ଘାଟନ ହୋଇଥିବା ଭବାନୀପାଟଣା ନୂତନ ବସଷ୍ଟାଣ୍ଡର ଛାତରୁ ପାଣି ଗଳୁଥିବାରୁ ସାଧାରଣରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି। ସେହିପରି ବସଷ୍ଟାଣ୍ଡରେ ଥିବା ଉଭୟ ମହିଳା ଓ ପୁରୁଷ ଶୌଚାଳୟର ମଳ ନଳୀ ପାଇପ ଜାମ୍ ହେବା ଯୋଗୁଁ ବନ୍ଦ କରାଯାଇଛି। ଏପରି ସ୍ଥଳେ ଶୌଚାଳୟ କାମ ଚାଲିଛି ଓ ପଛ ପଟେ ଥିବା ଶୌଚାଳୟକୁ ବ୍ୟବହାର କରନ୍ତୁ ବୋଲି ଶୌଚାଳୟର କବାଟରେ ଲେଖା ହୋଇଛି। ତେବେ ପରିତାପର ବିଷୟ ହେଲା ଏକାଥରକେ ଉଭୟ ମହିଳା ଓ ପୁରୁଷ ଦୁଇଟି ଶୌଚାଳୟକୁ ବନ୍ଦ କରି ଦେବା ଯୋଗୁଁ ଯାତ୍ରୀ ମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ବିଶେଷ କରି ମହିଳା ମାନେ ଅଧିକ ଅସୁବିଧାର ସମ୍ମୁଖୀନ ହୋଇଥିବା ବେଳେ ବସ୍ ପଛ ପଟେ ଯାଇ ଶୌଚ ବା ପରିଶ୍ରା କରୁଥିବା ଜଣାପଡିଛି। ଯଦି ମଳ ନଳୀ ଖରାପ ତଥା ଜାମ ହୋଇଛି ତାହେଲେ ଗୋଟିଏକୁ ସଜାଡ଼ିବା ପରେ ଆଉ ଗୋଟିଏ ସଜା ଯାଇ ପାରିଥାନ୍ତା। ହେଲେ ଟେଣ୍ଡର ନେଇ ଥିବା ସଂସ୍ଥା ଉଭୟ ମହିଳା ଓ ପୁରୁଷ ଶୌଚାଳୟର ଦୁଇଟି କବାଟ ବନ୍ଦ କରି କାମ ଚାଲୁ ଅଛି ବୋଲି ଲେଖି ଦେଇ ନିଜ କାମ ସାରିଦେଇଛନ୍ତି।

## ନବୀନଙ୍କ ଆଶୁ ଆରୋଗ୍ୟ କାମନାରେ ପୂଜାର୍ଚ୍ଚନା

ନର୍ଲା (ଭାସ୍କର ନ୍ୟୁଜ)ବିଜୁ ଜନତାଦଳର ସୁପ୍ରିମ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଶୁ ଆରୋଗ୍ୟ କାମନା ଉଦ୍ଦେଶ୍ୟରେ ବିଜୁ ଜନତାଦଳ ପକ୍ଷରୁ ମାଁ ମାଣିକେଶ୍ୱରୀ ମନ୍ଦିର ଠାରେ ଦୀପ ପ୍ରଜ୍ୱଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ନର୍ଲା ବିଧାୟିକା ମନୋରମା ମହାନ୍ତି ଓ ସମସ୍ତ ବରିଷ୍ଠ ନେତୃ ମଣ୍ଡଳୀ, ରାଜ୍ୟ କାର୍ଯ୍ୟକାରିଣୀ ସଭାପତି ଅବିନାଶ ଠାକୁର, ଲଳିତା ନାଏକ, ଆଦିତ୍ୟ ନନ୍ଦ, ମଣ୍ଟୁ ନାଏକ, ମ୍ୟୁନିସିପାଲଟି ଅଧକ୍ଷା ସମେତ ବିଜୁ ଜନତାଦଳର ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।



## ଗ୍ରାମସଭାରେ ଖଣି ଖନନକୁ ତୀବ୍ର ବିରୋଧ


କୋକସରା,(ଭାସ୍କର ନ୍ୟୁଜ୍): 'ଯାନ ଯାଉ ଜୀବନ ଯାଉ କରା ଆମର ଜଙ୍ଗଲ ବଞ୍ଚିଥାଉ'। ଖଣି ଖନନକୁ ତୀବ୍ର ବିରୋଧ କରିଛନ୍ତି କାଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ୍ ବାଟିଗୁଡା ଗ୍ରାମବାସୀ। ମଙ୍ଗଳବାର ମୋଟେର ପଞ୍ଚାୟତ ବାଟିଗୁଡା ଗାଁ ନିକଟରେ ଥିବା କରାଡୋଙ୍ଗରି ଖଣିରୁ ଉତ୍ତୋଳନ ପାଇଁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ରାୟଗଡା ପକ୍ଷରୁ ଜନ ଶୁଣାଣି ଗ୍ରାମସଭା ହୋଇଥିଲା। ହେଲେ ଗ୍ରାମବାସୀ ଏହି ସଭାରେ ଖଣି ଖନନକୁ ତୀବ୍ର ବିରୋଧ କରିଛନ୍ତି। ଏହି ଜନ ଶୁଣାଣିରେ ଅତିରିକ୍ତ କଳାହାଣ୍ଡି ଜିଲ୍ଲାପାଳ, ଉପ-ଜିଲ୍ଲାପାଳ, ସ୍ଥାନୀୟ ବ୍ଲକ୍ ପ୍ରଶାସନ ଉପସ୍ଥିତ ଥିଲେ। ଜନ ଶୁଣାଣିରେ ଏହି ଡଙ୍ଗର ଉପରେ ଥିବା ଅଧିଷ୍ଠାତ୍ରୀ ଗ୍ରାମଦେବୀ ମା' ମାଉଳିଙ୍କ ଆସ୍ଥାନ ରହିଥିବା ବେଳେ ଦେବୀଙ୍କ ଉପରେ ଗ୍ରାମବାସୀଙ୍କ ଆସ୍ଥା ରହିଛି। ଜଙ୍ଗଲ ନଷ୍ଟ ହେଲେ ଜୀବନ ଜୀବିକା ବିପନ୍ନ ହେବ ଓ ଗ୍ରାମ ଧ୍ୱଂସ ହେବ ବୋଲି ଗ୍ରାମବାସୀ ପ୍ରତିବାଦ କରିଥିଲେ। ଜୀବନ ଥିବା ପର୍ଯ୍ୟନ୍ତ ଖଣି ଖନନକୁ ବିରୋଧ କରାଯିବା ବୋଲି ବ୍ରଜ ଶପଥ ନେଇଥିଲେ ସ୍ଥାନୀୟ ବାସିନ୍ଦା।

## ରାଶିଫଳ


**ଗୁରୁବାର, ୨୧ ଅଗଷ୍ଟ ୨୦୨୫**



**ମେଷ:** ପରିବାର ସାହାଯ୍ୟ କରିବେ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। କ୍ୟାରିୟର ଏବଂ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଆପଣ କିଛି ନୂତନ ଏବଂ ମହତ୍ ସୁଯୋଗ ମଧ୍ୟ ପାଇପାରିବେ।




**ବୃଷ:** ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଆପଣ ଲୋକମାନଙ୍କୁ ମଧ୍ୟ ପ୍ରଭାବିତ କରିବେ। ଲୋକମାନେ ଆପଣଙ୍କର ଚିନ୍ତାଧାରାକୁ ପସନ୍ଦ କରିବେ। ଆଜିର ଦିନଟି ଆପଣଙ୍କ ପାଇଁ ସ୍ୱାଭାବିକ। ଆପଣଙ୍କ ଜୀବନ ସାଥୀ ଆପଣଙ୍କର ଅନୁଭବ ବୁଝିବେ। ଗଣ୍ଠି ଯନ୍ତ୍ରଣା ମଧ୍ୟ ଆପଣଙ୍କୁ କଷ୍ଟ ଦେଇପାରେ।



**ମିଥୁନ:** ଧାର୍ମିକ ଏବଂ ସାଂସ୍କୃତିକ ମହୋତ୍ସବରେ ଏକ ଅଂଶ ରହିବେ। ବ୍ୟବସାୟ ଭଲ କରିବ। ଅଫିସରେ ଚାକିରିକୁ ନେଇ ସନ୍ତୁଷ୍ଟ ରହିବେ। ବିନିଯୋଗ ଇତ୍ୟାଦିରେ ଲାଭବାନ ହେବ। ଘର ବାହାରେ ଜୀବନ ଖୁସି ହେବ। ଆର୍ଥିକ ଦିଗ ଦୃଢ ହେବ।



**କର୍କଟ:** ଆପଣ ମଧୁରବାଣୀ ଦ୍ୱାରା ଯେକୌଣସି କାର୍ଯ୍ୟରେ ବିଜୟୀ ହେବାକୁ ସମର୍ଥ ହେବେ। ପରିବାର ସଦସ୍ୟଙ୍କ ସହିତ ଖୁସିରେ ସମୟ ଅତିବାହିତ କରିବେ। ଆଜି ଭାଗ୍ୟ ଆପଣଙ୍କ ସହିତ ରହିବ। ଆୟର ନୂତନ ଉତ୍ସ ଉତ୍ପନ୍ନ ହୋଇପାରେ। ଅଫିସ୍ କାର୍ଯ୍ୟ ସବୁଦିନ ଅପେକ୍ଷା ଆଜି ଭଲ ହେବ। ଜୀବନ ସାଥୀଙ୍କ ପୂର୍ଣ୍ଣ ସମର୍ଥନ ପାଇବେ।



**ସିଂହ:** କାରବାରରେ ସତର୍କତା ବ୍ୟବହାର କରନ୍ତୁ। ପରିସ୍ଥିତିକୁ ନେଇ ଟଙ୍କା ଚିନ୍ତା କରିବାକୁ ପଡିବ। ଆପଣଙ୍କର ଅନାବଶ୍ୟକ ଖର୍ଚ୍ଚ ହୋଇପାରେ। ଚାକିରି ଏବଂ ବ୍ୟବସାୟରେ ଦ୍ୱନ୍ଦ୍ୱ ବଢିପାରେ। ଟଙ୍କା ମାମଲାରେ ଯତ୍ନବାନ ହେବାକୁ ପଡିବ।




**କନ୍ୟା:** କ୍ରନିକ୍ ରୋଗରେ କିଛି ଆରାମ ମିଳିପାରେ। ଅନେକ ଦିନ ଧରି ବନ୍ଦ ହୋଇଯାଇଥିବା କାର୍ଯ୍ୟଗୁଡ଼ିକ ମଧ୍ୟ ସଂପୂର୍ଣ୍ଣ ହୋଇପାରିବ। ପାରିବାରିକ ସମ୍ପର୍କ ଆନ୍ତରିକ ହେବ। ଆପଣଙ୍କର ଭାବମୂର୍ତ୍ତିରେ ଉନ୍ନତି ଆଣିବାକୁ ଆପଣ ଏକ ସୁଯୋଗ ମଧ୍ୟ ପାଇପାରିବେ।



**ତୁଳା:** ବ୍ୟବସାୟରେ ବ୍ୟସ୍ତ ରହିବେ। ସାମାଜିକ ସ୍ତରରେ ସମ୍ମାନ ମିଳିବ। କଠିନ ପରିଶ୍ରମ ସହିତ ଟଙ୍କା ରୋଜଗାର କରିବେ। ଗତ କିଛି ଦିନ ଧରି ଥିବା ଅସମ୍ପୂର୍ଣ୍ଣ କାମ ସଂପୂର୍ଣ୍ଣ ହେବ। ନୂତନ ଚୁକ୍ତିନାମା କିମ୍ବା ନୂତନ ସମ୍ପର୍କ ଗଠନ ହେବାର ସମ୍ଭାବନା ଅଛି। ସମୟ ଭଲ ଅଟେ। ଆପଣ ଏକାସାଙ୍ଗରେ ଅନେକ କ୍ଷେତ୍ରରେ ସକ୍ରିୟ ରହିବେ ।



**ବିଛା:** ଦୈନ୍ୟନ୍ଦିନ କାର୍ଯ୍ୟଗୁଡିକ କିଛି ବିପଦ ବହନ କରିପାରେ। ଚାକିରିରେ ସମସ୍ୟା ହୋଇପାରେ। ଯଦି ଆପଣ ଜିଦି କରନ୍ତି ତେବେ, କାହା ସହିତ ବିବାଦ ହେବାର ସମ୍ଭାବନା ଅଛି। ଅଧିକ ଚିନ୍ତାରେ ସମୟ ନଷ୍ଟ କରନ୍ତୁ ନାହିଁ। ହଠାତ୍ ଆପଣ ଅସୁବିଧା ମଧ୍ୟ ବଢିପାରେ। କାର୍ଯ୍ୟରେ ବାଧା ଯୋଗୁଁ ଆପଣଙ୍କ ମନୋବଳ ବିଚଳିତ ହୋଇପାରେ।




**ଧନୁ:** ଆପଣଙ୍କର ଜୀବନରେ କିଛି ପରିବର୍ତ୍ତନ କରିବାକୁ ପଡିପାରେ। ପରିବାର ସାହାଯ୍ୟ ମିଳିବ। ଆପଣଙ୍କର ମାନସିକ ସନ୍ତୁଳିତ ରହିବ ଏବଂ ଏହା ଆପଣଙ୍କ ପାରିବାରିକ ଜୀବନରେ ମଧ୍ୟ ସୁଖ ଆଣିପାରେ। କାର୍ଯ୍ୟ ସମାପ୍ତ ହୋଇପାରିବ। ବୁଦ୍ଧିମାନ ଭାବରେ ଷ୍ଟକ୍ ମାର୍କେଟରେ ବିନିଯୋଗ କରନ୍ତୁ। ବସ୍ ସହିତ ସମ୍ପର୍କ ବିଷୟରେ ଆପଣ ଟିକିଏ ସଚେତନ ହେବା ଉଚିତ୍।



**ମକର:** ଆପଣ ଆଜି ଧୈର୍ଯ୍ୟବାନ ହେବା ଉଚିତ୍। ଟଙ୍କା କ୍ଷେତ୍ରରେ କ୍ଷତି ହୋଇପାରେ। କିଛି ଆଇନଗତ ପ୍ରସଙ୍ଗରେ ଆପଣ ଜଡିତ ହୋଇପାରନ୍ତି। ସମୟର ଯତ୍ନ ନିଅନ୍ତୁ। କିଛି ବିଶେଷ କାର୍ଯ୍ୟ ପାଇଁ ଆପଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡିପାରେ। ଆପଣ ମଧ୍ୟ କୌଣସି ଆକସ୍ମିକ ଘଟଣାରେ ତୁରନ୍ତ ନିଷ୍ପତ୍ତି ନେବା ଠାରୁ ଦୂରେଇ ରହିବା ଉଚିତ୍। ଆପଣଙ୍କ ସ୍ୱାସ୍ଥ୍ୟ ସ୍ୱାଭାବିକ ହେବ।



**କୁମ୍ଭ:** ଭାଗ୍ୟ ଆପଣଙ୍କ ସହିତ ରହିପାରେ। ଆପଣଙ୍କୁ ଦେଖା କରୁଥିବା ଲୋକମାନେ ଆପଣଙ୍କୁ କିଛି ନୂଆ ଚେଷ୍ଟା କରିବାକୁ ପ୍ରେରଣା ଦେଇପାରିବେ। ଏହି ସମୟରେ କରାଯାଇଥିବା ପ୍ରୟାସ ସଫଳ ହେବାର ସମ୍ଭାବନା ଅଧିକ। ବୋଧହୁଏ ଆପଣ ଅତିରିକ୍ତ ଦାୟିତ୍ୱ ପାଇବେ କିମ୍ବା ସାମ୍ପ୍ରତିକ ଚାକିରିରେ କାମ କରିବ। ଆପଣଙ୍କର ଆୟ ବଢିବାର ସମ୍ଭାବନା ମଧ୍ୟ ଅଧିକ। ଆପଣଙ୍କର ମନ ଭଲ କାମ କରିବ।



**ମୀନ:** ଶାରୀରିକ ଭାବରେ ବ୍ୟସ୍ତ ରହିବେ। ଆପଣଙ୍କ କାମରୁ ପଛକୁ ଯାଆନ୍ତୁ ନାହିଁ। ଟଙ୍କା ରୋଜଗାର କରିବାର କିଛି ନୂତନ ଏବଂ ଭଲ ସୁଯୋଗ ମଧ୍ୟ ମିଳିପାରେ। ଆପଣଙ୍କର ଆତ୍ମବିଶ୍ୱାସ ଆଧାରରେ, ଅନ୍ୟମାନଙ୍କଠାରୁ ଭିନ୍ନ ପରିଚୟ ସୃଷ୍ଟି କରିବାରେ ସଫଳ ହୋଇପାରିବ। ଆୟ ବୃଦ୍ଧି ପାଇବ।




ଶ୍ରୀପତି ଆଚାର୍ଯ୍ୟ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯